


▸ପୃଷ୍ଠା ୧୧ ଦେଖନ୍ତୁ...

• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-283 •SATURDAY •11 APRIL 2026 •PAGE-12 •₹ 7.00 | SAMBALPUR | •ବର୍ଷ-୪୩ •ସଂଖ୍ୟା-୨୮୩ •ଶନିବାର •୧୧ ଏପ୍ରିଲ୍ ୨୦୨୬ •ପୃଷ୍ଠା-୧୨ •ଟ.୭.୦୦


## ବନତାରାରେ ଆରମ୍ଭ ହେଲା ବିଶ୍ବର ପ୍ରଥମ

# ବନ୍ୟପ୍ରାଣୀ ଓ ପ୍ରାଣୀ ଚିକିତ୍ସା ବିଜ୍ଞାନ ବିଶ୍ବବିଦ୍ୟାଳୟ







ଜାମନଗର (ଗୁଜରାଟ): ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅନନ୍ତ ଅମ୍ବାନୀଙ୍କ ଦ୍ୱାରା ସ୍ଥାପିତ ଗ୍ଲୋବାଲ୍ ୱାଇଲ୍ଡଲାଇଫ କନଜର୍ଭସନ୍ ସଂଗଠନ "ବନତାରା" ପକ୍ଷରୁ ଗୁଜରାଟରେ ସ୍ଥାପନ ହୋଇଛି "ବନତାରା ବିଶ୍ବବିଦ୍ୟାଳ । ବନ୍ୟପ୍ରାଣୀ ସଂରକ୍ଷଣ ଓ ପ୍ରାଣୀ ଚିକିତ୍ସା ବିଜ୍ଞାନ ନିମନ୍ତେ ଏହା ବିଶ୍ବର ପ୍ରଥମ ଏକୀକୃତ ଗ୍ଲୋବାଲ ବିଶ୍ବବିଦ୍ୟାଳୟ ହେବ । ବନତାରା ୟୁନିଭର୍ସିଟିର ଭିତ୍ତି ପ୍ରାଣୀ କଲ୍ୟାଣ, ବୈଜ୍ଞାନିକ ପ୍ରଗତି ଏବଂ ବନ୍ୟପ୍ରାଣୀ ସଂରକ୍ଷଣ ଉପରେ ଆଧାରିତ । ପଶୁ ଚିକିତ୍ସା, ସଂରକ୍ଷଣ ଏବଂ ୱାଇଲ୍ଡଲାଇଫ ଯତ୍ନ କ୍ଷେତ୍ରରେ ଭବିଷ୍ୟତ ନେତୃତ୍ୱ ସୃଷ୍ଟି ଏହି ସଂସ୍ଥାନର ଲକ୍ଷ୍ୟ । ଭାରତର ପ୍ରାଚୀନ ଜ୍ଞାନ ପରମ୍ପରାକୁ ଆଧାର କରି ଲକ୍ଷ୍ୟ ଆଧାରିତ ଓ ଭବିଷ୍ୟତମୁଖୀ ଶିକ୍ଷା ମଡେଲ୍ ତିଆରି କରିବା ଏହାର ଲକ୍ଷ୍ୟ ବୋଲି କୁହାଯାଇଛି । ଏସମ୍ପର୍କରେ ଶ୍ରୀ ଅନନ୍ତ ଅମ୍ବାନୀ କହିଛନ୍ତି ଯେ " ଆମେମାନେ ଓ ଆମର ସଂସ୍ଥାଗୁଡ଼ିକ କିପରି କରୁଣା, ଜ୍ଞାନ ଏବଂ କୌଶଳ ସହିତ ପ୍ରାଣୀମାନଙ୍କ ସେବା ପାଇଁ ପ୍ରସ୍ତୁତ କରୁଛୁ , ସଂରକ୍ଷଣର ଭବିଷ୍ୟତ ତାହା ଉପରେ ନିର୍ଭର କରିବ । ବନତାରା ୟୁନିଭର୍ସିଟି ସ୍ଥାପନ ଧାରଣା ମୋର ବ୍ୟକ୍ତିଗତ ଅନୁଭବରୁ ପ୍ରେରିତ । ଯେତେବେଳେ ମୁଁ ସଙ୍କଟଗ୍ରସ୍ତ ପଶୁମାନଙ୍କୁ ନିକଟରୁ ଦେଖିଥିଲି, ସେମାନଙ୍କ ପାଇଁ ଉତ୍ତମ ସେବା ଓ ଯତ୍ନର ଆବଶ୍ୟକତା ଥିବା ଅନୁଭବ କରିଥିଲି । ପ୍ରାଚୀନ ନାଳନ୍ଦା ବିଶ୍ବବିଦ୍ୟାଳୟର ଆତ୍ମା ଏବଂ 'ଆ ନୋ ଭଦ୍ରାଃ କ୍ରତବୋ ଯନ୍ତୁ ବିଶ୍ବତଃ' -ଅର୍ଥାତ ସମସ୍ତ ଦିଗରୁ ଶ୍ରେଷ୍ଠ ଚିନ୍ତା ଆମ ପାଖକୁ ଆସୁ - ଏହି ଆଦର୍ଶରୁ ପ୍ରେରିତ ହୋଇ ଏହି ବିଶ୍ବବିଦ୍ୟାଳୟ ପ୍ରତ୍ୟେକ ଜୀବନର ସୁରକ୍ଷା ପାଇଁ ନିବେଶିତ ଏକ ନୂତନ ପିଢ଼ିକୁ ପ୍ରସ୍ତୁତ କରିବ ।" ଏହି ଧାରଣାକୁ ପ୍ରତୀକାତ୍ମକ ଭାବରେ ପ୍ରକାଶ କରିବା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ସ୍ଥଳର ନକ୍ସା ବା ଡ଼ିଜାଇନ୍‌ରେ ଦୁଇଟି ବିଜୋଲିଆ ବଲୁଆ ପଥରରେ ସମ୍ମିଳିତ କରାଯାଇଛି, ଯାହା ବର୍ତ୍ତମାନ ବିହାରସ୍ଥିତ ପ୍ରାଚୀନ ନାଳନ୍ଦା ବିଶ୍ବବିଦ୍ୟାଳୟର ସଂରଚନା ସହ ସମ୍ବନ୍ଧିତ ବୋଲି ଗ୍ରହଣ କରାଯାଇଥାଏ । ଏହା ଭାରତର ଅବିରତ ଜ୍ଞାନ ପରମ୍ପରାର ପ୍ରତୀକ ବୋଲି ମନେ କରାଯାଏ ।ହିନ୍ଦୁ ପରମ୍ପରାନୁସାରେ ଆୟୋଜିତ ଶିଳାନ୍ୟାସ ଅବସରରେ ଶିକ୍ଷା, ବିଜ୍ଞାନ, ସଂରକ୍ଷଣ ଏବଂ

### ଭାରତକୁ ବନ୍ୟପ୍ରାଣୀ ଓ ପ୍ରାଣୀ ଚିକିତ୍ସା ବିଜ୍ଞାନରେ ବୈଶ୍ୱିକ କେନ୍ଦ୍ର ଭାବରେ ସ୍ଥାପନ କରିବା ଏହି ସଂସ୍ଥାନର ଲକ୍ଷ୍ୟ



ସାର୍ବଜନିକ ଜୀବନର ପ୍ରତିନିଧିମାନେ ଉପସ୍ଥିତ ଥିଲେ । ଏହାର ଏକ ମୁଖ୍ୟ ଆକର୍ଷଣ ଥିଲା ମାଟି, ପାଣି ଏବଂ ପଥରକୁ ବିଧିବିଧାନରେ ସ୍ଥାପନ କରିବାର ରୀତି । ଯାହା ଭାରତର ବିବିଧ ପ୍ରାକୃତିକ ପରିବେଶକୁ ପ୍ରତିବିମ୍ବିତ କରିଥାଏ ।ବନତାରା ୟୁନିଭର୍ସିଟି ଏକ ଏକୀକୃତ ଶିକ୍ଷା ପ୍ରଣାଳୀରେ ବିଭିନ୍ନ ବିଷୟକୁ ଏକତ୍ର କରିବ । ଯାହା ପ୍ରାୟୋଗିକ ସଂରକ୍ଷଣ ଅନୁଭବ ଉପରେ ଆଧାରିତ ହେବ । କରୁଣା, ବିଜ୍ଞାନ ଏବଂ ସଂରକ୍ଷଣର ସମନ୍ୱୟ ମାଧ୍ୟମରେ ଏହା ଏମିତି ବୃତ୍ତିଧାରୀ ସୃଷ୍ଟିହେବେ, ଯେଉଁମାନେ ବନ୍ୟପ୍ରାଣୀ ସମସ୍ୟାର ସମାଧାନ କରିପାରିବେ । ଏହି ବିଶ୍ବବିଦ୍ୟାଳୟରେ ଅଣ୍ଡରଗ୍ରାଜୁଏଟ୍, ପୋଷ୍ଟଗ୍ରାଜୁଏଟ୍, ଫେଲୋଶିପ୍ ଓ ବିଶେଷ ପାଠ୍ୟକ୍ରମ ରହିବ । ଏଥିରେ ୱାଇଲ୍ଡଲାଇଫ ମେଡିସିନ୍, ସର୍ଜରୀ, ପୋଷଣ, ବିହେଭିଅରାଲ୍ ସାଇନ୍ସ, ଜେନେଟିକ୍ସ, ଏପିଡେମିଓଲୋଜି, କନଜର୍ଭସନ୍ ପଲିସୀ ଇତ୍ୟାଦି ଶିକ୍ଷା ଦିଆଯିବ । ଅନୁରୂପ ଭାବରେ ସାମାଜିକ ଓ ଆର୍ଥିକ ଭାବେ ପଛୁଆ ଛାତ୍ରଛାତ୍ରୀମାନଙ୍କ ପାଇଁ ମଧ୍ୟ ବିଶ୍ବବିଦ୍ୟାଳୟ ଛାତ୍ରବୃତ୍ତି ପ୍ରଦାନ କରିବ ।ଏହି ବିଶ୍ବବିଦ୍ୟାଳୟ ଆଧୁନିକ ଏକାଡେମିକ୍ ଏବଂ କ୍ଲିନିକାଲ୍ ଇନଫ୍ରାସ୍ଟ୍ରକ୍‌ଚର୍, ଆନ୍ତର୍ଜାତୀୟ ସହଯୋଗ ଏବଂ ରେସିଡେନ୍ସିଆଲ୍ କ୍ୟାମ୍ପସ୍‌ର ସମର୍ଥନ ମିଳିବ । ଏହା ପ୍ରାୟୋଗିକ ଗବେଷଣା ଉପରେ ଭିତ୍ତି କରି ପଶୁ କଲ୍ୟାଣ ଏବଂ ସଂରକ୍ଷଣକୁ ଶକ୍ତିଶାଳୀ କରିବ । ଏହି ସଂରକ୍ଷଣର ଭବିଷ୍ୟତ କେବଳ ଜଙ୍ଗଲରେ ନୁହେଁ; ଶ୍ରେଣୀଗୃହ, ପରୀକ୍ଷାଗାର ଓ ମାନବ ଚେତନାରେ ମଧ୍ୟ ନିର୍ଦ୍ଧାରିତ ହେବ । ବନତାରା ବିଶ୍ବବିଦ୍ୟାଳୟ ଏହି କ୍ଷେତ୍ରରେ ନୂତନ ଦିଗ ଦେବ । ଶିଳାନ୍ୟାସ ଅବସରରେ 'ବନତାରା ୟୁନିଭର୍ସିଟି ଫାଉଣ୍ଡିଙ୍ଗ ଫେଲୋସ୍' ଓ 'ଏଭ୍ରି ଲାଇଫ୍ ମ୍ୟାଟର୍ସ' ଛାତ୍ରବୃତ୍ତି ପ୍ରକଳ୍ପର ଘୋଷଣା ମଧ୍ୟ କରାଯାଇଥିଲା । ବନତାରା ବିଶ୍ବବିଦ୍ୟାଳୟ କେବଳ ଏକ ଶିକ୍ଷା ସଂସ୍ଥାନ ନୁହେଁ; ବନ୍ୟଜୀବନ କେବଳ ଆଦରଣୀୟ ନୁହେଁ, ଏଥିପାଇଁ ଜ୍ଞାନ, ଶକ୍ତିଶାଳୀ ପ୍ରଣାଳୀ ଓ ପ୍ରଶିକ୍ଷିତ ହାତର ଆବଶ୍ୟକତା କରେ ଏହା ହିଁ ବନତାରା ବିଶ୍ବବିଦ୍ୟାଳୟର ଦୃଷ୍ଟିକୋଣ ।




TANISHQ
TATA ଉତ୍ପାଦନ

ଏବେ ଖଣ୍ଡଗିରି, ଭୁବନେଶ୍ୱରରେ

ଆସନ୍ତୁ ଏବଂ ଆମର ଗୋଲ୍ଡ ଏବଂ ଡାଇମଣ୍ଡ ଜ୍ୱେଲରୀ, ସଲିଟାୟର୍ସ ଏବଂ ରଙ୍ଗୀନ୍ ଷ୍ଟୋନ୍‌ର ଉତ୍କୃଷ୍ଟ ରେଞ୍ଜ୍‌ର ଆନନ୍ଦ ନିଅନ୍ତୁ, କାରଣ ଆମେ ତନିସ୍କ ପାଇଁ ଏକ ନୂତନ ଅଧ୍ୟାୟ ଲେଖୁଛୁ ।

20% ପର୍ଯ୍ୟନ୍ତ ଛାଡ଼* — ଗୋଲ୍ଡ ଜ୍ୱେଲରୀର ଗଢ଼ା ମଜୁରୀ ଉପରେ ଓ ଡାଇମଣ୍ଡ ମୂଲ୍ୟ ଉପରେ

ପ୍ରତି ଗ୍ରାମ ଫ୍ଲାଟ୍ ₹201* ଛାଡ଼ — ଗୋଲ୍ଡ ଜ୍ୱେଲରୀ କିଣାରେ

ଫେଷ୍ଟିଭାଲ୍ ଅଫ୍ ଏକ୍ସଚେଞ୍ଜ୍ — ସ୍ମାର୍ଟ ପସନ୍ଦ କରନ୍ତୁ — ପାଆନ୍ତୁ 100%* ବିନିମୟ ମୂଲ୍ୟ

ଏହି ଅଫର୍ 10 ଅପ୍ରେଲ୍ ରୁ 20 ଅପ୍ରେଲ୍ 2026 ପର୍ଯ୍ୟନ୍ତ ବୈଧ

*ଗୋଲ୍ଡ ରେଟ୍ ପ୍ରୋଟେକଶନ୍ – ଅଗ୍ରୀମ ବୁକ୍ କରନ୍ତୁ ଏବଂ ବର୍ଦ୍ଧିତ ଗୋଲ୍ଡ ରେଟ୍ ବିପକ୍ଷରେ ସୁରକ୍ଷିତ ରୁହନ୍ତୁ ।

To locate your nearest store and know more on 8147349242. Buy online at tanishq.co.in or Download our App *Conditions apply, For T&C visit our website.

ଶୋରୁମ୍: ଆଇଗିନିଆ ସ୍କୋୟାର୍, ଏନ୍‌ଏଚ୍ 16, ରୀତା ଟିଭିଏସ୍ ବିପରୀତ, ଶ୍ରୀକେନ୍ଦ୍ର ବିହାର, ଖଣ୍ଡଗିରି, ଭୁବନେଶ୍ୱର - 751019

ଦେଶ ବିଦେଶ
ସକାଳ THE SAKALA
www.sakalaepaper.com

# ପୁଣିଥରେ ରାଜ୍ୟସଭା ସଦସ୍ୟ ଭାବେ ଶପଥ ନେଲେ ହରିବଂଶ



ନୂଆଦିଲ୍ଲୀ, ୧୦।୪ (ଏଜେନ୍ସି): ରାଜ୍ୟସଭାର ପୂର୍ବତନ ଉପାଧ୍ୟକ୍ଷ ତଥା ଜେଡିୟୁ ନେତା ହରିବଂଶ ନାରାୟଣ ସିଂ ଶୁକ୍ରବାର ଉଚ୍ଚ ସଦନର ସଦସ୍ୟ ଭାବେ ଶପଥ ଗ୍ରହଣ କରିଛନ୍ତି। ପୂର୍ବତନ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅବସର ପରେ ଖାଲି ପଡ଼ିଥିବା ଆସନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ମନୋନୀତ କରିଛନ୍ତି। ଏହି ପଦକ୍ଷେପ ପରେ ସେ ପୁଣିଥରେ ରାଜ୍ୟସଭା ଉପାଧ୍ୟକ୍ଷ ପଦ ଅଳଙ୍କୃତ କରିବା ନେଇ ଚର୍ଚ୍ଚା ଜୋର ଧରିଛି। ରାଜ୍ୟସଭା ଅଧ୍ୟକ୍ଷ ସିପି ରାଧାକୃଷ୍ଣନଙ୍କ ପ୍ରକୋଷ୍ଠରେ ହରିବଂଶ ହିନ୍ଦୀ ଭାଷାରେ ଶପଥ ପାଠ କରିଥିଲେ। ଏହି ଅବସରରେ ସଦନରେ ନେତା ଜେପି ନଡ୍ଡା, ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ, ଅର୍ଜୁନ ରାମ ମେଘୱାଲ ଏବଂ ରାମନାଥ ଠାକୁରଙ୍କ ଭଳି ବରିଷ୍ଠ ନେତାମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ହରିବଂଶଙ୍କ ଦ୍ୱିତୀୟ କାର୍ଯ୍ୟକାଳ ଗୁରୁବାର ଅର୍ଥାତ ଏପ୍ରିଲ ୯ ତାରିଖ ଦିନ ଶେଷ ହୋଇଥିଲା। ରାଷ୍ଟ୍ରପତିଙ୍କ ଦ୍ୱାରା ପୁନଃ-ମନୋନୀତ ହେବା ପରେ ହରିବଂଶ ପୁଣିଥରେ ଉପାଧ୍ୟକ୍ଷ ହେବା ସମ୍ଭାବନା ବଢ଼ିଯାଇଛି। ଯଦି ଏପରି ହୁଏ, ତେବେ ରାଜ୍ୟସଭା ଇତହାସରେ ପ୍ରଥମଥର ପାଇଁ ଜଣେ ମନୋନୀତ ସଦସ୍ୟ ଉପାଧ୍ୟକ୍ଷ ପଦ ସମ୍ଭାଳିବେ। ୬୯ ବର୍ଷୀୟ ହରିବଂଶ ଜଣେ ଅଭିଜ୍ଞ ସମ୍ବାଦିକ ଓ ସୁଦକ୍ଷ ରାଜନେତା। ୨୦୧୮ରୁ ସେ ସଦନର ଉପାଧ୍ୟକ୍ଷ ଭାବେ ନିରପେକ୍ଷ ଭାବେ କାର୍ଯ୍ୟ କରିଆସିଛନ୍ତି।

# ମୁମ୍ବାଇ ବିମାନବନ୍ଦରରେ ୩୮ କୋଟି ଟଙ୍କାର ସୁନା ଜବତ

ମୁମ୍ବାଇ, ୧୦।୪(ଏଜେନ୍ସି): ମୁମ୍ବାଇର ଛତ୍ରପତି ଶିବାଜୀ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ରାଜସ୍ୱ ଗୁଇନ୍ଦା ନିର୍ଦ୍ଦେଶାଳୟ (ଡିଆରଆଇ) ଏକ ବଡ଼ ଧରଣର ସୁନା ଚୋରା ଚାଲାଣ ର୍ୟାକେଟ୍‌ର ପର୍ଦ୍ଦାଫାଶ କରିଛି। ବୁଧବାର ଦିନ ଅନୁଷ୍ଠିତ ଏହି ସ୍ୱତନ୍ତ୍ର ଅପରେସନରେ ୨୯.୩୭ କିଲୋଗ୍ରାମ୍‌ର ସୁନା ଜବତ କରାଯାଇଛି। ଏହାର ଅନ୍ତର୍ଜାତୀୟ ବଜାର ମୂଲ୍ୟ ପ୍ରାୟ ୩୭.୭୪ କୋଟି ଟଙ୍କା ବୋଲି ଆକଳନ କରାଯାଇଛି। ଏହି ମାମଲାରେ ୨୪ ଜଣ କେନିଆ ମହିଳାଙ୍କୁ ଗିରଫ କରାଯାଇଛି। ଏହାକୁ ଅପରେସନ ଦହାବୁ ବ୍ଲିଟ୍‌ଜ ନାମ ଦିଆଯାଇଛି। ସୁଆହିଲି ଭାଷାରେ ଦହାବୁର ଅର୍ଥ ହେଉଛି ସୁନା। ଗୁଇନ୍ଦା ସୂଚନା ଆଧାରରେ ଡିଆରଆଇର ଅଧିକାରୀମାନେ ନାଇରୋବିରୁ ଆସୁଥିବା ମହିଳା ଯାତ୍ରୀଙ୍କ ଉପରେ ନଜର ରଖିଥିଲେ। ସନ୍ଦେହଜନକ ମହିଳାଙ୍କୁ ଅଟକାଇ ଯାଞ୍ଚ କରିବା ପରେ ସେମାନଙ୍କ ପୋଷାକ ଓ ବ୍ୟାଗ୍ ମଧ୍ୟରୁ ବିପୁଳ ପରିମାଣର ସୁନା ଉଦ୍ଧାର କରାଯାଇଥିଲା। ଜବତ ହୋଇଥିବା ସୁନା ମଧ୍ୟରେ ୨୫.୧୦ କେଜିର ସୁନା ବିସ୍କୁଟ ଓ ୪.୨୭ କେଜିର ସୁନା ଅଳଙ୍କାର ରହିଛି।

# ଏପଷ୍ଟିନଙ୍କ ସହ କୌଣସି ସମ୍ପର୍କ ନାହିଁ: ମେଲାନିଆ

ୱାସିଂଟନ, ୧୦।୪(ଏଜେନ୍ସି): ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପତ୍ନୀ ତଥା ଆମେରିକାର ପ୍ରଥମ ମହିଳା ଏବଂ କୁଖ୍ୟାତ ଯୌନ ଅପରାଧୀ ଜେଫ୍ରି ଏପଷ୍ଟିନ୍‌ଙ୍କ ମଧ୍ୟରେ ଥିବା କଥିତ ସମ୍ପର୍କକୁ ନେଇ ପୁଣିଥରେ ଚର୍ଚ୍ଚା ଜୋର ଧରିଛି। ମେଲାନିଆ ଏହି ସମସ୍ତ ଅଭିଯୋଗକୁ ମିଥ୍ୟା ବୋଲି କହିବା ସହ ଏପଷ୍ଟିନଙ୍କ ସହ ତାଙ୍କର କୌଣସି ବନ୍ଧୁତା ନଥିବା ଦୃଢ଼ତାର ସହ ପ୍ରକାଶ କରିଛନ୍ତି। ତେବେ ତାଙ୍କର ଏହି ସଫେଇ ପରେ ସୋସିଆଲ ମିଡ଼ିଆ ୟୁଜର୍ସମାନେ ଅନେକ ପୁରୁଣା ଦଲିଲ୍ ଓ ଫଟୋ ସାର୍ବଜନୀନ କରିବାରେ ଲାଗିଛନ୍ତି। ହ୍ୱାଇଟ୍ ହାଉସ୍ ପକ୍ଷରୁ ଜାରି ଏକ ବିବୃତିରେ ମେଲାନିଆ ଟ୍ରମ୍ପ କହିଛନ୍ତି ଯେ, ସେ କେବେବି ଏପଷ୍ଟିନ୍‌ଙ୍କ ବନ୍ଧୁ ନଥିଲେ କିମ୍ବା ଏପଷ୍ଟିନ୍ ତାଙ୍କୁ ଡୋନାଲ୍ଡ ଟ୍ରମ୍ପଙ୍କ ପରିଚିତ କରାଇ ନଥିଲେ। ସେ ସ୍ପଷ୍ଟ କରିଛନ୍ତି ଯେ, ୧୯୯୮ରେ ନ୍ୟୁୟର୍କର ଏକ ପାର୍ଟିରେ ସେ ପ୍ରଥମେ ଡୋନାଲ୍ଡ ଟ୍ରମ୍ପଙ୍କୁ ଭେଟିଥିଲେ। ସେ କେବେବି ଏପଷ୍ଟିନଙ୍କ ଶିକାର ହୋଇନାହାନ୍ତି କିମ୍ବା ତାଙ୍କ ସହଯୋଗୀ ଗିସଲେନ୍ ମ୍ୟାକ୍ସୱେଲଙ୍କ ସହ ତାଙ୍କର କୌଣସି ସମ୍ପର୍କ ନାହିଁ।

# କୁମ୍ଭମେଳା ଭାଇରାଲ ଗର୍ଲ ନାବାଳିକା; ଫରମାନଙ୍କ ବିରୋଧରେ ପୋକ୍ସୋ ମାମଲା

ନୂଆଦିଲ୍ଲୀ, ୧୦।୪(ଏଜେନ୍ସି): ଦେଶବ୍ୟାପୀ ଚର୍ଚ୍ଚାରେ ଥିବା 'କୁମ୍ଭମେଳା ଭାଇରାଲ ଗର୍ଲ' ମାମଲାରେ ବଡ଼ କଥା ପଦାକୁ ଆସିଛି। ଜାତୀୟ ଅନୁସୂଚିତ ଜନଜାତି



କମିଶନଙ୍କ ତଦନ୍ତରୁ ଜଣାପଡ଼ିଛି ଯେ, ମୁସଲିମ ଯୁବକଙ୍କୁ ବିବାହ କରିଥିବା ସେହି ଯୁବତୀ ଜଣକ ବାସ୍ତବରେ ଜଣେ ନାବାଳିକା। ଏହି ଭାଇରାଲ ଯୁବତୀଙ୍କ ନାମ ହେଉଛି ମୋନାଲିସା। ଏହି ଘଟଣା ପରେ ଅଭିଯୁକ୍ତ ଫରମାନ ଖାନଙ୍କ ବିରୋଧରେ ପୋକ୍ସୋ ଏବଂ ଅତ୍ୟାଚାର ନିରୋଧ ଆଇନ ଅନୁଯାୟୀ ମାମଲା ରୁଜୁ କରାଯାଇଛି। କମିଶନର ଅଧ୍ୟକ୍ଷ ଅନ୍ତର ସିଂହ ଆର୍ଯ୍ୟଙ୍କ ନେତୃତ୍ୱରେ ମହେଶ୍ୱର ହସ୍ପିଟାଲରେ ରେକର୍ଡ ଯାଞ୍ଚ କରାଯାଇଥିଲା। ମୋନାଲିସାଙ୍କ ପ୍ରକୃତ ଜନ୍ମ ତାରିଖ ୨୦୦୯ ଡିସେମ୍ବର ୩୦ ତାରିଖ ବୋଲି ଜଣାପଡ଼ିଛି। ଯେତେବେଳେ ୨୦୨୬ ମାର୍ଚ୍ଚ ୧୧ରେ ମୋନାଲିସା ଓ ଫରମାନ ବିବାହ କରିଥିଲେ ସେତେବେଳେ କନ୍ୟାଙ୍କୁ ମାତ୍ର ୧୬ ବର୍ଷ ୨ ମାସ ହୋଇଥିଲା। ବିବାହ ପଞ୍ଜୀକରଣ ପାଇଁ ମହେଶ୍ୱର ପୌରପାଳିକାର ଏକ ଜାଲ୍ ଜନ୍ମ ପ୍ରମାଣପତ୍ର ବ୍ୟବହାର କରାଯାଇଥଲା, ଯାହାକୁ ବାତିଲ କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି।

## ଇସ୍‌ଲାମାବାଦ୍‌ରେ ଆମେରିକା-ଇରାନ ଶାନ୍ତି ଆଲୋଚନା

# ଇସ୍ରାଏଲ ନ ସୁଧୁରିଲେ ଆଲୋଚନାରୁ ଓହରିଯିବୁ: ଇରାନ

ତେହରାନ, ୧୦।୪(ଏଜେନ୍ସି): ପଶ୍ଚିମ ଏସିଆର ଅଶାନ୍ତ ରାଜନୈତିକ ବାତାବରଣ ମଧ୍ୟରେ ଏବେ ଏକ ନୂତନ ସଙ୍କଟ ଦେଖା ଦେଇଛି। ପାକିସ୍ତାନ ରାଜଧାନୀ ଇସଲାମାବାଦରେ ଆମେରିକା ସହ ହେବାକୁ ଥିବା ଶାନ୍ତି ଆଲୋଚନାରୁ ଇରାନ ଓହରିଯିବା ପାଇଁ ଧମକ ଦେଇଛି। ଲେବାନନ୍ ଉପରେ ଇସ୍ରାଏଲ ଜାରି ରଖିଥିବା ଭୟଙ୍କର ସାମରିକ ଆକ୍ରମଣ ତୁରନ୍ତ ବନ୍ଦ ନହେଲେ କୌଣସି ପ୍ରକାର ଆଲୋଚନା ସମ୍ଭବ ନୁହେଁ ବୋଲି ଇରାନ ସ୍ପଷ୍ଟ କରିଛି। ଲେବାନନ ଓ ହିଜବୁଲ୍ଲା ସଙ୍କଟ ହିଁ ନୂଆ ବିବାଦର ମୁଖ୍ୟ କାରଣ। ଆମେରିକା ନିଷ୍ପତ୍ତିକ୍ରମେ ଇସ୍ରାଏଲ ଇରାନ ଉପରେ ଦୁଇ ସପ୍ତାହ ପାଇଁ ଆକ୍ରମଣ ସ୍ଥଗିତ ରଖିଛି। ମାତ୍ର ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ସ୍ପଷ୍ଟ କରିଛନ୍ତି ଯେ, ଏହି ଅସ୍ତ୍ରବିରତି ଲେବାନନ ପାଇଁ ଲାଗୁ ନୁହେଁ। ଇରାନ ସମର୍ଥିତ ଆତଙ୍କବାଦୀ ସଂଗଠନ ହିଜବୁଲ୍ଲା ବିରୋଧରେ ସେମାନଙ୍କର ସାମରିକ ଅଭିଯାନ ଜାରି ରହିବ। ଲେବାନନ୍‌ରେ ଇସ୍ରାଏଲର କାର୍ଯ୍ୟାନୁଷ୍ଠାନ ପ୍ରତିବାଦରେ ଇରାନ ହର୍ମୁଜ ପ୍ରଣାଳୀକୁ ବନ୍ଦ କରିଦେଇଛି। ରିପୋର୍ଟ ଅନୁଯାୟୀ, ଇରାନ ସେଠାରେ ସାମୁଦ୍ରିକ ଲ୍ୟାଣ୍ଡମାଇନ୍ ବିଛାଇଥିବା ସନ୍ଦେହ କରାଯାଉଛି। ଫଳରେ ବିଶ୍ୱରେ ତୈଳ ପରିବହନ ବାଧାପ୍ରାପ୍ତ ହୋଇଛି ଓ ଆମେରିକା ପକ୍ଷରୁ କରାଯାଉଥିବା ଅସ୍ତ୍ରବିରତି ଚୁକ୍ତି ଏବେ ବିପଦରେ ପଡ଼ିଛି। ସେପଟେ ଇସଲାମାବାଦରେ ଶାନ୍ତି ଆଲୋଚନା ନେଇ ବୈଠକ ବସିବାର କାର୍ଯ୍ୟକ୍ରମ ରହିଛି। ଏଥିରେ ଯୋଗ ଦେବାକୁ ଶୁକ୍ରବାର ଆମେରିକା ଉପ-ରାଷ୍ଟ୍ରପତି ଜେଡି ଭାନ୍ସ ପାକିସ୍ତାନ ଯାତ୍ରା କରିଛନ୍ତି। ଗସ୍ତ ପୂର୍ବରୁ ଭାନ୍ସ କହିଛନ୍ତି ଯେ, ଯଦି ଇରାନ ସଚ୍ଚୋଟତାର ସହ ଆଲୋଚନା



କରିବାକୁ ଚାହେଁ, ତେବେ ଆମେରିକା ସାହାଯ୍ୟର ହାତ ବଢ଼ାଇବ। କିନ୍ତୁ ଯଦି ଇରାନ କୌଣସି ପ୍ରକାର ଚାଲାକି କରିବାକୁ ଚେଷ୍ଟା କରେ, ତେବେ ଆମେରିକା ପ୍ରତିନିଧି ଦଳ କଠୋର ଆଭିମୁଖ୍ୟ ଗ୍ରହଣ କରିବ। ଇସଲାମାବାଦ୍‌ର ସେରେନା ହୋଟେଲରେ ଏହି ବୈଠକ ବସିବ। ଆମେରିକା ପକ୍ଷରୁ ଭାନ୍ସଙ୍କ ସହ ଷ୍ଟିଭ ୱିଟ୍‌କଫ ଓ ଜାରେଡ କୁଶନର ସାମିଲ ଅଛନ୍ତି।

## ଟ୍ରମ୍ପଙ୍କ ନିର୍ଦ୍ଦେଶରେ ଲେବାନନ ଉପରେ ଆକ୍ରମଣ କମାଇଲା ଇସ୍ରାଏଲ

ବେରୁଟ/ୱାସିଂଟନ, ୧୦।୪(ଏଜେନ୍ସି): ପଶ୍ଚିମ ଏସିଆରେ ବଢୁଥିବା ଉତ୍ତେଜନା ମଧ୍ୟରେ ଏକ ଆଶ୍ୱସ୍ତିକର ଖବର ସାମ୍ନାକୁ ଆସିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବ୍ୟକ୍ତିଗତ ହସ୍ତକ୍ଷେପ ପରେ ଇସ୍ରାଏଲ, ଲେବାନନ୍ ଉପରେ କରୁଥିବା ବ୍ୟାପକ ଆକ୍ରମଣର ମାତ୍ରାକୁ ହ୍ରାସ କରିଛି। ପାକିସ୍ତାନର ମଧ୍ୟସ୍ଥତାରେ ଆମେରିକା ଓ ଇରାନ ମଧ୍ୟରେ ହେବାକୁ ଥିବା ଗୁରୁତ୍ୱପୂର୍ଣ୍ଣ ଶାନ୍ତି ଆଲୋଚନାକୁ ସୁରକ୍ଷିତ ରଖିବା ପାଇଁ ଟ୍ରମ୍ପ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁଙ୍କୁ ଏହି ଅନୁରୋଧ କରିଥିବା ଜଣାପଡ଼ିଛି। ଗତ ବୁଧବାର ଲେବାନନ୍‌ରେ ଇସ୍ରାଏଲର ଆକ୍ରମଣରେ ପ୍ରାୟ ୩୦୦ରୁ ଅଧିକ ଲୋକଙ୍କ ପ୍ରାଣହାନୀ ଘଟିଥିଲା। ଏହାପରେ ଆମେରିକା ଓ ଇରାନ ମଧ୍ୟରେ ସ୍ଥାପିତ ହୋଇଥିବା ଅସ୍ଥାୟୀ ଅସ୍ତ୍ରବିରତି ଭାଙ୍ଗିଯିବା ସ୍ଥିତିକୁ ଆସିଥିଲା। ଇରାନ ଅଭିଯୋଗ କରିଥିଲେ ଯେ, ଏଭଳି ସ୍ଥିତିରେ ଆଲୋଚନା ମୂଲ୍ୟହୀନ। ଟ୍ରମ୍ପ 'ଏନ୍‌ବିସି ନ୍ୟୁଜ'କୁ ଦେଇଥିବା ଏକ ସାକ୍ଷାତକାରରେ କହିଛନ୍ତି ଯେ, ମୁଁ ନେତନ୍ୟାହୁଙ୍କ ସହ କଥା ହୋଇଛି ଏବଂ ସେ ଆକ୍ରମଣର ମାତ୍ରା କମାଇବାକୁ ରାଜି ହୋଇଛନ୍ତି। ଆସନ୍ତା ସପ୍ତାହରେ ଇସ୍ରାଏଲ ଓ ଲେବାନନ ମଧ୍ୟରେ ଅସ୍ତ୍ରବିରତି ପାଇଁ ଏକ ଉଚ୍ଚସ୍ତରୀୟ ବୈଠକ ଆୟୋଜିତ ହେବ। ଲେବାନନ ରାଜଧାନୀ ବେରୁଟ୍‌ରେ ଶୁକ୍ରବାର କୌଣସି ଆକ୍ରମଣ ହୋଇ ନଥିବା ଖବର ମିଳିଛି।



ଯଦିଓ ଦକ୍ଷିଣ ଲେବାନନ୍‌ରେ ଇସ୍ରାଏଲୀ ସେନା ଓ ହିଜବୁଲ୍ଲା ମଧ୍ୟରେ ସଂଘର୍ଷ ଜାରି ରହିଛି, ତଥାପି ହିଂସାର ମାତ୍ରା ଯଥେଷ୍ଟ କମିଛି। ଇସ୍ରାଏଲ ପ୍ରଧାନମନ୍ତ୍ରୀ ଲେବାନନ୍ ସରକାରଙ୍କ ସହ ସିଧାସଳଖ ଆଲୋଚନା ପାଇଁ ନିଜ ମନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଆଲୋଚନାର ମୁଖ୍ୟ ପ୍ରସଙ୍ଗ ହିଜବୁଲ୍ଲାକୁ ନିରସ୍ତ୍ର କରିବା ଉପରେ ପର୍ଯ୍ୟବେସିତ ହୋଇପାରେ। କିନ୍ତୁ ଲେବାନନ୍ ସରକାର ପୂର୍ବରୁ ସମ୍ପୂର୍ଣ୍ଣ ଅସ୍ତ୍ରବିରତି ଦାବି କରିଛନ୍ତି। ପୂର୍ବରୁ ଇରାନ କହିଛି ଯେ, ଲେବାନନ୍ ହେଉଛି ଅସ୍ତ୍ରବିରତିରେ ଏକ ଅବିଚ୍ଛେଦ୍ୟ ଅଂଶ। ଯଦି ଇସ୍ରାଏଲ ଆକ୍ରମଣ ଜାରି ରଖେ ତେବେ ଇରାନ ଶାନ୍ତି ଆଲୋଚନାରୁ ଓହରିପାରେ।

# ଇସ୍ରାଏଲର ଚେତାବନୀ ପରେ ଖ୍ୱାଜା ଆସିଫ ପୋଷ୍ଟ ଡିଲିଟ୍ କଲେ

ତେଲଅଭିଭ/ ଇସ୍‌ଲାମାବାଦ୍, ୧୦।୪(ଏଜେନ୍ସି): ଅନ୍ତର୍ଜାତୀୟ ରାଜନୀତି ରଙ୍ଗମଞ୍ଚରେ ପୁଣି ଏକ ନୂତନ ବିବାଦର ସୂତ୍ରପାତ ହୋଇଛି। ଆମେରିକା ଓ ଇରାନ ମଧ୍ୟରେ ଚାଲିଥିବା ଶାନ୍ତି ଆଲୋଚନାରେ ମଧ୍ୟସ୍ଥି ସାଜିଥିବା ପାକିସ୍ତାନର ନିରପେକ୍ଷତାକୁ ନେଇ ଏବେ ଗୁରୁତର ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପାକିସ୍ତାନର ପ୍ରଧାନମନ୍ତ୍ରୀ ଖ୍ୱାଜା ଆସିଫ୍‌ଙ୍କ ଇସ୍ରାଏଲ ବିରୋଧୀ କଠୋର ମନ୍ତବ୍ୟ ଓ ପରବର୍ତ୍ତୀ ସମୟରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁଙ୍କ କାର୍ଯ୍ୟାଳୟରୁ ଆସିଥିବା ତୀବ୍ର ପ୍ରତିକ୍ରିୟା ବିଶ୍ୱ କୂଟନୈତିକ ପରିବେଶକୁ ଉଷ୍ମ କରିଦେଇଛି।

ଇସଲାମାବାଦ୍‌ରେ ଆମେରିକା- ଇରାନ ମଧ୍ୟରେ ଶାନ୍ତି ଆଲୋଚନା ହେବା ପୂର୍ବରୁ ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍ ସୋସିଆଲ ମିଡ଼ିଆ ପ୍ଲାଟଫର୍ମ 'ଏକ୍ସ'ରେ ଇସ୍ରାଏଲକୁ ମାନବଜାତି ପାଇଁ ଏଭ ଅଭିଶାପ ଓ ଅମଙ୍ଗଳକାରୀ ବା ଦୁଷ୍ଟ ଶକ୍ତି ଭାବେ ବର୍ଣ୍ଣନା କରିଥିଲେ। ଲେବାନନ୍‌ରେ ଇସ୍ରାଏଲ ପକ୍ଷରୁ ଚାଲିଥିବା ସାମରିକ କାର୍ଯ୍ୟାନୁଷ୍ଠାନକୁ ସେ ଗଣସଂହାରର ଆଖ୍ୟା ଦେବା ସହ ଇସ୍ରାଏଲର ଅସ୍ତିତ୍ୱକୁ ନେଇ କଟୁ ସମାଲୋଚନା କରିଥିଲେ। ଏପରିକି ଇସ୍ରାଏଲ ରାଷ୍ଟ୍ରର ପ୍ରତିଷ୍ଠାତାମାନଙ୍କ ପ୍ରତି ଅତ୍ୟନ୍ତ ଆପତ୍ତିଜନକ ଶବ୍ଦ ବ୍ୟବହାର କରିବାକୁ ସେ ପଛାଇ ନଥିଲେ। ଏହି ମନ୍ତବ୍ୟକୁ ନେଇ ଇସ୍ରାଏଲ ପ୍ରଧାନମନ୍ତ୍ରୀ ନେତନ୍ୟାହୁଙ୍କ କାର୍ଯ୍ୟାଳୟ କଠୋର ଆଭିମୁଖ୍ୟ ଗ୍ରହଣ କରିଛି। ଇସ୍ରାଏଲ ପକ୍ଷରୁ ଜାରି କରାଯାଇଥିବା ମନ୍ତବ୍ୟକୁ ଅତ୍ୟନ୍ତ ଅପମାନଜନକ ବୋଲି କୁହାଯାଇଥିବା ସହ ଜଣେ ମଧ୍ୟସ୍ଥି ଭାବେ ନିଜକୁ ଉପସ୍ଥାପନ କରୁଥିବା ଦେଶରୁ ଏଭଳି ଆଚରଣ ଗ୍ରହଣୀୟ ନୁହେଁ ବୋଲି ସ୍ପଷ୍ଟ କରାଯାଇଛି। ଇସ୍ରାଏଲ ବୈଦେଶିକ ମନ୍ତ୍ରୀ ଗିଡ଼ିୟନ ସାର ଏହାକୁ ଏକ ଇହୁଦୀ ବିରୋଧୀ ମାନସିକତାର ପରିପ୍ରକାଶ ବୋଲି କହିବା ସହ ପାକିସ୍ତାନର ଦ୍ୱୈତନୀତିକୁ ସମାଲୋଚନା କରିଛନ୍ତି। ଇସ୍ରାଏଲର ଏହି ଶାଣିତ ପ୍ରତିବାଦ ପରେ କୂଟନୈତିକ ଚାପରେ ଆସି ଖ୍ୱାଜା ଆସିଫ ନିଜର ବିବାଦୀୟ ପୋଷ୍ଟକୁ ଡିଲିଟ୍ କରି ଦେଇଛନ୍ତି। ଏହି ବିବାଦ ଏପରି ସମୟରେ ଉପୁଜିଛି ଯେତେବେଳେ ଆମେରିକା ଓ ଇରାନ ମଧ୍ୟରେ ଦୁଇ ସପ୍ତାହ ପାଇଁ ଅସ୍ଥାୟୀ ଯୁଦ୍ଧବିରତି ଚୁକ୍ତିରେ ଫାଟ ଦେଖା ଦେଇଛି। ଇସ୍ରାଏଲ କଡ଼ା ଆଭିମୁଖ୍ୟ ପରେ ପାକିସ୍ତାନ ପଛଘୁଞ୍ଚା ଦେଇଥିଲେ ମଧ୍ୟ, ଏହା ଅଗାମୀ ଶାନ୍ତି ଆଲୋଚନାର ଭବିଷ୍ୟତ ଉପରେ କାଳବାଦଲ ସଦୃଶ ଘେରି ରହିଛି। ପାକିସ୍ତାନ ନିଜକୁ ପଶ୍ଚିମ ଏସିଆ ବିବାଦରେ ଏକ ନିରପେକ୍ଷ ଶାନ୍ତିଦୂତ ଭାବେ ଗଢ଼ିବାକୁ ପ୍ରୟାସ କରୁଥିବା ବେଳେ, ତାଙ୍କ ନିଜ ମନ୍ତ୍ରୀଙ୍କ ଏପରି ଅପରିପକ୍ୱ ମନ୍ତବ୍ୟ ଇସ୍‌ଲାମାବାଦ୍‌ର କୂଟନୈତିକ ଗରିମାକୁ କ୍ଷୁର୍ଣ୍ଣ କରିଛି।

# ଇରାନ ସହଯୋଗ ଥାଉ କି ନ ଥାଉ ତୈଳ ପ୍ରବାହ ହେବ ସ୍ୱାଭାବିକ: ଟ୍ରମ୍ପ

ୱାସିଂଟନ, ୧୦।୪(ଏଜେନ୍ସି): ପଶ୍ଚିମ ଏସିଆରେ ବଢୁଥିବା ଉତ୍ତେଜନା ମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ଶକ୍ତିଶାଳୀ ବାର୍ତ୍ତା ଦେଇଛନ୍ତି। ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ତୈଳ ପରିବହନ ମାର୍ଗ ହର୍ମୁଜ ପ୍ରଣାଳୀ ଦେଇ ତୈଳ ପ୍ରବାହକୁ ନେଇ ସେ ଦୃଢୋକ୍ତି ପ୍ରକାଶ କରିବା ସହ ଇରାନକୁ କଡ଼ା ଚେତାବନୀ ଦେଇଛନ୍ତି। ଟ୍ରମ୍ପ ନିଜ ସୋସିଆଲ ମିଡ଼ିଆ ପ୍ଲାଟଫର୍ମ 'ଟ୍ରୁଥ ସୋସିଆଲ'ରେ ଲେଖିଛନ୍ତି ଯେ, ଇରାନର ସହଯୋଗ ମିଳୁକି ନ ମିଳୁ, ତୈଳ ପ୍ରବାହ ଅତିଶୀଘ୍ର ସ୍ୱାଭାବିକ୍ ହେବ। ଏଥିପାଇଁ ସେ କୌଣସି ନିର୍ଦ୍ଦିଷ୍ଟ ବ୍ଲୁ-ପ୍ରିଣ୍ଟ ପ୍ରକାଶ କରିନାହାନ୍ତି, କିନ୍ତୁ ନିଜର ରଣନୀତି ଉପରେ ସମ୍ପୂର୍ଣ୍ଣ ଆତ୍ମବିଶ୍ୱାସ ପ୍ରକାଶ କରିଛନ୍ତି। ଏହି ପ୍ରଣାଳୀ ଦେଇ ଯାଉଥିବା ଜାହାଜଗୁଡ଼ିକ ଉପରେ ଇରାନ ଟ୍ରାଞ୍ଜିଟ୍ ଫି ବା ଯାତାୟତ ଶୁଳ୍କ ଲଗାଇବାକୁ ଯୋଜନା କରୁଥିବା ଖବର ଉପରେ ଟ୍ରମ୍ପ କ୍ଷୋଭ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଇରାନ ଶୁଳ୍କ ଆଦାୟ ନ କଲେ ଭଲ, ଯଦି କରୁଛି ତେବେ ତୁରନ୍ତ ବନ୍ଦ କରୁ। ସୂଚନାଯୋଗ୍ୟ ଯେ, ଇରାନ ଏହି ଶୁଳ୍କ କ୍ରିପ୍ଟୋକରେନ୍ସି ମାଧ୍ୟମରେ ଆଦାୟ କରିବାକୁ ଲକ୍ଷ୍ୟ ରଖିଥିବା ଜଣାପଡ଼ିଛି। ଟ୍ରମ୍ପ ନିଜର ଇରାନ ନୀତିକୁ ବିଜୟ ବୋଲି ବର୍ଣ୍ଣନା କରିବା ସହ ସାମାଲୋଚକଙ୍କୁ କଡ଼ା ଜବାବ୍ ଦେଇଛନ୍ତି। ସେ ଦାବି କରିଛନ୍ତି ଯେ, ତାଙ୍କ ଯୋଗୁଁ ହିଁ ଇରାନ କେବେବି ପରମାଣୁ ଅସ୍ତ୍ର ହାସଲ କରିପାରିବ ନାହିଁ। ଇରାନ ଓ ଆମେରିକା ମଧ୍ୟରେ ଦୁଇ ସପ୍ତାହର ଅସ୍ଥାୟୀ ଯୁଦ୍ଧବିରତି ଘୋଷଣା କରାଯାଇଥିଲେ ମଧ୍ୟ ତୈଳ ପରିବହନ ଓ ସାମରିକ ଉତ୍ତେଜନାକୁ ନେଇ ଅନିଶ୍ଚିତତା ଜାରି ରହିଛି। ଟ୍ରମ୍ପଙ୍କ ଏହି ବୟାନ ବିଶ୍ୱ ଶକ୍ତି ବଜାରରେ କିଛିଟା ଆଶ୍ୱସ୍ତି ଅଣିଥିଲେ ହେଁ, ବିନା କୌଣସି ପ୍ରସ୍ତୁତି ଯୋଜନାରେ ତୈଳ ପରିବହନ କିପରି ସ୍ୱାଭାବିକ ହେବ, ସେ ନେଇ ବିଶେଷଜ୍ଞମାନେ ସନ୍ଦେହ ପ୍ରକଟ କରିଛନ୍ତି। ହର୍ମୁଜ ପ୍ରଣାଳୀ ଦେଇ ବିଶ୍ୱର ପ୍ରାୟ ୨୦ ପ୍ରତିଶତ ତୈଳ ରପ୍ତାନୀ ହୋଇଥାଏ।

# ଆମେରିକାର ୧୬୦୦ କୋଟି ଟଙ୍କାର ଡ୍ରୋନ୍ ନିଖୋଜ

ନୂଆଦିଲ୍ଲୀ/ୱାସିଂଟନ, ୧୦।୪(ଏଜେନ୍ସି): ଆମେରିକୀୟ ନୌସେନାର ସବୁଠାରୁ ଦାମୀ ଏବଂ ଅତ୍ୟାଧୁନିକ ସର୍ଭେଲାନ୍ସ ଡ୍ରୋନ୍ ଏମକ୍ୟୁ-୪ସି ଟ୍ରିଟନ ଶୁକ୍ରବାର ହର୍ମୁଜ ପ୍ରଣାଳୀ ଉପରେ ନିଖୋଜ ହୋଇଯାଇଛି। ଉଡ଼ାଣ ସମୟରେ ଏକ ଜରୁରୀକାଳୀନ ସଙ୍କେତ ପଠାଇବା ପରେ ଏହା ରାଡ଼ାରରୁ ବିଚ୍ଛିନ୍ନ ହୋଇଥିବା ଜଣାପଡ଼ିଛି। ଆମେରିକା ଓ ଇରାନ ମଧ୍ୟରେ ଅସ୍ତ୍ରବିରତି ହେବାର ମାତ୍ର ଦୁଇ ଦିନ ପରେ ଏହି ଘଟଣା ଘଟିବା ଏବେ ପଶ୍ଚିମ ଏସିଆରେ ପୁଣିଥରେ ଉତ୍ତେଜନା ବଢ଼ାଇ ଦେଇଛି। ଫଳରେ ଇରାନ ଓ ଆମେରିକା ମଧ୍ୟରେ ଚାଲିଥିବା ଶାନ୍ତି ପ୍ରକ୍ରିୟା ମଧ୍ୟରେ ଏକ ବଡ଼ ସଙ୍କଟ ସୃଷ୍ଟି ହୋଇଛି ଓ ଏହି ଘଟଣା ଶାନ୍ତି ଆଲୋଚନାରେ ବାଧା ପହଞ୍ଚାଇପାରେ। ଯଦି ଏହି ଡ୍ରୋନ୍‌କୁ ଇରାନ ଖସାଇଥିବାର ପ୍ରମାଣିତ ହୁଏ, ତେବେ ଏହା ଏକ ଗମ୍ଭୀର କୂଟନୈତିକ ସଙ୍କଟ ସୃଷ୍ଟି କରିବ ଓ ଅସ୍ତ୍ରବିରତି ପ୍ରକ୍ରିୟାକୁ ବିପଦରେ ପକାଇବ। ରିପୋର୍ଟ ଅନୁସାରେ, ଏହି ଡ୍ରୋନଟି ପାରସ୍ୟ ଉପସାଗର ଓ ହର୍ମୁଜ ପ୍ରଣାଳୀରେ ପ୍ରାୟ ୩ ଘଣ୍ଟାର ନିରୀକ୍ଷଣ କାର୍ଯ୍ୟ ଶେଷ କରି ନିଜର ବେସ୍‌କୁ ଫେରୁଥିଲା। ଉଡ଼ାଣ ଟ୍ରାକିଂ ୱେବସାଇଟ୍



'ଫ୍ଲାଇଟ୍‌ଟ୍ରେଡର୨୪' ଅନୁଯାୟୀ, ଡ୍ରୋନଟି ହଠାତ ଇରାନ ଆଡକୁ ସାମାନ୍ୟ ବୁଲିଥିଲା ଏବଂ ଜରୁରୀକାଳୀନ ସଙ୍କେତ କୋଡ ୭୭୦୦ ପଠାଇଥିଲା। ଏହାପରେ ଡ୍ରୋନର ଉଚ୍ଚତା ଖୁବ ଦ୍ରୁତଗତିରେ ହ୍ରାସ ପାଇଥିଲା ଏବଂ ଶେଷରେ ଏହା ନିଖୋଜ ହୋଇଯାଇଥିଲା। ତେବେ ଡ୍ରୋନ୍‌ଟି କୌଣସି ଯାନ୍ତ୍ରିକ ତ୍ରୁଟି କାରଣରୁ ଦୁର୍ଘଟଣାଗ୍ରସ୍ତ ହୋଇଛି ନା ଏହାକୁ ଗୁଳି କରି ଖସାଇ ଦିଆଯାଇଛି, ସେ ନେଇ ଆମେରକା ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ଦିଆଯାଇନାହିଁ। ସୂଚନାଯୋଗ୍ୟ ଯେ, ଏହି ଡ୍ରୋନଟି ଆମେରିକା ନୌସେନାର ଏକ ଗୁରୁତ୍ୱପୂର୍ଣ୍ଣ ସମ୍ପତ୍ତି। ଏହାର ମୂଲ୍ୟ ୨୦୦ ମିଲିୟନ ଡଲାର ଅର୍ଥାତ ୧୬୦୦ କୋଟି ଟଙ୍କାରୁ ଅଧିକ। ଏହା ୫୦, ୦୦୦ ଫୁଟ୍‌ରୁ ଅଧିକ ଉଚ୍ଚତାରେ କ୍ରମାଗତ ୨୪ ଘଣ୍ଟାରୁ ଅଧିକ ସମୟ ଉଡ଼ିପାରେ। ଏହା ସମୁଦ୍ର ମଧ୍ୟରେ ବହୁଦୂର ପର୍ଯ୍ୟନ୍ତ ନିଜର ରଖିବା ସହ ଶତ୍ରୁର ଜାହାଜ ଓ ଗତିବିଧିକୁ ଚିହ୍ନଟ କରିବାରେ ସୁଦକ୍ଷ। ସାଧାରଣତଃ ଏହାକୁ ସମୁଦ୍ରର ସଂକୀର୍ଣ୍ଣ ପଥ ବା ଚୋକ୍ ପଏଣ୍ଟଗୁଡ଼ିକ ଉପରେ ନଜର ରଖିବା ପାଇଁ ବ୍ୟବହାର କରାଯାଇଥାଏ। ଏହି ଡ୍ରୋନ ହରାଇବା ଆମେରିକା ପାଇଁ ଏକ ବଡ଼ ଆର୍ଥିକ ଝଟ୍‌କା। ପରିସଂଖ୍ୟାନ ଅନୁଯାୟୀ, ଆମେରିକା ଏହି ଯୁଦ୍ଧରେ ପ୍ରତି ସେକେଣ୍ଡରେ ପ୍ରାୟ ୯.୮ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛି।

# ଗଗନଯାନ ପାଇଁ ଇସ୍ରୋର ଦ୍ୱିତୀୟ ଏୟାର୍ ଡ୍ରପ୍ ପରୀକ୍ଷଣ ସଫଳ

ଶ୍ରୀହରିକୋଟା, ୧୦।୪(ଏଜେନ୍ସି): ଭାରତର ପ୍ରଥମ ମାନବବାହୀ ମହାକାଶ ଅଭିଯାନ 'ଗଗନଯାନ' ଦିଗରେ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଏକ ବୃହତ୍ ସଫଳତା ହାସଲ କରିଛି। ଶୁକ୍ରବାର ଦିନ ସତୀଶ ଧାୱନ ମହାକାଶ କେନ୍ଦ୍ରରେ ଦ୍ୱିତୀୟ ସମନ୍ୱିତ ଏୟାର ଡ୍ରପ୍ ପରୀକ୍ଷଣ (ଏଆଇଡିଟି-୦୨) ସଫଳତାର ସହ ସମ୍ପନ୍ନ ହୋଇଛି। ଏହି ପରୀକ୍ଷଣ ମହାକାଶଚାରୀମାନଙ୍କ ନିରାପଦ ପ୍ରତ୍ୟାବର୍ତ୍ତନ ଏବଂ ସେମାନଙ୍କ ସୁରକ୍ଷା ପ୍ରଣାଳୀକୁ ସୁଦୃଢ କରିବାରେ ଏକ ମାଇଲଖୁଣ୍ଟ ସଦୃଶ ହୋଇଛି। ଏହି ଏୟାର ଡ୍ରପ ପରୀକ୍ଷଣର ମୂଳ ଲକ୍ଷ୍ୟ ଥିଲା ମହାକାଶରୁ ପୃଥିବୀକୁ ଫେରିବା ସମୟରେ ବ୍ୟହୃତ ହେବାକୁ ଥିବା ପାରାଚୁଟ୍ ପ୍ରଣାଳୀ ଏବଂ କ୍ରୁ-ମଡ୍ୟୁଲର ସ୍ଥିରତାକୁ ଯାଞ୍ଚ କରିବା। ଏକ





ବିମାନ ସାହାଯ୍ୟରେ କ୍ରୁ- ମଡ୍ୟୁଲ୍‌ର ଏକ ପରୀକ୍ଷାମୂଳକ ସଂସ୍କରଣକୁ ବହୁ ଉଚ୍ଚତାରୁ ଆକାଶରୁ ଛଡ଼ା ଯାଇଥିଲା। ଅବତରଣ ସମୟରେ ପାରାଚୁଟ୍‌ଗୁଡ଼ିକ ଠିକ୍ ସମୟରେ ଖୋଲିବା, ମଡ୍ୟୁଲର ଗତି ନିୟନ୍ତ୍ରଣ କରିବା ଏବଂ ଜଳରାଶିରେ ସୁରକ୍ଷିତ ଭାବେ ଅବତରଣ କରିବା ଭଳି ଜଟିଳ ପ୍ରକ୍ରିୟାକୁ ଏଥିରେ ଅତି ସୂକ୍ଷ୍ମଭାବେ ନିରୀକ୍ଷଣ କରାଯାଇଥିଲା। ଗଗନଯାନ ମିଶନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ନିରାପତ୍ତା। ଯଦି ମହାକାଶରେ କୌଣସି ଜରୁରୀକାଳୀନ ପରିସ୍ଥିତି ସୃଷ୍ଟି ହୁଏ, କିମ୍ବା ମିଶନକୁ ଅଧାରୁ ବନ୍ଦ କରିବାକୁ ପଡ଼େ, ତେବେ ମହାକାଶଜାରୀମାନେ କିପରି ସୁରକ୍ଷିତ ଭାବେ ପୃଥିବୀକୁ ଫେରିବେ, ତାହା ପରୀକ୍ଷଣ ଦ୍ୱାରା ନିଶ୍ଚିତ କରାଯାଇଛି। ଇସ୍ରୋର ବୈଜ୍ଞାନିକମାନେ ପାରାଚୁଟ୍‌ର କ୍ରମାନ୍ୱୟତା ଏବଂ ଅବତରଣ ସମୟରେ ମଡ୍ୟୁଲ୍‌ର ସନ୍ତୁଳନକୁ ନେଇ ବେଶ ଆଶାବାଦୀ ଅଛନ୍ତି। ଏହି ସଫଳତା ସହ ଭାରତ ବିଶ୍ୱର ସେହି କେତେକ ସୀମିତ ରାଷ୍ଟ୍ରଙ୍କ ତାଲିକାରେ ସାମିଲ ହେବାକୁ ଯାଉଛି, ଯେଉଁମାନଙ୍କ ପାଖରେ ନିଜସ୍ୱ ଜ୍ଞାନକୌଶଳରେ ମଣିଷକୁ ମହାକାଶକୁ ପଠାଇବାର କ୍ଷମତା ରହିଛି। ଆଗାମୀ ବର୍ଷ ନିର୍ଦ୍ଧାରିତ ଥିବା ମୁଖ୍ୟ ମିଶନ ପୂର୍ବରୁ ଏହା ଇସ୍ରୋର ବୈଷୟିକ ପରିପକ୍ୱତାକୁ ପ୍ରମାଣିତ କରିଛି। ଏହାପରେ ଇସ୍ରୋ ପରବର୍ତ୍ତୀ ପର୍ଯ୍ୟାୟରେ ମାନବବିହୀନ ମହାକାଶ ଯାନ ପ୍ରେରଣ କରିବାକୁ ପ୍ରସ୍ତୁତି ଚଳାଇଛି। ମହାକାଶଚାରୀଙ୍କୁ ମହାକାଶକୁ ପଠାଇ ଇତିହାସ ରଚିବା ପାଇଁ ଭାରତ ବର୍ତ୍ତମାନ ସମ୍ପୂର୍ଣ୍ଣ ପ୍ରସ୍ତୁତ। ଇସ୍ରୋର ଏହି ନିରନ୍ତର ସଫଳତା ପ୍ରତିଟି ଭାରତୀୟଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ।

# ହୁମାୟୁନ୍ କବୀରଙ୍କ ଷ୍ଟିଙ୍ଗ୍ ଭିଡିଓକୁ ନେଇ ପଶ୍ଚିମବଙ୍ଗ ରାଜନୀତି ସରଗରମ୍

- ୧, ୦୦୦ କୋଟିର ଡିଲ୍ ଓ ବିଜେପି ସହ ସମ୍ପର୍କ
- ଭାଙ୍ଗିଲା ଏଆଇଏମ୍ଆଇଏମ୍-ଏଜେୟୁପି ମେଣ୍ଟ

କୋଲକାତା, ୧୦।୪(ଏଜେନ୍ସି): ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପୂର୍ବରୁ ରାଜ୍ୟ ରାଜ୍ୟନୀତିରେ ଏକ ବଡ଼ଧରଣର ବିସ୍ଫୋରଣ ଘଟିଛି। ତୃଣମୂଳ କଂଗ୍ରେସ (ଟିଏମ୍‌ସି) ତରଫରୁ ଜାରି କରାଯାଇଥିବା ଏକ କଥିତ 'ଷ୍ଟିଙ୍ଗ ଅପରେସନ' ଭିଡ଼ିଓରେ ପୂର୍ବତନ ଟିଏମ୍‌ସି ନେତା ତଥା ବର୍ତ୍ତମାନର ଆମ୍ ଜନତା ଉନ୍ନୟନ ପାର୍ଟି (ଏଜେୟୁପି) ମୁଖ୍ୟ ହୁମାୟୁନ କବୀରଙ୍କ ବିଜେପି ସହ ଗୁପ୍ତ ବୁଝାମଣା ଏବଂ ୧, ୦୦୦ କୋଟି ଟଙ୍କାର ଯୋଜାନ ବାବଦରେ ଗୁରୁତର ଅଭିଯୋଗ ଆସିଛି। ଟିଏମ୍‌ସି ଦ୍ୱାରା ଜାରି କରାଯାଇଥିବା ଏହି ଭିଡ଼ିଓରେ କଥିତ ଭାବେ ହୁମାୟୁନ କବୀର ଦାବି କରୁଛନ୍ତି ଯେ, ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ଓ ବିଜେପିର ବରିଷ୍ଠ ନେତାଙ୍କ ସହ ଯୋଗାଯୋଗରେ ଅଛନ୍ତି। ପଶ୍ଚିମବଙ୍ଗରେ ମମତା ବାନାର୍ଜୀଙ୍କୁ ପରାସ୍ତ କରିବା ପାଇଁ ୧, ୦୦୦ କୋଟି ଟଙ୍କାର ଏକ ରଣନୀତି ପ୍ରସ୍ତୁତ କରାଯାଇଛି, ଯେଉଁଥିରୁ ୨୦୦ କୋଟି ଟଙ୍କା ଅଗ୍ରୀମ ଭାବେ ମିଳିସାରିଛି। ଏହି ଅର୍ଥ ବିନିମୟରେ ମୁସ୍‌ଲିମ ଭୋଟକୁ ଟିଏମ୍‌ସିଠାରୁ ଦୂରେଇ ନେଇ ବିଜେପିକୁ ଫାଇଦା ପହଞ୍ଚାଇବା ପାଇଁ ଲକ୍ଷ୍ୟ ରଖାଯାଇଥିବା ଅଭିଯୋଗ ହୋଇଛି। ଏହି ଭିଡ଼ିଓରେ କବୀର କଥିତ ଭାବେ କହୁଛନ୍ତି ଯେ, ମୁସଲମାନଙ୍କୁ ବୋକା ବନାଇବା ସହଜ। ବାବ୍ରି ମସଜିଦ୍ ପ୍ରସଙ୍ଗକୁ ବ୍ୟବହାର କରି ସଂଖ୍ୟାଲଘୁ ସମ୍ପ୍ରଦାୟର ଭୋଟକୁ ବିଭାଜନ କରିବାକୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଥିବା କୁହାଯାଇଛି। ଶୁଭେନ୍ଦୁ ଅଧିକାରୀ ଓ ହିମନ୍ତ ବିଶ୍ୱ ଶର୍ମାଙ୍କ ଭଳି ନେତାଙ୍କ ସହ ସମନ୍ୱୟ ରକ୍ଷା କରି



କାର୍ଯ୍ୟ କରିବାକୁ ତାଙ୍କୁ ପରାମର୍ଶ ଦିଆଯାଇଥିବା ଏହି ଭିଡ଼ିଓରେ ଦାବି କରାଯାଇଛି। ତେବେ ହୁମାୟୁନ କବୀର ଏହାକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରି ଏହା ଏକ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ)-ଜନିତ ଫେକ୍ ବା ନକଲି ଭିଡ଼ିଓ ବୋଲି କହିଛନ୍ତି।

ଏହି ବିବାଦୀୟ ଭିଡ଼ିଓ ସାମ୍ନାକୁ ଆସିବା ପରେ ଆସାଦୁଦ୍ଦିନ ଓୱେସିଙ୍କ ନେତୃତ୍ୱାଧୀନ ଏଆଇଏମ୍ଆଇଏମ୍ ତୁରନ୍ତ ହୁମାୟୁନ କବୀରଙ୍କ ପାର୍ଟି ସହ ମେଣ୍ଟ ଭାଙ୍ଗିବାକୁ ଘୋଷଣା କରିଛି। ଏଆଇଏମ୍ଆଇଏମ୍ ପକ୍ଷରୁ କୁହାଯାଇଛି ଯେ, ଯେଉଁଠାରେ ମୁସଲିମ୍‌ମାନଙ୍କର ସ୍ୱାଭିମାନ ଓ ନିଷ୍ଠା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୁଏ, ସେଠାରେ ସେମାନେ ରହିପାରିବେ ନାହିଁ। ବର୍ତ୍ତମାନ ଏଆଇଏମ୍ଆଇଏମ୍ ପଶ୍ଚିମବଙ୍ଗରେ ସବୁ ୨୯୪ଟି ଆସନରେ ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ିବାକୁ ନିଷ୍ପତ୍ତି ନେଇଛି। ବିଧାନସଭାର ଠିକ୍ ପୂର୍ବରୁ ଏହି ଷ୍ଟିଙ୍ଗ ଅପରେସନ ରାଜ୍ୟର ରାଜନୈତିକ ସମୀକରଣକୁ ବଦଳାଇ ଦେଇଛି। ଗୋଟିଏ ପଟେ ଟିଏମ୍‌ସି ଏହାର ତଦନ୍ତ ପାଇଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡ଼ି)ର ତଦନ୍ତ ଦାବି କରିଥିବା ବେଳେ, ଅନ୍ୟପଟେ କବୀର ଏହାକୁ ଏକ ଷଡ଼ଯନ୍ତ୍ର ବୋଲି କହି ମାନହାନି ମକଦ୍ଦମା କରିବାକୁ ଚେତାବନୀ ଦେଇଛନ୍ତି। ଏବେ ଏହି ଘଟଣା ସଂଖ୍ୟାଲଘୁ ଭୋଟରଙ୍କ ମନରେ କି ପ୍ରଭାବ ପକାଉଛି, ତାହା ଆଗାମୀ ନିର୍ବାଚନ ଫଳାଫଳରୁ ସ୍ପଷ୍ଟ ହେବ। ସୂଚନାଯୋଗ୍ୟ ଯେ, ପଶ୍ଚିମବଙ୍ଗରେ ନିର୍ବାଚନ ଦୁଇ ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ଏପ୍ରିଲ ୨୩ରେ ପ୍ରଥମ ଓ ୨୯ରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ହେବ। ମେ ୪ରେ ଫଳାଫଳ ଘୋଷଣା ହେବ।



ମାଲେସିଆ ଓପନ୍: ପ୍ରତ୍ୟାଶାଙ୍କୁ ରୌପ୍ୟ
▶ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-283 ◆SATURDAY ◆11 APRIL 2026 ◆PAGE-12 ◆₹ 7.00

◆ବର୍ଷ-୪୩ ◆ସଂଖ୍ୟା-୨୮୩ ◆ଶନିବାର ◆୧୧ ଏପ୍ରିଲ୍ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


# ଇସ୍ତଫା ଦେଲେ ଜଷ୍ଟିସ୍ ଯଶବନ୍ତ ବର୍ମା

## ଘରୁ ମିଳିଥିଲା କୋଟି କୋଟି ଟଙ୍କାର ପୋଡ଼ା ନୋଟ

■ ପ୍ରୟାଗରାଜ, ୧୦।୪ (ଏଜେନ୍ସି): ଶେଷରେ ଆଲ୍ଲାହାବାଦ୍ ହାଇକୋର୍ଟର ବିଚାରପତି ଯଶବନ୍ତ ବର୍ମା ଇସ୍ତଫା ଦେଇଛନ୍ତି। ଫଳରେ ତାଙ୍କୁ ନେଇ ସୃଷ୍ଟି ହୋଇଥିବା ବିବାଦୀୟ ଅଧ୍ୟାୟରେ ନୂଆ ମୋଡ଼ ଆସିଛି। ଯେଉଁ ଦିନ ତାଙ୍କୁ ସଂସଦୀୟ ତଦନ୍ତ କମିଟି ନିକଟରେ ନିଜର ପକ୍ଷ ରଖିବାକୁ ଥିଲା, ଠିକ୍ ସେହି ଦିନ ସେ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଗୁରୁବାର ସେ ନିଜର ଇସ୍ତଫାପତ୍ର ରାଷ୍ଟ୍ରପତିଙ୍କ ନିକଟକୁ ପଠାଇ ଦେଇଥିବା ସୂଚନା ମିଳିଛି।



**ନିଜର ପକ୍ଷ ରଖିବା ଦିନ ହିଁ ପଦ ଛାଡ଼ିଲେ**

**ଇସ୍ତଫା ପରେ ଅଟକିଯିବ ମହାଅଭିଯୋଗ ପ୍ରକ୍ରିୟା**

**ମିଳିବ ପେନସନ ସୁବିଧା**

ସୂତ୍ର ଅନୁସାରେ, ତଦନ୍ତ କମିଟି ପକ୍ଷରୁ ଜଷ୍ଟିସ ବର୍ମାଙ୍କୁ ଏପ୍ରିଲ ୧୦ରୁ ୧୪ ତାରିଖ ମଧ୍ୟରେ ନିଜର ସଫେଇ ତଥା ଯୁକ୍ତି ଉପସ୍ଥାପନ କରିବାକୁ ସମୟ ଦିଆଯାଇଥିଲା। ମାର୍ଚ୍ଚ ମାସରେ ପ୍ରସିକ୍ୟୁସନ ପକ୍ଷରୁ ଯୁକ୍ତି ଶେଷ ହେବା ସହ ତାଙ୍କ ବିରୋଧରେ ୯ ଜଣ ପ୍ରମୁଖ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ତେବେ ତଦନ୍ତ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ନିଜର ପକ୍ଷ ରଖିବା ପରିବର୍ତ୍ତେ ସେ ପଦ ଛାଡ଼ିବାକୁ ଶ୍ରେୟସ୍କର ମନେ କରିଛନ୍ତି।

ଲୋକସଭା ସଚିବାଳୟର ସୂତ୍ର ଅନୁଯାୟୀ, ଜଷ୍ଟିସ ବର୍ମାଙ୍କ ଇସ୍ତଫା ପରେ ତାଙ୍କ ବିରୋଧରେ ଚାଲିଥିବା ମହାଭିଯୋଗ ପ୍ରକ୍ରିୟା ଏବେ ସ୍ୱତଃ ବନ୍ଦ ହୋଇଯିବ। ଏହି ନିଷ୍ପତ୍ତି ପଛରେ ଏକ ବଡ଼ ଆଇନଗତ କାରଣ ରହିଛି। ଯଦି ଜଣେ ବିଚାରପତି ସଂସଦ ଦ୍ୱାରା ମହାଭିଯୋଗ ମାଧ୍ୟମରେ ପଦରୁ ବହିଷ୍କୃତ ହୁଅନ୍ତି, ତେବେ ସେ ଅବସରକାଳୀନ ପେନସନ ଏବଂ ଅନ୍ୟାନ୍ୟ ସରକାରୀ ସୁବିଧା ପାଇବାକୁ ଅଯୋଗ୍ୟ ହୋଇଥା'ନ୍ତି। ଏବେ ସେ ନିଜେ ଇସ୍ତଫା ଦେବା ଦ୍ୱାରା ଏହି ସମସ୍ତ ଆର୍ଥିକ ସୁବିଧା ଓ ପେନ୍‌ସନ ପାଇବାକୁ ହକ୍‌ଦାର ରହିବେ।

ଉଲ୍ଲେଖଥାଉ କି, ୨୦୨୫ ମାର୍ଚ୍ଚ ୧୪ରେ ଜଷ୍ଟିସ ବର୍ମାଙ୍କ ନୂଆଦିଲ୍ଲୀ ସ୍ଥିତ ବାସଭବନରେ ଏକ ଅଗ୍ନିକାଣ୍ଡ ଘଟିଥିଲା ଓ ୫୦୦ ଟଙ୍କିଆ ନୋଟ୍ ବିଡ଼ା ପୋଡ଼ି ଯାଉଥିବା ଦେଖିବାକୁ ମିଳିଥିଲା, ଯାହାକୁ ନେଇ ତାଙ୍କ ନାମରେ ଗୁରୁତର ଦୁର୍ନୀତି ଅଭିଯୋଗ ଆସିଥିଲା। ସେ ସମୟରେ ସେ ଦିଲ୍ଲୀ ହାଇକୋର୍ଟରେ କାର୍ଯ୍ୟରତ ଥିଲେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ତାଙ୍କୁ ଅଲ୍ଲାହାବାଦ ହାଇକୋର୍ଟକୁ ବଦଳି କରାଯାଇଥିଲା ଏବଂ ତାଙ୍କୁ କୌଣସି ନ୍ୟାୟିକ କାର୍ଯ୍ୟ କରିବାକୁ ଅନୁମତି ଦିଆଯାଇ ନଥିଲା। ଜଷ୍ଟିସ ବର୍ମାଙ୍କ ଅପ୍ରତ୍ୟାଶିତ ଇସ୍ତଫା ବିଚାର ବିଭାଗରେ ଏକ ଚର୍ଚ୍ଚା ବିଷୟ ପାଲଟିଛି। ଯଦିଓ ନିଜ ଇସ୍ତଫା ପତ୍ରରେ ▶ପୃଷ୍ଠା-୭

# ଯମୁନାରେ ନୌକାବୁଡ଼ି ୧୦ ମୃତ



■ ମଥୁରା, ୧୦।୪ (ଏଜେନ୍ସି): ଉତ୍ତରପ୍ରଦେଶର ମଥୁରା ଜିଲ୍ଲା ଅନ୍ତର୍ଗତ ପବିତ୍ର ବୃନ୍ଦାବନଠାରେ ଶୁକ୍ରବାର ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ପ୍ରାୟ ୩୦ଜଣ ଯାତ୍ରୀଙ୍କୁ ନେଇ ଯାଉଥିବା ଏକ ଷ୍ଟିମର ନୌକା ଯମୁନା ନଦୀରେ ଏକ ପୋଲରେ ଧକ୍କା ଖାଇ ଓଲଟି ପଡ଼ିବାରୁ ୧୦ ଜଣଙ୍କର ମୃତ୍ୟୁ ଘଟିଛି। ରାତି ସୁଦ୍ଧା ୧୦ରୁ ଅଧିକ ପର୍ଯ୍ୟଟକଙ୍କ ପତ୍ତା ମିଳିନାହିଁ।

**୧୦ରୁ ଊର୍ଦ୍ଧ୍ୱ ନିଖୋଜ**

**ନବୀନଙ୍କ ଶୋକ**

ସୂଚନା ଅନୁଯାୟୀ, ସ୍ଥାନୀୟ ବାସିନ୍ଦାଙ୍କ ସମେତ ଅନେକ ପର୍ଯ୍ୟଟକଙ୍କୁ ନେଇ ଯାଉଥିବା ଏହି ନୌକାଟି ବୃନ୍ଦାବନର ଏକ ପୋଲ ସହ ଧକ୍କା ହେବା ଫଳରେ ନଦୀର ଗଭୀର ଜଳରେ ଓଲଟି ପଡିଥିଲା। ଉଦ୍ଧାର କାର୍ଯ୍ୟ ଜାରି ରହିଥିବାରୁ ଏହି ସଂଖ୍ୟା ବୃଦ୍ଧି ପାଇବା ଆଶଙ୍କା କରାଯାଉଛି। ରିପୋର୍ଟ ଅନୁସାରେ, ଏବେ ୧୦ରୁ ଅଧିକ ଯାତ୍ରୀ ନିଖୋଜ ଅଛନ୍ତି। ସ୍ଥାନୀୟ ପୁଲିସ ଓ ପ୍ରଶାସନିକ ଅଧିକାରୀମାନେ ଘଟଣାସ୍ଥଳରେ ଉପସ୍ଥିତ ରହି ଉଦ୍ଧାର କାର୍ଯ୍ୟ ତଦାରଖ କରୁଛନ୍ତି। ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ▶ପୃଷ୍ଠା-୭

# ଆଠ ମାସ ପରେ ପଞ୍ଚାୟତ ଭୋଟ୍

## ଚଳିତ ମାସ ୩୦ ସୁଦ୍ଧା ସରିବ ସଂରକ୍ଷଣ ବ୍ୟବସ୍ଥା

■ ଭୁବନେଶ୍ୱର, ୧୦।୪ (ସମିସ): ଆଉ ୮ ମାସ ପରେ ପଞ୍ଚାୟତ ଭୋଟ। ଏଥିପାଇଁ ରାଜ୍ୟ ନିର୍ବାଚନ ଅଧିକାରୀ ଆରମ୍ଭ କରିଛନ୍ତି ପ୍ରସ୍ତୁତି। ଚଳିତ ମାସ ଶେଷ ସୁଦ୍ଧା ପଞ୍ଚାୟତଗୁଡ଼ିକରେ ସଂରକ୍ଷଣ କାର୍ଯ୍ୟ ଶେଷ ପାଇଁ ସବୁ ଜିଲ୍ଲାପାଳଙ୍କୁ ଚିଠି ଲେଖିଛି ପଞ୍ଚାୟତିରାଜ ବିଭାଗ। ପଞ୍ଚାୟତଗୁଡ଼ିକରେ ୱାର୍ଡ ମେମ୍ବର, ସରପଞ୍ଚ ଓ ସମିତି ସଭ୍ୟରେ ସଂରକ୍ଷଣ ପାଇଁ ପ୍ରକାଶ ପାଇଥିବା ବିଜ୍ଞପ୍ତି ଉପରେ ୧୭ ତାରିଖ ମଧ୍ୟରେ ଆପତ୍ତି ଅଭିଯୋଗ କରାଯାଇ ପାରିବ। ସେହିପରି ୨୪ ତାରିଖ ମଧ୍ୟରେ ଅଭିଯୋଗଗୁଡ଼ିକର ଶୁଣାଣି ଓ ୨୯ ତାରିଖ ସୁଦ୍ଧା ଚୂଡ଼ାନ୍ତ ସଂରକ୍ଷଣ ତାଲିକା ରାଜ୍ୟ ନିର୍ବାଚନ କମିଶନଙ୍କୁ ପ୍ରଦାନ କରାଯିବ। ଅନୁରୂପ ଭାବରେ ଜିଲ୍ଲା ପରିଷଦ ସଦସ୍ୟ ଆସନ ସଂରକ୍ଷଣ ପାଇଁ ପ୍ରକାଶ ପାଇଥିବା ବିଜ୍ଞପ୍ତି ଉପରେ ୧୭ ତାରିଖ ଭିତରେ ଅଭିଯୋଗ ଆବେଦନ ଏବଂ ୨୭ ତାରିଖ ସୁଦ୍ଧା ଅଭିଯୋଗ ଶୁଣାଣି ହେବ ଓ ୩୦ସୁଦ୍ଧା ଚୂଡ଼ାନ୍ତ ସଂରକ୍ଷଣ ତାଲିକା ନିର୍ବାଚନ କମିଶନଙ୍କୁ ପ୍ରଦାନ କରାଯିବ। ଏହା ବ୍ୟତୀତ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପଦ ପାଇଁ ମଧ୍ୟ ଆସନ ସଂରକ୍ଷଣ ରହିବ। ଏହି ଆଧାରରେ ୧୩ରେ ଚିଠା ବିଜ୍ଞପ୍ତି ଏବଂ ୨୯ରେ ଚୂଡ଼ାନ୍ତ ବିଜ୍ଞପ୍ତି ପ୍ରକାଶ ପାଇବ। ପୂର୍ବ ନିର୍ବାଚନ ସଂରକ୍ଷଣ ନୀତି ଅନୁସାରେ ସଂରକ୍ଷଣ ୫୦ ପ୍ରତିଶତ ମଧ୍ୟରେ ରହିବ, ଏହା ସହ ପଛୁଆ ବର୍ଗଙ୍କ ପାଇଁ ୨୭ ପ୍ରତିଶତ ଯାଏଁ ସଂରକ୍ଷଣ ରହିବ ବୋଲି ଚିଠିରେ ଦର୍ଶାଯାଇଛି। ଗତ ନିର୍ବାଚନରେ ପଞ୍ଚାୟତିରାଜ ବ୍ୟବସ୍ଥାରେ ମହିଳାଙ୍କ ପାଇଁ ୫୦ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ରହିଥିବା ବେଳେ ଏଥର ମଧ୍ୟ ଏହି ନିୟମ ଅନୁପାଳନ କରାଯିବ।



**ନିର୍ବାଚନକୁ ପ୍ରଭାବିତ କରିବନି ଜନଗଣନା**

**ପୂର୍ବ ପରି ମହିଳାଙ୍କ ପାଇଁ ରହିବ ୫୦% ସଂରକ୍ଷଣ**

**୨୦୨୨ରେ ବିଜେଡିକୁ ମିଳିଥିଲା ୫୩% ଭୋଟ୍**

ସମ୍ପ୍ରତି ବିଭିନ୍ନ ରାଜ୍ୟରେ ଜନଗଣନା କାର୍ଯ୍ୟ ଆରମ୍ଭ ହୋଇଛି। ଏହା ଦୀର୍ଘ ସମୟ ଧରି ଚାଲିବ। ମାତ୍ର ଏହି ଜନଗଣନା କାର୍ଯ୍ୟ ରାଜ୍ୟରେ ପଞ୍ଚାୟତ ନିର୍ବାଚନକୁ ପ୍ରଭାବିତ କରିବ ନାହିଁ ବୋଲି ସୂଚନା ଦେଇଛନ୍ତି ରାଜ୍ୟ ନିର୍ବାଚନ କମିଶନ ମଧୁସୂଦନ ପାଢ଼ୀ। ସେ କହିଛନ୍ତି ଯେ ଆଇନ ଅନୁଯାୟୀ ଭାରତୀୟ ନିର୍ବାଚନ କମିସନଙ୍କ ସଦ୍ୟ ଭୋଟର ତାଲିକାକୁ ଆଧାର କରି ନିର୍ବାଚନ ହୋଇଥାଏ। ଏହା ଜନଗଣନା ଦ୍ୱାରା ପ୍ରଭାବିତ ହୁଏ ନାହିଁ। ସରକାର ସଂରକ୍ଷଣ ବ୍ୟବସ୍ଥା ▶ପୃଷ୍ଠା-୭

# ୧୧ ପ୍ରସ୍ତାବକୁ କ୍ୟାବିନେଟ ମୋହର



■ ଭୁବନେଶ୍ୱର, ୧୦।୪ (ସମିସ): ଆଗକୁ ପଞ୍ଚାୟତ ନିର୍ବାଚନ । ଏଥିପାଇଁ ରାଜ୍ୟ ସରକାର ଆରମ୍ଭ କରିଛନ୍ତି ପ୍ରସ୍ତୁତି । କେନ୍ଦ୍ର ସରକାର ଜଳ ଜୀବନ ମିଶନରେ ଅନୁଦାନ ହ୍ରାସ ପରେ ଅଟକି ରହିଥିବା ପାନୀୟ ଜଳ ପ୍ରକଳ୍ପକୁ ଆଗେଇ ନେବା ଓ ଲୋକଙ୍କୁ ଜଳ ଯୋଗାଣ ପାଇଁ ସରକାର ଆଣିଛନ୍ତି ନୂଆ ନୀତି। ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ 'ଗ୍ରାମୀଣ ପାନୀୟ ଜଳ ଯୋଗାଣ ପରିଚାଳନା ଏବଂ ରକ୍ଷଣାବେକ୍ଷଣ ନୀତି-୨୦୨୬' ସହ ୫ ବିଭାଗର ୧୧ ପ୍ରସ୍ତାବକୁ ଆଜି ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି।

ବୈଠକ ପରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏ ସଂକ୍ରାନ୍ତରେ ବିସ୍ତୃତ ସୂଚନା ଦେଇଛନ୍ତି। କ୍ୟାବିନେଟ୍ ବୈଠକରେ ଶକ୍ତି ବିଭାଗର ଗୋଟେ, ଶ୍ରମ ବିଭାଗର ୩, ପରିବହନ ବିଭାଗର ଗୋଟେ, ଜଳସମ୍ପଦ ବିଭାଗର ୫ ଓ ପଞ୍ଚାୟତିରାଜ ବିଭାଗର ଗୋଟିଏ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ଏଥିରେ ଜଳସମ୍ପଦ ବିଭାଗର ୫ ଟେଣ୍ଡରକୁ ଅନୁମୋଦନ ଦିଆଯାଇଛି। ଏହା ସହ ଅଟଳ ବସଷ୍ଟାଣ୍ଡ ଯୋଜନାକୁ ଅନୁମୋଦନ ମିଳିଥିବା ନେଇ ମୁଖ୍ୟ ଶାସନ ସଚିବ କହିଛନ୍ତି।

ସରକାରଙ୍କ ପକ୍ଷରୁ କୁହାଯାଇଛି

**▶▶ ଗାଁରେ ପାନୀୟ ଜଳ ଯୋଗାଣ ଲାଗି ନୂତନ ନୀତି**

**▶▶ 'ଅଟଳ ବସ୍ ଷ୍ଟାଣ୍ଡ' ପାଇଁ ୩୪୦୦ କୋଟି ବରାଦ**

**▶▶ ଜଳସମ୍ପଦ ବିଭାଗର ୫ଟି ପ୍ରକଳ୍ପକୁ ଅନୁମୋଦନ**

ଯେ ନୂତନ ପାନୀୟ ଜଳ ଯୋଗାଣ ନୀତି ଗ୍ରାମାଞ୍ଚଳରେ ନିରନ୍ତର ଓ ନିର୍ଭରଯୋଗ୍ୟ ପାନୀୟ ଜଳ ସେବା ପ୍ରଦାନ କରିବ। ଓଡ଼ିଶା 'ଜଳ ଜୀବନ ମିଶନ' ଓ ସରକାରଙ୍କ ବିଭିନ୍ନ ପଦକ୍ଷେପ ଦ୍ୱାରା ଗ୍ରାମୀଣ ପରିବାରକୁ ▶ପୃଷ୍ଠା-୭

# ଜଳିବ ପଶ୍ଚିମ ଓଡ଼ିଶା

## ବୈଶାଖରେ ତାତି ଛୁଇଁବ ୪୬ ଡିଗ୍ରୀ

■ ଭୁବନେଶ୍ୱର, ୧୦।୪ (ସମିସ): ରାଜ୍ୟରେ କାଳବୈଶାଖୀର ପ୍ରଭାବ ହ୍ରାସ ପାଇଛି। ଶନିବାରଠାରୁ ଏହା ଆହୁରି କମିବ। କାଳବୈଶାଖୀ କମିବା ସହ ତାପମାତ୍ରାରେ ବୃଦ୍ଧି ଘଟିବ। ବିଶେଷ କରି ଆଭ୍ୟନ୍ତରୀଣ ଓଡ଼ିଶାରେ ତାପମାତ୍ରା ଦୃଷ୍ଟାନ୍ତ ମୂଳକ ଭାବେ ବଢ଼ିବ ଏପ୍ରିଲ ଦ୍ୱିତୀୟ ସପ୍ତାହ ଶେଷ ଆଡ଼କୁ ଏଠାରେ ତାପମାତ୍ରା ସ୍ୱାଭାବିକ ତୁଳନାରେ ୪-୬ ଡିଗ୍ରୀ ଉପରେ ରହିବ। ତାପମାତ୍ରା ବୃଦ୍ଧି ନେଇ ପାଣିପାଗ କେନ୍ଦ୍ର ଆକଳନ କରିବା ସହ ଆସନ୍ତା ୧୩ ତାରିଖ ବେଳକୁ ବଲାଙ୍ଗିରରେ ତାପମାତ୍ରା ୪୬ ଡିଗ୍ରୀ ଛୁଇଁବା ସହ ବରଗଡ଼ ଓ ସମ୍ବଲପୁରରେ ତାପମାତ୍ରା ୪୫ ଡିଗ୍ରୀ ଛୁଇଁବା ଆଶଙ୍କା କରିଛି। ସେହିପରି ୧୪ରେ ମଧ୍ୟ ସମାନ ସ୍ଥିତି ସୃଷ୍ଟି ସହ ଏହି ଦୁଇ ଦିନ ପାଇଁ କେନ୍ଦ୍ର ପକ୍ଷରୁ ହିଟ୍ ୱେଭ୍ ଆଲର୍ଟ ଜାରି ହୋଇଛି।

ଅନ୍ୟପଟେ ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ଆଗାମୀ ୫ ଦିନ ମଧ୍ୟରେ ରାଜ୍ୟର ତାପମାତ୍ରାରେ ଧୀରେ ଧୀରେ କିନ୍ତୁ ଗୁରୁତ୍ୱପୂର୍ଣ୍ଣ ବୃଦ୍ଧି ଘଟିବ। ଆସନ୍ତା ସପ୍ତାହ ଆରମ୍ଭରୁ ଗ୍ରୀଷ୍ମ ପ୍ରବାହ ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ରହିଛି। ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳ ଏବଂ ଆଭ୍ୟନ୍ତରୀଣ ଜିଲ୍ଲାଗୁଡ଼ିକ ମଧ୍ୟରେ ପାଣିପାଗର ବଡ଼ ପାର୍ଥକ୍ୟ ଦେଖାଯିବା ସହ ଉପକୂଳରେ ଅଧିକ ଆର୍ଦ୍ରତା ଯୋଗୁଁ ଅସହ୍ୟ ଗୁଳୁଗୁଳି ଅନୁଭୂତ ହେଉଥିବା ବେଳେ, ଆଭ୍ୟନ୍ତରୀଣ ଓଡ଼ିଶାରେ ତାପମାତ୍ରାରେ ବଡ଼ ଧରଣର ବୃଦ୍ଧି ଘଟିବ। ବାୟୁ ପ୍ରବାହର ଦିଗ ପରିବର୍ତ୍ତନ ହୋଇ ଉତ୍ତର-ପଶ୍ଚିମ ଦିଗରୁ କେନ୍ଦ୍ରୀୟ ▶ପୃଷ୍ଠା-୭

# ଦିଲ୍ଲୀ ଗଲେ ନବୀନ



■ ଭୁବନେଶ୍ୱର, ୧୦।୪ (ସମିସ): ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଦିଲ୍ଲୀ ଗସ୍ତ କରିଛନ୍ତି। ଶୁକ୍ରବାର ପୂର୍ବାହ୍ନରେ ନବୀନ ବିଜୁ ପଟ୍ଟନାୟକ ବିମାନବନ୍ଦରରୁ ଦିଲ୍ଲୀ ଅଭିମୁଖେ ଯାତ୍ରା କରିଛନ୍ତି। ବଡ଼ ଭାଇ ପ୍ରେମ୍ ପଟ୍ଟନାୟକଙ୍କର ଦୁଇ ଦନ ତଳେ ହୃତ୍‌ପିଣ୍ଡ ଜନିତ ଅସ୍ତ୍ରୋପଚାର ହୋଇଥିବାରୁ ତାଙ୍କୁ ଭେଟିବା ପାଇଁ ନବୀନ ଦିଲ୍ଲୀ ଗସ୍ତ କରିଛନ୍ତି। ଶୁକ୍ରବାର ନବୀନଙ୍କ ଗସ୍ତ ସମୟରେ ବିମାନବନ୍ଦର ପରିସରରେ ବିଜେଡିର ବହୁ ନେତା ଉପସ୍ଥିତ ଥିବା ଦେଖାଯାଇଥିଲା। ବିଜେଡି ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ସାଂସଦ ଡଃ ସଂତୃପ୍ତ ମିଶ୍ର, ସୁଲତା ଦେଓ, ବିଜେଡିର ବରିଷ୍ଠ ନେତା ପ୍ରଣବ ପ୍ରକାଶ ଦାସ, ଅଶୋକ ପଣ୍ଡା, ଅତନୁ ସବ୍ୟସାଚୀ ନାୟକ, ସୁଶାନ୍ତ ରାଉତ, ସଞ୍ଜୟ ଦାସବର୍ମା, ଟୁକୁନି ସାହୁ ପ୍ରମୁଖ ବିମାନବନ୍ଦରରେ ଉପସ୍ଥିତ ରହିଥିଲେ।


SIKSHA 'O' ANUSANDHAN
(DEEMED TO BE UNIVERSITY)

SAAT-2026

Empowering students for a brighter future

B.TECH PROGRAMMES IN EMERGING COMPUTING
■ Computer Science and Engineering (AI and ML)
■ Computer Science and Engineering (Cyber Security)
■ Computer Science and Engineering (Data Science)
■ Computer Science and Engineering (Internet of Things)

APPROVAL & RECOGNITIONS
■ Approved by UGC and AICTE
■ Re-accredited by NAAC with A++ Grade
■ Granted with Category-1 Graded Autonomy by UGC
■ NBA Accredited Programmes

NIRF RANKINGS 2025
■ 15th Best in University Category
■ 22nd Best in Engineering Category

INTERNATIONAL RANKINGS 2026
■ Ranked in QS World Rankings 2026
■ Ranked in Times World Rankings 2026

To apply for admission through SAAT, Please visit: www.soa.ac.in




# ବିଜେପିରେ 'ମେଟ୍ରୋ' ବିଭାଜନ

## ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ସାଂସଦ ଅପରାଜିତା

■ ଭୁବନେଶ୍ୱର, ୧୦।୪ (ସମିସ): ଦ୍ୱୈତ ନଗରୀରେ ମେଟ୍ରୋ ଚଳାଚଳ ପ୍ରକଳ୍ପରେ ପୂର୍ଣ୍ଣଚ୍ଛେଦ ପକାଇବା ଏବେ ରାଜ୍ୟ ବିଜେପି ପାଇଁ ବୁମେରାଂ ସାବ୍ୟସ୍ତ ହେବାରେ ଲାଗିଛି। ଯେଉଁ ବିଜେପି ୨୦୨୩ରେ ମେଟ୍ରୋ ପ୍ରକଳ୍ପ ବିଳମ୍ବିତ ହେଉଥିବା ସଂକ୍ରାନ୍ତରେ ତତ୍‌କାଳୀନ ସରକାରଙ୍କୁ ସମାଲୋଚନା କରିଥିଲା, ସେହି ବିଜେପି କ୍ଷମତାକୁ ଆସିବା ପରେ ମେଟ୍ରୋ ପ୍ରକଳ୍ପରେ ପୂର୍ଣ୍ଣଚ୍ଛେଦ ଟାଣିବାକୁ ନେଇ ବିଜେପିର ଶୀର୍ଷ ନେତାଙ୍କ ମଧ୍ୟରେ ସୃଷ୍ଟି କରିଛି ବିଭେଦ । ପ୍ରକଳ୍ପ ବନ୍ଦ ଓ ଦିଲ୍ଲୀ ମେଟ୍ରୋ ସହ ବୁଝାମଣାକୁ ରଦ୍ଦ ନିଷ୍ପତ୍ତିକୁ ଉଭୟ ବିଜେଡି ଓ

**ଜନହିତ କାର୍ଯ୍ୟରେ ହିସାବ କରାଯାଏନି ଲାଭ-କ୍ଷତି**

**ପ୍ରକଳ୍ପ ସଂକ୍ରାନ୍ତରେ ନିଷ୍ପତ୍ତିର ପୁନର୍ବିଚାର ଅନୁରୋଧ**

**କ୍ୟାବିନେଟ ନିଷ୍ପତ୍ତି ଓ ମନ୍ତ୍ରୀଙ୍କ ମନ୍ତବ୍ୟକୁ ନେଇ ଦ୍ୱନ୍ଦ୍ୱ**



କଂଗ୍ରେସ ଆରମ୍ଭରୁ ବିରୋଧ କରିଥିବାବେଳେ ଏବେ ସେଥିରେ ସ୍ୱର ମିଳାଇଛନ୍ତି ବିଜେପି ସାଂସଦ ଅପରାଜିତା ଷଡ଼ଙ୍ଗୀ। ଜନହିତ ପ୍ରସଙ୍ଗଗୁଡ଼ିକରେ ଲାଭକ୍ଷତି ହିସାବ କରାଯାଏ ନାହିଁ ବୋଲି ଉଲ୍ଲେଖ କରି ଅପରାଜିତା ମେଟ୍ରୋ ପ୍ରକଳ୍ପର କାର୍ଯ୍ୟକାରିତା ସଂକ୍ରାନ୍ତରେ ପୁନର୍ବିଚାର ଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଲେଖିଛନ୍ତି ଦୀର୍ଘ ଚିଠି।

ଅତ୍ୟନ୍ତ ବ୍ୟବସ୍ଥିତ ଭାବରେ ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ ଭୁବନେଶ୍ୱର ମେଟ୍ରୋର ପ୍ରାସଙ୍ଗିତା ଓ ଆବଶ୍ୟକତା ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ଏହା ସହିତ ବାରମ୍ବାର ମେଟ୍ରୋ ପ୍ରସଙ୍ଗରେ ଲାଭକ୍ଷତିର ଅଙ୍କ କଷୁଥିବା ନିଜ ଦଳର ସହଯୋଗୀ ବିଧାୟକ ବାବୁ ସିଂ ଓ ପୂର୍ବତନମନ୍ତ୍ରୀ ପୃଥ୍ୱୀରାଜ ▶ପୃଷ୍ଠା-୭

ସକାଳ THE SAKALA

ସମ୍ବଲପୁର

www.sakalaepaper.com

### ହନୁମାନ ଜୟନ୍ତୀ ସମନ୍ୱୟ ସମିତିର ବାଇକ୍ ରାଲି

# ସହର ସାରା ପୁଲିସ ଛାଉଣି







**ସମ୍ବଲପୁର, ୧୦।୪(ସମିସ)**

ହାତରେ ଝଣ୍ଡା। ଜୟ ଶ୍ରୀରାମ.ଜୟ ଶ୍ରୀ ରାମ ନାରାରେ କମ୍ପିଲା ସମ୍ବଲପୁର ସହର। ହଜାର ହଜାର ଲୋକ ସାମିଲ ହେଲେ ବାଇକ୍ ରାଲିରେ। ରାମନବମୀ ଅବସରରେ ହନୁମାନ ଜୟନ୍ତୀ ସମନ୍ୱୟ ସମିତି ପକ୍ଷରୁ ବିଶାଳ ବାଇକ ରାଲିର ଆୟୋଜନ କରାଯାଇଥିଲା। ସମିତିର ଅଧ୍ୟକ୍ଷ ବିଧାୟକ ଜୟ ନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ଏହି ରାଲି ଅନୁଷ୍ଠିତ ହୋଇଥିଲା। ରାଲି ପ୍ରଥମେ ଗୋବିନ୍ଦତୋଲରୁ ଆରମ୍ଭ ହୋଇ ଧନୁପାଲି, ଜେଲ ଛକ, ଭୁତା ପଡ଼ା ଛକ, ମୋତିଝରଣ, ସୁନାପାଲି, ଧନକଉଡ଼ା, ସାକ୍ଷୀପଡ଼ା, ଭିଏସଏସ ମାର୍ଗ, ଜିଲ୍ଲା ସ୍କୁଲ ଛକ, ଶକ୍ତି ଛକ, ଗେଟି ଟକିଜ ରାସ୍ତା, କୁଞ୍ଜେଲ ପଡ଼ା ଦେଇ ଗଙ୍ଗାଧର ମଣ୍ଡପରେ ପହଞ୍ଚିଥିଲା। ମଣ୍ଡପରେ ଏକ ସାଧାରଣ ସଭାର ଆୟୋଜନ ହୋଇଥିଲା। ରାଲିରେ ହଜାର ହଜାର ସଂଖାରେ ବାଇକ୍ ଚାଳକମାନେ ସାମିଲ ଥିଲେ। ହାତରେ ଝଣ୍ଡା ଧରି ଜୟ ଶ୍ରୀରାମ ନାରା ଦେଇ ଆଗକୁ ବଢ଼ୁଥିଲେ।

## ସମ୍ବେଦନଶୀଳ ସ୍ଥାନକୁ ତୀକ୍ଷ୍ଣ ନଜର

୪ଜଣ ଅତିରିକ୍ତ ଏସ୍‌ପି, ୧୨ଜଣ ଡେପୁଟି ଏସ୍‌ପି, ଇନିସପେକ୍ଟର ୩୯ ଜଣ, ଏସଆଇ ଓ ଏଏସଆଇ ୧୦୧ଜଣ, କନେଷ୍ଟବଲ ୧୫୫ ଜଣ, ମହିଳା କନଷ୍ଟେବଲ ୨୦ ଜଣ, ଟ୍ରାଫିକ କନେଷ୍ଟବଲ ୩୦ ଜଣ, ହୋମଗାର୍ଡ ୧୫୨ ଜଣ, ୧୭ ପ୍ଲାଟୁନ ଫୋର୍ସ ସହ ବିଏସଏଫ ଗୋଟେ କମ୍ପାନୀ ଓ ସିଆରପିଏଫ ୨କମ୍ପାନୀ ମୁତୟନ ରହିଥିଲେ। ସମ୍ବେଦନଶୀଳ ସ୍ଥାନରେ ପୁଲିସର ତୀକ୍ଷ୍ଣ ନଜର ରହିଥିଲା। ବିଶେଷ ଭାବେ ୨୦୨୩ ମସିହାରେ ହୋଇଥିବା ପଥର ମାଡ ସ୍ଥାନରେ ପୁଲିସର ଅଧିକ ନଜର ରହିଥିଲା। ଖୋଦ ଏସପି ମୁକେଶ ଭାମୁ ଉପସ୍ଥିତ ରହି ରାଲିକୁ ପରିଚାଳନା କରିଥିଲେ।

## ମୋତିଝରଣ ଅଞ୍ଚଳରେ ପୁଲିସର ଯାଞ୍ଚ



**ସମ୍ବଲପୁର, ୧୦।୪ (ସମିସ) :** ୨୦୨୩ ରେ ହନୁମାନ ଜୟନ୍ତୀ ପୂର୍ବରୁ ଏପ୍ରିଲ ୧୨ ତାରିଖ ବାଇକ୍ ରାଲି ଉପରକୁ ପଥରମାଡ଼ ଓ ପରବର୍ତ୍ତୀ ସମୟରେ ପୋଡ଼ାଜଳା, କର୍ଫ୍ୟୁ ଏବଂ ଇଣ୍ଟରନେଟ୍ ସେବା ବନ୍ଦ ଆଦି ଅଭାବନୀୟ ପରିସ୍ଥିତି ପରେ ୨୦୨୫ରେ କୌଣସି ଧାର୍ମିକ ଶୋଭାଯାତ୍ରାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁମତି ଦିଆଯାଇ ନ ଥିଲା। ଏହାପରେ ଗତବର୍ଷ ପୁଲିସର କଡ଼ା ପହରା ମଧ୍ୟରେ ହନୁମାନ ଜୟନ୍ତୀ ପାଳିତ ହୋଇଥିବାବେଳେ ଚଳିତବର୍ଷ ମଧ୍ୟ ଏହାକୁ ଭବ୍ୟ ଭାବରେ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଗତକାଲି ସମ୍ବଲପୁରର ବିଭିନ୍ନ ଅଞ୍ଚଳରେ ସିଆର୍‌ପିଏଫ୍, ବିଏସ୍‌ଏଫ୍ ଏବଂ ପୁଲିସ ଫୋର୍ସ ଫ୍ଲାଗ୍ ମାର୍ଚ୍ଚ କରିଥିଲା। ଶୁକ୍ରବାର ସକାଳେ ବାଇକ୍ ଶୋଭାଯାତ୍ରାର ରୁଟ୍ ଅଧୀନ ଧନୁପାଲି ଥାନା ଅନ୍ତର୍ଗତ ମୋତିଝରଣ ଅଞ୍ଚଳରେ ସମ୍ବଲପୁର ପୁଲିସ ପକ୍ଷରୁ ଘରକୁ ଘର ଯାଞ୍ଚ କରାଯାଇଥିଲା। ଏହି ଯାଞ୍ଚରେ ବମ୍ ସ୍କ୍ୱାଡ୍, ଡଗ୍ ସ୍କ୍ୱାଡ୍, ମେଟାଲ ଡିଟେକ୍ଟର ଏବଂ ଡ୍ରୋନ୍ କ୍ୟାମେରା ସାମିଲ ରହିଥିଲା। ପୁଲିସ ଫୋର୍ସ ଗଳି, ଘର, ଛାତ ଉପର, ନାଳ ଆଦି ତନ୍ନତନ୍ନ କରି ଯାଞ୍ଚ କରାଯାଇଥିଲା। ଏହାପରେ ଜିଲ୍ଲା ପରିଷଦ ପ୍ରେକ୍ଷାଳୟରେ ସମ୍ବଲପୁର ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମୁଙ୍କ ଅଧ୍ୟକ୍ଷତାରେ ବାଇକ୍ ରାଲି ଏବଂ ହନୁମାନ ଜୟନ୍ତୀ ପାଳନକୁ ନେଇ ସମସ୍ତ ଅଧିକାରୀ ଏବଂ ପୁଲିସ ଫୋର୍ସଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମୁ କହିଛନ୍ତି, ସମ୍ବେଦନଶୀଳ ସ୍ଥାନ ମାନଙ୍କରେ ପୁଲିସ ମୁତୟନ ସହ ସ୍ଥିତି ଉପରେ କଡ଼ା ନଜର ରଖାଯାଇଛି। ଆଜି ବାଇକ୍ ରାଲି ସମୟରେ ୨୭ ପ୍ଲାଟୁନ୍ ଫୋର୍ସ ଏବଂ ୧୫୮ ଜଣ ଅଧିକାରୀ ମୁତୟନ ହୋଇଛନ୍ତି। ପାରା ମିଲିଟାରୀ ଫୋର୍ସ ସହ ଆବଶ୍ୟକ ସ୍ଥଳେ ପାଖ ଜିଲ୍ଲାରୁ ପୁରୁଣା ଅଧିକାରୀ ମାନଙ୍କୁ ଅଣାଯାଇଛି। ବାଇକ୍ ରାଲିର ରୁଟ୍ ପ୍ରାୟ ୧୨ କିଲୋମିଟର ରହିଛି। ସମସ୍ତ ସମ୍ବେଦନଶୀଳ ସ୍ଥାନରେ ପୁଲିସ ମୁତୟନ ଥିବାବେଳେ ଶାନ୍ତିପୂର୍ଣ୍ଣ ଭାବେ ସମାପନ ହେବ ବୋଲି ସେ କହିଛନ୍ତି।

## ପାର୍ବତୀ ଗିରି ଉଠା ଜଳସେଚନ ପ୍ରକଳ୍ପ ଟେଣ୍ଡରର ଅନୁମୋଦନ

**ସମ୍ବଲପୁର, ୧୦।୪(ସମିସ):** ପାର୍ବତୀ ଗିରି ଉଠା ଜଳ ସେଚନ ପ୍ରକଳ୍ପ ଟେଣ୍ଡରକୁ ଓଡ଼ିଶା କ୍ୟାବିନେଟରେ ଅନୁମୋଦନ ମିଳିଛି। ଏହି ପ୍ରକଳ୍ପ ଅଧିନରେ ସମ୍ବଲପୁର ଜିଲ୍ଲାରେ କ୍ଲଷ୍ଟର-୨୭ ନିର୍ମାଣ, ପରିଚାଳନା ଓ୍‌ରରକ୍ଷଣାବେକ୍ଷଣା ପାଇଁ କ୍ୟାବିନେଟ ୨୨୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଟେଣ୍ଡର ପାଇଁ ଅନୁମୋଦନ କରିଛି। ଏଥିପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଦେଇଛନ୍ତି। ଏହି ଯୋଜନାରେ ୪ଟି ପ୍ରକଳ୍ପ ଜରିଆରେ ହୀରାକୁଦ ଜଳଭଣ୍ଡାରରୁ ଜଳ ଉଠାଣ କରି ଜିଲ୍ଲାର ୫୪ଟି ଗ୍ରାମର ୬୨୧୦ ହେକ୍ଟର ଚାଷଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯିବ। ଏହା ଚାଷୀମାନଙ୍କ ସାମାଜିକ ଓ ଆର୍ଥୀକ ଉନ୍ନତିରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ମନ୍ତ୍ରୀ ଏକ୍ସରେ ସୂଚନା ଦେଇଛନ୍ତି।

## ଆମ୍ବେଦକର ଜୟନ୍ତୀ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା

**ସମ୍ବଲପୁର, ୧୦।୪ (ସମିସ) :** ଆସନ୍ତା ୧୪ ତାରିଖ ଭାରତର ସମ୍ବିଧାନ ପ୍ରଣେତା ଡ. ଭୀମରାଓ ରାମଜୀ ଆମ୍ବେଦକରଙ୍କର ୧୩୫ତମ ଜନ୍ମବାର୍ଷିକୀ ପାଳନ ଅବସରରେ ଡ. ବି.ଆର. ଆମ୍ବେଦକର ସୋସିଆଲ ୱେଲଫେଆର ଫେଡେରେସନ, ସମ୍ବଲପୁର ତରଫରୁ ହାଇସ୍କୁଲସ୍ତରୀୟ ତର୍କ, ସାଧାରଣ ଜ୍ଞାନ ଏବଂ ପ୍ରବନ୍ଧ ଲିଖନ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଏବଂ ବୁଢ଼ାରଜା ବାଳିକା ଉଚ୍ଚବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ସହଯୋଗରେ ଏହା ଆୟୋଜିତ ହୋଇଥିଲା। ତର୍କ ପ୍ରତିଯୋଗିତାରେ ବିକାଶ ଦ କନସେପ୍ଟ ସ୍କୁଲ, ଶାସନର ଅନ୍ୱେଷା ପାଣିଗ୍ରାହୀ ପ୍ରଥମ, ଗୁରୁନାନକ ପବ୍ଲିକ ସ୍କୁଲର ପ୍ରକୃତି ଜେନା ଦ୍ୱିତୀୟ ଏବଂ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଧନୁପାଲିର ଅଦ୍ୟାଶା ପଟ୍ଟନାୟକ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ବାଳିକା ଉଚ୍ଚବିଦ୍ୟାଳୟ, ସମ୍ବଲପୁରର ନିକିତା ସାହୁ ପ୍ରଥମ, ଶ୍ରୀଗଣେଶ ବାଳିକା ଉଚ୍ଚବିଦ୍ୟାଳୟର ଶିପାଲି ବିଭାର ଦ୍ୱିତୀୟ ଏବଂ ସରକାରୀ ଉଚ୍ଚବିଦ୍ୟାଳୟ, ଚିପିଲିମାର



କ୍ରିତିକା ସୁନା ତୃତୀୟ ଏବଂ ପ୍ରବନ୍ଧ ପ୍ରତିଯୋଗିତାରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଧନୁପାଲିର ସିକୃତି ନାୟକ ପ୍ରଥମ, ଗୁରୁନାନକ ପବ୍ଲିକ ସ୍କୁଲର ସିଦ୍ଧିଦାତ୍ରୀ ପତି ଦ୍ୱିତୀୟ ଓ ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ଅନନ୍ୟା ମହାନନ୍ଦ ତୃତୀୟ ସ୍ଥାନ ଅଧିକାର କରିଥିଲେ। କୃତି ପ୍ରତିଯୋଗୀଙ୍କୁ ଆସନ୍ତା ୧୯ ତାରିଖ ଓଡ଼ିଶା ସାଂସ୍କୃତିକ ସମାଜଠାରେ ହେବାକୁ ଥିବା କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ। କାର୍ଯ୍ୟକ୍ରମ ଆୟୋଜନରେ ଫେଡେରେସନର ସଭାପତି ଇଂ ଦ୍ୱିତିଆ ଗର୍ଡ଼ିଆ, ଉପଦେଷ୍ଟା ଇଂ ବୀରେନ୍ଦ୍ର ଜଗତ, କାର୍ଯ୍ୟକାରୀ ସଭାପତି ବରୁଣ ସୁନା, ସମ୍ପାଦକ କ୍ଷେତ୍ରମଣି ବିଭାର, ଗଣେଶ ହରିପାଲ, ରାଜେଶ କୁମ୍ଭାର, ଗିରିଧାରୀ ଖୁରା, ଜଗମୋହନ ନାଗ, ରିତେଶ ନାଗ, ଅନୁପମା ନାଗ ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷକ କ୍ଷୀରୋଦ ପ୍ରଧାନ, ଆହ୍ଲାଦିନୀ ନାଥ, ଅସନିଧର ସା, ସୁରମା ଗଡ଼ନାୟକ, ସୁଶାନ୍ତ କୁମାର ସାହୁ, ଟି. ରମେଶ ଯଥାକ୍ରମେ ତର୍କ, ପ୍ରବନ୍ଧ ଏବଂ ସାଧାରଣ ଜ୍ଞାନ ପ୍ରତିଯୋଗିତାର ବିଚାରକ ଥିଲେ। ଜିଲ୍ଲା ଶିକ୍ଷା ବିଭାଗ ତରଫରୁ ଯୁଗଳ କିଶୋର ପେରା ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁବ୍ରତା ପତି ତଥା ଶିକ୍ଷକ ଶିକ୍ଷୟିତ୍ରୀମାନେ ପ୍ରତିଯୋଗିତା ସଞ୍ଚାଳନ କରିଥିଲେ।

## ମୁକ୍ତ ବିଶ୍ୱବିଦ୍ୟାଳୟରେ 'ଲୋକକଳା ପାଇଁ ଦିନଟିଏ'

**ସମ୍ବଲପୁର, ୧୦।୪ (ସମିସ) :** ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସ୍‌ଓୟୁ) ପକ୍ଷରୁ ଓଡ଼ିଆ ପକ୍ଷ ୨୦୨୬ର ଦଶମ ଦିନକୁ 'ଲୋକକଳା ପାଇଁ ଦିନଟିଏ' ଦିବସ ଭାବେ ପାଳନ କରାଯାଇଛି। ଏହି ଅବସରରେ ଓଡ଼ିଆ ବିଭାଗର ଛାତ୍ର ହେମନ୍ତ ଦୀପଙ୍କ ଦ୍ୱାରା ଲୋକଗୀତ, ଓଡ଼ିଆ ବିଭାଗର ଛାତ୍ରୀ ଦିବ୍ୟା ଯାନୀଙ୍କ ଦ୍ୱାରା ଲୋକନୃତ୍ୟ ପ୍ରଦର୍ଶନ କରାଯାଇଥିଲା। ଏଥିସହିତ ଛାତ୍ରଙ୍କ ସହ ଅଧ୍ୟାପକ ଡ. ସତନ ବାଗ ଓ ରାଧାକାନ୍ତ ସୁନାଙ୍କ ମିଳିତ ଲୋକବାଦ୍ୟ ମଧ୍ୟ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ଶ୍ୟାମସୁନ୍ଦର ପଟ୍ଟନାୟକ, କୁଳସଚିବ ଚିତ୍ତରଞ୍ଜନ ସାହୁ, ପରୀକ୍ଷା ନିୟନ୍ତ୍ରକ ଡ. ଉମା ଚରଣ ପତି, ଉପକୁଳସଚିବ ସରୋଜକାନ୍ତ ନାୟକ, ବିଦ୍ୟାଳୟ ସମୂହର ଅଧକ୍ଷ ମୁଖ୍ୟ ଡ. ସଚ୍ଚିଦାନନ୍ଦ ବକ୍ସି, ଆଭ୍ୟନ୍ତରୀଣ ଗୁଣବତ୍ତା ନିଶ୍ଚିତତା କେନ୍ଦ୍ର ନିର୍ଦ୍ଦେଶକ ଡ. ଆଶିଷ ଦାଶ, ଓଡ଼ିଆ ବିଭାଗ ମୁଖ୍ୟ ଡ. ଲକ୍ଷ୍ମୀନାରାୟଣ ପାଣିଗ୍ରାହୀଙ୍କ ସମେତ ଅନ୍ୟ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଓଡ଼ିଶାର ଲୋକସଂସ୍କୃତି, ଲୋକ ପରମ୍ପରାର ସଂରକ୍ଷଣ ଓ ପ୍ରଚାର ପ୍ରସାର ପାଇଁ ଲୋକକଳାକୁ ଉଜ୍ଜୀବିତ କରି ରଖିବାସହ ଲୋପ ପାଇ ଯାଉଥିବା ଲୋକକଳା ଗୁଡ଼ିକର ସଂରକ୍ଷଣ ନିମନ୍ତେ ଉଦ୍ୟମ ଆବଶ୍ୟକ ବୋଲି ମତପ୍ରକାଶ ପାଇଥିଲା।



## ବିଶ୍ୱ ହୋମିଓପାଥି ଦିବସ ପାଳିତ

**ସମ୍ବଲପୁର, ୧୦।୪(ସମିସ):** ମାଝିପାଲି ସ୍ଥିତ ଓଡ଼ିଶା ମେଡିକାଲ କଲେଜ ଅଫ୍ ହୋମିଓପାଥି ଆଣ୍ଡ ରିସର୍ଚ୍ଚ ପକ୍ଷରୁ ବିଶ୍ୱ ହୋମିଓପାଥି ଦିବସ ତଥା ହୋମିଓପାଥିର ଜନକ ଡ଼ଃ ଖ୍ରୀଷ୍ଟିୟାନ୍ ଫ୍ରେଡ୍ରିକ ସାମୁଏଲ ହାନେମନଙ୍କ ୨୭୧ ତମ ଜନ୍ମଦିବସ ପାଳିତ ହୋଇଛି। ହୋମିଓପାଥି ଚିକିତ୍ସା ବିଜ୍ଞାନ ବିଷୟରେ ସଚେତନତା ସୃଷ୍ଟି ପାଇଁ ଛାତ୍ରଛାତ୍ରୀ ମାନେ ସହରରେ ସଚେତନତା ପଦଯାତ୍ରା କରିଥିଲେ। କାର୍ଯ୍ୟକ୍ରମର ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କଲେଜ ପ୍ରାଙ୍ଗଣରେ ଏକ ନୂତନ ଅତିଥି ଗୃହକୁ ଉଦଘାଟନ କରିଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ କୃତି ଛାତ୍ର ଛାତ୍ରୀଙ୍କୁ ପୁରସ୍କାର ଦିଆଯାଇଥିଲା। କଲେଜର ଅଧ୍ୟକ୍ଷ ଡ. ଦିପ୍ତିକାନ୍ତ ସିଂ ଅଧ୍ୟକ୍ଷତାରେ କରିଥିଲେ। ଚିକିତ୍ସାଳୟର ଅଧିକ୍ଷିକ ଡ. ଦୀପକ ବର୍ମା, ମୁଖ୍ୟବକ୍ତା ଭାବରେ ପୁରାତନ ଅଧ୍ୟକ୍ଷା ଡ. ଜ୍ୟୋସ୍ନାମୟୀ ମହାରଣା, ଛାତ୍ର କଲ୍ୟାଣ ସମିତିର ଉପଦେଷ୍ଟା ଡ. ଅରୂପ ଆନନ୍ଦ ଦାସ ଓ ଅନ୍ୟାନ୍ୟ ଅଧ୍ୟାପକ ଅଧ୍ୟାପିକା ସହିତ ଛାତ୍ର କଲ୍ୟାଣ ସମିତିର ସଭାପତି ପଳାଶ ରଞ୍ଜନ ପାଲ୍, ଉପସଭାପତି ରାଜ୍ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବରୁ ହୋମିଓପାଥି ସପ୍ତାହ ପାଳନ କରାଯାଇଥିଲା।

## ରାଜ୍ୟସ୍ତରୀୟ ମିନି ଓ ସବ୍‌ଜୁନିଅର ବ୍ୟାଡମିଣ୍ଟନ ପ୍ରତିଯୋଗିତା



**ସମ୍ବଲପୁର, ୧୦।୪ (ସମିସ) :** ବୀର ସୁରେନ୍ଦ୍ର ସାଏ ଇନ୍‌ଡୋର୍ ବ୍ୟାଡମିଣ୍ଟନ ହଲ୍‌ଠାରେ ଓଡ଼ିଶା ବ୍ୟାଡମିଣ୍ଟନ ସଂଘ ଆନୁକୂଲ୍ୟରେ ତଥା ଜିଲ୍ଲା ବ୍ୟାଡମିଣ୍ଟନ ସଂଘ ସହଯୋଗରେ ମିନି (୯ ବର୍ଷରୁ କମ ଓ ୧୧ ବର୍ଷରୁ କମ) ତଥା ସବ-ଜୁନିଅର (୧୩ ବର୍ଷରୁ କମ) ରେଙ୍କିଙ୍ଗ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ୧୦ରୁ ୧୨ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେଉଛି। ଆଜି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ବରିଷ୍ଠ ସାମ୍ବାଦିକ ହେମନ୍ତ ମହାପାତ୍ର ଯୋଗ ଦେଇଥିବାବେଳେ ଅତିଥି ଭାବରେ ଜିଲ୍ଲା ଓ ରାଜ୍ୟ ବ୍ୟାଡମିଣ୍ଟନ ସଂଘର ପଦାଧିକାରୀ - ଓଏସବିଏର ସାଧାରଣ ସମ୍ପାଦକ ନୀଳିନ କୁମାର, ଯୁଗ୍ମ ସମ୍ପାଦକ ଜୟ ପ୍ରକାଶ ସିଂ, କୋଷାଧକ୍ଷ ପ୍ରଦୀପ କୁମାର ମହାନ୍ତି, ଟିଓ ଅବଜର୍ଭର ସମୀର କୁମାର ସାହୁ, ସମ୍ବଲପୁର ଜିଲ୍ଲା ବ୍ୟାଡମିଣ୍ଟନ ସଂଘର ଉପସଭାପତି ବିକ୍ରମ ପ୍ରଧାନ, ପ୍ରବୀଣ ବେହେରା, ଯୁଗ୍ମ ସମ୍ପାଦକ ଅଭିଷେକ ବିଶ୍ୱାସ ତଥା ଜିଲ୍ଲା ବ୍ୟାଡମିଣ୍ଟନ ସଂଘର କୋଷାଧକ୍ଷ ଓ ଟୁର୍ଣ୍ଣାମେଣ୍ଟର ମୁଖ୍ୟ ମ୍ୟାଚ ରେଫରି ଲକ୍ଷପତି ନନ୍ଦ ଉପସ୍ଥିତ ଥିଲେ। ଅତିଥିମାନେ କହିଲେ ଯେ, ଏହି ବୟସରେ ହିଁ ମୂଳଦୁଆ ପଡ଼ିଥାଏ, ସେଥିପାଇଁ ଆଜିର ଦିନରେ ଶିକ୍ଷାନୀତିରେ ମଧ୍ୟ ପ୍ରାଥମିକ ଅବସ୍ଥାରୁ ବିଶେଷ ଧ୍ୟାନ ଦେବାର ବ୍ୟବସ୍ଥା କରାଯାଉଛି। ତିନିଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଏହି ରେଙ୍କିଙ୍ଗ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟକୁ ଓଡ଼ିଶା ବ୍ୟାଡମିଣ୍ଟନ ସଂଘ ଦ୍ୱାରା ଅନୁବନ୍ଧିତ ଅମ୍ପାୟାରମାନେ ପରିଚାଳନା କରୁଛନ୍ତି। ଉଦ୍‌ଘାଟନୀ ସଭା ପରିଚାଳନାରେ ଟିକେଶ୍ୱର ସାହୁ, ସୂର୍ଯ୍ୟ ପାଣିଗ୍ରାହୀ, ଅନନ୍ତ ବେହେରା, ବାବୁଲୁ ପ୍ରଧାନ ଓ ମଣି ବେଜି ସହଯୋଗ କରିଥିଲେ।

## ଜିଲ୍ଲା ଠିକାଦାର ସଂଘର ବୈଠକ

**ସମ୍ବଲପୁର, ୧୦।୪(ସମିସ):** ସମ୍ବଲପୁର ଜିଲ୍ଲା ଠିକାଦାର ସଂଘର ବୈଠକ ସମ୍ବଲପୁର ସହରର ଏକ ଘରୋଇ ହୋଟେଲରେ ଅନୁଷ୍ଠିତ ହୋଇଛି। ସଭାପତି ପ୍ରଦୀପ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲା ବାହାରର କିଛି ଠିକାଦାର ଧାର୍ଯ୍ୟଦର ଠାରୁ କମରେ ଟେଣ୍ଡର ପକାଇ ଅତିନିମ୍ନମାନର କାମ କରୁଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ସମ୍ବଲପୁର ଜିଲ୍ଲାରେ ବାହାର ଜିଲ୍ଲାର ଠିକାଦାରଙ୍କୁ ବିରୋଧ କରାଯିବା ବୋଲି ନିଷ୍ପତ୍ତି ହୋଇଥିଲା। ବାହାର ଜିଲ୍ଲା ଠିକାଦାରଙ୍କ କାମକୁ ତର୍ଜମା କରାଯିବ ବୋଲି ସ୍ଥିର ହୋଇଥିଲା। ସେହିପରି ସମ୍ବଲପୁର ଜିଲ୍ଲାର ଠିକାଦାରମାନେ ଧାର୍ଯ୍ୟ ଦରରେ ଟେଣ୍ଡର ପକାଇବାକୁ ପରାମର୍ଶ ଦିଆଯାଇଥିଲା। ଏହି ବୈଠକରେ ସମ୍ବଲପୁରର ସତ୍ୟସ୍ୱରୂପ ସିଥ, ସୟଦ ଅବଦୁଲ ସିରାଜ, ରୁଦ୍ର ମହାପାତ୍ର, ପ୍ରଶାନ୍ତ କୁମାର ସାମନ୍ତରାୟ, କୃପାସିନ୍ଧୁ ପ୍ରଧାନ, ସୁରଜ ଦାସ, କୁଚିଣ୍ଡାର ସୁଶୀଲ ନାୟକ, ଟିନୁ ମହାନ୍ତି, ରାଜୀବ ନାୟକ, ରେଢ଼ାଖୋଲର ରାଜୀବ ଲୋଚନ ପ୍ରଧାନ, ବିକାଶ ଦାଶ, ଖଗେଶ୍ୱର ପ୍ରଧାନ ଓ ଅନ୍ୟ ଠିକାଦାରମାନେ ଉପସ୍ଥିତ ଥିଲେ।

## ବିଶ୍ୱ ହୋମିଓପ୍ୟାଥି ଦିବସ ଅବସରରେ କାର୍ଯ୍ୟକ୍ରମ

**ସମ୍ବଲପୁର, ୧୦।୪ (ସମିସ) :** ସମ୍ବଲପୁର ଟାଉନ ଡିସ୍ପେନସାରି, ବେହେରାମୁଣ୍ଡା, ସମ୍ବଲପୁରରେ ବିଶ୍ୱ ହୋମିଓପ୍ୟାଥି ଦିବସ ଉପଲକ୍ଷେ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଚଳିତବର୍ଷର ବିଷୟ ଥିଲା 'ସ୍ଥାୟୀ ସ୍ୱାସ୍ଥ୍ୟ ନିମିତ୍ତ ହୋମିଓପ୍ୟାଥି' (ହୋମିଓପାଥି ଫର୍ ସସ୍‌ଟେନେବଲ୍ ହେଲ୍‌ଥ)। ଏହି କାର୍ଯ୍ୟକ୍ରମରେ ଡା. ବନ୍ଦନା ସେଠ (ଏଚ୍‌ଏମ୍‌ଓ), ବିଷ୍ଣୁପ୍ରିୟା ଦାଶ (ଏଚ୍‌ଏ), ଭବାନୀ ସୁହୁଲା ଓ ଅଭିରାମ କଣ୍ଡୁଲିନା ଉପସ୍ଥିତ ଥିଲେ। ମୁଖ୍ୟଅତିଥି ଭାବେ ନେତାଜୀ କ୍ଲବ ସଭ୍ୟ ଗଣେଶ ପଲିୱାଲ ଯୋଗ ଦେଇଥିବାବେଳେ ଅତିଥି ଭାବେ ସନ୍ତୋଷ ସାହୁ, ଗୌତମ ସାହାନୀ, ଦୁର୍ଯ୍ୟୋଧନ, ସଞ୍ଜୟ ଅଗ୍ରୱାଲ ଓ ସୁବାସ ପଟେଲ ଉପସ୍ଥିତ ଥିଲେ। ଅତିଥିମାନେ ହୋମିଓପ୍ୟାଥି ଚିକିତ୍ସା ପଦ୍ଧତିର ଗୁରୁତ୍ୱ, ଏହାର ସୁରକ୍ଷିତ ଓ ପ୍ରାକୃତିକ ଚିକିତ୍ସା ପ୍ରଣାଳୀ ଭାବେ ଭୂମିକା ଏବଂ ଦୀର୍ଘକାଳୀନ ରୋଗରେ ଏହାର ପ୍ରଭାବଶୀଳତା ବିଷୟରେ ବକ୍ତବ୍ୟ ରଖିଥିଲେ।



## ମହିଳା କଲେଜରେ ଛାତ୍ରୀଙ୍କୁ ମାନସିକ ନିର୍ଯାତନା ଅଭିଯୋଗ

**ସମ୍ବଲପୁର, ୧୦।୪ (ସମିସ) :** ସମ୍ବଲପୁର ମହିଳା ମହାବିଦ୍ୟାଳୟରେ ଛାତ୍ରୀଙ୍କୁ ଅଶାଳୀନ ମନ୍ତବ୍ୟ ଦିଆଯାଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ସବୁ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି। ଇଂରାଜୀ ବିଭାଗର ଜଣେ ଅଧ୍ୟାପକଙ୍କ ବିରୋଧରେ ଜଣେ ନୁହେଁ, ପାଞ୍ଚ ଜଣ ଛାତ୍ରୀ ଅଭିଯୋଗ କରିଛନ୍ତି। ସମ୍ପୃକ୍ତ ଅଧ୍ୟାପକ ଜଣକ ଜଣେ ଅଭ୍ୟାସଗତ ଦୁର୍ବ୍ୟବହାରକାରୀ ବୋଲି କୁହାଯାଉଛି। ସମାନ ଅଭିଯୋଗ ହେବାପରେ ତାଙ୍କୁ ସୁନ୍ଦରଗଡ଼ କଲେଜରୁ ବଦଳି କରାଯାଇଥିଲା। ତେବେ, ଏଭଳି ଜଣେ ଅଧ୍ୟାପକଙ୍କୁ ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟକୁ କିପରି ବଦଳି କରାଗଲା ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ମାମଲାକୁ କଲେଜର ୪ଟି କମିଟିକୁ ତଦନ୍ତ ପାଇଁ ଦିଆଯାଇଥିବାବେଳେ ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟର ଆଞ୍ଚଳିକ ନିର୍ଦ୍ଦେଶକ ମଧ୍ୟ ମହାବିଦ୍ୟାଳୟକୁ ଆସି ଏହି ମାମଲାର ତଦନ୍ତ କରିଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, ଗତ ୧୯ ତାରିଖରେ ପାଞ୍ଚ ଜଣ ଛାତ୍ରୀ ସେମାନଙ୍କୁ ସମ୍ପୃକ୍ତ ଇଂରାଜୀ ବିଭାଗ ଅଧ୍ୟାପକ ଅଶ୍ଳୀଳ ଟିପ୍ପଣୀ କରି ମାନସିକ ନିର୍ଯାତନା ଦେଇଥିବା ଅଭିଯୋଗ କରିଥିଲେ। ଅଭିଯୋଗକାରୀ ଉଭୟ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରୀ ରହିଛନ୍ତି। ଗୋଟିଏ ଅଭିଯୋଗ ପତ୍ରରେ ଜଣେ ଏବଂ ଅନ୍ୟ ଏକ ଅଭିଯୋଗ ପତ୍ରରେ ୪ ଜଣ ଛାତ୍ରୀ ସମ୍ପୃକ୍ତ ଇଂରାଜୀ ଅଧ୍ୟାପକଙ୍କ ବିରୋଧରେ ଅଭିଯୋଗ ଦାଖଲ କରିଛନ୍ତି। ଏପରିକି ଇଂରାଜୀ ବିଭାଗର ଜଣେ ଅଧ୍ୟାପିକା ମଧ୍ୟ ସମ୍ପୃକ୍ତ ଅଧ୍ୟାପକଙ୍କ ବିରୋଧରେ ଅଧ୍ୟକ୍ଷଙ୍କୁ ଅଭିଯୋଗ ଜଣାଇଛନ୍ତି। ଉକ୍ତ ଅଧ୍ୟାପକ ଜଣକ ଗତ ପ୍ରାୟ ୩ ବର୍ଷ ହେଲା ଏହି ମହାବିଦ୍ୟାଳୟରେ ଅଧ୍ୟାପନା କରୁଛନ୍ତି। ପୁଣି ଅଭିଯୋଗ ପରେ ମଧ୍ୟ ସମ୍ପୃକ୍ତ ଅଧ୍ୟାପକଙ୍କୁ କ୍ଲାସ ନେବାପାଇଁ ଅନୁମତି ଦିଆଯାଇଛି। ଏପରିସ୍ଥଳେ ଅଭିଯୋଗ କରିଥିବା ଛାତ୍ରୀମାନେ ଭୟଭୀତ ଅବସ୍ଥାରେ ରହିଥିବା କୁହାଯାଉଛି। କିଛି ଛାତ୍ରୀଙ୍କୁ ପ୍ରଭାବିତ କରି ତାଙ୍କ ସପକ୍ଷରେ କହିବାକୁ ସମ୍ପୃକ୍ତ ଅଧ୍ୟାପକ ଉଦ୍ୟମ କରୁଥିବା ମଧ୍ୟ ଅଭିଯୋଗ ହୋଇଛି।

ଓଡ଼ିଆ ଅଧ୍ୟାପକ ତଥା ବର୍ତ୍ତମାନ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ କହିଛନ୍ତି, ଅଭିଯୋଗ ପାଇବାପରେ ତୁରନ୍ତ ତାହାକୁ ୪ଟି କମିଟି - ଇଣ୍ଟରନାଲ୍ କମ୍ପ୍ଲେନ୍ କମିଟି, ଆଣ୍ଟି ସେକ୍ସୁଆଲ ହାରାସମେଣ୍ଟ କମିଟି, ଷ୍ଟୁଡେଣ୍ଟ ଗ୍ରୀଭେନ୍ସ ରିଡ୍ରେସାଲ୍ ସେଲ୍‌ଫ ଏବଂ ଷ୍ଟୁଡେଣ୍ଟ ଗ୍ରୀଭେନ୍ସ ରିଡ୍ରେସାଲ୍ କମିଟିକୁ ପଠାଯାଇଥିଲା। ସମସ୍ତ କମିଟି ତାହାର ତଦନ୍ତ ସମ୍ପୂର୍ଣ୍ଣ କରିଛନ୍ତି କିନ୍ତୁ ରିପୋର୍ଟ ହସ୍ତଗତ ହୋଇ ନ ଥିବା ପ୍ରଫେସର ଭୋଇ ସୂଚନା ଦେଇଛନ୍ତି। କମିଟି ତା'ର ରିପୋର୍ଟ ଦେବାପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। କଲେଜ କର୍ତ୍ତୃପକ୍ଷଙ୍କ କହିବାନୁଯାୟୀ, ଅଭିଯୋଗ ପରେ ତୁରନ୍ତ କମିଟିକୁ ରେଫର୍ କରାଯିବା ସହ ଉଚ୍ଚ ଶିକ୍ଷା ବିଭାଗକୁ ଏନେଇ ଅବଗତ କରାଯାଇଥିଲା। ଅଭିଯୋଗ ପାଇବାର ୭ ଦିନ ପାଇଁ କଲେଜ କର୍ତ୍ତୃପକ୍ଷ ସମ୍ପୃକ୍ତ ଇଂରାଜୀ ଅଧ୍ୟାପକଙ୍କୁ କ୍ଲାସ ନନେବା ପାଇଁ ବାରଣ କରିଥିଲେ। କିନ୍ତୁ ତଦନ୍ତ ସରିବାପରେ ଆଗକୁ ଥିବା ସେମିଷ୍ଟାର ପରୀକ୍ଷାକୁ ଦୃଷ୍ଟିରେ ରଖି ତାଙ୍କୁ କ୍ଲାସ ନେବାକୁ ଅନୁମତି ଦିଆଯାଇଥିଲା ବୋଲି ପ୍ରଫେସର ଭୋଇ କହିଛନ୍ତି।

## ଅଧ୍ୟାପକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ କେନ୍ଦ୍ର ଓ ରାଜ୍ୟ ଶିକ୍ଷାମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ

**ସମ୍ବଲପୁର, ୧୦।୪ (ସମିସ)**

ସରକାରୀ ମହିଳା ମହାବିଦ୍ୟାଳୟରେ ଛାତ୍ରୀଙ୍କ ସୁରକ୍ଷା ଓ ସମ୍ମାନ ନେଇ ଗଭୀର ଚିନ୍ତାଜନକ ପରିସ୍ଥିତି ସୃଷ୍ଟି ହୋଇଛି। ସମ୍ପ୍ରତି ଇଂରାଜୀ ବିଭାଗର ଜଣେ ଅଧ୍ୟାପକଙ୍କ ବିରୋଧରେ ଛାତ୍ରୀମାନଙ୍କ ପ୍ରତି ଅଶ୍ଳୀଳ ମନ୍ତବ୍ୟ ଓ ଅନୁଚିତ ବ୍ୟବହାର ନେଇ ଗୁରୁତର ଅଭିଯୋଗ ହୋଇଛି। ଆଜି ପ୍ରୋଗ୍ରେସିଭ ସମ୍ବଲପୁରର ଆବାହକ ସଞ୍ଜିତ ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମହିଳା ମହାବିଦ୍ୟାଳୟରେ ପହଞ୍ଚି ଅଧ୍ୟକ୍ଷାଙ୍କ ଅନୁପସ୍ଥିତିରେ ଦାୟିତ୍ୱରେ ଥିବା ଅଧ୍ୟାପକ ଯୋଗେଶ କୁମାର ଭୋଇଙ୍କୁ ସାକ୍ଷାତ କରି ଆଲୋଚନା କରିଥିଲେ। ଅନ୍ତଃଅଭିଯୋଗ କମିଟି ରିପୋର୍ଟ ଆସିବା ପୂର୍ବରୁ ଅଭିଯୁକ୍ତ ଅଧ୍ୟାପକଙ୍କୁ ଶ୍ରେଣୀକୁ ଯିବାରୁ ବଞ୍ଚିତ କରିବା ପାଇଁ ପ୍ରତିନିଧି ଦଳ ପକ୍ଷରୁ ଜୋରଦାର ଦାବି ଉଠାଯାଇଥିଲା। ସେମାନେ ଅଭିଯୋଗ କରିଥିଲେ ଯେ ଅଧ୍ୟାପକ ଜଣକ ଅଭିଯୋଗକାରୀ ଛାତ୍ରୀମାନଙ୍କୁ ଧମକ ଦେବା ସହ ତାଙ୍କ ପରିବାରକୁ ମଧ୍ୟ ଏହି ବିଷୟକୁ ଚାପିଦେବାକୁ ପ୍ରଭାବିତ କରୁଛନ୍ତି। ଅଧ୍ୟାପକଙ୍କ ଅଶ୍ଳୀଳ ମନ୍ତବ୍ୟ ଓ ବ୍ୟବହାରରେ ଛାତ୍ରୀମାନେ ବାରମ୍ବାର ପୀଡ଼ିତ ହେଉଥିବା ଅଭିଯୋଗ ଆସୁଛି। କିଛି ଛାତ୍ରୀ ଅଧ୍ୟକ୍ଷଙ୍କୁ ଲିଖିତ ଅଭିଯୋଗ କରିବା ପରେ ଅନ୍ତଃ ଅଭିଯୋଗ କମିଟି (ଆସିସି) ତଦନ୍ତ ଆରମ୍ଭ କରିଥିଲେ ମଧ୍ୟ, ତଦନ୍ତ ଶେଷ ପୂର୍ବରୁ ଉକ୍ତ ଅଧ୍ୟାପକଙ୍କୁ ପୁନର୍ବାର କ୍ଲାସ୍ ନେବାକୁ ଅନୁମତି ଦେଇଥିବାରୁ ଛାତ୍ରୀମାନେ ଭୟଭୀତ ଅବସ୍ଥାରେ ରହୁଛନ୍ତି। ଏହାସହ ସେମାନଙ୍କୁ ଧମକ ଦିଆଯାଉଥିବା ମଧ୍ୟ ଅଭିଯୋଗ ହେଉଛି।



ସୂଚନା ଥାଉ ଯେ ପୂର୍ବରୁ ମଧ୍ୟ ସୁନ୍ଦରଗଡ଼ କଲେଜରେ ଏହି ଅଧ୍ୟାପକଙ୍କ ବିରୋଧରେ ଏପରି ଅଭିଯୋଗ ଆସିଥିଲା, କିନ୍ତୁ କଠୋର କାର୍ଯ୍ୟାନୁଷ୍ଠାନ ବଦଳରେ ନିଜ ଗୃହ ଜିଲ୍ଲାକୁ ବଦଳି କରି ସମ୍ବଲପୁର ମହିଳା ମହାବିଦ୍ୟାଳୟ କରାଯାଇଥିଲା। ସେହିପରି କିଛି ମାସ ପୂର୍ବରୁ ଏହି ମହାବିଦ୍ୟାଳୟ ଅନ୍ୟ ଜଣେ ଅତିଥି ଅଧ୍ୟାପକଙ୍କ ବିରୋଧରେ ଅଭିଯୋଗ ଆସିଥିଲେ ମଧ୍ୟ, ବିରୋଧ କରିଥିବା ମହିଳା ଅଧ୍ୟାପିକାଙ୍କୁ ହିଁ କ୍ଲାସ୍‌ରୁ ବଞ୍ଚିତ କରାଯାଇଥିବାରୁ କଲେଜ କର୍ତ୍ତୃପକ୍ଷ ଭୂମିକା ଉପରେ ପ୍ରଶ୍ନ ଉଠିଛି। ଆଜି ଆଲୋଚନା ଚାଲୁଥିବା ସମୟରେ ସଞ୍ଜିତ ମହାନ୍ତି ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କୁ ଫୋନ୍‌ଯୋଗେ ସମ୍ପର୍କ କରି ଘଟଣାର ଗମ୍ଭୀରତା ଉପରେ ତାଙ୍କ ଦୃଷ୍ଟି ଆକର୍ଷଣ କରିଥିବା ସହ ଦୋଷୀ ଅଧ୍ୟାପକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ଶ୍ରୀ ସୂର୍ଯ୍ୟବଂଶୀ କଲେଜ କର୍ତ୍ତୃପକ୍ଷଙ୍କ ସହ କଥାହୋଇ ଶୀଘ୍ର ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରୋଗ୍ରେସିଭ ସମ୍ବଲପୁର ପ୍ରତିନିଧି ଦଳକୁ ପ୍ରତିଶ୍ରୁତି ଦେବାସହ ଏପରି ଘଟଣା ପ୍ରତି ତାଙ୍କ ଦୃଷ୍ଟି ଆକର୍ଷଣ କରିଥିବାରୁ ଧନ୍ୟବାଦ ଅର୍ପଣ କରିଥିଲେ। ଆଜିର ଏହି ଘଟଣାରେ ଉଚିତ୍ ପଦକ୍ଷେପ ନେବା ପାଇଁ ଶ୍ରୀ ମହାନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ମଧ୍ୟ ଦୃଷ୍ଟି ଆକର୍ଷଣ କରିଛନ୍ତି। ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ଘଟିଥିବା ଛାତ୍ରୀ ଆତ୍ମଦାହ ପରି ଘଟଣାର ଉଦାହରଣ ଦେଇ ଶ୍ରୀ ମହାନ୍ତି କହିଛନ୍ତି ଯେ ଏପରି ଘଟଣା ଶିକ୍ଷା ପ୍ରତିଷ୍ଠାନର ପରିବେଶକୁ ଅସୁରକ୍ଷିତ କରୁଛି ଏବଂ ଏହାକୁ କେବେ ମଧ୍ୟ ସହ୍ୟ କରାଯିବ ନାହିଁ। ତେଣୁ ସଠିକ୍ ସମୟରେ କଠୋର ଏବଂ ଦୃଢ଼ ପଦକ୍ଷେପ ନେବା ଅତ୍ୟାବଶ୍ୟକ। ଯଦି ଶୀଘ୍ର ନ୍ୟାୟସଂଗତ କାର୍ଯ୍ୟାନୁଷ୍ଠାନ ନ ହୁଏ, ତେବେ ଆଗାମୀ ଦିନରେ କଲେଜ ସମ୍ମୁଖରେ ଆନ୍ଦୋଳନ ପ୍ରତିବାଦ ସଭା ଜୋରଦାର ହେବ ବୋଲି ସେ ଚେତାବନୀ ଦେଇଛନ୍ତି। ଆଲୋଚନା ସମୟରେ ଶ୍ରମିକ ନେତା ଗୋକୁଳ ମେହେର, ଅଶୋକ ପଟେଲ, ମହମ୍ମଦ ଅଜିମ ଅଜ୍ଜୁ, ସଂଖ୍ୟାଲଘୁ ନେତା ମହମ୍ମଦ ଜାଫର ଖାନ, ସମାଜସେବୀ ପ୍ରଶାନ୍ତ ଥାପା, ମହେଶ ସତ୍ୟା, ଯୁବ ନେତା ସୁମିତ ପଟେଲ, ଯୁବନେତା ଦେବଜ୍ୟୋତି ପଟ୍ଟନାୟକ, ଛାତ୍ର ନେତା ଚୁମନ ପ୍ରଧାନ, ଆର୍ଯ୍ୟନ ବହିଦାର, ଶୁଭମ ସାହୁ, ପ୍ରିୟାଂଶୁ ପ୍ରଧାନ, ଶିବୁ ସେଠ, ଚିତ୍ରସେନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ବେଲପାହାଡ଼ ପୌର କାଉନସିଲ ବୈଠକରେ ଗଣ୍ଡଗୋଳ

# ପାଣ୍ଠି ବିନିଯୋଗକୁ ନେଇ ଅଧ୍ୟକ୍ଷ-ଉପାଧ୍ୟକ୍ଷ ସମର୍ଥକ ମୁହାଁମୁହିଁ

ଝାରସୁଗୁଡା, ୧୦।୪(ସମିସ)

ଝାରସୁଗୁଡା ଜିଲ୍ଲା ବେଲପାହାଡ ପୌରପରିଷଦରେ ଶୁକ୍ରବାର କାଉନସିଲ ବୈଠକ ଚାଲିଥିବା ସମୟରେ ଗଣ୍ଡଗୋଳ ହୋଇଛି। ବେଲପାହାଡ଼ ପୌର ପରିଷଦର ନଗରପାଳ ତଥା ଅଧ୍ୟକ୍ଷ ଓ ଉପନଗରପାଳ ତଥା ଉପାଧ୍ୟକ୍ଷଙ୍କ ସମର୍ଥକ କାଉନସିଲରଙ୍କ ମଧ୍ୟରେ ଏକ ନିର୍ଦ୍ଦିଷ୍ଟ ୱାର୍ଡରେ ପୌରପରିଷଦକୁ ଆସୁଥିବା ପାଣ୍ଠି ବିନିଯୋଗ କରାଯାଉଥିବା ଅଭିଯୋଗକୁ ନେଇ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥଲା। ଉଭୟପକ୍ଷର କାଉନସିଲରଙ୍କ ମଧ୍ୟରେ ବୈଠକରେ ପାଟିତୁଣ୍ଡ ସହ ପରସ୍ପରକୁ ପାଣି ବୋତଲ ଫିଙ୍ଗିଥିବା ଦେଖିବାକୁ ମିଳିଥିଲା। ଏହି ଘଟଣାକୁ ନେଇ ବେଲପାହାଡ ନଗରପାଳ ନିମାଇଁ ଚରଣ ପଣ୍ଡା ଓ ତାଙ୍କ ସମର୍ଥିତ ୮ ଜଣ କାଉନସିଲର ଝାରସୁଗୁଡା ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଅନୁରୂପ ଭାବରେ ଉପନଗରପାଳ ରୀନା ସୁନାଙ୍କ ସହ ତାଙ୍କ ସମର୍ଥିତ ୧୦ ଜଣ କାଉନସିଲରମାନେ ମଧ୍ୟ ଜିଲ୍ଲାପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ପୌରପରିଷଦକୁ ଆସିଥିବା ପାଣ୍ଠି ଏବଂ ଏହାର ବିନିଯୋଗକୁ ନେଇ ପ୍ରଶ୍ନ କରିବା ପରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିବା ଉପନଗରପାଳ ରୀନା ସୁନା



ଅଭିଯୋଗ କରିଛନ୍ତି। ବେଲପାହାଡ ପୌରପରିଷଦରେ କିଛି ନିର୍ଦ୍ଦିଷ୍ଟ ୱାର୍ଡରେ ବେଲପାହାଡ଼ ପୌର ପରିଷଦକୁ ଆସୁଥିବା ଅର୍ଥ ବିନିଯୋଗ କରାଯାଇ କାର୍ଯ୍ୟ କରାଯାଉଥିବା ବେଳେ ଅନ୍ୟ ୱାର୍ଡମାନଙ୍କୁ ଜାଣିଶୁଣି ଅବହେଳା କରାଯାଉଥିବା ନେଇ ଉପନଗରପାଳ ରୀନା ସୁନା ଓ ତାଙ୍କ ସାମର୍ଥିତ କାଉନସିଲରଗଣ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗକୁ ନଗରପାଳ ଏବଂ ତାଙ୍କ ସମର୍ଥିତ କାଉନସିଲରଗଣ ଖଣ୍ଡନ କରିଛନ୍ତି। ବେଲପାହାଡ ପୌରପରିଷଦରେ ହୋଇଥିବା ବିଭିନ୍ନ କାର୍ଯ୍ୟର ବକେୟା ପ୍ରାପ୍ୟ ଠିକାଦାରମାନଙ୍କୁ ପ୍ରଦାନ କରିବାପାଇଁ କାର୍ଯ୍ୟନିର୍ବାହୀ ଅଧିକାରୀ କାଉନସିଲ ବୈଠକରେ ଆଲୋଚନା ଆରମ୍ଭ କରିବାପରେ ଉପନଗରପାଳ ଏବଂ ତାଙ୍କ କାଉନସିଲରମାନେ ପାଟିତୁଣ୍ଡ କରିଥିବା ନେଇ ବେଲପାହାଡ଼ ନଗରପାଳ ଓ ତାଙ୍କ ସମର୍ଥକ କାଉନସିଲରମାନେ ଅଭିଯୋଗ କରିଛନ୍ତି। ଏହାସହ ବେଲପାହାଡ ପୌରପରିଷଦର ସମସ୍ତ ୱାର୍ଡରେ ଉନ୍ନତିମୂଳକ କାର୍ଯ୍ୟ କରାଯାଉଛି ଏବଂ

▸ ପରସ୍ପର ଉପରକୁ ଫିଙ୍ଗିଲେ ପାଣି ବୋତଲ
▸ ଉଭୟ ପକ୍ଷ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

ସମସ୍ତଙ୍କୁ ସେମାନଙ୍କ ବକେୟା ପ୍ରାପ୍ୟ ପ୍ରଦାନ କରାଯିବ ବୋଲି କୋରମ ନିଷ୍ପତ୍ତି ନେଇଥିବା ବେଲପାହାଡ ନଗରପାଳ ସୂଚନା ଦେଇଛନ୍ତି। ବେଲପାହାଡ଼ ପୌର ପରିଷଦର ନିର୍ବାଚିତ ପ୍ରତିନିଧିଙ୍କ କାଉନସିଲ ବୈଠକରେ ଏପରି ଘଟଣା ଅନେକ ଜନସାଧାରଣଙ୍କୁ ବ୍ୟଥିତ କରିଛି। ଜନପ୍ରତିନିଧି ତଥା କାଉନସିଲରମାନଙ୍କୁ ପୌରପରିଷଦର ଉନ୍ନତି ପାଇଁ ନିର୍ବାଚିତ କରାଯାଉଥିବା ବେଳେ କାଉନସିଲ ବୈଠକରେ ଏପରି ଘଟଣା ସମଗ୍ର ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଖୋଲିଲା ଜେରିଆଟିକ୍ ୱାର୍ଡ



**ଝାରସୁଗୁଡା, ୧୦।୪(ସମିସ):** ଝାରସୁଗୁଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୬୫ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ବ୍ୟକ୍ତିମାନଙ୍କୁ ସ୍ୱତନ୍ତ୍ର ଭାବେ ଚିକିତ୍ସା ଯୋଗାଇ ଦେବା ପାଇଁ ଶୁକ୍ରବାର ଏକ ଜେରିଆଟିକ୍ ୱାର୍ଡର ଉଦ୍‌ଘାଟନ କରାଯାଇଛି। ଏହି ଜେରିଆଟ୍ରିକ ୱାର୍ଡ ଉଦଘାଟନ ସମାରୋହରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ମହେଶ ମୋହନ ପଣ୍ଡା ମୁଖ୍ୟଅତିଥି ଭାବରେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡିଏମଓ ଏମଏସ ଡାକ୍ତର ଶଶି ଶେଖର ସେଠ, ହସ୍ପିଟାଲ ମ୍ୟାନେଜର ଆତିଶ କୁମାର ସ୍ୱାଇଁ, ଡିପିଏମ ଦୀପକ କୁମାର ମହାନ୍ତି, ସିନିୟର୍ ମେଡିକାଲ ଅଫିସର ଡାକ୍ତର ପି.ସି. ଦଳେଇ, ମେଡିକାଲ ସ୍ପେସିଆଲିଷ୍ଟ ଡାକ୍ତର ବି. ଡି. ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଜେରିଆଟ୍ରିକ ୱାର୍ଡରେ ୬୫ ବର୍ଷ ରୁ ଊର୍ଦ୍ଧ୍ୱ ବୟସ୍କ ବୃଦ୍ଧବୃଦ୍ଧା ରୋଗୀଙ୍କୁ ରଖାଯାଇ ତାଙ୍କର ସ୍ୱତନ୍ତ୍ର ଚିକିତ୍ସା କରାଯିବ। ୱାର୍ଡରେ ରୋଗୀମାନଙ୍କ ପାଇଁ ଇମ୍ପା ପ୍ରେସ ମସାଜ ମେସିନ, ୱାକିଂ ଷ୍ଟିକ, ଆରାମ ଷ୍ଟାଣ୍ଡ, ସ୍ପେସିଆଲ ଷ୍ଟ୍ରେଚର ଓ ହ୍ୱିଲ ଚେୟାର ଆଦିର ବ୍ୟବସ୍ଥା କରାଯାଇଛି।

## ଗୋସେବକ ସମ୍ମାନିତ



**ଝାରସୁଗୁଡା, ୧୦।୪(ସମିସ):** ଝାରସୁଗୁଡା ଜିଲ୍ଲାର ମରାକୁଟା ଗ୍ରାମରେ ଥିବା ଶିବ ମନ୍ଦିରଠାରେ ବିଜେପି ନେତା ମହେନ୍ଦ୍ର ଗୁରୁଙ୍କ ନେତୃତ୍ୱରେ ଗୋସେବକମାନଙ୍କୁ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଝାରସୁଗୁଡା ଗ୍ରାମୀଣ ମଣ୍ଡଳ ପ୍ରତିନିଧି ଗଙ୍ଗାଧର କଣ୍ଟା ଯୋଗ ଦେଇଥିଲେ। ମରାକୁଟା ଗ୍ରାମପଞ୍ଚାୟତରେ ଯେଉଁ ଗାଈ, ଗୋରୁଙ୍କ ଦୁର୍ଘଟଣା ହୁଏ ଅଥବା ସେମାନେ ଅସୁବିଧାର ସମ୍ମୁଖୀନ ହୁଅନ୍ତି ଏହି ପଞ୍ଚାୟତରେ ଥିବା ବଜରଙ୍ଗ ଦଳର ଯୁବକମାନେ ସେଠାରେ ପହଞ୍ଚି ସେମାନଙ୍କର ସେବା କରନ୍ତି। ଏଭଳି ସେବା ମନଭାବ ପାଇଁ ଆଜି ଗୋସେବକ ଅମର କୁମାର ସାହୁ, ଗୋଲବଦନ କାଲୋ, ପ୍ରଦୀପ ଅଗ୍ରୱାଲ, ବିଜେପି ଯୁବ ନେତା ରୋଶନ ଗୁରୁ, ବଜରଙ୍ଗ ଦଳର ସଭାପତି ଚୂଡ଼ାମଣି ରୋହିଦାସ, ସମ୍ପାଦକ ମହନ୍ତ ବାଗଙ୍କ ସମେତ ସମସ୍ତ ସଦସ୍ୟଙ୍କୁ ସମ୍ମାନିତ କରାଯାଇଥିଲା।

## ଜିଲ୍ଲାସ୍ତରୀୟ ଅନୁମୋଦନ କମିଟି ବୈଠକ

# ୪ ଗ୍ରାମର ୩୯ ପ୍ରକଳ୍ପ ପାଇଁ ୧.୬୦ କୋଟି ଅନୁମୋଦନ



**ଦେବଗଡ଼, ୧୦।୪(ସମିସ):** ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନାରେ ନୂତନ ଭାବେ ସାମିଲ ହୋଇଥିବା ଦେବଗଡ଼ ଜିଲ୍ଲାର ୪ ଗୋଟି ଗ୍ରାମର ସାମଗ୍ରିକ ବିକାଶ ପାଇଁ କାର୍ଯ୍ୟଖସଡ଼ା ଅନୁମୋଦନ ପାଇଁ ଜିଲ୍ଲାସ୍ତରୀୟ ଅନୁମୋଦନ କମିଟି ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣଙ୍କ ଆବାହକତ୍ୱ ଓ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ଯୋଜନାରେ ବାରକୋଟ ବ୍ଲକର ଅକ୍ଷରଶୀଳା, ରାଇତାବାହାଲ ଓ ରିଆମାଳ ବ୍ଲକର ସୁନାରୀପଡ଼ା ଓ ଧରମପୁର ଗ୍ରାମକୁ ନୂତନ ଭାବେ ଅନ୍ତର୍ଭୁକ୍ତ କରାଯାଇଛି। ପ୍ରତି ଗ୍ରାମ ପାଇଁ ୪୦ଲକ୍ଷ ଲେଖାଏ ଟଙ୍କା ଖର୍ଚ୍ଚ କରାଯାଇ ଗ୍ରାମକୁ ଆଦର୍ଶ ଗ୍ରାମ ଭାବେ ପରିଣତ କରାଯିବ। ସର୍ବମୋଟ ୩୯ ଗୋଟି ପ୍ରକଳ୍ପ ପାଇଁ ୧ କୋଟି ୬୦ ଲକ୍ଷ ଟଙ୍କାର ଆକଳନ ଅନୁମୋଦନ କରାଯାଇଛି। ଏହି ବୈଠକରେ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିବାହୀ ଅଧିକାରୀ ରାଜେନ୍ଦ୍ର କୁମାର ମିଞ୍ଜ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଧନୁର୍ଜୟ ମହନ୍ତ, ରିଆମାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଦିତ୍ୟ କୁମାର ପଣ୍ଡା, ବାରକୋଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୂର୍ଯ୍ୟକାନ୍ତ ବରିହା, ବ୍ଲକର ସମସ୍ତ ସହକାରୀ ନିର୍ବାହୀଯନ୍ତ୍ରୀ, ସହକାରୀ ଯନ୍ତ୍ରୀ, ଜିଲ୍ଲାସ୍ତରୀୟ ସମସ୍ତ ଅଧିକାରୀ, ସମ୍ପୃକ୍ତ ଗ୍ରାମ ପଞ୍ଚାୟତର ସମସ୍ତ ସରପଞ୍ଚ, ଦୁଇ ବ୍ଲକର ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ବିଭାଗର କର୍ମଚାରୀ କଲ୍ୟାଣ କିଶୋର କର, ବ୍ୟୋମକେଶ ଶତପଥି ଏଥିରେ ସହାୟତା କରିଥିଲେ।

## ବେଲପାହାଡ ପୌର ପରିଷଦରେ ଇଓଡବ୍ଲ୍ୟୁର ତଦନ୍ତ

**ଝାରସୁଗୁଡା, ୧୦।୪(ସମିସ):** ଝାରସୁଗୁଡା ଜିଲ୍ଲା ବେଲପାହାଡ ପୌରପରିଷଦରେ ହୋଇଥିବା ଆର୍ଥିକ ହେରଫେରର ତଦନ୍ତ ପାଇଁ ବେଲପାହାଡ ପୌରପରିଷଦ ପହଞ୍ଚିଛି ଅର୍ଥନୈତିକ ଅପରାଧ ଶାଖାର (ଇଓଡ଼ବ୍ଲ୍ୟୁ)ର ୨ ଜଣିଆ ଟିମ। ଇନ୍ସପେକ୍ଟର ହେମନ୍ତ କୁମାର ମାଝୀ ଏବଂ ଆସିଷ୍ଟାଣ୍ଟ ସବ ଇନ୍ସପେକ୍ଟର ସୁରଥ କୁମାର ଦିଗଲ ଏହି ତଦନ୍ତ ଦାୟିତ୍ୱରେ ଆସିଛନ୍ତି। ୨୦୨୪-୨୫ ଆର୍ଥିକ ବର୍ଷରେ ହୋଇଥିବା କୋଟି କୋଟି ଟଙ୍କା ହେରଫେରର ତଦନ୍ତ ପୁଣିଥରେ ଆରମ୍ଭ କରିଛି ଇଓଡ଼ବ୍ଲ୍ୟୁ ଟିମ। ବେଲପାହାଡ ପୌରପରିଷଦରେ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଦେଖିବାସହ କାଗଜପାତ୍ର ଯାଞ୍ଚ କରିଛି ଟିମ୍। ଏହି ଦୁର୍ନୀତି ମାମଲାରେ ବେଲପାହାଡ଼ ପୌରପରିଷଦ ପୂର୍ବତନ କାର୍ଯ୍ୟନିର୍ବାହୀ ଅଧିକାରୀ ମଧୁସ୍ମିତା ସିଂ, ଆକାଉଣ୍ଟାଣ୍ଟ ବିଭୁତି ସାହୁ, ପୂର୍ବରୁ ଗିରଫ ହୋଇଛନ୍ତି। ୨୦୨୫ ଅଗଷ୍ଟ ମାସରେ ଏହି ଦୁର୍ନୀତିକୁ ନେଇ ୧୫ ଦିନିଆ ସ୍ୱତନ୍ତ୍ର ଅଡିଟ ମଧ୍ୟ କରାଯାଇଥିଲା।

## ‘ଘର ହିଁ ବିଦ୍ୟାଳୟ’ କାର୍ଯ୍ୟକ୍ରମ

**ଦେବଗଡ଼, ୧୦।୪(ସମିସ):** ଦେବଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ଆଜି ଦ୍ୱିତୀୟ ପର୍ଯ୍ୟାୟ ଘର ହିଁ ବିଦ୍ୟାଳୟ ପ୍ରକଳ୍ପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଉମାକାନ୍ତ ରଣାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଓଡ଼ିଶା ଶିକ୍ଷା ବିକାଶ ସମିତି ପଶ୍ଚିମ ସମ୍ଭାଗ ଶିଶୁ ବାଟିକା ଶୈକ୍ଷିକ ସଂଯୋଜକ ଲୋକନାଥ ମିଶ୍ର ଉପସ୍ଥିତ ଥିବା ବେଳେ ବିଦ୍ୟାଳୟର ଶିଶୁ ବାଟିକା ପ୍ରମୁଖ ମାନସୀ ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଗୀତା ଗୁରୁମା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମଟି ନୂତନ ୫୦ ଜଣ ଅଭିଭାବକ ଅଭିଭାବିକାଙ୍କ ଦ୍ୱାରା ପ୍ରାୟୋଗିକ ହୋଇଥିଲା। ପରିଶେଷରେ ଗୀତା ଗୁରୁମା ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ।

# ଦ୍ୱିତୀୟ ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟବଲ୍ ଚାମ୍ପିଅନସିପ୍ ଉଦ୍‌ଘାଟିତ

**ଦେବଗଡ଼, ୧୦।୪(ସମିସ):** ଜିଲ୍ଲା କ୍ରୀଡା ସଂଘ ଓ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଇନ୍ଦିରାଗାନ୍ଧୀ ଷ୍ଟାଡିୟମଠାରେ ଓଡ଼ିଶା କ୍ରୀଡ଼ା ମହାକୁମ୍ଭ ମୁଖ୍ୟମନ୍ତ୍ରୀ ଟ୍ରଫି ଅନ୍ତଃ କ୍ଲବ୍ ଓ ଅନ୍ତଃ ଜିଲ୍ଲା ଫୁଟ୍‌ବଲ୍ ଚାମ୍ପିଅନ୍‌ସିପ୍‌ର ଦ୍ୱିତୀୟ ସଂସ୍କରଣ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ୧୦ ଦିନ ବ୍ୟାପି ଆୟୋଜିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ୧୪ ବର୍ଷରୁ କମ୍ ବୟସର ବାଳକ ଏବଂ ବାଳିକା ମଧ୍ୟରେ ଫୁଟବଲ୍, ଖୋଖୋ, ଭଲିବଲ୍ ଓ କବାଡି ଖେଳ ଅନୁଷ୍ଠିତ ହେବ। ଉଦ୍‌ଘାଟନୀ ଦିବସରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ହେମନ୍ତ ସିଂଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ଓ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ସୁବାଷ ଚନ୍ଦ୍ର ପାଣିଗ୍ରାହୀ, ବିଧାୟକଙ୍କ ପ୍ରତିନିଧି ଚନ୍ଦ୍ରଶେଖର ଭୁକ୍ତା, ପୌରପରିଷଦ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ କୁମାର ଭୋଜ ଓ ଜିଲ୍ଲା କ୍ରୀଡ଼ା ସଂସଦ ଉପସଭାପତି ସତ୍ୟନାରାୟଣ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ପ୍ରଥମ ଫୁଟବଲ୍ ମ୍ୟାଚ୍ ନେତାଜୀ କ୍ଲବ୍ ସୁଗୁଡା ବନାମ ମହାଲକ୍ଷ୍ମୀ କ୍ଲବ୍ କୁରଡ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌ଟି ଅମୀମାଂଶିତ ରହିଥିବା ବେଳେ ଦ୍ୱିତୀୟ ମ୍ୟାଚ ମନୋରମା କ୍ଲବ ଦେବଗଡ଼ ବନାମ ମା’ ମଙ୍ଗଳା କ୍ଲବ୍ ତିଲେଇବଣି ମଧ୍ୟରେ ଅନୁଷ୍ଠିତ ହୋଇଥିଲା।



ଏହି ମ୍ୟାଚରେ ମନୋରମା କ୍ଲବ ୨-୧ ଗୋଲରେ ମହାଲକ୍ଷ୍ମୀ କ୍ଲବ୍‌କୁ ପରାସ୍ତ କରି ବିଜୟ ହୋଇଥିଲା। ଖେଳଗୁଡିକୁ ସୌରଭ କୁମାର ନାୟକ, ମୁକୁନ୍ଦ ବେହେରା, ଆଲୋକ କୁମାର ବେହେରା, ଚିନ୍ମୟ ସାହୁ, ପ୍ରଜିତ କିସାନ ପରିଚାଳନା କରିଥିବା ବେଳେ ପ୍ରଜିତ କୁମାର ବେହେରା ମ୍ୟାଚ୍ କମିଶନର କାର୍ଯ୍ୟ ତୁଲାଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାପରିଷଦ ଅତିରିକ୍ତ କାର୍ଯ୍ୟ ଉନ୍ନୟନ ଅଧିକାରୀ ଦିଲୀପ କୁମାର ପ୍ରଧାନ, ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀନିବାସ ଜାନୀ, ସହକାରୀ ଜିଲ୍ଲାପାଳ ଈଶ୍ୱର ଗୁରୁ, ଜିଲ୍ଲା କ୍ରୀଡ଼ା ସଂସଦ ସମ୍ପାଦକ ଧୀରେନ୍ଦ୍ର ନାୟକ, କ୍ରୀଡ଼ାବିତ୍ ସତ୍ୟନାରାୟଣ ପାଣି, ପ୍ରଭାତ ପ୍ରଧାନ ଓ ମୋ ଭାରତ ଅନୁଷ୍ଠାନର ପ୍ରଦୀପ କୁମାର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ସଂଯୋଜନା କରିଥିଲେ।

### ଝାରସୁଗୁଡ଼ା ଏଫ୍‌ସି ବିଜୟୀ

**ଝାରସୁଗୁଡ଼ା:** ଝାରସୁଗୁଡା ସହରସ୍ଥ ଓଏସଏପି ମିନି ଷ୍ଟାଡିୟମ ପରିସରରେ ଶୁକ୍ରବାର ଦ୍ୱିତୀୟ ମୁଖ୍ୟମନ୍ତ୍ରୀ କପ୍ ଟ୍ରଫି ଫୁଟବଲ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଯାଇଛି। ଏହି ଉଦ୍‌ଘାଟନୀ ମ୍ୟାଚ୍‌ଟି ୧୪ ବର୍ଷରୁ କମ୍ ବାଳିକା ବର୍ଗରେ କିର୍ମିରା ଏଫ୍‌ସି ବନାମ ଝାରସୁଗୁଡ଼ା ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା କ୍ରୀଡା ସଂଘର ଉପ-ସଭାପତି ତଥା ୨ୟ ବାଟାଲିୟନର କମାଣ୍ଡାଣ୍ଟ ପ୍ରସାଦ ତାମାଙ୍ଗ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଟୁର୍ଣ୍ଣାମେଣ୍ଟକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ କାର୍ଯ୍ୟକାରୀ ସଭାପତି ତାପସ ରାୟ ଚୌଧୁରୀ ଏବଂ ସାଧାରଣ ସମ୍ପାଦକ ବିଜୟ ବେହେରା ଉପସ୍ଥିତ ଥିଲେ। ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଝାରସୁଗୁଡ଼ା ଏଫ୍‌ସି ଚମତ୍କାର ପ୍ରଦର୍ଶନ କରି କିର୍ମିରା ଏଫ୍‌ସିକୁ ୨-୦ ଗୋଲ୍‌ରେ ପରାସ୍ତ କରି ବିଜୟ ସହ ଟୁର୍ଣ୍ଣାମେଣ୍ଟ ଅଭିଯାନ ଆରମ୍ଭ କରିଛି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସୁଶ୍ରୀ ପ୍ରତିଭା ମହାପାତ୍ର, କୈଳାସ ନାୟକ, ବିଜୟ ବକ୍ସି, ପ୍ରଜ୍ୱଳ ପଟେଲ, ସୁଶାନ୍ତ ମାଲି ଏବଂ ପ୍ରଶାନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ମ୍ୟାଚ୍‌କୁ ଅମିତ କୁମାର ବାଗ, ଶରତ ଚନ୍ଦ୍ର କିଷାନ, ସଞ୍ଜୟ କିଷାନ ଏବଂ ଶୀତଲ ଗୁରୁଙ୍ଗ ପରିଚାଳନା କରିଥିବା ବେଳେ କେ. ଜଗନ୍ନାଥ ରାଓ ମ୍ୟାଚ୍ କମିଶନର ଭାବେ ଦାୟିତ୍ୱ ତୁଲାଇଥିଲେ। ଏହି ଟୁର୍ଣ୍ଣାମେଣ୍ଟ ଜିଲ୍ଲାର କ୍ରୀଡ଼ାବିତ୍‌ମାନଙ୍କ ମଧ୍ୟରେ ନୂତନ ଉତ୍ସାହ ସୃଷ୍ଟି କରିଥିବା ଦେଖିବାକୁ ମିଳିଛି।

## ଅବକାରୀ ଚଢ଼ଉ; ୧୪ ଗିରଫ, ପିକ୍‌ଅପ୍ ଜବତ

ଝାରସୁଗୁଡା, ୧୦।୪(ସମିସ): ଝାରସୁଗୁଡ଼ା ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ଗତ ଅପ୍ରେଲ ୮ ଓ ୯ ତାରିଖରେ ଚଢ଼ଉ କରାଯାଇ ୧୪ ଗୋଟି ମାମଲାରେ ୧୪ ଜଣ ଅଭିଯୁକ୍ତକୁ ଗିରଫ କରାଯାଇଥିବା ଝାରସୁଗୁଡା ଜିଲ୍ଲା ଅବକାରୀ ଅଧିକ୍ଷକ ଶୁକ୍ରବାର ସୂଚନା ଦେଇଛନ୍ତି। ଏହି ଅବକାରୀ ଚଢ଼ଉରେ ବେଲପାହାଡ, କୋଲାବିରା, ଲଇକେରା, ଝାରସୁଗୁଡା ରେଞ୍ଜ ଓ ଜିଲ୍ଲା ଅବକାରୀ ଭ୍ରାମ୍ୟମାଣ ସଂସ୍ଥା, ଝାରସୁଗୁଡା ତରଫରୁ ୧୦ ଗୋଟି ଜାଗାରେ ଯଥା ପିକୋଲ, କୁଡାଲୋଇ, କେନ୍ଦୁଟିକ୍ରା, ମଧୁପୁର, ସାହସପୁର, ବେହେରାମାଲ, ଓଏମପି, ସାରସମାଲ, କୁଟୁରାଚୁଆଁ ଓ ସରବେର୍ଣ୍ଣା ଆଦି ଗ୍ରାମ ଅଞ୍ଚଳରେ ଅବକାରୀ ଚଢ଼ଉ କରାଯାଇ ସମୁଦାୟ ୫୧ ଲିଟର ଦେଶୀ ମଦ, ୪୦.୮ ଲିଟର ବାହାର ଭାଟି ମଦ ଓ ୧୦.୬୦ ଲିଟର ହାଣ୍ଡିଆ ଜବତ କରାଯାଇଥିବା ନେଇ ସୂଚନା ଦିଆଯାଇଛି। ଏଥିରେ ସମ୍ପୃକ୍ତ ପିକୋଲ ଗ୍ରାମର ଟିକେଶ୍ୱର ମାଝୀ, କୁଡାଲୋଇ ଗ୍ରାମର ସନରତି ହାତୀପଟା, କେନ୍ଦୁଟିକ୍ରା ଗ୍ରାମର ମଳିଆ ମୁଣ୍ଡା ଓ ଧନୀ ମୁଣ୍ଡା, ମଧୁପୁର ଗ୍ରାମର ପବିତ୍ର ବେହେରା, ସାହସପୁର ଗ୍ରାମର ସୀତାରାମ ସନ୍ୟାସୀ, ବେହେରାମାଲ ଗ୍ରାମର ଗନ୍ଧର୍ବ କିସାନ, ଓଏମପି ଅଞ୍ଚଳର ଏଲବିନ ଥାପା ଓ ରଞ୍ଜିତା ରାୟ, ସାରସମାଲ ଗ୍ରାମର ସୁରୁମୁଣ୍ଡା ଓ ଲାଲ ମୁଣ୍ଡା, କୁଟୁରାଚୁଆଁ ଗ୍ରାମର ସୁନିତା ଖଡ଼ିଆ ଓ ସରବେର୍ଣ୍ଣା ଗ୍ରାମର ଲକ୍ଷ୍ମୀ ଓରାମ ଆଦି ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଏହା ବ୍ୟତୀତ ଗଞ୍ଜୁଡ଼ିହି ଗ୍ରାମରେ ଚଢ଼ଉ କରାଯାଇ ପିକ୍‌ଅପ୍ ଭ୍ୟାନ୍ ସହିତ ୨, ୪୮୦ କେଜି ମହୁଲ ଫୁଲ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ହୃଷିକେଶ ସୋହେଲା, ହୃଷିକେଶ ନାଏକ ଓ କ୍ରୀଷ୍ଣା ମୁଣ୍ଡା ପ୍ରମୁଖ ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଅବକାରୀ କମିଶନର ଏବଂ ଝାରସୁଗୁଡା ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ମୁତାବକ ଏହି ଅବକାରୀ ଚଢ଼ଉ କରାଯାଇଥିବା ବେଳେ ଆଗାମୀ ଦିନରେ ଆହୁରି ବ୍ୟାପକ କରିବାକୁ ଜିଲ୍ଲା ଅବକାରୀ ଅଧିକ୍ଷକ ସୂଚନା ଦେଇଛନ୍ତି।

## ଡିଏଭିରେ ଅଗ୍ନି ନିରାପତ୍ତା ମକଡ୍ରିଲ

**ଝାରସୁଗୁଡ଼ା, ୧୦।୪(ସମିସ):** ଝାରସୁଗୁଡ଼ା ଡିଏଭି ପବ୍ଲିକ ସ୍କୁଲ ପରିସରରେ ୮୩ତମ ଜାତୀୟ ଅଗ୍ନି ସେବା ସପ୍ତାହ ପାଳନ ଅବସରରେ ଅଗ୍ନି ନିରାପତ୍ତା ମକଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ଝାରସୁଗୁଡ଼ା ଡିଏଭି ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଦେବତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ବିପର୍ଯ୍ୟୟ ମୁକାବିଲାଜନିତ ମକଡ୍ରିଲରେ ଝାରସୁଗୁଡ଼ା ବେଦାନ୍ତ ଅଗ୍ନିଶମ ସେବା ପକ୍ଷରୁ ଅଗ୍ନି ତଥା ସୁରକ୍ଷା ବିଭାଗ ଅଧିକାରୀମାନେ ଡିଏଭି ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ଅନ୍ୟାନ୍ୟ କର୍ମୀମାନଙ୍କୁ ସାମାନ୍ୟରୁ ଗୁରୁତର ଧରଣର ସମସ୍ତ ପ୍ରକାର ଅଗ୍ନିକାଣ୍ଡକୁ ଆୟତ୍ତ କରିବା, ପାଣି ଫେଣ ଓ ଗ୍ୟାସ ଦ୍ୱାରା ଅଗ୍ନି ନିର୍ବାପନ କୌଶଳ, ଅଗ୍ନି ନିର୍ବାପକ ଯନ୍ତ୍ରର ସରଳ ବ୍ୟବହାର ପ୍ରଣାଳୀ, ଆଶୁ ଚିକିତ୍ସା ବ୍ୟବସ୍ଥା, ଆତ୍ମସୁରକ୍ଷା ଓ ସଚେତନତା ସମ୍ବନ୍ଧରେ ପରୀକ୍ଷାମୂଳକ ତାଲିମ ପ୍ରଦାନ କରିଥିଲେ। ବେଦାନ୍ତ ଅଗ୍ନିଶମ ସେବା ସଦସ୍ୟ ତଥା ଫାୟାର ଡେପୁଟି ଇନଚାର୍ଜ କେ.ଆର. ଆଶିଷ, ଫାୟାର ଇନଚାର୍ଜ ପାରସ ମୀନା, ମୟଙ୍କ କାପାର୍କର, ମେଘା ପ୍ରବୀଣ, ଫାୟାର ଅଫିସର ଏସ୍‌କେ. ସାହୁ, ସତ୍ୟ ମିଶ୍ର, ଫାୟାର ଇଞ୍ଜିନିୟର ଅଂଶୁମାନ ପତିଦାର, ଡିସିପିଓ ବବଲୁ କୁମାର ସା ପ୍ରମୁଖଙ୍କ ସମେତ ଅନ୍ୟାନ୍ୟ ଟିମ୍ ସଦସ୍ୟ ମକଡ୍ରିଲରେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଅଗ୍ନି ନିର୍ବାପନ ସମ୍ବନ୍ଧୀୟ ନିୟମାବଳୀ, ଆପାତକାଳୀନ ପରିସ୍ଥିତିର ମୁକାବିଲା ଓ ଜରୁରୀକାଳୀନ ପଦକ୍ଷେପ ବିଷୟରେ ଅବଗତ କରାଇଥିଲେ। ବିଦ୍ୟାଳୟର ବିପର୍ଯ୍ୟୟ ପରିଚାଳନା ସମିତି ବିଭାଗୀୟ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ ଅନ୍ୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଦୁଇ ହଜାର ଛାତ୍ରଛାତ୍ରୀ ମକଡ୍ରିଲରେ ସାମିଲ ହୋଇଥିଲେ।

# ସ୍ୱତନ୍ତ୍ର ହ୍ୱାଟ୍ସଆପ୍ ଚାଟ୍‌ବଟ୍ ‘ସହଜ’ ଲୋକାର୍ପିତ

ଝାରସୁଗୁଡ଼ା, ୧୦।୪(ସମିସ)






ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନ ଜନସେବା କ୍ଷେତ୍ରରେ ଏକ ଐତିହାସିକ ଅଧ୍ୟାୟ ଯୋଡ଼ିଛି। ସାଧାରଣ ଜନତାଙ୍କ ସମସ୍ୟାର ସରଳ ଓ ଶୀଘ୍ର ସମାଧାନ ପାଇଁ ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ପ୍ରଚେଷ୍ଟା ଓ ପରିକଳ୍ପନାରେ ସ୍ୱତନ୍ତ୍ର ହ୍ୱାଟ୍ସଆପ୍ ଚାଟ୍‌ବଟ୍ ‘ସହଜ’- ସ୍ୱିଫ୍ଟ ଆକ୍ସେସ ଏବଂ ସହାୟତା ବ୍ୟବସ୍ଥା ଲୋକାର୍ପିତ ହୋଇଯାଇଛି। ଏହାକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ସମ୍ବଲପୁର ରାଜସ୍ୱ ବିଭାଗୀୟ କମିଶନର ସଂଗ୍ରାମ କେଶରୀ ମହାପାତ୍ର, ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ପ୍ରମୁଖ ଉପସ୍ଥିତ ଥିଲେ। ମନ୍ତ୍ରୀ ଶ୍ରୀ ପୂଜାରୀ କହିଥିଲେ, ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନ ଦ୍ୱାରା ଆରମ୍ଭ କରାଯାଇଥିବା ଏହି ‘ସହଜ’ ଚାଟ୍‌ବଟ୍ ସାଧାରଣ ଲୋକଙ୍କୁ ସଶକ୍ତ କରିବ। ଏହା ଦ୍ୱାରା ପ୍ରଶାସନିକ ବ୍ୟବସ୍ଥା ଅଧିକ ଉତ୍ତରଦାୟୀ ହେବ ଏବଂ ଗରିବ ଲୋକଟିକୁ ନିଜ ସମସ୍ୟା ପାଇଁ ଆଉ ସରକାରୀ ଦପ୍ତରକୁ ବାରମ୍ବାର ଦୌଡ଼ିବାକୁ ପଡ଼ିବ ନାହିଁ। ଜନସାଧାରଣଙ୍କ ସ୍ୱର ଯେତେବେଳେ ପ୍ରଶାସନ ନିକଟରେ ଶୀଘ୍ର ପହଞ୍ଚେ, ସେତେବେଳେ ଗଣତନ୍ତ୍ର ଅଧିକ ମଜବୁତ ହୁଏ। ‘ସହଜ’ ମାଧ୍ୟମରେ ଲୋକେ ଏବେ ସିଧାସଳଖ ଜିଲ୍ଲା ପ୍ରଶାସନ ସହ ଯୋଡ଼ି ହୋଇପାରିବେ ବୋଲି ମତବ୍ୟକ୍ତ କରିଥିଲେ। ଜିଲ୍ଲାପାଳ ‘ସହଜ’ର ଲକ୍ଷ୍ୟ ସମ୍ପର୍କରେ ଆଲୋକପାତ କରି କହିଥିଲେ, ଏହି ‘ସହଜ’ ଚାଟ୍‌ବଟ୍ ଜନସାଧାରଣ ଏବଂ ପ୍ରଶାସନ ମଧ୍ୟରେ ଥିବା ଦୂରତାକୁ ହ୍ରାସ କରିବ। ବିଶେଷ କରି ଦୁର୍ଗମ ଅଞ୍ଚଳର ଲୋକମାନେ ଯେଭଳି ସରକାରୀ ସେବା ପାଇଁ ହଇରାଣ ନହୁଅନ୍ତି, ସେଥିପାଇଁ ଏହାକୁ ଅତି ସରଳ ଭାବେ ପ୍ରସ୍ତୁତ କରାଯାଇଛି। ରାଜସ୍ୱ ବିଭାଗୀୟ କମିଶନର ଶ୍ରୀ ମହାପାତ୍ର ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନର ଏହି ଅଭିନବ ମଡେଲ୍ ସମଗ୍ର ରାଜ୍ୟ ପାଇଁ ଏକ ଅନୁକରଣୀୟ ଉଦାହରଣ ସାଜିବ ବୋଲି କହିଥିଲେ। ଏହି ଅବସରରେ ଜିଲ୍ଲାର ଜଣେ ସାଧାରଣ ବାସିନ୍ଦା ଶତ୍ରୁଘ୍ନ ପାତ୍ରଙ୍କ ଦ୍ୱାରା ପ୍ରଥମେ ଏହି ଚାଟ୍‌ବଟ୍‌ରେ ଅଭିଯୋଗ ପଞ୍ଜିକରଣ କରି ଶୁଭାରମ୍ଭ କରାଯାଇଥିଲା। ଏଥିରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିଶ୍ୱ ରଞ୍ଜନ ନାୟକ, ଅତିରିକ୍ତ ଜିଲ୍ଲାପାଳ ବ୍ରଜ ବନ୍ଧୁ ଭୋଇ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ, ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡାଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସମଗ୍ର କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କୃଷ୍ଣାକେଶୀ ବଳିୟାରସିଂହ ପରିଚାଳନା କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ କିଶୋର ଚନ୍ଦ୍ର ସ୍ୱାଇଁ ଧନ୍ୟବାଦ ଜ୍ଞାପନ କରିଥିଲେ। ‘ସହଜ’ ଏକ ପ୍ରଯୁକ୍ତିଭିତ୍ତିକ ସେବା। ଯେଉଁଠାରେ ଜିଲ୍ଲାର ଯେକୌଣସି ବ୍ୟକ୍ତି କୌଣସି ଅତିରିକ୍ତ ଆପ୍ ଡାଉନଲୋଡ୍ ନକରି କେବଳ ୱାର୍ଟସ୍‌ଅପ୍ ମାଧ୍ୟମରେ ନିଜର ଅଭିଯୋଗ ପଞ୍ଜିକୃତ କରିପାରିବେ। ଏହା ଦ୍ୱାରା ଅଭିଯୋଗର ସ୍ଥିତି ଜାଣିବା ଏବଂ ସମାଧାନ ପ୍ରକ୍ରିୟା ଅଧିକ ସ୍ୱଚ୍ଛ ଓ ତ୍ୱରାନ୍ୱିତ ହୋଇପାରିବ। ବର୍ତ୍ତମାନ ଜିଲ୍ଲାର ଯେକୌଣସି ନାଗରିକ ନିଜ ମୋବାଇଲ୍‌ରେ ୮୯୯୯୪୭୦୮୨୪ ନମ୍ବରକୁ ସେଭ୍ କରି ସିଧାସଳଖ ୱାର୍ଟସ୍‌ଅପ୍ ମାଧ୍ୟମରେ ନିଜର ସମସ୍ୟା ଜଣାଇପାରିବେ। ଏହି ‘ସହଜ’ ସେବା ୨୪ ଘଣ୍ଟା ଉପଲବ୍ଧ ରହୁଥିବାରୁ ଜନସାଧାରଣ ଯେକୌଣସି ସମୟରେ ନିଜର ଅଭିଯୋଗ ପଞ୍ଜିକୃତ କରିପାରିବେ ବୋଲି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚାଯାଇଛି।

**ଘରେ ବସି ହ୍ୱାଟ୍ସଆପ୍‌ରେ ଅଭିଯୋଗ ଜଣାଇପାରିବେ ଜିଲ୍ଲାବାସୀ**

# ସମ୍ପାଦକୀୟ



ଗଲାଣି ତ ଗଲା କଥା, ରେ ସଙ୍ଗାତ, ଗଲାଣି ତ ଗଲା କଥା
ଗୁପତେ ସିନା ମୁଁ ତୋତେ ପଚାରିଲି, ବଳିପଡ଼ିବାରୁ ବ୍ୟଥା
-କବିସୂର୍ଯ୍ୟ ବଳଦେବ ରଥ

ସକାଳ
THE SAKALA

## ଭୂ-ରାଜନୀତିରେ ଭୂ-ଚଳନ

ଇରାନ ବିରୋଧରେ ଆମେରିକା ଓ ଇସ୍ରାଏଲ ମିଳିତ ସାମରିକ କାର୍ଯ୍ୟାନୁଷ୍ଠାନର ୩୮ ଦିନ ପରେ ଦୁଇ ସପ୍ତାହ ପାଇଁ ଯୁଦ୍ଧ ବିରତି ଓ ଶାନ୍ତି ଆଲୋଚନାର ପଥ ପରିଷ୍କାର କରିବାକୁ ଟ୍ରମ୍ପ କାହିଁକି ଆଗ୍ରହ ପ୍ରକାଶ କଲେ ? ଏହି ପ୍ରଶ୍ନର ଉତ୍ତର ଯାହା ହେଉନା କାହିଁକି, ପାକିସ୍ତାନର ମଧ୍ୟସ୍ଥତାକୁ ଗୁରୁତ୍ୱ ଦିଆଯିବା ପଛରେ ଟ୍ରମ୍ପ ଅସହାୟତା ସ୍ପଷ୍ଟ ବାରି ହୋଇପଡୁଥିବା ବିଶ୍ୱ ଜନ ସମୁଦାୟ ଅନୁଭବ କରୁଛି । ଯେଉଁଠି ସୁରକ୍ଷା କାରଣରୁ ଦୁଇ ତିନି ଦିନରୁ ଅଧିକ ସମୟ ପାଇଁ ଆଲୋଚନା ଜାରି ରଖିବାର ସୁଯୋଗ ନାହିଁ ସେଠାକୁ କେଉଁ ସାହସରେ ଦୁଇପକ୍ଷ ନିଜର ପ୍ରତିନିଧିଙ୍କୁ ପଠାଇଛନ୍ତି ? ଏଥିରୁ ସ୍ପଷ୍ଟ ଅନୁମେୟ ଯେ ଏଭଳି ଏକ ନିଷ୍ପତ୍ତି ନେବା ବ୍ୟତୀତ ଆମେରିକା ନିକଟରେ ଅନ୍ୟ କୌଣସି ବିକଳ୍ପ ନାହିଁ । ଏହି ମଧ୍ୟସ୍ଥତାରେ ଅନ୍ୟ ସହଯୋଗୀ ତୁର୍କୀ ଓ ସାଉଦୀ ଆରବର ଭୂମିକା ନଗଣ୍ୟ । କାରଣ ଆମେରିକାର ହୃଦ୍‌ବୋଧ ହୋଇଛି ଯେ ଚୀନର ବିନା ସହାୟତାରେ ଇରାନ ଶାନ୍ତି ଆଲୋଚନା ପାଇଁ ରାଜି ହେବ ନାହିଁ । ଚୀନ ସହ ପାକିସ୍ତାନର ସଂପର୍କ ଦୃଷ୍ଟିରୁ ଘଟଣାକ୍ରମକୁ ଆଗେଇ ନେବାରେ ଶାହାବାଜ ଶରିଫ ଓ ଆସିଫ ମୁନୀରଙ୍କ ଭୂମିକାକୁ ଦିଆଯାଇଥିବା ଗୁରୁତ୍ୱ ଶେଷରେ ସଫଳ ହୋଇଛି ।

ଆମେରିକାର ପ୍ରଭୁତ୍ୱ ନିକଟରେ ସମର୍ପିତ ସମଗ୍ର ବିଶ୍ୱ ମଧ୍ୟପ୍ରାଚ୍ୟ ଯୁଦ୍ଧ ଘନଘଟା ମଧ୍ୟରେ ବିକଳ୍ପ ନେତୃତ୍ୱର ଠିକଣା ପାଇ ପାରିଛନ୍ତି । ହର୍ମୁଜ ପ୍ରଣାଳୀରେ ଇରାନର କଟକଣା ପ୍ରୟୋଗରୁ ସୃଷ୍ଟ ଶକ୍ତି ସଂକଟ ଓ ଆର୍ଥିକ ବିଶୃଙ୍ଖଳା ସତ୍ତ୍ୱେ ଆମେରିକା ସହ ହାତ ମିଳାଇବାକୁ ରୋକ୍‌ଠୋକ୍ ମନା କରିଦେଇଛନ୍ତି ୟୁରୋପୀୟ ମିତ୍ର ରାଷ୍ଟ୍ର । ପରିସ୍ଥିତି ଦିନକୁ ଦିନ ସୁଧୁରିବା ପରିବର୍ତ୍ତେ ବିଗିଡ଼ିବାରୁ ମନେ ହେଲା, ଆମେରିକାର ଏକମାତ୍ର ବିଶ୍ୱସ୍ତ ସହଯୋଗୀ ଇସ୍ରାଏଲ । ଅଥଚ ଏହି ଯୁଦ୍ଧର ପୃଷ୍ଠ ଭାଗରେ ଆମେରିକା ଅପେକ୍ଷା ଇସ୍ରାଏଲର ସ୍ୱାର୍ଥ ଅଧିକ । ଯୁଦ୍ଧ ହେଲେ ଦୁଇ ପକ୍ଷର କ୍ଷତି ହେବା ସ୍ୱାଭାବିକ । କେବଳ ଅଳ୍ପ ବେଶୀରେ ତାରତମ୍ୟ । ଏକଥା ସତ ଯେ ଇରାନ ନିଜର ପ୍ରମୁଖ ନେତୃତ୍ୱକୁ ହାରାଇବା ସହ ବିପୁଳ କ୍ଷୟକ୍ଷତିର ସମ୍ମୁଖୀନ ହୋଇଛି । ଅନ୍ୟପକ୍ଷରେ ଆମେରିକା କେବଳ ନିଜର ପ୍ରଭାବ ଓ ପତିଆରା ହରାଇବି, ନିଜର ଅର୍ଥନୀତିରେ ପେଟ୍ରୋଡଲାରର ଥିବା ଭୂମିକା କ୍ରମେ କ୍ଷୁର୍ଣ୍ଣ ହୋଇଥିବା ବେଳେ ସୁରକ୍ଷା ପ୍ରସଙ୍ଗ ନେଇ ସହଯୋଗୀ ଆରବ ରାଷ୍ଟ୍ରଙ୍କ ଭରସା ତୁଟିବା ଆରମ୍ଭ କରିଛି । ଏପରିକି ଆମେରିକାର ଜନମତ ଓ ଆଭ୍ୟନ୍ତରୀଣ ପରିସ୍ଥିତି କ୍ରମେ ନିୟନ୍ତ୍ରଣ ବାହାରକୁ ଯାଉଥିବାରୁ ଟ୍ରମ୍ପ ଅସହାୟ ହୋଇ ପଡ଼ିବା ସ୍ୱାଭାବିକ ।

ବଜାର ଅର୍ଥନୀତିର ସକ୍ରିୟତା ମାଧ୍ୟମରେ ନିଜର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ସକାଶେ ବିଶ୍ୱର ପ୍ରମୁଖ ଶକ୍ତି ନିବେଶ ମାଧ୍ୟମରେ ନୂଆ ବଜାର ଅକ୍ତିଆର କରିବାକୁ ପ୍ରୟାସ ଜାରି ରଖିଥିବା ବେଳେ ଟ୍ରମ୍ପ ଅତିରିକ୍ତ ବହିଃଶୁଳ୍କ ଦାବି କରି ଯେଉଁ ବାଣିଜ୍ୟଯୁଦ୍ଧ ଆରମ୍ଭ କରିଦେଲେ ସେଥିରେ ସହଯୋଗୀ ରାଷ୍ଟ୍ର ମଧ୍ୟ କ୍ଷତିଗ୍ରସ୍ତ ହେଲେ । ଏହାକୁ କେନ୍ଦ୍ର କରି ଭୂ-ରାଜନୈତିକ ସ୍ତରରେ ଏକ ବଡ଼ ଧରଣର ଆଭିମୁଖ୍ୟ ଗତ ପରିବର୍ତ୍ତନର ଆଭାସ ମିଳିଥିଲା । ତାହାକୁ ଇନ୍ଧନ ଯୋଗାଇଛି ମଧ୍ୟପ୍ରାଚ୍ୟ ଯୁଦ୍ଧ । ନିଜର ଶକ୍ତି ଓ ସାମର୍ଥ୍ୟ ମାଧ୍ୟମରେ ଇରାନ ଯୁଦ୍ଧ ଲଢୁଥିଲେ ମଧ୍ୟ ଚୀନ ଓ ରୁଷର ବୈଷୟିକ ସହଯୋଗିତା ପ୍ରତିପକ୍ଷଙ୍କ ଉପରେ ଲକ୍ଷ୍ୟ ଭିତ୍ତିକ ପ୍ରହାର ସକାଶେ ସୁଯୋଗ ସୃଷ୍ଟି କରିଆସିଛି । ଗଲ୍ଫର ତୈଳ ଉପରେ ନିର୍ଭରଶୀଳ ସମଗ୍ର ବିଶ୍ୱବ୍ୟବସ୍ଥା ଘୋର ଆର୍ଥିକ ସଂକଟ ମଧ୍ୟ ଦେଇ ଗତି କରୁଥିବା ବେଳେ ଟ୍ରମ୍ପ ଇରାନ ଓ ରୁଷର ତୈଳ ବାଣିଜ୍ୟ ଉପରୁ ପ୍ରତିବନ୍ଧ ଉଠାଇବାକୁ ବାଧ୍ୟ ହେଲେ । ଏହି ସ୍ଥିତିରୁ ଇରାନ, ଚୀନ ଓ ରୁଷିଆ ଆର୍ଥିକ ଫାଇଦା ହାସଲ କଲେ । ଇରାନରୁ ଚୀନ ବଜାର ଦରଠାରୁ ଶସ୍ତାରେ ତୈଳ ସଂଗ୍ରହ କରୁଥିବା ବେଳେ, ହର୍ମୁଜ ପ୍ରଣାଳୀରେ ଜାହାଜ ଚଳାଚଳର ସୁଯୋଗ ଲାଭ କରୁଥିବା ରାଷ୍ଟ୍ରଙ୍କୁ ଚୀନ ମୁଦ୍ରା ୟୁଆନ୍‌ରେ ଟୋଲ୍ ଟିକସ ଭରିବାକୁ ପଡ଼ିଲା । ଏକଥା ଉଲ୍ଲେଖ କରିବାର ଉଦ୍ଦେଶ୍ୟ ହେଲା, ଡଲାରର ପ୍ରାଧାନ୍ୟ ଉପରେ ଏହା ଏକ ଶକ୍ତ ଆଘାତ । ମଧ୍ୟପ୍ରାଚ୍ୟ ଯୁଦ୍ଧରେ ହାରଜିତ କାହାର ହେବ ତାହା ବଡ଼ କଥା ନୁହେଁ । ସବୁଠାରୁ ବଡ଼କଥା ହେଲା, ଚୀନର ପ୍ରାଧାନ୍ୟ କ୍ରମାଗତ ଭାବେ ବଢ଼ିଚାଲିଛି । ସମୟର ଆବଶ୍ୟକତା ଦୃଷ୍ଟିରୁ ଆମେରିକାର ସହଯୋଗୀ ରାଷ୍ଟ୍ର ମଧ୍ୟ ଚୀନ ସହ ଯୋଗାଯୋଗରେ ଅଛନ୍ତି । କାରଣ ଟ୍ରମ୍ପଙ୍କ ବ୍ୟକ୍ତିତ୍ୱ ଓ ନେତୃତ୍ୱ ଉପରୁ ସେମାନଙ୍କ ଭରସା କ୍ରମାଗତ ତୁଟିବା ଆରମ୍ଭ କରିଛି ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଆମେରିକାର ଶକ୍ତି ଓ ସାମର୍ଥ୍ୟ ପ୍ରତି ଯେଉଁ ଆସ୍ଥା ସୃଷ୍ଟି ହେଲା ତାହାକୁ ବଳ ଦେଲା ଆରବ ରାଷ୍ଟ୍ର ସମୂହ । ୧୯୭୧ରେ ସମସ୍ତ ତୈଳ କାରବାରର ମାଧ୍ୟମ ହେଲା ଡଲାର । ତାହାକୁ ଶେଷରେ ପେଟ୍ରୋଡଲାରର ମାନ୍ୟତା ମିଳିଛି । ପରିବର୍ତ୍ତିତ ପରିସ୍ଥିତିରେ ଡଲାରର ପ୍ରାଧାନ୍ୟ ବୃଦ୍ଧି ପାଇବାରୁ ବିଶ୍ୱବାଣିଜ୍ୟିକ କାରବାରରେ ତାହାକୁ ମାଧ୍ୟମ ରୂପେ ଗ୍ରହଣ କରାଗଲା । ଏସବୁ ସତ୍ତ୍ୱେ ଶୀତଳ ଯୁଦ୍ଧ ପରିବେଶରେ ଆମେରିକା ଓ ସୋଭିଏତ ୟୁନିୟନ ମଧ୍ୟରେ କ୍ଷମତା କନ୍ଦଳ ତିଷ୍ଠି ରହିଥିବାରୁ ବିରାଜିତ ବିଶ୍ୱକୁ ଏକକ ନେତୃତ୍ୱ ନେବା ସମ୍ଭବ ହୋଇନଥିଲା ୱାଶିଂଟନ ପକ୍ଷରେ । ନବେ ଦଶକରେ ସୋଭିଏତ୍ ରୁଷ୍ ବିଭାଜନ ପରେ ଆମେରିକାର ଏକ ନାୟକତ୍ୱବାଦର ପ୍ରାଧାନ୍ୟ ବୃଦ୍ଧି ପାଇଲା । ଏକଥା ସତ ଯେ ଡଲାରକୁ ଦୁର୍ବଳ କରିବା ପାଇଁ ବ୍ରିକ୍ସ ଓ ୟୁରୋପ ରାଷ୍ଟ୍ର ସଂଘ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଥିଲା । ୟୁରୋପର ସଦସ୍ୟ ରାଷ୍ଟ୍ରଙ୍କ ମଧ୍ୟରେ ସମସ୍ତ ବାଣିଜ୍ୟିକ କାରବାର ୟୁରୋ ମାଧ୍ୟମରେ ପରିଚାଳନା ସକାଶେ ହୋଇଥିବା ଉଦ୍ୟମକୁ ଆମେରିକା ତାହାର ନିକଟତମ ସହଯୋଗୀ ବ୍ରିଟେନ ସହାୟତାରେ ଭଣ୍ଡୁର କରିଥିଲା । ପରିସ୍ଥିତି ଏପରି ହେଲା ଯେ ୟୁରୋପୀୟ ୟୁନିୟନରୁ ବ୍ରିଟେନ୍ ପୃଥକ୍ ହୋଇଗଲା । ସବୁଠାରୁ ଉଲ୍ଲେଖଯୋଗ୍ୟ କି ଏବେ ଉପୁଜିଥିବା ପରିସ୍ଥିତିରେ ବ୍ରିଟେନ୍‌ର ପ୍ରାଧାନମନ୍ତ୍ରୀ ଷ୍ଟାର୍ମର କହିଛନ୍ତି ଯେ ବ୍ରେକ୍ ଜିଟ୍ ଏକ ଭୁଲ ନିଷ୍ପତ୍ତି ଥିଲା । ଏଭଳି ଏକ ନିଷ୍ପତ୍ତି ଓ ଗଣଭୋଟ ପଛରେ ଥିବା କାରସାଦୀପୂର୍ଣ୍ଣ ପ୍ରଚାରର ମନ୍ଦ ଉଦ୍ଦେଶ୍ୟ ସେ ଖୁଲାସା କରିଛନ୍ତି । ସେହିଭଳି ବ୍ରିକ୍ସ ବୈଠକରେ ଡଲାର ବଦଳରେ ମିଳିତ ମୁଦ୍ରା ପ୍ରଚଳନ ଉଦ୍ୟମ ଟ୍ରମ୍ପଙ୍କ ନାଲି ଆଖିରେ ବାଧାପ୍ରାପ୍ତ ହୋଇଥିଲା । ଏସବୁ ଉଲ୍ଲେଖ କରିବାର ଉଦ୍ଦେଶ୍ୟ ହେଲା ପେଟ୍ରୋଡଲାର ଏବେ ଗୁରୁତର ସଂକଟର ସମ୍ମୁଖୀନ ହୋଇଛି । ଅନ୍ୟପକ୍ଷରେ ହର୍ମୁଜ ପ୍ରଣାଳୀ କଟକଣା ପରେ ଚୀନର ମୁଦ୍ରା ୟୁଆନ ଦିନକୁ ଦିନ ଶକ୍ତିଶାଳୀ ହେବାରେ ଲାଗିଛି ।

ଏହି ଦୃଶ୍ୟପଟ୍ଟ ଉପସ୍ଥାପନ କଲାବେଳେ ଆମକୁ କହିବାକୁ ପଡୁଛି ଯେ ଇସ୍ରାଏଲ ପ୍ରତି ଟ୍ରମ୍ପଙ୍କ ସହାନୁଭୂତି ଓ ଅନୁକମ୍ପା ତାଙ୍କର ପ୍ରଭାବୀ ନେତୃତ୍ୱ ପ୍ରତି ଗୁରୁତର ଧକ୍କା ଲଗାଇଛି । କ୍ରମାଗତ ଇରାନ ସହ ଶାନ୍ତି ଆଲୋଚନା ବିଫଳ ହେବା ପଛରେ ନେତାନ୍ୟାହୁଙ୍କ ଭୂମିକା ରହିଛି । ବୁଝାମଣା ବଦଳରେ ଇରାନ ବିରୋଧରେ ଯୁଦ୍ଧ ଚାହୁଁଥିବାରୁ ସେ ପାକିସ୍ତାନ ବୈଠକ ପୂର୍ବରୁ ଉଦ୍ଦେଶ୍ୟପୂର୍ଣ୍ଣ ଭାବେ ଲେବାନନ୍ ଉପରେ ପ୍ରଚଣ୍ଡ ଆକ୍ରମଣ କରିଛି । ଏହି ଆକ୍ରମଣ ହେଜବୋଲ୍ଲା ବିରୋଧରେ ନଥିଲା, ଥିଲା ଦେଶବାସୀଙ୍କ ନିରୀହ ଜନଜୀବନ ଉପରେ । ୨୫୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ଏକ ହଜାରରୁ ଊର୍ଦ୍ଧ୍ୱ ହତାହତ ହୋଇଛନ୍ତି । ଗାଜାପଟିରେ ହମାସ୍‌ଙ୍କ ଉପରେ ଆକ୍ରମଣରେ ଲକ୍ଷ ଲକ୍ଷ ମହିଳା ଓ ଶିଶୁଙ୍କୁ ହତ୍ୟାକରିଥିବା ନେତାନ୍ୟାହୁଙ୍କ ନେତୃତ୍ୱ ପ୍ରତି ଟ୍ରମ୍ପଙ୍କ ସମର୍ଥନ ଯେଉଁ ପ୍ରଶ୍ନବାଚୀ ସୃଷ୍ଟି କରିଛି ସେଥିରେ କହିବାକୁ ପଡୁଛି ଯେ ଆମେରିକାର ପ୍ରଶାସନ ଇସ୍ରାଏଲ ନିୟନ୍ତ୍ରଣରେ ଅଛି ।

ପରିବର୍ତ୍ତିତ ଭୂ-ରାଜନୈତିକ ସ୍ଥିତିରେ ଆମର ସ୍ଥାନ କେଉଁଠି? ଏକଥା ସତ ଯେ ଆମେରିକା ଓ ଇସ୍ରାଏଲକୁ ସମର୍ଥନ ଦେଇ ଆମେ କିଛି ବନ୍ଧୁରାଷ୍ଟ୍ରଙ୍କ ସହାନୁଭୂତି ହରାଇଛୁ । ଏବେ ଯେଉଁ ନୂଆ ନେତୃତ୍ୱ ପ୍ରତି ଆସ୍ଥା ଓ ବିଶ୍ୱାସ ବୃଦ୍ଧି ପାଉଛି ସେ ହେଉଛି ଚୀନ । ପଡ଼ୋଶୀ ଶତ୍ରୁ ରାଷ୍ଟ୍ର ପାକିସ୍ତାନ ସହ ନିବିଡ଼ ସଂପର୍କ ରଖି ଭାରତୀୟ ସୀମାନ୍ତରେ କ୍ରମାଗତ ବିପଦ ସୃଷ୍ଟି କରି ଆସିଥିବା ବେଜିଂ ନେତୃତ୍ୱକୁ ଆମେ ଭରସା କରିପାରିବା ? ଏଭଳି ଏକ ଦ୍ୱନ୍ଦ୍ୱ ମଧ୍ୟରେ ଭାରତର କୂଟନୈତିକ ଭୂମିକା ସମୟକୁ ଅପେକ୍ଷା କରିବା ଛଡ଼ା ଅନ୍ୟ କୌଣସି ବାଟି ନାହିଁ ।

### ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ । ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ । ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର । ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ । ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ ।

କାର୍ଯ୍ୟନିର୍ବାହୀ ସମ୍ପାଦକ

## ଶ୍ରେଷ୍ଠତ୍ୱ, ସୃଷ୍ଟିରେ ନା ଧ୍ୱଂସରେ !

ବିଚିତ୍ର ବିଶ୍ୱାଳ

ଆମେ ବାରମ୍ବାର କହୁଛୁ, ଶୁଣୁଛୁ ଓ ପଢୁଛୁ, ସୃଷ୍ଟିର ଶ୍ରେଷ୍ଠ ଜୀବ ମଣିଷ । ମଣିଷର ଚିନ୍ତା କରିବାର ଶକ୍ତି ଅଛି, ବିବେକ ଅଛି, ବିବେକକୁ ପ୍ରୟୋଗ କରି ନ୍ୟାୟ ଅନ୍ୟାୟ ଭିତରେ ପ୍ରଭେଦ ଜାଣି ସେହି ହିସାବରେ କାମ କରିବାର ଶକ୍ତି ବି ଅଛି । ଅନ୍ୟ ଜୀବମାନଙ୍କ ତୁଳନାରେ ମଣିଷର କଳ୍ପନା ଶକ୍ତି ଅତ୍ୟନ୍ତ ପ୍ରଖର । ଏହି କଳ୍ପନା ଶକ୍ତି ଯୋଗୁ ମଣିଷ ଅନ୍ୟ ସମସ୍ତ ଜୀବଙ୍କ ଅପେକ୍ଷା ଅଧିକ ଉନ୍ନତ ବୋଲି ବି କୁହାଯାଏ । ଏହା ଛଡ଼ା ମଣିଷ ବୁଦ୍ଧିରେ ବି ସୃଷ୍ଟିର ସବୁ ଜୀବଙ୍କ ଅପେକ୍ଷା ଅଧିକ ଚତୁର ବୋଲି ପରିଗଣିତ ହୁଏ । କିନ୍ତୁ ପ୍ରଶ୍ନ ଉଠୁଛି, ଏସବୁ କେବଳ ଆମେ ଅଭ୍ୟାସଗତ ଭାବେ କହୁଛେ, ନା ସାମ୍ପ୍ରତିକ ପରିସ୍ଥିତିକୁ ଦେଖି ଏହାର ମୂଲ୍ୟାଙ୍କନ କରି ମଧ୍ୟ କହୁଛେ! ଶ୍ରେଷ୍ଠତ୍ୱ ଧ୍ୱଂସ କରିବାର ଶକ୍ତିରେ ନିହିତ ଥାଏ, ନା ସୃଷ୍ଟି କରିବାର ଶକ୍ତିରେ? ଯଦି ଏହି ପ୍ରଶ୍ନକୁ ଗହନ ଭାବେ ବିଚାର କରାଯିବା ସହିତ ବର୍ତ୍ତମାନର ଦୁନିଆର ବାସ୍ତବତାକୁ ନିରପେକ୍ଷ ଭାବେ ମୂଲ୍ୟାଙ୍କନ କରାଯାଏ, ତେବେ ଆଜି ସମଗ୍ର ସୃଷ୍ଟିରେ ମଣିଷର ଆସନ ଅନେକ ପଛରେ ରହିବ, ଏଥିରେ ସନ୍ଦେହ ନାହିଁ ।

ଆଜିର ଦୁନିଆକୁ ଯଦି ଲକ୍ଷ୍ୟ କରିବା, ତେବେ ସ୍ପଷ୍ଟ ଦେଖାଯିବ ଯେ, ସଂପ୍ରତି ଏକବିଂଶ ଶତାବ୍ଦୀର ମଣିଷମାନେ କେବଳ ଯୁଦ୍ଧ ପଛରେ ଧାଇଁଛନ୍ତି । ଆଉ ଏହି ଯୁଦ୍ଧ ବଣ ଜଙ୍ଗଲ ମଧ୍ୟରେ ଲୁଚିଛପି ହେଉନାହିଁ । ଏକାଧିକ ଦେଶ ପରସ୍ପର ବିରୁଦ୍ଧରେ ଆନୁଷ୍ଠାନିକ ଯୁଦ୍ଧ ଲଢୁଛନ୍ତି । ଆମେରିକା-ଇରାନ ହେଉ, ଇସ୍ରାଏଲ-ପାଲେଷ୍ଟାଇନ ହେଉ, ଋଷ୍ -ୟୁକ୍ରେନ ହେଉ କି ପାକିସ୍ତାନ-ଆଫଗାନିସ୍ତାନ, ସମସ୍ତେ ଏବେ ଯୁଦ୍ଧର ମଇଦାନରେ । ଭାରତ, ପାକିସ୍ତାନ, ମଧ୍ୟପ୍ରାଚ୍ୟ, ଚାଇନା, ଆଫ୍ରିକା, ଦକ୍ଷିଣ ଆମେରିକାର ରାଷ୍ଟ୍ରମାନେ ବି ଏହି ଧାରାର ପଛରେ ନାହାନ୍ତି । ଗୋଟିଏ ପକ୍ଷର ମଣିଷଙ୍କ ରକ୍ତ ଅପର ପକ୍ଷ ପାଇଁ ଏକାନ୍ତ ଆବଶ୍ୟକତା ପାଲଟି ଯାଇଛି । ଆଜିର ଏହି ଯୁଦ୍ଧ ବି ହାତ ହତିଆରରେ ହେଉନାହିଁ । କମ୍ପ୍ୟୁଟର ମାଧ୍ୟମରେ ହେଉଛି । ଏହି ଯୁଦ୍ଧରେ କେବଳ ଲଢୁଥିବା ସୈନିକମାନଙ୍କ ପ୍ରାଣହାନୀ ହେଉନାହିଁ; ଚାରିପଟେ ଥିବା ସାଧାରଣ ମଣିଷମାନେ ଅକାଳରେ ମୃତ୍ୟୁବରଣ କରୁଛନ୍ତି ଆଜିର ବିକଶିତ ଦୁନିଆର ଆଣବିକ ଯୁଦ୍ଧରେ । ସଂପ୍ରତି ଦୁନିଆରେ ସେଇମାନଙ୍କୁ ବିକଶିତ କୁହାଯାଉଛି, ଯିଏ ଅତି କମ୍ ପରିଶ୍ରମରେ କେବଳ ସ୍ୱିଚ୍ ଟିପି ଅପରପକ୍ଷର ଲକ୍ଷ ଲକ୍ଷ ଲୋକଙ୍କୁ ମାରିପାରୁଛି । ବିକାଶର କି ଅଜବ ପରିଭାଷା ଆମେ ବନେଇ ଦେଇଛେ! ଦ୍ରୁତ ଗତିରେ ଓ ଅନାୟାସରେ ମଣିଷଙ୍କୁ ମାରିପାରିବା ଯଦି ବିକାଶ, ତା'ହେଲେ ବିନାଶ ଆଉ କଣ ? ବିକାଶ ରାସ୍ତାରେ ଆମେ ଏମିତି ଦୌଡ଼ୁଛେ ଯେ, କେତେବେଳେ ଏ ଦୁନିଆର ବିନାଶ ହିଁ ବିକାଶ ପାଲଟି ଗଲାଣି ଆମେ ଜାଣି ପାରୁନୁ । ଆଜିର ଏହି ଯୁଦ୍ଧଖୋର୍ ପୃଥିବୀରେ ବିଦ୍ୟାଳୟ ଉପରେ ବୋମା ପଡୁଛି, ଡାକ୍ତରଖାନା ଉପରେ କ୍ଷେପଣାସ୍ତ୍ର ମାଡ଼ ହେଉଛି, ରାଷ୍ଟ୍ର ମୁଖ୍ୟମାନଙ୍କ ନିରପରାଧ ପରିବାରଜନଙ୍କୁ ହତ୍ୟା କରାଯାଉଛି । ଶିଶୁ, ମହିଳା, ବୃଦ୍ଧ, ଅସହାୟ ଲୋକମାନଙ୍କୁ ହତ୍ୟା କରି ସାମ୍ବାଦିକ ସମ୍ମିଳନୀରେ ରିପୋର୍ଟ ପାଠ କରାଯାଉଛି । ଏହି ସବୁ ଗୁଣ ଓ ଚରିତ୍ର କ'ଣ ବିକଶିତ ମନୁଷ୍ୟର ପରିଚୟ ? ସତରେ ଆଜିର ସମୟରେ ଠିଆ ହୋଇ ଆମେ କ'ଣ କହିପାରିବା ଯେ, ଆମେ ନିଅଣ୍ଡର୍ଥାଲ୍, କ୍ରୋମାଗନନ ମାନବ, ସିମ୍ପାଜୀ ଓ ମାଙ୍କଡ଼ଙ୍କଠାରୁ ଆମେ ଉନ୍ନତ? ଆମ ଉନ୍ନତ ତଥା ପ୍ରଗତିର ପରିଚୟ କ'ଣ ଅନ୍ୟ ମଣିଷର ହତ୍ୟା? ନିଜେ ସୃଷ୍ଟି କରିଥିବା ଭିତ୍ତିଭୂମିର ଧ୍ୱଂସ? ଶହ ଶହ ବର୍ଷ ଧରି ଆମେ ଯେଉଁ ଦୁନିଆ ଗଢ଼ିଛେ, ଯେଉଁ ଭିତ୍ତିଭୂମି ତିଆରି କରିଛନ୍ତି ବୋଲି ଗର୍ବ କରୁଥିଲେ, ସେସବୁକୁ ଧ୍ୱଂସ କରିବାକୁ ଆମ ମାନବିକତା କେମିତି ଅନୁମତି ଦେଇପାରୁଛି! ଆଜିର ସମୟରେ ମାନବିକତା ଧୀରେ ଧୀରେ ପଶୁତ୍ୱଠାରୁ ଅଧିକ ନିର୍ଦ୍ଦୟ ହେବାରେ ଲାଗୁଛି । ସମୟ ଆସିବ, ଭଲ କାମ କରିବାକୁ ମାନବିକତାର ଦ୍ୱାହି ଦେବା ପାଇଁ ଆମ ପାଖରେ ଆଉ ମାନବିକତାର ଉଦାହରଣ ବି ବଞ୍ଚି ନ ଥିବ ।

ଗଳିରେ ବେଳେବେଳେ କୁକୁରମାନେ ଯେପରି ଲଢନ୍ତି, ଅବୁଝା ଛୋଟ ପିଲାମାନେ ଯେପରି ପରସ୍ପର ବିରୁଦ୍ଧରେ ମାଡ଼ଗୋଳ ଲାଗନ୍ତି, ପରସ୍ପର ଉପରକୁ ଟେକା, ପଥର ପକାନ୍ତି, ଏବେ ଦେଶର ମୁଖ୍ୟମାନେ ପରସ୍ପରଙ୍କ ଉପରେ ସେପରି ବୋମାଟି କ୍ଷେପଣାସ୍ତ୍ର ମାଡ଼ କରୁଛନ୍ତି । ଛୋଟ ପିଲାମାନେ ତ ଆଜି ମାଡ଼ଗୋଳ ଲାଗିଲେ କାଲି ପୁଣି ମିଶିଯା'ନ୍ତି । କିନ୍ତୁ ଆଜିର ସମୟରେ ରାଷ୍ଟ୍ରମାନେ ପରସ୍ପର ବିରୁଦ୍ଧରେ ବର୍ଷ ବର୍ଷ ଧରି ଯୁଦ୍ଧ ଲଢୁଛନ୍ତି । ସମସ୍ତଙ୍କ ଉଦ୍ଦେଶ୍ୟ ଅପରକୁ ଧ୍ୱଂସ କରିବା । କିନ୍ତୁ ତା' ସହିତ ନିଜେ ବି ଧ୍ୱଂସ ହେଉଛନ୍ତି ଓ ଆମର ପ୍ରିୟ ଦୁନିଆ ବି ଧ୍ୱଂସ ହେଉଛି ବୋଲି ଆମେ ଭୁଲି ଯାଉଛେ । ଏବେର ଆମେରିକା-ଇରାନ ଯୁଦ୍ଧ ଯୋଗୁ ସାରା ବିଶ୍ୱରେ ତୈଳ ସଙ୍କଟ ଦେଖାଗଲାଣି । ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟଗୁଡ଼ିକର ମୂଲ୍ୟ ହୁ ହୁ ହୋଇ ବଢୁଛି । କ୍ଷତି କେବଳ ଇରାନ ସହୁନି; ସାରା ଦୁନିଆ ଏ କ୍ଷତିର ଶିକାର ହେଉଛି । ଏପରି ବିପର୍ଯ୍ୟୟ ଆମ ପାଇଁ କେଉଁ ପ୍ରକୃତି କି ଅନ୍ୟ ଜୀବ ଡାକି ଆଣୁନାହାନ୍ତି; ଖୋଦ୍ ମଣିଷ ନିଜ ପାଇଁ ନିଜେ ଏପରି ବିପର୍ଯ୍ୟୟକୁ ବୋହି ଆଣୁଛି । ତା'ହେଲେ ମଣିଷର ଇଏ କେମିତିକା ଶ୍ରେଷ୍ଠତ୍ୱ?

କେବଳ ଏହି ଯୁଦ୍ଧଖୋର୍ ପ୍ରବୃତ୍ତିକୁ ନେଇ ନୁହେଁ; ପ୍ରକୃତି ବିରୋଧୀ କାର୍ଯ୍ୟକଳାପ ବି ଆମ ମଣିଷପଣିଆକୁ ଆଜି କାଠଗଡ଼ାରେ ଠିଆ କରିଛି । ସୃଷ୍ଟିକୁ ସରସ ସୁନ୍ଦର ରଖିବା ପାଇଁ ପ୍ରକୃତି କୋଳନଦୀ, ଜଙ୍ଗଲ, ପାହାଡ଼ ପର୍ବତ, ଚାରଣଭୂମି, ଚାଷ ଜମି, ଜଳାଶୟ, ମରୁଭୂମି ସବୁକିଛି ଅଛି । ସୃଷ୍ଟିର ପ୍ରତ୍ୟେକ ଜୀବ ଆରାମରେ ଜୀବନଯାପନ କରିବା ପାଇଁ ପ୍ରକୃତି ଆମକୁ ସବୁ କିଛି ଅତ୍ୟନ୍ତ ସନ୍ତୁଳିତ ଭାବେ ଦେଇଛି । କିନ୍ତୁ ବିକାଶ ମୋହଗ୍ରସ୍ତ ମଣିଷ ଏ ସବୁକୁ ଅତ୍ୟନ୍ତ ନିର୍ଦ୍ଦୟ ଭାବେ ଅସନ୍ତୁଳିତ କରିଚାଲିଛି । ଜଙ୍ଗଲ କାଟି ଧ୍ୱଂସ କରୁଛି, ନଦୀ ଶୁଖେଇ ଦେଉଛି, ମାଟିକୁ ନଷ୍ଟ କରୁଛି, ମରୁଭୂମିର ଚରିତ୍ର ବଦଳେଇ ଦେଉଛି । ପୃଥିବୀ ଛାତିରେ ବିଶାଳକାୟ ଖଣି ଖୋଳୁଛି । ଆମାଜନ ଜଙ୍ଗଲ ପତଳା ହେବାରେ ଲାଗୁଛି । ଗଙ୍ଗା, ଯମୁନା, ଗୋଦାବରୀ ନଦୀ ଆଦି ଧୀରେ ଧୀରେ ଆବର୍ଜନା କୁଣ୍ଡରେ ପରିଣତ ହୋଇ ବ୍ୟବହାର ଅନୁପଯୋଗୀ ହେଲାଣି । ମାଟି ତଳୁ ପାଣି ଶୁଖି ଗଲାଣି । ମାଟିର ଉର୍ବର ଶକ୍ତି ଆଉ ନାହିଁ କହିଲେ ଭୁଲ ହେବ ନାହିଁ । ନଦୀ ଏମିତି ବିଷାକ୍ତ ହେଲାଣି ଯେ, ମାଛ କଙ୍କଡ଼ା ଓ ଅନ୍ୟାନ୍ୟ ଜଳଜୀବ ନିଶ୍ଚିହ୍ନ ହେବାର ପାଦ ଦେଶରେ । ପ୍ଲାଷ୍ଟିକ ସାରା ଦୁନିଆକୁ ନିଜ ପଞ୍ଝାରେ ଚାପି ସାରିଲାଣି । ପରିସ୍ଥିତି ଏପରି ହେଲାଣି ଯେ, ବିଶ୍ୱର ପରବର୍ତ୍ତୀ ସଂକଟର ନାମ ପ୍ଲାଷ୍ଟିକ ହେବାକୁ ଯାଉଛି । ବିଶ୍ୱର ତାପମାତ୍ରା ଆମେ ନିଜ ଲୋଭ ଓ ଲାଭ ଯୋଗୁ ଅନେକ ବଢ଼େଇ ସାରିଲେଣି । ବିକାଶ ନାଁରେ ଆମେ ଜଙ୍ଗଲ, ନଦୀ, ପଶୁ ପକ୍ଷୀ ସମସ୍ତଙ୍କୁ ବିଲୁପ୍ତ ପଥରେ ପହଞ୍ଚେଇ ଦେଇଛେ ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏ ପରିସ୍ଥିତି କେଉଁ ପଶୁ ପକ୍ଷୀ ତିଆରି କରିନାହାନ୍ତି । କେଉଁ ଅସଭ୍ୟ ଅଶିକ୍ଷିତ ଜଙ୍ଗଲର ଆଦିମ ଅଧିବାସୀ କରିନାହାନ୍ତି । ଏସବୁ ଆମେ ଶିକ୍ଷିତ ମଣିଷମାନେ ହିଁ କରିଚାଲିଛନ୍ତି ଓ କରି ଚାଲୁଛନ୍ତି ବି । ତଥାକଥିତ ବିକଶିତ ମଣିଷମାନେ ଯୁଦ୍ଧ କରି ଗଣହତ୍ୟା କରୁଛନ୍ତି, ଶିଶୁ ଓ ମହିଳାମାନଙ୍କୁ ମୃତ୍ୟୁପଥରେ ଶୁଆଇ ଦେଉଛନ୍ତି, ଶହ ଶହ ବର୍ଷର ଭିତ୍ତିଭୂମିକୁ ପାଗଳ ପରି ଧ୍ୱଂସ କରୁଛନ୍ତି ଓ ବିକାଶ ନାଁରେ ପରିବେଶ ପ୍ରକୃତିକୁ ନଷ୍ଟ କରୁଛନ୍ତି । ଏପରି କ୍ଷେତ୍ରରେ ଅନ୍ତତଃପକ୍ଷେ ଏତିକି ବୁଝି ହେଉଛି ଯେ, ମଣିଷ ବ୍ୟତୀତ ଆଉ ସମସ୍ତେ ଅଧିକ ବୁଦ୍ଧିମାନ, ବିକଶିତ ଓ ଭବିଷ୍ୟତମୁଖୀ ।

ଭିରଙ୍ଗ, ତିରଣ, ଜଗତସିଂହପୁର, ୭୫୪୧୩୮
ମୋ- ୯୪୩୮୪୬୮୪୭୪

## ଓଡ଼ିଆ ପକ୍ଷ - ଦୁଇହଜାର ଛବିଶ !

ଗଜାନନ ମିଶ୍ର

ବ୍ୟଙ୍ଗ ଧାଡ଼ି ନୁହଁ ଏଇଟା! ଏଇଟା ସତ୍ୟ ବଚନ ଓଡିଶା ସରକାରଙ୍କର! ଅପ୍ରିଲ ପହିଲାରୁ ଅପ୍ରିଲ ଚଉଦ ତାରିଖ ପର୍ଯ୍ୟନ୍ତ । ତା' ପରେ? ତା' ପରେ ଆଉ କିଛି ନାହିଁ । ତା'ପରେ 'ଉଡିଆ ଏକ୍‌ଟା ଭାଷା ନଏ'! ଓଡିଆରେ କହିଲେ, ଲେଖିଲେ ତୁମେ ପାଲଟିଯିବ ଚିଡିଆଖାନାର ଏକ ଜନ୍ତୁ । ସତେ ଯେମିତି ତୁମକୁ ଚଳି ଆସେ ନାହିଁ । ନିଜ ଅହଂକୁ ସନ୍ତୁଷ୍ଟି ଦେବାକୁ ବକି ଚାଲିଛ ! କାଳି ଗାଈର ଭିନେ ଗୋଠ ଭଳି ଦେଖେଇ ହେଉଛ! ଗୋଠ ଖଣ୍ଡିଆ ତୁମେ! ନିଜଆଡ଼କୁ ଅନ୍ୟର ଦୃଷ୍ଟି ଆକର୍ଷଣ କରିବାକୁ ଏଇ ତୁମର ଏକ ନୂଆ ଫନ୍ଦି । ଓଡିଆ ଅସ୍ମିତା, ଓଡିଆ ଅସ୍ମିତା କହି କହି ଯୋଉ ସରକାର ଶାସନ ଗାଦି ମାଡି ବସିଛନ୍ତି, ଲୋକଙ୍କର ସରକାର, ଏଡ଼େ ବହପ ତୁମର କହିଦେବ ଯାହା ତାହା! ନା, ହୋଇ ପାରେ ନା କେବେ ଏମିତି!

କଣ ସତ୍ୟ ନୁହଁ, ଅଠରଶହ ଫଂଚାନବେ ଆଡ଼େ ହୋଇ ନ ଥିଲା ଓଡିଆ ପରିବର୍ତ୍ତେ ହିନ୍ଦୀ ସେତେବେଳର ସରକାରୀ କାର୍ଯ୍ୟାଳୟରେ ! ବିରୋଧରେ ହୋଇ ନ ଥିଲା ଭାଷା ଆନ୍ଦୋଳନ ! 'ମାତୃଭୂମି ମାତୃଭାଷାରେ ମମତା ଯା' ହୃଦେ ଜନମି ନାହିଁ, ତାକୁ ଯେବେ ଜ୍ଞାନୀ ଗଣରେ ଗଣିବା ଅଜ୍ଞାନ ରହିବେ କାହିଁ,' କହି ନ ଥିଲେ ସ୍ୱଭାବ କବି ଗଙ୍ଗାଧର! ସଫଳ ହୋଇ ନ ଥିଲା କି ସେତେବେଳର ଭାଷା ଆନ୍ଦୋଳନ! ଉତ୍କଳ ସମ୍ମିଳନୀ ଗଢ଼ା ହୋଇ ନ ଥିଲା! ' ଉଠରେ ଉଠରେ ଉତ୍କଳ ସନ୍ତାନ' କୁହା ହୋଇ ନ ଥିଲା! ସ୍ୱତନ୍ତ୍ର ଓଡିଶାର ଜନ୍ମ ହୋଇ ନ ଥିଲା ଉଣେଇଶି ଶହ ଛତିଶରେ ! ଭାଷା ଭିତ୍ତିରେ ପ୍ରଥମ ରାଜ୍ୟ ସମଗ୍ର ଏସିଆ ମହାଦେଶରେ ଇରେଜ ଶାସନାଧୀନ ଭାରତ ବର୍ଷରେ! ଆଉ କ'ଣ ହୋଇ ଥା'ନ୍ତା ?

**ଭାଷା-ପରିଭାଷା**

ଭାରତ ସ୍ୱାଧୀନ ହେଲା ପରେ, ଭାରତର ସମ୍ବିଧାନ ତିଆରି ହେଲା । ସମ୍ବିଧାନରେ ଅଷ୍ଟମ ସୂଚୀରେ କିଆଁ ସ୍ଥାନ ପାଇଲା ନାହିଁ ଇଂରେଜୀ ସମେତ ଅନ୍ୟ କୌଣସି ବିଦେଶୀ ଭାଷା! ଭାରତୀୟ ସମ୍ବିଧାନ ଅନୁସାରେ ଭାଷା ଆଇନ ହେଲା ଆମ ରାଜ୍ୟ ଓଡିଶାରେ ଉଣେଇଶ ଚଉବନ ମସିହାରେ ଲୋକଙ୍କ ପାଇଁ ଲୋକଙ୍କର ସରକାର ଦ୍ୱାରା । ସେଥିରେ ରହିଲା 'ସବୁ କିମ୍ବା ଯେ କୌଣସି ଉଦ୍ଦେଶ୍ୟରେ ଓଡିଆ ଭାଷା ବ୍ୟବହାର କରାଯିବ ।' ପ୍ରତି ବର୍ଷ ଅପ୍ରିଲ ପହିଲାରେ ଓଡିଶା ଦିବସ ପାଳନ କଲେ, ଲିଖନ ପଠନ ପ୍ରତିଯୋଗିତା ଚାଲିଲା, କବି ଲେଖକ ବହୁତ କିଛି ଯେଣ ତେଣ ପ୍ରକାରେଣ ସାଉଁଟିଲେ ପୁରସ୍କାରାଦି । ଅପ୍ରିଲ ଚଉଦ ତାରିଖରେ ଓଡିଆ ନବ ବର୍ଷ ପଣା ଓ ବିଷୁବ ସଂକ୍ରାନ୍ତି ପାଳନ କରାଗଲା, ଭାଙ୍ଗପଣା ପିଆଗଲା । ଭାଷଣବାଜିରେ ମାଟି କମ୍ପିଲା । ପ୍ରଶସ୍ତି, ପ୍ରଶଂସାପତ୍ରରେ ଲେଖକଙ୍କ ବୈଠକଘର ଶୋଭା ମଣ୍ଡିତ ହେଲା । କିନ୍ତୁ ହେଲା ନାହିଁ, ହୋଇ ପାରିଲା ନାହିଁ ଓଡିଆ ଭାଷାର ପ୍ରୟୋଗ 'ସବୁ ବା ଯେ କୌଣସି କାର୍ଯ୍ୟରେ' । ଚିଠିପତ୍ର ଆଦେଶ ରାୟ ଓଡିଆ ଲୋକେ ପାଇ ପାରିଲେ ନାହିଁ ଏ ଯାଏ!

ଭାଷା ପାଖରେ ଅଛି ଦୋଷ ନିଶ୍ଚୟ! ଦୋଷ ନ ଥିଲେ, ଓଡିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇ ବି, ସାରଳା, ସାହିତ୍ୟ ଏକାଡେମୀ, ଜ୍ଞାନପୀଠ ଆଦି ଆଦି ସବୁ ପୁରସ୍କାର ଓଡିଆ କବି ଲେଖକଗଣ ପାଉଥିଲେ ବି, ଲୋକଙ୍କ ଟିକସରୁ କୋଟି କୋଟି ଟଙ୍କା ଭାଷା ଉନ୍ନତିରେ ଖର୍ଚ୍ଚ ହେଉଥିଲେ ବି ଦୈନନ୍ଦିନ ନ୍ୟାୟାଳୟରେ, କାର୍ଯ୍ୟାଳୟରେ, ବିଦ୍ୟାଳୟରେ ଓଡିଆ ଭାଷା ବ୍ୟବହାର ହେଉ ନ ଥାନ୍ତା! ଅମଲା ଅଫିସର ନ୍ୟାୟାଧୀଶ ସବୁ ବର୍ଗର କର୍ମଚାରୀ ଓଡିଆ ଭାଷା ବ୍ୟବହାର କରୁ ନ ଥାନ୍ତେ! ଦୋଷ ଖୋଜି ବାହାର କରିବା କାମ କାହାର! ଏ ବିଷୟରେ କେହି କେବେ ଭାବିଛି କି? ଏ ବିଷୟ ବୁଝିବାକୁ, ତନଖି ତଦାରଖ କରିବାକୁ ଏ ଯାଏ କୋଉ ବିଭାଗ ଅଛି କି? ଆଇନ ସବୁ କାର୍ଯ୍ୟକାରୀ ହେଲା କି ନ ହେଲା କିଏ ଅଛି ? କ୍ଷମା କରିବା ହେବେ, ଏ ମୂର୍ଖ ଲେଖକକୁ ଆଦୁ ଜଣା ନାହିଁ । ରାତି ପାହିଲେ ଚଳନ୍ତି ଟଙ୍କା ନୋଟ ଅଚଳ ହେଉଛି, ଆଉ ପରଭାଷା, ମାରକଭାଷା, ଆଇନ ଅଦାଲତ ସବୁ ଥାଇ ବି ଆମକୁ ଜିଅନ୍ତା ମାରି ମାରି ଚାଲିଛି ଏ ଯାଏ!

ସଭିଏଁ କ୍ଷୀର ପିଇବାକୁ ପ୍ରସ୍ତୁତ; ଗାଈକୁ ଘାସ କେରାଏ କି ପାଣି ଟୋପାଏ ଦେବାକୁ କେହି ଦିଶୁ ନାହାନ୍ତି । ଯେ ଯାହାର ଗୋଷ୍ଠୀ କରି ପୁରସ୍କାର, ଉପାଧି, ପକ୍ଷ ନାମରେ କୋଟି କୋଟି ଲକ୍ଷ ଲକ୍ଷ ମାରିନେବାରେ ବ୍ୟସ୍ତ ପକେଟରେ ପୂରାଇ । ହାୟ, ହାୟ, ତୋଷାମଦିଆର କୁକୁର ପ୍ରକୃତି ଅଇଁଠା ପତରେ ସ୍ଥାନ, ଶାଗୁଣା ବିଲୁଆ ଚିକିତ୍ସକ ହେଲେ ଶବ କି ପାଇବ ପ୍ରାଣ! ନିଅ, ନିଅ, ଯାହା ପାରୁଛ ଯେମିତି ନେଇଯାଅ! ମଲେ, ମରିଗଲେ ଥରେ ଆଉ କି ପାରିବ ନେଇ! କାହିଁ କେହି ବଂଚିଛି ମତେ ତ ଦିଶୁ ନାହିଁ! ନୂଆ ବର୍ଷ, ଆଗକୁ ଆମର ଶୁଭ ସଂକ୍ରାନ୍ତି! ଥାଉ ଏଇଠି ଏତିକି ।

ତପୋବନ, ଟିଟିଲାଗଡ଼, ବଲାଙ୍ଗିର
ମୋ - ୯୪୩୭୩୬୬୭୪୪

## ଅନ୍ଧବିଶ୍ୱାସର ଅନ୍ଧଗଳିରେ ନରବଳି

ବୈଷ୍ଣବ ମେହେର

'ଅସୁସ୍ଥ ପୁଅକୁ ଭଲ କରିବା ପାଇଁ ନରବଳି' । ଗତ ପବିତ୍ର ରାମନବମୀ ତିଥିରେ ଝାଡ଼ଖଣ୍ଡର ହଜାରିବାଗ ଜିଲ୍ଲାରେ ଘଟିଥିବା ଏ ଘଟଣା ଯେତିକି ମର୍ମନ୍ତୁଦ, ତା'ଠାରୁ ଅଧିକ କ୍ରୁର ଓ ଅମାନବୀୟ ବୋଲି କୁହାଯିବ । ଏକବିଂଶ ଶତାବ୍ଦୀର ଜଣେ ମଣିଷ, ସେ ପୁଣି ଜଣେ ମମତାମୟୀ ମାଆ ହୋଇ ନିଜର ଅସୁସ୍ଥ ପୁଅର ସୁସ୍ଥତା ନିମନ୍ତେ ଅନ୍ୟ ଜଣେ ମାଆର ତେର ବର୍ଷୀୟା ନାବାଳିକା ଝିଅକୁ ବଳି ପକାଇବା ସମସ୍ତଙ୍କୁ ସ୍ତବ୍ଧ କରିଦେଇଛି । ଏଭଳି ନିନ୍ଦନୀୟ ଘଟଣା ବର୍ତ୍ତମାନର ସଭ୍ୟ ସମାଜ ପାଇଁ ଯେତିକି ଲଜ୍ଜାକର ଓ କଳଙ୍କିତ, ସେତିକି ସାଙ୍ଘାତିକ ଭାବେ ଚିନ୍ତା ଉଦ୍ରେକଜନକ ମଧ୍ୟ । ପରିତାପର ବିଷୟ ଯେ କେବଳ ଏହି ଗୋଟିଏ ଘଟଣା ନୁହେଁ; ଜ୍ଞାନବିଜ୍ଞାନର ଚରମ ସୀମାକୁ ପହଂଚି ସାରିଛି ବୋଲି କହୁଥିବା ବର୍ତ୍ତମାନର ଉଚ୍ଚଶିକ୍ଷିତ ମଣିଷ ସମାଜରେ ଲଗାତାର ଭାବରେ ଏପରି ଘଟଣାର ପୁନରାବୃତ୍ତି ହୋଇଚାଲିଛି । ତନ୍ତ୍ର ସାଧନ ପାଇଁ ଜନ୍ମ କଲା ମାଆକୁ ଖଣ୍ଡଖଣ୍ଡ କରି କାଟିଦେବା, ସେଇ ତନ୍ତ୍ରମନ୍ତ୍ର ପାଇଁ ନଅ ବର୍ଷର ପୁତୁରାକୁ ପୁଲିସବାଲା କାକା ବଳି ଦେବା, କ୍ଷେତରେ ଭଲ ଫସଲ ଅମଳ ନ ହେବାରୁ ନିଜ ବାର ବର୍ଷୀୟା ନାତିର ତଣ୍ଟିକାଟି ଏକ ଢାଳରେ ରକ୍ତ ସଂଗ୍ରହ କରିବା ଓ ପରବର୍ତ୍ତୀ ସମୟରେ ଏଭଳି ବୀଭତ୍ସ ହତ୍ୟାକାଣ୍ଡକୁ ନେଇ ଅଜା ମନରେ ସାମାନ୍ୟ ଅନୁଶୋଚନା ନ ହେବା ଭଳି ଘଟଣା ଅନ୍ୟ କେଉଁ ଯୁଗର ନୁହେଁ; ବରଂ ଆମେ ବଂଚୁଥିବା ବର୍ତ୍ତମାନ ସମୟର ବୋଲି ଜାଣିବା ପରେ ଆମ ଜ୍ଞାନବିଜ୍ଞାନର ପାରଦର୍ଶିତାକୁ ନେଇ ସନ୍ଦେହ ହେବା ସ୍ୱାଭାବିକ କଥା ।

ନରବଳି ଏକ ଅମାନବୀୟ ଓ ଅନ୍ଧବିଶ୍ୱାସ ଜନିତ କୁପ୍ରଥା, ଯାହାକୁ ଭଦ୍ର ସମାଜରେ ଯେତେ ନିନ୍ଦା କଲେ ମଧ୍ୟ କମ୍ ହେବ । ନିଜର କୁତ୍ସିତ ସ୍ୱାର୍ଥ ସାଧନ ନିମନ୍ତେ ଅନ୍ୟର ଜୀବନ ନେବା କିମ୍ବା ଅନ୍ୟର ସୁଖକୁ ଉଜାଡ଼ି ଦେବା ସମ୍ପୂର୍ଣ୍ଣ ଅପରିପକ୍ୱତା ଛଡ଼ା ଅନ୍ୟ କିଛି ନୁହେଁ । ଏଭଳି ଅନ୍ଧବିଶ୍ୱାସକୁ ପ୍ରୋତ୍ସାହନ ଦେଉଥିବା ବ୍ୟକ୍ତି ସମାଜରେ ଭୟ ଓ ଚାଞ୍ଚଲ୍ୟ ସୃଷ୍ଟି କରନ୍ତି, ଯାହାର ଶିକାର ଅନେକ ସମୟରେ ନିରୀହ ଲୋକଙ୍କୁ ହିଁ ଭୋଗିବାକୁ ପଡ଼େ । ପୂର୍ବ ଅପେକ୍ଷା ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥାରେ ଅନେକ ଉନ୍ନତି ଘଟିସାରିଛି । ଲୋକେ ମଧ୍ୟ ଅନେକ କ୍ଷେତ୍ରରେ ସଚେତନ ହୋଇଛନ୍ତି । କିନ୍ତୁ ନିଜ ଅଜ୍ଞାନ ଯୋଗୁଁ ବହୁ ଆଗରୁ ଚାଲିଆସୁଥିବା କିଛି ପ୍ରଥା ଯାହା ଆମ ସମାଜକୁ କଳଙ୍କିତ ଏବଂ ବିପଥଗାମୀ କରୁଛି, ତା'ଠାରୁ ଦୂରେଇ ରହିବାରେ ଆଜିର ମଣିଷ ଏଯାଏଁ ସକ୍ଷମ ନ ହେବା ଆମ ମାନସିକ ପରିପକ୍ୱତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରୁଛି ।

**ଅନ୍ଧ-ବିଶ୍ୱାସ**

ସଂପ୍ରତି ଗାଁ ଗହଳିରେ ବସବାସ କରୁଥିବା କେବଳ କିଛି ଅସହାୟ, ଅଶିକ୍ଷିତ ମଣିଷମାନେ ଯେତିକି ନୁହନ୍ତି, ତା'ଠାରୁ ଅଧିକ ସହରରେ ସହରୀ ଜୀବନ ବଞ୍ଚୁଥିବା ଉଚ୍ଚଶିକ୍ଷିତ ଓ ସ୍ୱଚ୍ଛନ୍ଦ ମଣିଷମାନେ ଏଭଳି ଦାରୁଣ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହେବା ଅତିବ ପରିତାପର ବିଷୟ ।

ଚଳିତ ମାସ ଅର୍ଥାତ୍ ଏପ୍ରିଲ ଚାରି ତାରିଖରେ ଆମ ରାଜ୍ୟର ପ୍ରତ୍ୟେକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ପାଳନ କରାଗଲା । ଏହି ଦିନ ନୂତନ ଭାବରେ ବିଦ୍ୟାରମ୍ଭ କରିବାକୁ ଥିବା କୋମଳମତି ଶିଶୁମାନଙ୍କୁ ବ୍ୟବସ୍ଥା ଅନୁଯାୟୀ ଶିକ୍ଷକ/ଶିକ୍ଷୟିତ୍ରୀମାନେ ଏକ ଆନନ୍ଦମୟ, ଆକର୍ଷଣୀୟ ପରିବେଶ ମଧ୍ୟରେ ବିଦ୍ୟାଳୟକୁ ପ୍ରବେଶ କରାଇବାର ବନ୍ଦୋବସ୍ତ କରିଥିଲେ । କିନ୍ତୁ କିଛି ସ୍ଥଳରେ ଅଭିଭାବକମାନେ ସେଦିନ ଶନିବାର ହୋଇଥିବା କହି ପ୍ରଥମ କରି ନିଜ ପିଲାଙ୍କୁ ବିଦ୍ୟାଳୟ ଛାଡ଼ିବାକୁ ଅମଙ୍ଗ ହୋଇଥିଲେ । ଫଳରେ ଅନେକ ବିଦ୍ୟାଳୟରେ ସେଦିନ ପ୍ରବେଶ ଉତ୍ସବ ହୋଇପାରି ନ ଥିଲା । ଏଥିରୁ ଅଜ୍ଞାନ ରୂପକ ଅନ୍ଧକାରକୁ ଦୂରେଇବାର ସଂକଳ୍ପ ନେଇ ଜ୍ଞାନାରମ୍ଭ କରିବାର ପ୍ରଥମ ଦିବସରେ ହିଁ ଅନ୍ଧବିଶ୍ୱାସ ଆରମ୍ଭ ହେବାର ପ୍ରଭାବ ଯେ ପିଲାଙ୍କ ଉପରେ ପଡୁଛି ଏହା ନିଃସନ୍ଦେହ ।

ଗୁଣିଗାରେଡ଼ି ସନ୍ଦେହରେ ମାର୍‌ପିଟ ଓ ହତ୍ୟାକାଣ୍ଡ ଭଳି ଘଟଣା ପ୍ରାୟତଃ ଦେହସୁହା ହୋଇଗଲାଣି । ଆମ ରାଜ୍ୟ କଥା ଯଦି କହିବା, ତେବେ ୨୦୧୯ ମସିହାରେ ଗୁଣିଗାରେଡ଼ି ସନ୍ଦେହରେ ୮୨ଟି ମାମଲା ଥାନାରେ ରୁଜୁ ହୋଇଥିବା ବେଳେ ସେଥିମଧ୍ୟରୁ ୧୩ଟି ହତ୍ୟାକାଣ୍ଡ ଘଟଣା ରହିଛି । ସେହିପରି ୨୦୨୦ ମସିହାରେ ୧୪ଟି ହତ୍ୟାକାଣ୍ଡ ସହ ୯୪ ମାମଲା, ୨୦୨୧ରେ ୧୨ଟି ହତ୍ୟାକାଣ୍ଡ ସହ ୭୯ ମାମଲା, ୨୦୨୨ରେ ୮ଟି ହତ୍ୟାକାଣ୍ଡ ସହ ୧୦୩ ମାମଲା, ୨୦୨୩ରେ ୧୦ଟି ହତ୍ୟାକାଣ୍ଡ ସହ ୭୦ ମାମଲା, ୨୦୨୪ରେ ୭ଟି ହତ୍ୟାକାଣ୍ଡ ସହ ୬୨ଟି ମାମଲା ଓ ତଥ୍ୟ ଅନୁଯାୟୀ ଗତ ୨୦୨୫ ଜାନୁଆରୀରୁ ଅକ୍ଟୋବର ସୁଦ୍ଧା ଗୁଣିଗାରେଡ଼ିକୁ ନେଇ ୬ଟି ହତ୍ୟା ମାମଲା ସହ ମୋଟ ୪୫ଟି ମାମଲା ରୁଜୁହୋଇଥିଲା । ଏଥିରୁ ସ୍ପଷ୍ଟ ହେଉଛି ଯେ ବ୍ୟାପକ ସଚେତନତା ସତ୍ତ୍ୱେ ବର୍ତ୍ତମାନ ମଧ୍ୟ ମଣିଷ ଅନ୍ଧବିଶ୍ୱାସର ଅନ୍ଧଗଳିରେ ଉବୁଟୁବୁ ହେଉଛି ଏବଂ ଏହି ଅନ୍ଧବିଶ୍ୱାସ ଆଜିବି ଅନେକଙ୍କୁ ଆଗକୁ ବଢ଼ିବାକୁ ଦେଉ ନାହିଁ ।

ଆଜିକାର ମଣିଷ ଏକବିଂଶ ଶତାବ୍ଦୀରେ ବିଚରଣ କରୁଛି । ବିଜ୍ଞାନର ଉତ୍କର୍ଷ ଯୋଗୁଁ ଜହ୍ନ ରାଇଜର ଠିକଣା ପାଇ ସାରିଛି । ମଙ୍ଗଳ ଅଭିଯାନର ସଫଳତା ମଧ୍ୟ ତା'ର ହାତ ପାଆନ୍ତାରେ । ତଥାପି ଆଜିକାର ମଣିଷ ଅନ୍ଧବିଶ୍ୱାସର ଅନ୍ଧଗଳିରେ ବୁଡ଼ିରହି ଛଟପଟ ହେଉଛି । ଦେବଦେବୀଙ୍କୁ ପ୍ରସନ୍ନ କରି ଅଲୌକିକ ଶକ୍ତିର ଅଧିକାରୀ ହେବା ନିମନ୍ତେ ପଶୁ କିମ୍ବା ମଣିଷର ନୁହେଁ; ବରଂ ନିଜର ବୁଦ୍ଧି, ବିବେକ, ଜ୍ଞାନ ସର୍ବୋପରି ମଣିଷ ନିଜ ମଣିଷତ୍ୱର ଯେ ବଳି ଚଢ଼ାଇ ଚାଲିଛି, ଏକଥା ସେ ନିଜେ ନ ବୁଝିବା ଯାଏଁ ତାକୁ ଅନ୍ୟ କେହି ବୁଝାଇବା ନିହାତି କଷ୍ଟକର ।

ଶିକ୍ଷକ, ସିନାପାଲି, ନୂଆପଡ଼ା
ମୋ - ୯୭୭୭୭୫୩୯୩୫



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

## ମା' ଭଦ୍ରକାଳୀ ମନ୍ଦିରରୁ ଚୋରି ରାତିର କାହାଣୀ ବଖାଣିଲା ଅଭିଯୁକ୍ତ

# ଆଲୁଅ ଦପଦପ ହେଲା, ବିରାଟ ଛାଇ ଗୋଡ଼ାଇଲା



ଭଦ୍ରକ, ୧୦।୪ (ସମିସ): ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ମା' ଭଦ୍ରକାଳୀ ମନ୍ଦିରର ହୁଣ୍ଡିବାକ୍ସ ରବିବାର ରାତିରେ ଚୋରି ହୋଇଥିଲା। ଏହି ଚୋରିରେ ସମ୍ପୃକ୍ତ ୨ଜଣ ଯୁବକଙ୍କୁ ଭଦ୍ରକ ଗ୍ରାମାଞ୍ଚଳ ପୁଲିସ ସୋମବାର ଗିରଫ କରିଥିଲା। ଉଭୟ ଅଭିଯୁକ୍ତଙ୍କୁ ପୁଲିସ ମନ୍ଦିରକୁ ନେଇ କିପରି ଚୋରି କରିଥିଲେ, ସେ ବିଷୟରେ ପଚାରିଥିଲେ। ଏହି ସମୟରେ ଚୋରି କରିଥିବା ଯୁବକଦ୍ୱୟ ପୁଲିସ ଆଗରେ ଚୋରି ରାତିର ଅଲୌକିକ କାହାଣୀ ବଖାଣିଥିଲେ। ଯାହାର ଦୃଶ୍ୟ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି।

ଗିରଫ ହୋଇଥିବା ଯୁବକଙ୍କ କହିବା ମୁତାବକ, ଘୋଡ଼ାମେଳଣ ଦେଖିବାକୁ ସେମାନେ ଭଦ୍ରକାଳୀ ନିକଟସ୍ଥ ଆହାରପଦା ମହାରଣାସାହିର ଜଣେ ସମ୍ପର୍କୀୟଙ୍କ ଘରେ ରହିଥିଲେ। ରାତିରେ ଘୋଡ଼ାମେଳଣ ଦେଖିବା ବେଳେ ମନ୍ଦିର ହୁଣ୍ଡିରେ ଲୋକମାନେ ଟଙ୍କା ପକାଉଥିବା ଦେଖି ଚୋରି କରିବାକୁ ଯୋଜନା କରିଥିଲେ। ଜଣେ ଯୁବକ ମନ୍ଦିରର ପଛପାଖ ଗେଟ୍ ପାଖରେ ରହିଥିବା ବେଳେ ଅନ୍ୟ ଜଣେ ଗେଟ୍ ଉପରେ ଚଢ଼ି ଭିତରକୁ ଯାଇଥିଲେ। ପ୍ରଥମେ ମା'ଙ୍କ କୋଠଘର ଆଲମିରା ତାଲା ଭାଙ୍ଗିଥିଲେ। ସେହି ସମୟରେ କେହି ଆସିବା ପରି ଜଣାପଡ଼ିବା ସହ ପାଉଁଜି ଶବ୍ଦ ଶୁଭିଥିଲା। ଲାଇଟ୍ ଦପ୍‌ଦପ୍ ହୋଇଥିଲା। ଏଥିରେ ସେମାନେ ଭୟଭୀତ ହେବା ସହ ତାଙ୍କ ଛାତି ଥରି ଉଠିଥିଲା। ସେଥିପାଇଁ ମା'ଙ୍କ ଅଳଙ୍କାରକୁ ଛାଡ଼ି ପଳାଇ ଆସିଥିଲେ। ବାହାରେ ଥିବା ସହଯୋଗୀ ଯୁବକଙ୍କୁ ଡାକିବାରୁ ସେ ଶୁଣିନଥିଲେ। ଶେଷକୁ କେବଳ ହୁଣ୍ଡି ଭାଙ୍ଗି ଟଙ୍କା ନେଇ ମା'ଙ୍କ ଲୁଗାରେ ବାନ୍ଧି ଗେଟ୍ ଉପରେ ଚଢ଼ି ବାହାରକୁ ବାହାରି ଆସିଥିଲେ। ବାହାରକୁ ଆସିବା ପରେ ଏକ ବିରାଟ ଛାଇ ତାଙ୍କ ଆଡ଼କୁ ମାଡ଼ି ଆସିଥିଲା। ଏଥିରେ ଭୟଭୀତ ହୋଇ ଉଭୟ ଦୌଡ଼ି ପଳାଇବା ବେଳେ କିଛି ଟଙ୍କା ସେଠାରେ ଗଳି ପଡ଼ିଥିଲା ବୋଲି କହିଥିଲା। ସେମାନଙ୍କ ଏହି ଅନୁଭୂତି ଏବେ ସୋସିଆଲ ମିଡିଆରେ ଖୁବ ଭାଇରାଲ୍ ହେଉଛି।

ପ୍ରକାଶଥାଉ କି, ଚୋରି ନେଇ ମନ୍ଦିର ଟ୍ରଷ୍ଟି ଉପଜିଲ୍ଲାପାଳଙ୍କ ଅଭିଯୋଗକ୍ରମେ ମାମଲା ରୁଜୁ ହୋଇଥିଲା। ଏନେଇ ଏସ୍‌ପି ମନୋଜ ରାଉତ କହିଛନ୍ତି ମା' ଭଦ୍ରକାଳୀ ସ୍ଥାନୀୟ ଲୋକଙ୍କ ଅଧିଷ୍ଠାତ୍ରୀ ଦେବୀ ହୋଇଥିବାରୁ ଏହି ଚୋରି ବାହାର ଲୋକ କରିଥିବେ। ଏହି ଆଧାରରେ ତଦନ୍ତ କରାଯାଇ ଗଦି ସାମନ୍ତରାୟପୁରର ୨ଯୁବକ ଆହାରପଦା ମହାରଣା ସାହିରେ ଗତ ୩-୪ ଦିନ ପୂର୍ବରୁ ରହିଥିଲେ। ସେମାନଙ୍କ ହାବଭାବ ସନ୍ଦେହଜନକ ଥିବା ସ୍ଥାନୀୟ ଲୋକଙ୍କଠାରୁ ଜଣାପଡ଼ିଥିଲା। ପରେ ୨ ଯୁବକ ଦୀପୁନ ବେହେରା ଓ ସିପୁନ ବାରିକଙ୍କୁ ପୁଲିସ ଥାନାକୁ ଆଣି ପଚରାଉଚରା କରିଥିଲା। ସେମାନେ ଚୋରି କରିଥିବା ସ୍ୱୀକାର କରିଥିଲେ।

# ଟ୍ରକ୍ ଭିତରେ ଲୁହାପ୍ଲେଟ୍ ଖସି ପଡ଼ି ମା'-ପୁଅ ମୃତ

ସିମୁଳିଆ, ୧୦।୪(ସମିସ): ଟ୍ରକ୍ ଭିତରେ ଲୁହାପ୍ଲେଟ୍ ଖସି ମା'-ପୁଅ ମୃତ। ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା ନିକଟରେ ଏହି ଦୁଃଖଦ ଘଟଣା ଘଟିଛି। ମୃତକଦ୍ୱୟ ହେଲେ, ନୀଳଗିରି ଥାନା ଶ୍ୟାମସୁନ୍ଦରପୁର ଗ୍ରାମର ସୋମବାରୀ ସୋରେନ(୨୬) ଓ ତାଙ୍କର ୫ବର୍ଷୀୟ ପୁଅ ସୌରଭ। ଏହି ଦୁର୍ଘଟଣାରେ ଅନ୍ୟ ଜଣେ ମହିଳା ଆହତ ହୋଇଛନ୍ତି। ସୂଚନାନୁଯାୟୀ, ଶ୍ୟାମସୁନ୍ଦରପୁର ଗ୍ରାମର ବିଜୟ ସୋରେନଙ୍କ ପରିବାରଲୋକ ପାରାଦୀପକୁ କାମ କରିବା ପାଇଁ ଯାଇଥିଲେ। ସେମାନେ ପ୍ରାୟ ୭ଜଣ ଚଣ୍ଡିଖୋଲରୁ ଏକ ଟ୍ରକ୍ ଡାଲାରେ ବସି ଘରକୁ ଫେରୁଥିଲେ। ସିମୁଳିଆ ଥାନା ୧୬ନଂ ଜାତୀୟ ରାଜପଥ ଉପରେ ଥିବା ଏକ ହମ୍ପରେ ଟ୍ରକ୍‌ଟି ହଠାତ୍ ବ୍ରେକ୍ ମାରିଦେବାରୁ ଗାଡ଼ି ଭିତରେ ଭର୍ତ୍ତି ଥିବା ଲୁହା ପ୍ଲେଟ୍ ଖସି ସୋମବାରୀ ଓ ତାଙ୍କ ପୁଅ ସୌରଭ ଉପରେ ପଡ଼ି ଯାଇଥିଲା। ଏଥିରେ ଅନ୍ୟ ଜଣେ ମହିଳା ଗୌରୀ ହେମ୍ବ୍ରମ ଆହତ ହୋଇଥିଲେ। ଖବର ପାଇ ସିମୁଳିଆ ପୁଲିସ୍ ପହଞ୍ଚି ମୃତାହତଙ୍କୁ ଉଦ୍ଧାର କରି ସିମୁଳିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ପୁଲିସ୍ ଟ୍ରକ୍ ଚାଳକକୁ ଅଟକ ରଖି ପଚରାଉଚରା ଚଳାଇଛି।

## ଅବଶିଷ୍ଟାଂଶ...

### ଇସ୍ତଫା ଦେଲେ...

ସେ କୌଣସି କାରଣ ଦର୍ଶାଇ ନାହାନ୍ତି, ତଥାପି ମହାଭିଯୋଗରୁ ବଞ୍ଚିବା ଏବଂ ପେନସନ ସୁରକ୍ଷିତ ରଖିବା ପାଇଁ ଏହା ତାଙ୍କର କୂଟନୈତିକ ପ୍ରସ୍ଥାନ ବୋଲି ବିବେଚନା କରାଯାଉଛି। ଏହା ସହ ସଂସଦରେ ଜଣେ ବିଚାରପତିଙ୍କୁ ହଟାଇବା ପାଇଁ ଚାଲିଥିବା ଏକ ଦୀର୍ଘ ପ୍ରକ୍ରିୟାର ଅନ୍ତ ଘଟିଛି।

### ୧୦ ମୃତ...

ପାଇଁ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳ (ଏସ୍‌ଡିଆରଏଫ୍)କୁ ନିୟୋଜିତ କରାଯାଇଛି। ବୁଡ଼ାଳୀମାନଙ୍କ ସହାୟତାରେ ନଦୀ ଗର୍ଭରୁ ନିଖୋଜ ବ୍ୟକ୍ତିମାନଙ୍କୁ ଖୋଜାଯାଉଛି। ବୃନ୍ଦାବନ ଭଳି ଏକ ଜନଗହଳି ପୂର୍ଣ୍ଣ ଧର୍ମପୀଠରେ ଏହି ଦୁର୍ଘଟଣା ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ନୌକାରେ କ୍ଷମତାଠାରୁ ଅଧିକ ଯାତ୍ରୀ ଥିବା ଓ ପୋଲ ସହ ଧକ୍କା ହେବା ଏହି ବିପତ୍ତିର କାରଣ ସାଜିଛି ବୋଲି କୁହାଯାଉଛି।

ଏହି ଘଟଣାକୁ ନେଇ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଶୋକ ବ୍ୟକ୍ତ କରିବା ସହ ମୃତକଙ୍କ ପରିବାର ପ୍ରତି ଗଭୀର ସମବେଦନା ଜଣାଇଛନ୍ତି।

### ଆଠ ମାସ ପରେ...

କରିଥାନ୍ତି। ଏହି ଆଧାରରେ ନିର୍ବାଚନ ଅନୁଷ୍ଠିତ ହେବ ବୋଲି ଶ୍ରୀ ପାଢ଼ୀ କହିଛନ୍ତି।

ପଞ୍ଚାୟତିରାଜ ବିଭାଗର ଏପରି ପ୍ରସ୍ତୁତି ଓ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ତତ୍ପରତା ପରେ ରାଜ୍ୟରେ ପଞ୍ଚାୟତ ନିର୍ବାଚନକୁ ନେଇ ପୂର୍ବରୁ ଚାଲିଥିବା କଳ୍ପନାଜଳ୍ପନାକୁ ଅଧିକ ଗତିଶୀଳ କରିଛି। କିଛି ସପ୍ତାହ ତଳେ ରାଜ୍ୟ ବିଜେପି ସଭାପତି ରାଜ୍ୟରେ ଆଗୁଆ ପଞ୍ଚାୟତ ନିର୍ବାଚନ ହେବ ବୋଲି ଇଙ୍ଗିତ ଦେଇ ଦଳୀୟ ନେତା ଓ କର୍ମୀଙ୍କୁ ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଥିଲେ। ମାତ୍ର ରାଜ୍ୟ ନିର୍ବାଚନ କମିଶନ ଓ ପଞ୍ଚାୟତିରାଜ ମନ୍ତ୍ରୀ ଏପରି କଳ୍ପନାଜଳ୍ପନାକୁ ନିରାଧାର ବୋଲି ବର୍ଣ୍ଣନା କରି ଧାର୍ଯ୍ୟ ସମୟରେ ପଞ୍ଚାୟତ ନିର୍ବାଚନ କରାଯିବ ବୋଲି ମତ ଦେଇଥିଲେ। ପଞ୍ଚାୟତରାଜ ମନ୍ତ୍ରୀ ବ୍ଲକ ଓ ପଞ୍ଚାୟତ ପୁନର୍ଗଠନ ପାଇଁ ପ୍ରଶାସନିକସ୍ତରରେ କୌଣସି ନିୟମାବଳୀ ପ୍ରସ୍ତୁତ କରାଯାଇନାହିଁ ମତ ପ୍ରକାଶ କରିଥିଲେ। ଏହି ସମୟରେ ପଞ୍ଚାୟତିରାଜ ବିଭାଗ ଓ ନିର୍ବାଚନ କମିସନଙ୍କ ପକ୍ଷରୁ ନିର୍ବାଚନ ପାଇଁ ପ୍ରଶାସନିକ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି।

୨୦୨୨ରେ ଅନୁଷ୍ଠିତ ପଞ୍ଚାୟତ ନିର୍ବାଚନରେ ବିଜେଡ଼ି ସର୍ବାଧିକ ୫୩% ଭୋଟ ପାଇଥିଲା। ବିଜେପିକୁ ୩୦% ଓ କଂଗ୍ରେସକୁ ୧୪% ଭୋଟ ମିଳିଥିଲା। ଜିଲ୍ଲା ପରିଷଦ ଆସନ ମଧ୍ୟରୁ ବିଜେଡି ୭୬୬ଟି, ବିଜେପି ୪୨ଟି ଓ କଂଗ୍ରେସ ୩୭ଟି ଆସନ ଦଖଲ କରିଥିଲେ। ଜେଏମ୍‌ଏମ୍, ସିପିଏମ୍‌କୁ ୪ଟି ଓ ସ୍ୱାଧୀନ ପ୍ରାର୍ଥୀମାନେ ୩ଟି ଆସନରେ ବିଜୟୀ ହୋଇଥିଲେ। ୧୦ଟି ଜିଲ୍ଲାରେ ବିଜେପି ଓ ୧୮ଟି ଜିଲ୍ଲାରେ ଜିଲ୍ଲାପରିଷଦ ଆସନରେ ଖାତା ଖୋଲିବାରେ ବ୍ୟର୍ଥ ହୋଇଥିଲେ। ଅନୁରୂପ ଭାବରେ ୯୦% ପଞ୍ଚାୟତରେ ବିଜେଡି ସମର୍ଥିତ ସରପଞ୍ଚ ଓ ସମିତି ସଭ୍ୟ ପ୍ରାର୍ଥୀମାନେ ବିଜୟ ହାସଲ କରିଥିଲେ।

### ୧୧ ପ୍ରସ୍ତାବକୁ...

କାର୍ଯ୍ୟକ୍ଷମ ପାଇପ ଜଳ ସଂଯୋଗ ହୋଇଛି। ରାଜ୍ୟରେ ଏକକ ଗ୍ରାମ୍ୟ ଜଳଯୋଗାଣ ପ୍ରକଳ୍ପ, ସୌରଚାଳିତ ଜଳଯୋଗାଣ ପ୍ରକଳ୍ପ ଏବଂ ମେଗା ପାଇପ ଜଳ ଯୋଗାଣ ପ୍ରକଳ୍ପ ଭଳି ବ୍ୟାପକ ଭିତ୍ତିଭୂମି ସୃଷ୍ଟି ହେଉଛି। ଏହି ଭିତ୍ତିଭୂମି ଓ ବ୍ୟବସ୍ଥାଗୁଡ଼ିକୁ ଦୀର୍ଘ ସମୟ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ, ଦକ୍ଷ ଏବଂ ଆର୍ଥିକ ଦୃଷ୍ଟିରୁ ସ୍ଥାୟୀ ରଖିବା ପାଇଁ ସରକାର ଗୁରୁତ୍ୱ ଦେଇ ନୂତନ ନୀତିରେ ବ୍ୟବସ୍ଥା ହୋଇଛି। ଏହା ବ୍ୟତୀତ ଶକ୍ତି ବିଭାଗର ଗୋଟିଏ ନିଷ୍ପତ୍ତି ସ୍ୱରୂପ କେନ୍ଦୁଝର ଜିଲ୍ଲାର ବାସୁଦେବପୁରରେ ନୂତନ ସବ ଷ୍ଟେସନ ସହିତ ଟ୍ରାନ୍ସମିସନ ଲାଇନ ନିର୍ମାଣ ନେଇ ନିଷ୍ପତ୍ତି ହୋଇଛି। ଏହି ପ୍ରକଳ୍ପ ପାଇଁ ୧୬୪୭ କୋଟି ଟଙ୍କା ବରାଦ କରାଯିବାକୁ ନିଷ୍ପତ୍ତି ହୋଇଛି। କେନ୍ଦୁଝର ଜିଲ୍ଲା ସହିତ ପାଶ୍ୱର୍ବର୍ତ୍ତୀ ସୁନ୍ଦରଗଡ଼ ଜିଲ୍ଲାର ସଂଲଗ୍ନ କୋଇଡା ଅଞ୍ଚଳରେ ନିର୍ମାଣ ହେବାକୁ ଥିବା ଶିକ୍ଷାନୁଷ୍ଠାନଗୁଡ଼ିକର ବିଦ୍ୟୁତ ଆବଶ୍ୟକତାକୁ ପୂରଣ କରିବ ବୋଲି କୁହାଯାଇଛି। ଅନୁରୂପ ଭାବରେ ଅଟଳ ବସଷ୍ଟାଣ୍ଡର କଳେବର ବୃଦ୍ଧି ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ୩୪୦୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଜିଲ୍ଲା ମୁଖ୍ୟାଳୟ, ଉପଖଣ୍ଡ ମୁଖ୍ୟାଳୟ, ବ୍ଲକ ମୁଖ୍ୟାଳୟ, ପର୍ଯ୍ୟଟନ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ସମେତ ସହରାଞ୍ଚଳରେ ବସଷ୍ଟାଣ୍ଡକୁ 'କ', 'ଖ' ଓ 'ଗ' ଶ୍ରେଣୀ ବ୍ୟବସ୍ଥାରେ ବର୍ଗୀକୃତ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଏହି ଯୋଜନା ଆର୍ଥିକ ବର୍ଷ ୨୦୩୧-୩୨ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହେବ।

ଏହା ବ୍ୟତୀତ ଜଳସମ୍ପଦ ବିଭାଗର ସର୍ବାଧିକ ୫ ଟି ପ୍ରକଳ୍ପକୁ କ୍ୟାବିନେଟ୍ ଅନୁମୋଦନ ମିଳିଛି। କେନ୍ଦୁଝର ଜିଲ୍ଲାରେ ୩ ଉଠାଜଳସେଚନ ପ୍ରକଳ୍ପ ନିର୍ମାଣ ପାଇଁ ୯୨ କୋଟି ୯୮ ଲକ୍ଷ ୪୨ ହଜାର ୭୯୫ କୋଟି ଓ ୧୫ ବର୍ଷ ପରିଚାଳନା ପାଇଁ ୭ କୋଟି ୪୮ ଲକ୍ଷ ୫୨ ହଜାର ୩୪୫ ଟଙ୍କା ମଞ୍ଜୁରୀ ହୋଇଛି। ଏହାସହିତ କଟକର ହାଡୁଆ ଜଳସେଚନ ପ୍ରକଳ୍ପ ପାଇଁ ୧୩୫ କୋଟି ୭୫ ଲକ୍ଷ ଓ ପରିଚାଳନା ପାଇଁ ୬ କୋଟି ୮୫ ଲକ୍ଷ ଟଙ୍କା ଅନୁମୋଦନ ହୋଇଛି। ପ୍ରକଳ୍ପ ଦ୍ୱାରା କଟକ ଜିଲ୍ଲାର ୮୬ ଗାଁର ୩୬୪୧ ହେକ୍ଟର ଜମିକୁ ଜଳସେଚନ ସୁବିଧା ମିଳିବ। ପାର୍ବତୀ ଗିରି ଉଠା ଜଳ ସେଚନ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ପାଇଁ ପ୍ରାୟ ୨୦୪ କୋଟି ଓ ରକ୍ଷଣାବେକ୍ଷଣ ପାଇଁ ୧୬ କୋଟି ମଞ୍ଜୁର ହୋଇଛି। ସେହିପରି ଯାଜପୁର ଜିଲ୍ଲାରେ ପାର୍ବତୀ ଗିରି ଉଠା ଜଳ ସେଚନ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ପାଇଁ ପ୍ରାୟ ୧୫୮ କୋଟି ଓ ପରିଚାଳନା ପାଇଁ ୧୨ କୋଟି ୭୦ କୋଟି ଟଙ୍କାର ଟେଣ୍ଡର ଅର୍ଥ ମଞ୍ଜୁରୀ ମିଳିଛି। ସେହିପରି ଶ୍ରମ ବିଭାଗର ବିଭିନ୍ନ ସଂଶୋଧିତ ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରୀ ଦେଇଛି।

### ଜଳିବ ପଶ୍ଚିମ ଓଡ଼ିଶା...

ଭାରତର ସମତଳ ଅଞ୍ଚଳରୁ ଶୁଷ୍କ ଓ ଗରମ ବାୟୁ ପବନ ବହିବ। ଏହାଦ୍ୱାରା ସାରା ରାଜ୍ୟରେ ତାପମାତ୍ରା କ୍ରମାଗତ ଭାବେ ବୃଦ୍ଧି ପାଇବ। ଏପ୍ରିଲ ୧୩ ତାରିଖ ବେଳକୁ ଆଭ୍ୟନ୍ତରୀଣ ଜିଲ୍ଲାଗୁଡ଼ିକରେ ତାପମାତ୍ରା ୪୦ ଡିଗ୍ରୀ ଛୁଇଁପାରେ। ଉପକୂଳ ଜିଲ୍ଲାଗୁଡ଼ିକରେ ଏହା ୩୫-୩୭ ଡିଗ୍ରୀ ମଧ୍ୟରେ ରହିବ। ଭୁବନେଶ୍ୱର ଓ କଟକରେ ଏପ୍ରିଲ ୧୪ ସୁଦ୍ଧା ତାପମାତ୍ରା ୩୭ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

### ବିଜେପିରେ 'ମେଟ୍ରୋ'...

ହରିଚନ୍ଦନଙ୍କୁ ପରୋକ୍ଷରେ ମୃଦୁ ସମାଲୋଚନା ମଧ୍ୟ କରିଛନ୍ତି। ଜନହିତ ସମ୍ବଳିତ କାର୍ଯ୍ୟଗୁଡ଼ିକରେ କୌଣସି ଲାଭ କ୍ଷତି ଦେଖାଯାଏନି ବୋଲି ଉଲ୍ଲେଖ କରିବା ପରେ 'ମେଟ୍ରୋ'କୁ ନେଇ ବିଜେପିରେ ସୃଷ୍ଟି ହୋଇଛି ବିଭାଜନ।

ସାଂସଦ ତାଙ୍କ ଚିଠିରେ ଲେଖିଛନ୍ତି ଯେ ଭୁବନେଶ୍ୱରରେ ଦିନକୁ ଦିନ ଜନସଂଖ୍ୟା ବଢିବାରେ ଲାଗିଛି। ଫଳରେ ଟ୍ରାଫିକ ସମସ୍ୟା ଉପୁଜିବାରେ ଲାଗିଛି। ଜନସଂଖ୍ୟା ଓ ଟ୍ରାଫିକ ସମସ୍ୟାକୁ ଦୃଷ୍ଟିରେ ରଖି ଭୁବନେଶ୍ୱରରେ ମେଟ୍ରୋ ରେଳ ପ୍ରକଳ୍ପ ଅତ୍ୟନ୍ତ ଜରୁରୀ। ମେଟ୍ରୋ ରେଳ ପ୍ରକଳ୍ପ କେବଳ ଭୁବନେଶ୍ୱର ନୁହେଁ ବରଂ କଟକ, ଜଟଣୀ ଏବଂ ଖୋର୍ଦ୍ଧା ଅଞ୍ଚଳର ଯୋଗାଯୋଗ ବ୍ୟବସ୍ଥାରେ ଏକ ବଡ଼ ପରିବର୍ତ୍ତନ ଆଣିବାର କ୍ଷମତା ରଖୁଥିଲା। ଏହା ହଠାତ ବନ୍ଦ ହୋଇଯିବା ଫଳରେ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ମେଟ୍ରୋର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟକୁ ପତ୍ର ଲେଖିଥିଲେ। ମେଟ୍ରୋ ରେଳ ପ୍ରକଳ୍ପ ବାବଦରେ ରାଜ୍ୟ କୋଷାଗାରରୁ ପ୍ରାୟ ୨୭୪ କୋଟି ଟଙ୍କା ଖର୍ଚ୍ଚ ହୋଇସାରିଛି। ଯଦି ଏବେ ଏହାକୁ ବନ୍ଦ କରାଯାଏ ଏବଂ ଭବିଷ୍ୟତରେ ପୁଣି ଆରମ୍ଭ କରାଯାଏ, ତେବେ ଏହାର ନିର୍ମାଣ ଖର୍ଚ୍ଚ ୨-୪ ଗୁଣ ବୃଦ୍ଧି ପାଇବାର ଆଶଙ୍କା ରହିଛି। ଦେଶର କୌଣସି ସହରରେ ମେଟ୍ରୋ ନିର୍ମାଣ ବେଳେ ଲାଭକୁ ଦୃଷ୍ଟିରେ ରଖା।ଯାଇ ନଥିଲା। ତେଣୁ ଲାଭ-କ୍ଷତିକୁ ନ ଦେଖି ବୃହତ୍ତର ଜନସ୍ୱାର୍ଥ ଏବଂ ପରିବେଶ ଅନୁକୂଳ ପରିବହନ ବ୍ୟବସ୍ଥା ପାଇଁ ଏହି ପ୍ରକଳ୍ପକୁ ପୁନର୍ବିଚାର କରିବାକୁ ସେ ନିବେଦନ କରିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କୁ ଭୁବନେଶ୍ୱର ସାଂସଦ ଚିଠି ଲେଖିବା ପରେ ସରକାର ରକ୍ଷଣାତ୍ମକ ମନୋଭାବ ପ୍ରକାଶ କରିଥିବା ଦେଖାଯାଇଛି। ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି ଯେ ମେଟ୍ରୋ ପ୍ରକଳ୍ପ ବାତିଲ ହୋଇନାହିଁ। ସାମୟିକ ସ୍ଥଗିତ ରହିଛି। ଭୁବନେଶ୍ୱର ମେଟ୍ରୋ କର୍ପୋରେସନ ବନ୍ଦ ହୋଇନାହିଁ। ପ୍ରକଳ୍ପ ବନ୍ଦ ହୋଇଗଲା ବୋଲି ମୁଖ୍ୟମନ୍ତ୍ରୀ କେଉଁଠି ମନା କରି ନାହାନ୍ତି। ଆଜି ନ ହେଲେ କାଲି ମେଟ୍ରୋର ଆବଶ୍ୟକତା ଅଛି। ପ୍ରକଳ୍ପ ପାଇଁ ମନ୍ତ୍ରୀସ୍ତରୀୟ କମିଟି ମଧ୍ୟ ଗଠନ ହେଇଛି। ଆଗାମୀ ଦିନରେ ଯାହା ହେବ କେନ୍ଦ୍ର ସରକାରଙ୍କ ସହାୟତା ଓ ସହଯୋଗରେ ହେବ ବୋଲି ସେ କହିଛନ୍ତି। ଅନ୍ୟପଟେ ଏହା ପୂର୍ବରୁ ପୂର୍ତ୍ତମନ୍ତ୍ରୀ ମେଟ୍ରୋ ହେଲେ ବାର୍ଷିକ ପ୍ରାୟ ୧ ହଜାର କୋଟି ଟଙ୍କା କ୍ଷତି ହେବ ବୋଲି କହୁଥିବା ବେଳେ ବିଜେପି ବିଧାୟକ ବାବୁ ସିଂ ମଧ୍ୟ ତାଙ୍କ କଥାରେ ସମ୍ମତି ଦେଉଥିଲେ। ଏବେ ମେଟ୍ରୋକୁ ନେଇ ଅପରାଜିତା ମୁହଁ ଖୋଲିବା ପରେ ଏହି ପ୍ରସଙ୍ଗ ଏବେ ନୂଆ ରୂପ ଧାରଣ କରିଛି।


**OFFICE OF THE MUNICIPAL COUNCIL, JATNI**
PHONE: 0674-2490826, MAIL: MUNICIPALITYJATNI@GMAIL.COM
NO.: ......1977...... / DATE: 08/04/2026
13001/146/2627

**"E" PROCUREMENT NOTICE**

Bid Documents consisting of Work, Estimated Cost, Cost of Tender Paper, EMD, time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in
1. Tender Reference No : EO/JMC/090/2026-27
2. Tender I.D No. : 2026_ORULB_127813_pack1
3. Name of the Work : Civil Construction works as mentioned in website
4. No. of works : 3 nos.
5. Estimated Cost : Rs. 56,66,421.00 to Rs. 1,19,04,254.00
6. Period of Completion : 180 days
7. Date and Time of Bidding : From 10.04.2026, 10:00 A.M to 02.05.2026, 05:30 P.M
8. Last date and time for receipt of bids in the portal : Dt. 02.05.2026 up to 05:30 P.M
9. Bids received online shall be opened on : Dt. 04.05.2026 at 11.00 A.M
10. Name and address of the Officer inviting Bid : Executive Officer, Jatni Municipality

Further details can be seen from the procurement portal i.e. www.tendersorissa.gov.in

OIPR-13001/13041/1/26-27/0003
Executive Officer
Jatni Municipality

**QUALICOM INDUSTRIES PRIVATE LIMITED**
CIN: U27203OR2013PTC016694
ADDRESS: PLOT NO - C/68 PALLASPALLI, KHORDHA
BHUBANESWAR, ORISSA – 751020
Email : subharun@qualicomindia.com

**FORM NO. INC-26**
[Pursuant to Rule 30 of Companies (Incorporation) Rules 2014]
Before the Central Government, South East Region Bench, Telangana
In the matter of sub-section 4 of section 13 of the Companies Act 2013 and clause (a) of sub-Rule (5)of Rule 30 of the Companies (Incorporation) Rules 2014
AND
In the matter of M/S QUALICOM INDUSTRIESPRIVATE LIMITED having its Registered Office at Plot No - C/68 Pallaspalli,Khordha, Bhubaneswar, Orissa - 751020
Notice is hereby given to General Public that the company proposes to make the application to the Central Government under section 13 (4) of the Companies Act 2013, seeking confirmation of alteration of Memorandum of Companies of the company in term of special resolution passed at Extra ordinary General Meeting held on Monday, 23rd Day ofMarch 2026 to enable the company to change its Registered Office from "State of Orissa" to "State of West Bengal".
Any person whose interest is likely to be affected by the proposed change, may deliver either on MCA portal (www.mca.gov.in) by filling investor complaint form or cause to be deliver or send by registered post of his/her objections supported by an affidavit stating the nature of his/her interest and ground of opposition to the Regional Director at the Address 3rd Floor, Corporate Bhawan, Bandlaguda, Nagole, Tattiannaram Village, Hayat Nagar Mandal, Ranga Reddy District, Hyderabad-500 068, Telangana, within 14 Days of date of publication of this notice with a copy to the applicant company at its registered office at the address mentioned below: Plot No - C/68 Pallaspalli, Khordha, Bhubaneswar, Orissa751020.
For and on behalf of applicant
QUALICOM INDUSTRIESPRIVATE LIMITED
Subharun Banerjee(DIRECTOR)
DIN: 01930934

**OFFICE OF THE DIVISIONAL FOREST OFFICER, ATHMALLIK FOREST DIVISION.**
**AT/PO: ATHMALLIK, DIST-ANGUL-759125.** 8001/21/2627
E-mail: dfoathmallikt@gmail.com Mob: +91 9437004236.
Letter No: 1804 /1F Section/545/(2024-25)/Date: 7th April, 2026.
Dated Athmallik the 7th April, 2026.

**TENDER CALL NOTICE FOR HIRING VEHICLE**

Sealed tenders are invited from interested Reputed Travel Agencies/ Tour Operators or private individuals to provide approximately 10 (Ten) Nos. of Vehicle (BS-VI compliant Diesel driven AC/ Non-AC) vehicles, which shall conform to the Terms and Conditions (Annexure-III) for official use at different Ranges (Details of the vehicles to be engaged is in - Annexure-IV) under Athmallik Forest Division on monthly rent basis to reach in the O/o the Divisional Forest Officer, Athmallik Forest Division, on or before **20.04.2026** up to **1.00 P.M**. through Registered/Speed Post/Courier Service and can also be dropped in the Tender Box placed in the Office of the Divisional Forest Officer, Athmallik Forest Division. The tenders will be opened in the same office on **21.04.2026 at 10.00 A.M.** The Standard Bidding Document and Terms and Conditions can be downloaded from https://odishaforest.in and also can be obtained from the Office of the Divisional Forest Officer, Athmallik Forest Division, Athmallik from **09.04.2026** to **20.04.2026** during office hours.

OIPR-8001/8125/1/26-27/0001
Divisional Forest Officer,
Athmallik Forest Division

6001/10/2627
**GOVERNMENT OF ODISHA**
**OFFICE OF THE EXECUTIVE ENGINEER (C), DIRECTORATE OF FISHERIES, ODISHA, CUTTACK**
**E-MAIL: - eefedcuttack@gmail.com**
**Bid identification No. 584 / Dt. 09.04.2026 //**

1. No. of works : 14 (FOURTEEN) Number of Civil works.
2. Type of works : Civil works.
3. Approximate Estimated Cost : Rs. 7.48 to 83.91 Lakhs.
4. Class of Contractor : 'D', 'C' & 'B'
5. Period of Completion : 01 (One) to 06 (Six) Calendar Months.
6. Date of Sale & Receipt : Dt. **16.04.2026** to 2.00 PM of Dt. **28.04.2026**. (Working days only).
7. Date of Opening : Dt. **30.04.2026** at 11:00 AM.
8. Name of Office inviting Bid : Executive Engineer (C), Directorate of Fisheries, Odisha, Cuttack.

Further details can be seen in the bidding documents & can be down loaded from the Government of Odisha website (http.//www.odisha.gov.in). Authority reserves the right to reject any or all the tenders without assigning any reasons thereof.

Executive Engineer (C)
Directorate of Fisheries,
Odisha, Cuttack
OIPR-6001/6030/1/26-27/0002

**ANGEL ONE LIMITED**
Regd. Off: 601, 6th Floor, ACKRUTI STAR, CENTRAL ROAD, MIDC, ANDHERI EAST, MUMBAI -400093
Centralized desk : 18001020 Email id : support@angelone.in
Member of : NSE / BSE / BSE REMISIER / MCX / MCX SX / NCDEX
Member IDs: NSE : 12798, BSE : 612, MCX : 12685,
NCDEX : 00220 SEBI Registration No: INZ000161534

**NOTICE**

This is to inform all concerned that we have initiated the process of cancellation of registration of our below mentioned Authorised Person (AP) due to regulatory reasons/concerns.

| Name Of Authorised Person | Trade Name of AP | Address of AP | AP Registration No. |
|---|---|---|---|
| PARTHA SARATHI PANDA | PARTHA SARATHI PANDA | MAHAMMDIA BAZAR, MOONLIGHT LANE,CHANDINICHOWK, CUTTACK SADAR, CUTTACK,CHANDINCHOWK,753002 ODISHA CUTTACK | NSE : AP0397264481 MCX : MCX/AP/140490 |
| JITENDRA KUMAR PRADHAN | JITENDRA KUMAR PRADHAN | PLOT NO 353/1469 (SECOND FLOOR), BEHERA SAHI, NAYAPALLI,BBSR BHUBANESWAR,PURI 751012 ORISSA | NSE : AP039797891 MCX : MCX/AP/53548 |

Any person dealing with the above-mentioned Authorised Person henceforth shall do so at their own risk. **ANGEL ONE LTD.** shall not be liable for any dealings with the said entity post the issuance of this notice. Investors having any queries or concerns regarding this matter are requested to contact **ANGEL ONE LTD.** within **15 days** from the date of issuing this notice.

Date : 11.04.2026
Place : Odisha
For ANGEL ONE LTD
Sd/-,
Authorised Signatory

**AFFIDAVIT**
By virtue of an affidavit sworn before The Notary Public, Titilagarh, on dated- 10/04/2026. I, **Nilendri Behera** (applicant name), W/o Ranjit Behera, permanent & current resident of AT: Barhamal, PO: Khasbahal, PS: Saintala, Dist: Balangir, State: Odisha, PIN: 767032 declare that I have changed my minor daughter's name from **Parimita Behera** (old name) to **Parineeta Behera** (new name). Henceforth, she shall be known as **Parineeta Behera** (new name) for all future purposes.
**(NILENDRI BEHERA)**

**AFFIDAVIT**
By virtue of an affidavit sworn before The Notary Public, Swampatna vide No-1126, dated- 03.04.2026. I, Puja Patra, W/o- Gouranga Patra, resident of At/Po- Kapundi, Ps- Patana, Dist- Keonjhar, Odisha declare that my daughter's correct name is **LISARANI PATRA** but in Aadhar Card is wrongly mentioned as **Rajalaxmi Patra.** As per my declaration by this affidavit my above daughter shall be known as **LISARANI PATRA** in all future purposes.
**(Sd/- PUJA PATRA)**

**AFFIDAVIT**
By virtue of an affidavit (CF No. 1847, date- 09/04/2026) sworn before The Executive Magistrate, Jharsuguda. I, **Rukmini Sa** (new name), W/o Rajendra Sa, resident of Village: Remda, PS: Lakhanpur, Dist: Jharsuguda, Odisha declare that I have changed my name from **Rukmani Sa** to **Rukmini Sa.** Henceforth, I shall be known as **Rukmini Sa** (new name) for all purposes.
**Rukmini Sa**

**AVAILABLE FOR SALE**
We have 1 nos repossessed Mahindra Tractor for sale : 1. MAHINDRA 415 DI-40HP (OD-15P-7461) in its as is where is condition. Contact: Sundaram Finance Limited, Sambalpur Branch, Mob No : 9437059593, 9437355617 within 3 days .

**AFFIDAVIT**
By virtue of an affidavit sworn before The Notary Public, Titilagarh, on dated- 09/04/2026. I, **Chalit Kumbhar** (applicant name), S/o Lokanath Kumbhar, permanent & current resident of AT: Kumbharpada, Udepur, PO: Katarkela, PS: Titilagarh, Dist: Balangir, State: Odisha, PIN: 767033 declare that I have changed my minor daughter's name from **Roshni Kumbhar** (old name) to **Rashmita Kumbhar** (new name). Henceforth, she shall be known as **Rashmita Kumbhar** (new name) for all future purposes.
**(CHALIT KUMBHAR)**

**AFFIDAVIT**
I,Ruby Sahu,D/o-M A Cherian, W/o-Dibakar Sahu, residing at House No - 16,Brundaban Garden,Samantarapur, PO -Old Twon, Bhubaneswar, Dist - Khordha, Pin - 751002, Odisha, declare by this affidavit No - 16359, dated -04.04.2026, that now onwards I shall be known as **RUBY DIBAKAR SAHU** for all future purposes.

**AFFIDAVIT**
By virtue of an affidavit sworn before The Executive Magistrate, Bhubaneswar dtd-10/04/2026. I, **Mishelle,** permanent resident At- Athantara (Bilasuni), Near Barunei Temple, Po- Pahanga, Niali, Dist- Cuttack, Pin- 754004, State- Odisha declare that I have changed my name from **Swayamshree** to **Mishelle.** Henceforth I shall be known as **Mishelle** for all purpose.
**Mishelle**

**AFFIDAVIT**
I, **Namrata Dash,** W/o- Late Hemanta Kumar Dash, resident of, Bhugudakata, Bhanjpur, Baripada, Mayurbhanj, Odisha, 757002, declare that before marriage I was known as **Namrata Rani Satapathy.** After my marriage with Hemanta Kumar Dash, my name has been changed from **Namrata Rani Satapathy** to **Namrata Dash.** That now onwards I shall be known as **Namrata Dash** for all future purpose.

**For Sale**
1 Number of TATA Yodha 2.0 (LCV)/ 2023 Registration No.- OD-01 -AR-9300, Model- 2023 ENGINE NO – VARICOR12AWXJ01420 CHASSIS NO - MAT464796PSA01121 For Details, contact –94375 60894, 94375 77758, SUNDARAM FINANCE LTD., First floor, Choudhury Complex SAHADEVKHUNTA, BALASORE,756001, PH. NO- 06782-266657

**AFFIDAVIT**
By virtue of an affidavit no 14 , sworn before the executive magistrate Keonjhar on dtd 30/03/2026, I Santosh Kumar Mahanta, S/o-Dinamani Mahanta, permanent resident of At/p.o-Ukhunda, P.s-Baria, Dist - keonjhar, Pin - 758032, Odisha Declare that I have changed my minor son's name from **KSHITISH KUMAR MAHANTA** (Old Name) to **KHAGESWAR MAHANTA** (New Name), Henceforth he shall be known as **KHAGESWAR MAHANTA** for all future purposes
**S/D- Santosh Kumar Mahanta**

**AFFIDAVIT**
By virtue of an affidavit sworn before The Notary Public, Titilagarh, on dated- 09/04/2026. I, **Simanchal Maharana** (applicant name), S/o Netra Maharana, permanent & current resident of AT: Ward No.14, Debandh Pada, PO: Titilagarh, PS: Titilagarh, Dist: Balangir, State: Odisha, PIN: 767033 declare that I have changed my minor son's name from **Amritansu Maharana** (old name) to **Papun Maharana** (new name). Henceforth, he shall be known as **Papun Maharana** (new name) for all future purposes.
**(SIMANCHAL MAHARANA)**

**AFFIDAVIT**
By virtue of an affidavit sworn before The Notary Public, Titilagarh, on dated- 09/04/2026. I, **Sumitra Bibhar** (new name), D/o Sarathi Bibhar, permanent & current resident of AT: Gunchitara, PO: Tentulikhunti, PS: Titilagarh, Dist: Balangir, State: Odisha, PIN: 767037 declare that I have changed my name from **Sunita Bibhar** (old name) to **Sumitra Bibhar** (new name). Henceforth, I shall be known as **Sumitra Bibhar** (new name) for all future purposes.
**(SUMITRA BIBHAR)**

**AFFIDAVIT**
By virtue of an affidavit no 163 sworn before the Notary Public: Sunabeda, dtd.15.01.2026, I, CHINKY NAG, Vill- Chikapar, PO- Sunabeda-01, PS - Sunabeda, Dist. Koraput hereby declare that after my marriage in 2006, I have changed my name from **LALITA KULADIP to CHINKY NAG.** Henceforth, I shall be known as **CHINKY NAG** for all purposes.
**Sd/- CHINKY NAG**

**AFFIDAVIT**
By virtue of an affidavit sworn before the Executive Magistrate, Nabarangpur, Vide no - 390, dated 09.04.2026, I, DEBENDRA SUNA, S/o - Ramesh Chandra Suna, permanent resident of Village - Sindhiguda, PO - Sindhiguda, PS - Nabarangpur, Dist- Nabarangpur, Odisha, Pin - 754063, declare that I have changed the name of my Daughter from AUSKA SUNA to ANUSKA SUNA. Henceforth, she shall be known as **ANUSKA SUNA** for all purposes.
**Sd/- Debendra Suna**

**AFFIDAVIT**
By virtue of an affidavit sworn before the Executive Magistrate, Nabarangpur, Vide no - 671, dated 07.04.2026, I, MAHENDRA BHANDARI, S/o - Suru Bhandari, permanent resident of Village - Temra, PO - Temera, PS - Kosagumuda, Dist- Nabarangpur, Odisha, Pin - 764061, declare that I have changed my name from MAHINDRA BHANDARI to MAHENDRA BHANDARI. Henceforth, I shall be known as **MAHENDRA BHANDARI** for all purposes.
**Sd/- Mahendra Bhandari**

**AFFIDAVIT**
By virtue of an affidavit no 1102, sworn before the Executive Magistrate, Champua on dated 07/04/2026, I Alivajyoti Mahanta, permanent resident of At/PO- Kandraposi, PS- Raisuan (Sadar), Dist- Keonjhar, Odisha, PIN- 758031 declared that I have changed my name **Alibha Mahanta** (old name) to **Alivajyoti Mahanta** (new name) Hence forth I shall be known as **ALIVAJYOTI MAHANTA** (new name) to all future purposes.
**(Alivajyoti Mahanta)**

ସକାଳ THE SAKALA



# ସଂରକ୍ଷଣ ବୃଦ୍ଧିକୁ ବ୍ରାହ୍ମଣ ସମାଜର ବିରୋଧ

**ବରପାଲି, ୧୦।୪(ସମିସ)**

ବରଗଡ଼ ଜିଲ୍ଲା ବରପାଲି ବ୍ଲକରେ ବ୍ଲକସ୍ତରୀୟ ସନାତନ ବ୍ରାହ୍ମଣ ସମାଜ ପକ୍ଷରୁ ସଂରକ୍ଷଣ ବ୍ୟବସ୍ଥା ବୃଦ୍ଧି ପ୍ରତି ଅସନ୍ତୋଷ ପ୍ରକାଶ ପାଇଛି। ବରପାଲି ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସିଥିବା ବ୍ରାହ୍ମଣ ସଦସ୍ୟମାନେ ସ୍ଥାନୀୟ ତହସିଲ କାର୍ଯ୍ୟାଳୟରେ ଏକତ୍ରିତ ହୋଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ତହସିଲଦାର ରୁକ୍ମଣ ମେହେର ଓ ଅତିରିକ୍ତ ତହସିଲଦାର ଅନୁପସ୍ଥିତ ଥିବାରୁ ବରିଷ୍ଠ କର୍ମଚାରୀ ଏହି ଦାବିପତ୍ର ଗ୍ରହଣ କରିଥିଲେ।

ଦାବିପତ୍ରରେ ସମାଜ ପକ୍ଷରୁ ଉଲ୍ଲେଖ କରାଯାଇଛି ଯେ ଭାରତୀୟ ସମ୍ବିଧାନ ସମସ୍ତ ନାଗରିକଙ୍କୁ ସମାନତାର ଅଧିକାର ପ୍ରଦାନ କରିଛି। ସରକାରୀ ଚାକିରି ଓ ଶିକ୍ଷାନୁଷ୍ଠାନରେ ସମାନ ସୁଯୋଗ ଦେବାକୁ ନିଶ୍ଚିତ କରିଛି; କିନ୍ତୁ ୧୯୫୧ ମସିହାରୁ ଚାଲୁଥିବା ସଂରକ୍ଷଣ ବ୍ୟବସ୍ଥା ଦେଶରେ ଏକ ପ୍ରକାର ଅସମାନତାର ପରିସ୍ଥିତି ସୃଷ୍ଟି କରିଆସୁଛି ବୋଲି ସେମାନେ ମତ ପ୍ରକାଶ କରିଛନ୍ତି। ସମାଜ ଏହା ମଧ୍ୟ କହିଛି ଯେ ଅବହେଳିତ ଓ ପଛୁଆ ବର୍ଗଙ୍କ ଉନ୍ନତି ପାଇଁ ସଂରକ୍ଷଣ ବ୍ୟବସ୍ଥାକୁ ସେମାନେ ସଦା ସମ୍ମାନ ଓ ସହୃଦୟତାର ସହିତ ଗ୍ରହଣ କରିଆସୁଛନ୍ତି; କିନ୍ତୁ ଏହାର ବ୍ୟବହାର ଏବେ ସମାନତାର ମୂଳ ତତ୍ତ୍ୱକୁ ହାନି କରୁଛି ବୋଲି ଅଭିଯୋଗ କରାଯାଇଛି। ଦାବିପତ୍ରରେ ଆହୁରି କୁହାଯାଇଛି ଯେ ତାଲିକାଭୁକ୍ତ ଜାତି ଓ ଉପଜାତି ପରିବାରମାନେ ପିଢ଼ି ପରେ ପିଢ଼ି ଏହି ସଂରକ୍ଷଣ ବ୍ୟବସ୍ଥାର ଲାଭ ଉପଭୋଗ କରୁଥିବା ବେଳେ ସାଧାରଣ ବର୍ଗର ଅର୍ଥନୀତିକ ଭାବେ




ଦୁର୍ବଳ ପରିବାର ଏଥିରୁ ବଞ୍ଚିତ ହେଉଛନ୍ତି। ଏହା ଫଳରେ ସମାଜରେ ନୂତନ ଧରଣର ଅସମାନତା ଓ ବିରୋଧାଭାସ ସୃଷ୍ଟି ହେଉଛି ବୋଲି ସେମାନେ ଉଲ୍ଲେଖ କରିଛନ୍ତି। ସେମାନେ କେନ୍ଦ୍ର ସରକାର ଓ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଆର୍ଥିକ ଭାବେ ଦୁର୍ବଳ ବର୍ଗ ପାଇଁ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ନେଇ ସ୍ମରଣ କରାଇଛନ୍ତି। ସମାଜର ମତ ଅନୁସାରେ ରାଜ୍ୟ ସରକାର ନିକଟରେ ନେଇଥିବା ସଂରକ୍ଷଣ ବୃଦ୍ଧି ସମ୍ବନ୍ଧୀୟ ନିଷ୍ପତ୍ତି ସାଧାରଣ ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ଅନ୍ୟାୟ ସୃଷ୍ଟି କରିଛି। ନୂତନ ନୀତି ଅନୁଯାୟୀ ଅନୁସୂଚିତ ଜନଜାତି ପାଇଁ ସଂରକ୍ଷଣ ୧୨ ପ୍ରତିଶତରୁ ୨୨.୫୦ ପ୍ରତିଶତକୁ ବୃଦ୍ଧି କରାଯାଇଥିବା ବେଳେ ଅନୁସୂଚିତ ଜାତି ପାଇଁ ୮ ପ୍ରତିଶତରୁ ୧୬.୨୫ ପ୍ରତିଶତକୁ ବୃଦ୍ଧି ହୋଇଛି। ଏହାସହ ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆ ବର୍ଗ ପାଇଁ ୧୧.୨୫ ପ୍ରତିଶତ ସଂରକ୍ଷଣ ଲାଗୁ କରାଯାଇଛି। ସମାଜ ପକ୍ଷରୁ ଏହାକୁ ଏକ ଅନ୍ୟାୟମୂଳକ ନିଷ୍ପତ୍ତି ବୋଲି କୁହାଯାଇଛି। ସେମାନଙ୍କ ମତାନୁସାରେ ଏହି ବୃଦ୍ଧି ପାଇଁ ସାଧାରଣ ବର୍ଗର ମେଧାବୀ ଛାତ୍ରଛାତ୍ରୀ ଶିକ୍ଷା କ୍ଷେତ୍ରରେ ପଛକୁ ପଡ଼ିବେ ଓ ସେମାନଙ୍କ ଭବିଷ୍ୟତ ଅନିଶ୍ଚିତତାରେ ପଡ଼ିବ। ଉଚ୍ଚ ଶିକ୍ଷା, ବିଶେଷକରି ମେଡ଼ିକାଲ୍, ଇଞ୍ଜିନିୟରିଂ ଓ ପ୍ରଯୁକ୍ତିମୂଳକ କୋର୍ସରେ ନାମଲେଖା ପାଇଁ ଏହି ନୀତି ମେଧାକୁ ଅବମାନିତ କରୁଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ସେମାନେ ଆହୁରି କହିଛନ୍ତି ଯେ ଏହି ପରିସ୍ଥିତି ଛାତ୍ରଛାତ୍ରୀଙ୍କ ମନୋବଳ ଓ ଆତ୍ମବିଶ୍ୱାସକୁ କ୍ଷୀଣ କରିଦେବା ସହ ସମାଜରେ ମାନସିକ ଚାପ ଓ ଅସନ୍ତୋଷ ବୃଦ୍ଧି କରିପାରେ। ଯେଉଁ ଛାତ୍ରଛାତ୍ରୀ କଠୋର ପରିଶ୍ରମ କରି ନିଜ ଭବିଷ୍ୟତ ଗଢ଼ିବାକୁ ଚେଷ୍ଟା କରୁଛନ୍ତି ସେମାନେ ଏହି ନୀତି ଦ୍ୱାରା ନିରାଶାରେ ପଡ଼ିପାରନ୍ତି। ସମାଜ ଏହାକୁ ପ୍ରତିଭାର ଅପମୃତ୍ୟୁ ବୋଲି ବର୍ଣ୍ଣନା କରିଛି। ଏହାସହିତ ସେମାନେ ଚେତାବନୀ ଦେଇଛନ୍ତି ଯେ ଏହିପରି ନିଷ୍ପତ୍ତି ସମାଜରେ ବିଦ୍ୱେଷ ଓ ବିଭେଦକୁ ବୃଦ୍ଧି କରିପାରେ। ଯାହା ସାମାଜିକ ସମନ୍ୱୟ ପାଇଁ ହାନିକାରକ। ସାଧାରଣ ବର୍ଗର ଲୋକମାନେ ଆଜି ଅସୁରକ୍ଷିତ ଅନୁଭବ କରୁଥିବା ବେଳେ ଏପରି ନୀତି ସେମାନଙ୍କ ଅସନ୍ତୋଷକୁ ଆହୁରି ବଢ଼ାଇବାର ସମ୍ଭାବନା ରହିଛି। ଶେଷରେ ସନାତନ ବ୍ରାହ୍ମଣ ସମାଜ ପକ୍ଷରୁ ରାଜ୍ୟ ସରକାରଙ୍କୁ ନିବେଦନ କରାଯାଇଛି ଯେ ସଂରକ୍ଷଣ ବ୍ୟବସ୍ଥାକୁ ପୁନର୍ବିଚାର କରାଯାଉ ଏବଂ ସମସ୍ତ ବର୍ଗଙ୍କ ପାଇଁ ସମାନ ଓ ନ୍ୟାୟସଂଗତ ବ୍ୟବସ୍ଥା କରାଯାଉ। ସାଧାରଣ ବର୍ଗଙ୍କ ପ୍ରତି କୌଣସି ପ୍ରକାର ଅନ୍ୟାୟ ନ ହେଉ ଓ ସମ୍ବିଧାନର ସମାନତା ତତ୍ତ୍ୱକୁ ରକ୍ଷା କରାଯାଉ ବୋଲି ସମାଜ ଦୃଢ଼ ଦାବି ଜଣାଇଛି।

## ଟାଟମୋଟର୍ସର ଖାମଖିଆଲ ନୀତି

# ସୋରୁମରୁ ଗାଡ଼ି ବାହାରୁ ବାହାରୁ ଫିଟିଲା ଚକା

**ସମ୍ବଲପୁର, ୧୦।୪(ସମିସ):** ସମ୍ବଲପୁର ଟାଟା ମୋଟର୍ସର ଖାମଖିଆଲ ନୀତି। ଗାଡ଼ି ସୋରୁମରୁ ବାହାରୁ ବାହାରୁ ଦୁର୍ଘଟଣା। ସୋରୁମରୁ ମାତ୍ରା ଏକ କିଲୋମିଟର ଦୂରରେ ଆଗ ଚକା ଫିଟି ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ହେଲେ ଭାଗ୍ୟ ଭଲ ଥିବାରୁ ଚାଳକ ଅଳ୍ପକେ ବର୍ତ୍ତି ଯାଇଥିଲେ। ଏପରି ଘଟଣା ସମ୍ବଲପୁର ଅଇଁଠାପାଲି ଥାନା ଅଞ୍ଚଳରେ ଘଟିଯାଇଛି। ଗାଡ଼ି ମାଲିକ ଫାଟକ ଅଞ୍ଚଳର ସୁରେଶ ସନିଙ୍କ ସୂଚନା ଅନୁସାରେ ଗତ ୮ ତାରିଖ ତାଙ୍କ ଟାଟା ହେରିଅର ଗାଡ଼ି(ଓଡି୧୫ଏଏ୨୧୨୫) ସମ୍ବଲପୁର ସ୍ଥିତ ଟାଟା ମୋଟର୍ସ କାର୍ ସୋରୁମରେ କାମ ଲାଗି ଦେଇଥିଲେ। ଆଜି ସନ୍ଧ୍ୟାରେ ଗାଡ଼ି ଠିକ ହୋଇଥିବା ଖବର ପାଇଁ ସୋରୁମରୁ ଯାଇଥିଲେ। ଟଙ୍କା ଦେଇ ଗାଡ଼ି ଘରକୁ ନେଇ ଆସୁଥିଲେ। ସୋରୁମରୁ ମାତ୍ର ଏକ କିଲୋମିଟର ଦୂରରେ ଥିବା ଅମ୍ବିରା ନଗରରେ ଗାଡ଼ିର ବାମ ଆଗଚକା ଫିଟିଯାଇଥିଲା। ଗାଡ଼ିକୁ ଆୟତ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ହୋଇ ପାରି ନ ଥିଲା। ଗାଡ଼ିଟି ସିଧା ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଭାଗ୍ୟ ଭଲ ଥିବାରୁ ତୁରନ୍ତ

**ଲାଗିନଥିଲା ନଟ୍, ଅଳ୍ପକେ ବର୍ତ୍ତିଲେ ଚାଳକ**

ଗାଡ଼ିରୁ ସେ ବାହାରି ଯାଇଥିଲେ। ପରେ ସେ ଗାଡ଼ି ଦେଖି ଜାଣିବାକୁ ପାଇଥିଲେ, ଆଗ ଚକାରେ ନଟ୍ ଲଗାଇବା ପାଇଁ ସୋରୁମ୍ ଭୁଲିଯାଇଛି। ଅନ୍ୟଚକାରେ ନଟ୍ ଲାଗିଥିଲା କିନ୍ତୁ ଆଗ ବାମ ଚକାରେ କୌଣସି ବି ନଟ୍ ନ ଥିଲା। ଯାହାଫଳରେ ସେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଅଭିଯୋଗ କରିଛନ୍ତି। ସୋରୁମର ଖାମଖିଆଲ ନୀତିପାଇଁ ସେ ଆଜି ଦୁର୍ଘଟଣାର ଶିକାର ହୋଇଥିବା କହିଛନ୍ତି। ଏନେଇ ସେ ଥାନାର ଦ୍ୱାରସ୍ଥ ହୋଇ ଅଭିଯୋଗ କରିବେ ବୋଲି କହିଛନ୍ତି। ତଦନ୍ତ କରାଯାଇ କମ୍ପାନୀ ଉପରେ କାର୍ଯ୍ୟାନୁଷ୍ଠାନ କରିବାକୁ ସେ ଦାବି କରିଛନ୍ତି।

# ‘ସଖୀ’ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ



**ସମ୍ବଲପୁର, ୧୦।୪ (ସମିସ) :** ୱାନ୍ ଷ୍ଟପ୍ ସେଣ୍ଟର ‘ସଖୀ’ ତରଫରୁ ଏପ୍ରାଇଜ୍ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁଟ୍‌ଠାରେ ଛାତ୍ରଛାତ୍ରୀଙ୍କ ନିମନ୍ତେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ସଂଯୋଜିକା ଏଡ୍.ଏଟ୍.ଆକ୍ସନ୍ ସୁନୀତା ତ୍ରିପାଠୀ ଯୋଗ ଦେଇଥିବାବେଳେ ଅତିଥି ଭାବେ ପାରାଲିଗାଲ୍ ଅଫିସର ରୋମିରାଣୀ ବିଶି, ଶିକ୍ଷାନୁଷ୍ଠାନର ସଭାପତି ଜନାର୍ଦ୍ଦନ ବେହେରା, ଚେୟାରମ୍ୟାନ ଜଗଦୀଶ ଚନ୍ଦ୍ର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟକ୍ଷ ହୃଷିକେଶ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ପାରା ଲିଗାଲ୍ ସ୍ୱେଚ୍ଛାସେବୀ ସୁଷମା ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। ସଦସ୍ୟା ମିତାଲି ପଣ୍ଡା ‘ସଖୀ’ ସେଣ୍ଟରର କାର୍ଯ୍ୟାବଳୀ ଉପରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟ ଅତିଥି ଶ୍ରୀମତୀ ତ୍ରିପାଠୀ ଶିଶୁସୁରକ୍ଷାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ସମାଜରେ ୧୮ ବର୍ଷ ବୟସରୁ କମ୍ ବୟସର ଶିଶୁମାନଙ୍କର ଉପରେ ହେଉଥିବା ଅତ୍ୟାଚାର ଓ ତା’ର ପ୍ରତିକାର ବିଷୟରେ ସେ ଦିଗଦର୍ଶନ ଦେଇଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ‘ସଖୀ’ ସଦସ୍ୟା ଭାରତୀ ବାଗ, ଅଧ୍ୟାପକ ସନତ ସା, ଅଧ୍ୟାପିକା ସୁନିତା ସିଂ, ପ୍ରଭାସିନି ଗିରି, ସୁମି ସାହୁ ପ୍ରମୁଖ ସହଯୋଗ କରିଥିଲେ।

# କାର୍ ଦୁର୍ଘଟଣାରେ ଜଣେ ମୃତ; ଦୁଇ ଆହତ

**କୁଚିଣ୍ଡା, ୧୦।୪ (ସମିସ):** ସମ୍ବଲପୁର ଜିଲ୍ଲା କୁଚିଣ୍ଡା କୁସମୀ ରାସ୍ତା ଲଇଡାଗୁଣାରୁ ଟାଇଁସର ନିକଟସ୍ଥ ନୀଳପଡ଼ାରେ ଭାରସାମ୍ୟ ହରାଇ ଏକ କାର୍ ଦୁର୍ଘଟଣା ଘଟିଛି। ଏଥିରେ ଜଣକର ମୃତ୍ୟୁ ଘଟିଥିବାବେଳେ ଦୁଇ ଜଣ ଆହତ ହୋଇଛନ୍ତି। ଭୁବନେଶ୍ୱରରୁ କୁସମୀ ଜମନକିରାକୁ କାର୍‌ଟି ଫେରୁଥିବା ସମୟରେ ଭାରସାମ୍ୟ ହରାଇ ଏକ ଗଛରେ ବାଡେଇ ହୋଇଥିଲା। ଘଟଣାସ୍ଥଳରେ କୁସମୀ ଜମନକିରା ଗ୍ରାମର ରଜତ ପଟେଲ(୩୦)ଙ୍କ ମୃତ୍ୟୁ ଘଟିଛି। ନିକଟସ୍ଥ ରେଙ୍ଗାଲି ଗ୍ରାମର ମଳୟ ନାଏକଙ୍କ ଅଣ୍ଟା ଭାଙ୍ଗି ଗୁରୁତର ଆହତ ହୋଇଥିବାବେଳେ ରେଙ୍ଗାଲି ଗ୍ରାମର ଡ୍ରାଇଭର କୈଳାଶ ସେଠ(୩୦)ଙ୍କ ଗୋଡ଼ ଭାଙ୍ଗି ଯାଇଛି। ଆହତ ଦ୍ୱୟଙ୍କ ପ୍ରାଥମିକ ଚିକିତ୍ସା ପରେ ବୁର୍ଲା ସ୍ଥାନାନ୍ତରିତ କରାଯାଇଛି।

# ପୂର୍ଣ୍ଣଚନ୍ଦ୍ର ଓ ବ୍ରଜେନ୍ଦ୍ର ପାଇବେ ନାଟ୍ୟକାର ପ୍ରମୋଦ ତ୍ରିପାଠୀ ସ୍ମୃତି ସମ୍ମାନ





**ସମ୍ବଲପୁର, ୧୦।୪ (ସମିସ) :** ପ୍ରତ୍ୟେକ ବର୍ଷ ପରି ଚଳିତବର୍ଷ ମଧ୍ୟ ଅଗଷ୍ଟ ୩୧ ତାରିଖରେ ନାଟ୍ୟକାର ପ୍ରମୋଦ ତ୍ରିପାଠୀଙ୍କ ସ୍ମୃତି ସମାରୋହ ‘ପ୍ରମୋଦନାମା’ ଆୟୋଜିତ ହେବ। ଏହି ଉତ୍ସବରେ ବରଗଡ଼ର ବିଶିଷ୍ଟ ଅଭିନେତା ତଥା ନାଟ୍ୟଶିଳ୍ପୀ ପୂର୍ଣ୍ଣଚନ୍ଦ୍ର ଦାସ ଏବଂ ନାଟ୍ୟକାର ନିର୍ଦ୍ଦେଶକ ବ୍ରଜେନ୍ଦ୍ର ନାୟକଙ୍କୁ ଚଳିତବର୍ଷର ମର୍ଯ୍ୟାଦାସମ୍ପନ୍ନ ପ୍ରମୋଦ ତ୍ରିପାଠୀ ସ୍ମୃତି ସମ୍ମାନରେ ସମ୍ମାନିତ କରାଯିବ। ଏଥିସହିତ ନାଟ୍ୟକାର ପ୍ରମୋଦ ତ୍ରିପାଠୀଙ୍କ ନାଟକ ଉପରେ ଏକ ଆଲୋଚନାଚକ୍ର ମଧ୍ୟ ଆୟୋଜିତ ହେବ ବୋଲି ସୂଚନା ମିଳିଛି।

# ହନୁମାନ ଜୟନ୍ତୀ ପୂର୍ବରୁ ପ୍ରଶାସନ ନୋଟିସ୍ ନେଇ ଅସନ୍ତୋଷ

**କୁଚିଣ୍ଡା, ୧୦।୪(ସମିସ):** କୁଚିଣ୍ଡା ଜନଗହଳିପୂର୍ଣ୍ଣ ପୁରୁଣା ବସ୍‌ଷ୍ଟାଣ୍ଡ ହନୁମାନ ମନ୍ଦିର ମହାବୀର ପୂଜା କମିଟି ପକ୍ଷରୁ ୧୪ ତାରିଖରେ ହନୁମାନ ଜୟନ୍ତୀ ପରିପ୍ରେକ୍ଷୀରେ ଉକ୍ତ କମିଟି, ଏକ ବିରାଟ ଝଣ୍ଡା ଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ପ୍ରଶାସନ ପକ୍ଷରୁ ଏନେଇ ଏକ ଶାନ୍ତି କମିଟି ବୈଠକ ହୋଇଥିଲା। ଶାନ୍ତକମିଟି ବୈଠକରେ କୁଚିଣ୍ଡା ମସ୍‌ଜିଦ କମିଟିର ସଦସ୍ୟ ଓ ମହାବୀର ପୂଜା କମିଟି ସଦସ୍ୟଙ୍କୁ ୧୦୭ ନୋଟିସ ଦିଆଯାଇଛି। କୁଚିଣ୍ଡା ଭାଇଚାରା ସହରରେ ସାମ୍ପ୍ରଦାୟିକ ମତଭେଦ ନ ଥିବା ସମୟରେ ୧୦୭ ନୋଟିସ୍ ଅସନ୍ତୋଷ ସୃଷ୍ଟି ହୋଇଛି। ଗୁରୁବାର ମହାବୀର ପୂଜା କମିଟି ସଭାପତି ପ୍ରମୋଦ ଛୁରିଆ, ମସଜିଦ କମିଟିର ସଭାପତି ସୟଦ ଖାନ ଓ ଅନ୍ୟ କର୍ମକର୍ତ୍ତାଙ୍କ ମିଳିତ ଆନୁକୂଲ୍ୟରେ କୁଚିଣ୍ଡା ପୂର୍ତ୍ତ ବିଭାଗ ବଙ୍ଗଳାଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପ୍ରଶାସନର ନୋଟିସ୍‌କୁ ନେଇ




ଅସନ୍ତୋଷ ପ୍ରକାଶ କରିଛନ୍ତି। ମହାବୀର କମିଟି ସଭାପତି ଶ୍ରୀ ଛୁରିଆ କୁହନ୍ତି, ହନୁମାନ ଜୟନ୍ତୀରେ ଝଣ୍ଡାଯାତ୍ରା ଓ ସହରର ବିଭିନ୍ନ ପୂଜାରେ ମୁସଲମାନ ସମ୍ପ୍ରଦାୟ ର ଭାଇ ମାନେ ସାମିଲ ହୋଇ ସହଯୋଗ କରି ଆସୁଛନ୍ତି। ସେହିପରି ମସଜିଦ କମିଟି ସଭାପତି ସୟଦଙ୍କ କହିବା ଅନୁସାରେ, ଆମେ ଭାଇଚାରାରେ ବନ୍ଧା କୁଚିଣ୍ଡା ବିଭିନ୍ନ ହିନ୍ଦୁ ଦେବଦେବୀ ପୂଜାରେ ମୁସଲମାନ ସଭ୍ୟ ରହିଥିବା ବେଳେ ମୁସଲମାନଙ୍କ ପର୍ବରେ ହିନ୍ଦୁମାନେ ମଧ୍ୟ ସହଯୋଗ କରିଥାନ୍ତି। ତେଣୁ ସମସ୍ତେ ରାଜନୀତିରୁ ଊର୍ଦ୍ଧ୍ୱରେ ରହି ଏଥିରେ ସାମିଲ ହେବାକୁ ମହାବୀର କମିଟି ପକ୍ଷରୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି। ହେଲେ ଆମ ଆମ ଭିତରେ କୌଣସି ମତାନ୍ତର ଆଜି ପର୍ଯ୍ୟନ୍ତ ନାହିଁ, ଯଦି ସମ୍ଭବ ହୋଇପାରନ୍ତା ତେବେ ଆମ ମୁସଲମାନ କମିଟିର ସଭାପତି ଭାବେ ପ୍ରମୋଦ ଛୁରିଆଙ୍କୁ କରିଦିଅନ୍ତୁ ବୋଲି ମୁସଲିମ କମିଟିର ସଭାପତି ସୟଦ ଖାନ ପ୍ରକାଶ କରିଛନ୍ତି।

# ହନୁମାନ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ କଳସ ଯାତ୍ରା

**ସମ୍ବଲପୁର, ୧୦।୪ (ସମିସ) :** କଚେରିସ୍ଥିତ ସଙ୍କଟମୋଚନ ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ କଳସ ଯାତ୍ରା ସହ ଆଜି ଆରମ୍ଭ ହୋଇଯାଇଛି। ଶତାଧିକ ମହିଳା ଏଥିରେ ଯୋଗ ଦେଇଥିଲେ। ପ୍ରାୟ ୧୦୮ ଜଣ ମହିଳା ମହାନଦୀରୁ କଳସରେ ଜଳ ଆଣି ଯଜ୍ଞସ୍ଥଳରେ ସ୍ଥାପନ କରିଥିଲେ। କଳସ ଯାତ୍ରାରେ ଜିଲ୍ଲା ଓକିଲ ସଂଘର ୫୦ରୁ ଊର୍ଦ୍ଧ୍ୱ ମହିଳା ଓକିଲ ଏବଂ ସ୍ଥାନୀୟ ମହିଳାମାନେ ଯୋଗ ଦେଇଥିଲେ। ଆସନ୍ତା ଦୁଇଦିନ ଧରି ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବ। ୧୧ ତାରିଖ ମନ୍ଦିର ପ୍ରତିଷ୍ଠା ଯଜ୍ଞ ହେବାକୁ ଥିବାବେଳେ ୧୨ ତାରିଖ ମନ୍ଦିର ପ୍ରତିଷ୍ଠା, ବିଗ୍ରହ ପ୍ରାଣ ପ୍ରତିଷ୍ଠା, ମନ୍ଦିର ପ୍ରବେଶ ଓ ପୂର୍ଣ୍ଣାହୂତି ହେବ ବୋଲି ଆୟୋଜକ ମାନଙ୍କ ସୂତ୍ରରୁ ପ୍ରକାଶ।

# ନାକଟିଦେଉଳରେ ପଞ୍ଚାୟତ ସମିତି ବୈଠକ

**ନାକଟିଦେଉଳ, ୧୦।୪(ସମିସ):** ନାକଟିଦେଉଳ ବ୍ଲକସ୍ଥିତ ରାଜୀବ ଭବନ ସଭା ଗୃହରେ ୧୨ତମ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷା ସ୍ୱରପା ରାଣୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରେଢ଼ାଖୋଲ ବିଧାୟକ ତଥା ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ଯୋଗ ଦେଇ କୃଷି, ବିଦ୍ୟୁତ, ଶିକ୍ଷା, ପାନୀୟଜଳ, ଏମ୍ଆଇ, ପଶୁ ବିଭାଗ, ଉଦ୍ୟାନ ବିଭାଗ,




ଆବାସ ଯୋଜନା, ସମ୍ମନ୍ୱୟ ଶିଶୁ ବିଭାଗ, ସହିତ ଅନ୍ୟାନ ବିଭାଗ ଦ୍ୱାରା ହୋଇଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଗୁଡିକ ର ସମୀକ୍ଷା କରିଥିଲେ। ଏହି ବୈଠକରେ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀ ଅନୁପସ୍ଥିତ ରହିବାରୁ ଜନପ୍ରତିନିଧି ମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଆଗକୁ ଏଭଳି ନହେବା ପାଇଁ ଏହାର ପଦକ୍ଷେପ ନେବା ପାଇଁ ବିଧାୟକ ବ୍ଲକ ପ୍ରଶାସନକୁ ପରାମର୍ଶ ଦେବା ସହିତ ଏ ସମ୍ପର୍କରେ ଜିଲ୍ଲାପାଳଙ୍କୁ ଅବଗତ କରାଇବାକୁ କହିଥିଲେ। ଏହି ବୈଠକରେ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିବାବେଳେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ଉପରେ ପ୍ରସ୍ତାବ ଦିଆଯାଇଛି। ବୈଠକରେ ବିଡିଓ ଆକାଶ ରଞ୍ଜନ ସାହୁ, ତହସିଲଦାର ଅମର ଜେ ଡୁଙ୍ଗଡୁଙ୍ଗ, ବ୍ଲକ ଉପାଧ୍ୟକ୍ଷ ଜିତେନ୍ଦ୍ର ପ୍ରଧାନ, ଜୋନ୍ ୧ -ଜିଲ୍ଲା ପରିଷଦ ସଭ୍ୟା ପ୍ରିୟମ୍ବଦା ସାହୁ ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ନେତ୍ରାନନ୍ଦ ରାଉଳ ପ୍ରମୁଖ ମଞ୍ଚାସିନ ଥିଲେ।

# ରକ୍ତଦାନ ଶିବିର; ୨୦ ୟୁନିଟ୍ ରକ୍ତ ସଂଗ୍ରହ

**ରେଢ଼ାଖୋଲ, ୧୦।୪(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ଭୀମଭୋଇ ମହାବିଦ୍ୟାଳୟଠାରେ ଶୁକ୍ରବାର ଓଡ଼ିଆପକ୍ଷ ପାଳନ ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି।



ଏଥିରେ ଯୁବ ରେଡକ୍ରସ୍ ଏନସିସି ଏବଂ ଜାତୀୟସେବା ଯୋଜନା ତରଫରୁ ଏହି ଶିବିର ଅୟୋଜିତ ହୋଇଥିଲା। ଏଥିରେ ଅନୁଷ୍ଠାନର ଅଧ୍ୟକ୍ଷ ପ୍ରାଧ୍ୟାପକ ଅମୂଲ୍ୟ କୃଷ୍ଣପାଢ଼ୀ ଓ କଲେଜର ପ୍ରାଶାସନିକ ପ୍ରଭାରୀ ଅରୁଣ କୁମାର ଶାସନୀ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଏହି ରକ୍ତଦାନ ଶିବିରରେ ସମୁଦାୟ ୨୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। କଦଳିଗଡ଼ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପିକା ସସ୍ମିତା ବିଶ୍ୱାଳଙ୍କ ସମେତ ଭୀମଭୋଇ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟାପିକା, ଅଧ୍ୟାପିକା ଓ କର୍ମଚାରୀ ରକ୍ତଦାନ କରିଥିଲେ। ଯୁବ ରେଡକ୍ରସ ଅଧିକାରୀ ଅଧ୍ୟାପିକା ଅଞ୍ଜନ କୁମାର ମିଶ୍ର, ଏନ୍‌ସିସି ଅଧିକାରୀ ସୁଶାନ୍ତ କେରକେଟା ଏବଂ ଜାତୀୟ ସେବା ଯୋଜନା ଅଧିକାରୀ ଲିବନସ୍ କିଣ୍ଡୋ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟ ରକ୍ତଭଣ୍ଡାରର କର୍ମଦେବ ପଟେଲ, ଜାହ୍ନବି ଧଳ, ଗଣେଶ ସେଠ୍, ନୃସିଂହ ଚରଣ ବିଶ୍ୱାଳ, ମନୋରମା ଧଳ ଏବଂ ସରୋଜ ମିର୍ଜା ରକ୍ତ ସଂଗ୍ରହ କରିଥିଲେ।

# ଗୁରୁ ଭଗବାନ ସାହୁଙ୍କ ଉପରେ ଆଲୋଚନାଚକ୍ର

**ବରଗଡ଼, ୧୦।୪(ସମିସ):** ବରଗଡ଼ର ସର୍ବ ପୁରାତନ ବିଦ୍ୟାଳୟ ପିଏମ୍‌ଶ୍ରୀ ଜର୍ଜ ହାଇସ୍କୁଲ ସମ୍ମିଳନୀ କକ୍ଷରେ ଗୁରୁ ଭଗବାନ ସାହୁ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଦଧିବାବନ ଶତପଥୀ ସ୍ୱାଗତ ଭାଷଣ ଦେଇଥିଲେ। ସର୍ଦ୍ଦାର ପ୍ରିତମ ସିଂହ ସଂଯୋଜନା କରିଥିଲେ। ସହକାରୀ ପ୍ରଧାନ ଶିକ୍ଷକ ସୁରେଶ ଦାଶ, ପ୍ରଧାନ ଶିକ୍ଷୟିତ୍ରୀ ଶାଶ୍ୱତୀ ଦାଶ, ଆଇନଜୀବୀ ଯୁଗଳ ପ୍ରସାଦ ସିଂ, ପ୍ରାଧ୍ୟାପକ ସନ୍ତୋଷ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କବିୟିତ୍ରୀ ଜୟଶ୍ରୀ ପଣ୍ଡା ଗୁରୁ ବନ୍ଦନା ଗାନ କରିଥିଲେ। ଲୁଲୁ ରବିନ ଦାସଙ୍କ ଆବାହକତ୍ୱରେ ଅନୁଷ୍ଠିତ ସଭାରେ ସହ ସମ୍ପାଦକ ଡ. ଯଶବୀର ସିଂ ସୈନୀ, କୋଷାଧ୍ୟକ୍ଷ ଅଚ୍ୟୁତାନନ୍ଦ ବାରିକ, ଉଦ୍ଧବ ଚରଣ ବେହେରା, ଶିବାନନ୍ଦ ମଟାରୀ, ସଂଘମିତ୍ରା ପଟେଲ, ଦାମୋଦର ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଶିକ୍ଷୟିତ୍ରୀ କୁମୁଦିନୀ ପାଣିଗ୍ରାହୀ, ସୁରେଖା ସାହୁ, ସଞ୍ଜୁବାଳା ପୃଷ୍ଟି, ହରିଶ ପାତ୍ର, ଦିନେଶ ସାହୁ ପ୍ରମୁଖ ସହଯୋଗ କରିଥିଲେ। ତୁଳସୀଚରଣ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ‘ଲୋକକଳା ପାଇଁ ଦିନଟିଏ’ କାର୍ଯ୍ୟକ୍ରମ





**ଝାରସୁଗୁଡା, ୧୦।୪(ସମିସ):** ଓଡ଼ିଆ ପକ୍ଷ ପାଳନର ଦଶମ ଦିବସ ଉପଲକ୍ଷେ ଆଜି ଜିଲ୍ଲାରେ ‘ଲୋକକଳା ପାଇଁ ଦିନଟିଏ’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଂସ୍କୃତି ଭବନଠାରେ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ବ୍ରଜ ବନ୍ଧୁ ଭୋଇ ଯୋଗଦେଇ ଆମ ଲୋକକଳା ହେଉଛି ଆମର ପରିଚୟ ଓ ଗର୍ବର ପ୍ରତୀକ। ଏହାକୁ ଜୀବନ୍ତ ରଖିବା ପାଇଁ ଆମେ ସମସ୍ତେ ମିଳିମିଶି କାର୍ଯ୍ୟ କରିବା ଆବଶ୍ୟକ। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ, ଜିଲ୍ଲାସଂସ୍କୃତି ଅଧିକାରୀ ହରେକୃଷ୍ଣ ବରିହା ପ୍ରମୁଖ ଉପସ୍ଥିତ ଥିଲେ। ବିଶିଷ୍ଟ ଲୋକକଳାକାରଙ୍କୁ ସମ୍ମାନିତ କରାଯାଇ ସେମାନଙ୍କ ଅବଦାନକୁ ସ୍ୱୀକୃତି ପ୍ରଦାନ କରାଯାଇଥିଲା।

**ଦେବଗଡ଼:** ରାଜ୍ୟରେ ଓଡ଼ିଆ ପକ୍ଷ ପାଳନର ଦଶମ ଦିବସରେ ଦେବଗଡ଼ ଜିଲ୍ଲା ବାରକୋଟ ବ୍ଲକ ବଳମ୍ ଗ୍ରାମ ପଞ୍ଚାୟତ ଗୌଡନାଳି ଗ୍ରାମରେ ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ କଳାକାରମାନଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲ୍ଲା ସଂସ୍କୃତି ଅଧିକାରୀ ମୁକେଶ କୁମାର ଭୋଇଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାରକୋଟ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ପାତ୍ର ଓ ସମ୍ମାନିତ ଅତିଥି ଭାବେ ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀନିବାସ ଜାନୀ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସବିତା ଜେନା, ଡେପୁଟି କଲେକ୍ଟର ପ୍ରିୟା ତିର୍କି, ବଳମ ସରପଞ୍ଚ ଅମୃତି ନାଏକ, ଜିଲ୍ଲା କଳାକାର ସଂଘ ଉପସଭାପତି ସରସ୍ୱତୀ କିସାନ ଓ ବାରକୋଟ ବ୍ଲକ କଳାକାର ଉପସଭାପତି ତ୍ରିପୁରାରୀ ନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ୨୫ଜଣ ବରିଷ୍ଠ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ସଂଯୋଜନା କରିଥିଲେ।

# ଭିସୁଟ୍‌ରେ ଆନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଯାପିତ

**ସମ୍ବଲପୁର, ୧୦।୪ (ସମିସ)**

ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍) ଆର୍କିଟେକ୍‌ଚର ବିଭାଗ ଦ୍ୱାରା ‘ସ୍ମାର୍ଟ ଆଣ୍ଡ ସସ୍‌ଟେନେବଲ୍ ଅର୍ବାନିଜମ୍’ ଶୀର୍ଷକ ଦୁଇଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସଭାରେ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ଉଷା ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ, ଆଇଆଇଏମ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେଓ ପ୍ରସାଦ ଜୟସ୍ୱାଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ଭିସୁଟ୍ କୁଳପତି ଏବଂ ସମ୍ମିଳନୀର ମୁଖ୍ୟ ପ୍ରତିପାଳକ ପ୍ରଫେସର ଦୀପକ କୁମାର ସାହୁ ସମ୍ମିଳନୀ ଉଦ୍‌ବୋଧନ ପ୍ରଦାନ କରିଥିଲେ। ଆର୍କିଟେକ୍‌ଚର ବିଭାଗର ମୁଖ୍ୟ ଏବଂ ସମ୍ମିଳନୀ ଅଧ୍ୟକ୍ଷା ଡ. ଭାରତୀ ମହାପାତ୍ର ସ୍ୱାଗତ ବକ୍ତବ୍ୟ ଦେଇଥିଲେ। ସଭାରେ ଭିସୁଟ୍ କୁଳସଚିବ ପ୍ରଦୀପ ଡାଙ୍ଗ, ପ୍ଲାନିଂ ଫ୍ୟାକଲ୍ଟିର ଡିନ୍ ପ୍ରଫେସର ହରିଶ କୁମାର ସାହୁ, ସମ୍ମିଳନୀର ସଂଯୋଜକ ସହାୟକ ପ୍ରାଧ୍ୟାପକ ଆର୍. ଅମିତ ଚଟର୍ଜୀ ଏବଂ ଶାଶ୍ୱତ ଶେଖର ଷଡ଼ଙ୍ଗୀ ମଞ୍ଚାସୀନ ଥିଲେ। ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରେହାନ ଖତ୍ରୀ ଏବଂ ସହରାଞ୍ଚଳ ବିକାଶ ବିଭାଗର ଅଧିକାରୀ ଓ ଗଣ୍ୟମାନ୍ୟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ।



ଏହି ସମ୍ମିଳନୀ କୁଳପତି ପ୍ରଫେସର ଦୀପକ କୁମାର ସାହୁଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିବାବେଳେ ଟାଟାଷ୍ଟିଲ୍‌ର ରାଜ୍ୟ ମୁଖ୍ୟ ଚନ୍ଦନ ମୈତି ବିଶିଷ୍ଟ ଅତିଥିଭାବେ ଯୋଗଦେଇ ଥିଲେ। ଡ. ଭାରତୀ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ କୁଳସଚିବ ପ୍ରଦୀପ ଡାଙ୍ଗ ଏବଂ ପ୍ଲାନିଂ ଫ୍ୟାକଲ୍ଟିର ଡିନ୍ ହରିଶ କୁମାର ସାହୁ ଉଦ୍‌ବୋଧନ ଦେଇଥିଲେ। ପ୍ରାଧ୍ୟାପକ ଅମିତ ଚଟର୍ଜୀ ସମ୍ମିଳନୀ ରିପୋର୍ଟ ପ୍ରସ୍ତୁତ କରିଥିଲେ ଏବଂ ଶାଶ୍ୱତ ଶେଖର ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ। ଉଦ୍‌ଘାଟନୀ ଅବସରରେ ମହାନଗର ନିଗମ ଆୟୁକ୍ତ ରେହାନ ଖତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ମିଳନୀ ଅବସରରେ ତିନୋଟି ପୁସ୍ତକ ବିମୋଚନ କରାଯାଇଥିଲା। ଉଦ୍‌ଘାଟନୀ ସଭାରେ ‘ବୁକ୍ ଅଫ୍ ଆବଷ୍ଟ୍ରାକ୍ଟସ୍’ ଏବଂ ‘ସ୍ଥାପତ୍ୟ: ଏ ଡିକେଡ୍ ଅଫ୍ ଡକ୍ୟୁମେଣ୍ଟେସନ୍ ଅଫ୍ ଆର୍କିଟେକ୍‌ଚର (୨୦୧୬-୨୦୨୬)’ ଉନ୍ମୋଚିତ ହୋଇଥିବାବେଳେ, ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଅମିତ ଚଟର୍ଜୀଙ୍କ ରଚିତ ‘ଡକ୍ୟୁମେଣ୍ଟିଂ ଡୋକ୍ରା’ ପୁସ୍ତକ ଉନ୍ମୋଚନ କରାଯାଇଥିଲା। ଏହି ସମ୍ମିଳନୀ ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଏବଂ ପୂର୍ତ୍ତ ବିଭାଗ ସହଯୋଗରେ ଆୟୋଜିତ ହୋଇଥିଲା। ଏଥିପାଇଁ କାଉନସିଲ୍ ଅଫ୍ ଆର୍କିଟେକ୍‌ଚର, ମାଇଁ ଲିଭେବଲ୍ ସିଟି, ଇନଷ୍ଟିଟ୍ୟୁଟ୍ ଅଫ୍ ଅର୍ବାନ ଡିଜାଇନର୍ସ ଇଣ୍ଡିଆ, ଇନଷ୍ଟିଟ୍ୟୁଟ୍ ଅଫ୍ ଟାଉନ୍ ପ୍ଲାନର୍ସ, ଇଣ୍ଡିଆ, ଆଇଜିବିସି, ଇଣ୍ଡିଆନ୍ ଇନ୍‌ଷ୍ଟିଟ୍ୟୁଟ୍ ଅଫ୍ ଆର୍କିଟେକ୍ଟସ୍ (ଓଡ଼ିଶା ଚାପ୍ଟର) ଓ ଇଣ୍ଡିଆନ୍ ବିଲ୍ଡିଂ କଂଗ୍ରେସ୍ (ଓଡ଼ିଶା ଚାପ୍ଟର) ପରି ବିଭିନ୍ନ ଜ୍ଞାନ ସହଯୋଗୀ ସଂସ୍ଥାମାନେ ସମର୍ଥନ ଯୋଗାଇଥିଲେ। ସମ୍ମିଳନୀରେ ଦେଶର ବିଭିନ୍ନ ସ୍ଥାନରୁ ଆସିଥିବା ବିଶେଷଜ୍ଞଙ୍କ ସମେତ ନେଦରଲ୍ୟାଣ୍ଡ, ହଂକଂ, ଜାପାନ ଓ ଥାଇଲ୍ୟାଣ୍ଡରୁ ଅନ୍ତର୍ଜାତୀୟ ବିଶେଷଜ୍ଞମାନେ ବକ୍ତବ୍ୟ ରଖିଥିଲେ। ଦେଶର ବିଭିନ୍ନ ସ୍ଥାନର ଶିକ୍ଷାବିଦ୍ ଓ ଗବେଷକମାନେ ନିଜର ଗବେଷଣା ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଏହି ସମ୍ମିଳନୀ ନଗର ଉନ୍ନୟନ ସମ୍ବନ୍ଧୀୟ ନୂତନ ଚ୍ୟାଲେଞ୍ଜ ଓ ସ୍ଥାୟୀ ସମାଧାନ ଉପରେ ଆଲୋଚନା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ରୂପେ ପ୍ରମାଣିତ ହୋଇପାରିଛି।

## ଘରେ ନିଆଁ ଲାଗି ବୃଦ୍ଧା ଜୀବନ୍ତ ଦଗ୍ଧ

**ଶଗଡା,୧୦।୪(ସମିସ):** ବୌଦ୍ଧ ଜିଲ୍ଲା ବାଉଁଶୁଣୀ ଥାନା ଟିକିରାପଡ଼ା ଗ୍ରାମରେ ଶୁକ୍ରବାର ଏକ ହୃଦୟବିଦାରକ ଘଟଣା ଘଟିଛି। ଶୋଇଥିବା ଅବସ୍ଥାରେ ଘରେ ନିଆଁ ଲାଗିଯିବାରୁ ଜଣେ ୭୦ ବର୍ଷର ଜଣେ ବୃଦ୍ଧା ଜୀବନ୍ତ ଦଗ୍ଧ ହୋଇ ଯାଇଛନ୍ତି। ମୃତ ବୃଦ୍ଧାଜଣଙ୍କ ହେଲେ, ସୂର୍ଯ୍ୟକାନ୍ତି ସାହୁ। ସେ ପକ୍ଷାଘାତରେ ଶିକାର ହେତୁ ଶଯ୍ୟାଶାୟୀ ଥିଲେ। ଦିନ ପ୍ରାୟ ୧୧ଟାରେ କୌଣସି କାରଣବଶତଃ ହଠାତ୍ ଅଗ୍ନିକାଣ୍ଡ ଘଟିଥିଲା। ବାହାରକୁ ଧୂଆଁ ଓ ନିଆଁ ବାହାରିବା ପରେ ଗ୍ରାମବାସୀ ତୁରନ୍ତ ବାଉଁଶୁଣୀ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ହେଁ ସେତେବେଳକୁ ବୃଦ୍ଧାଜଣଙ୍କ ଜଳି ଯାଇଥିଲେ। ବାଉଁଶୁଣୀ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି। ତେବେ ସଟ୍‌ସର୍କିଟ୍ ଯୋଗୁଁ ଅଗ୍ନିକାଣ୍ଡ ଘଟିଛି ନା ଅନ୍ୟ କେଉଁ କାରଣରୁ, ତାହା ସ୍ପଷ୍ଟ ହୋଇପାରିନାହିଁ।

### ଉଚ୍ଚ ଶିକ୍ଷାନୁଷ୍ଠାନରେ ନୂଆ ନିୟମ: ବିନା ଅନୁମତିରେ ଆନ୍ଦୋଳନ ମନା

# ଶିକ୍ଷାନୁଷ୍ଠାନର ସମ୍ପତ୍ତି ନଷ୍ଟ ହେଲେ ଭରଣା କରିବେ ବିଦ୍ୟାର୍ଥୀ

**ଶ୍ରେଣୀରେ ଅନୁପସ୍ଥିତ ରହିଲେ ଅଭିଭାବକଙ୍କୁ ଅବଗତ କରାଯିବ**

**ଅଶ୍ଳୀଳ ଇଙ୍ଗିତ ବା ଯୌନ ଉତ୍ପୀଡ଼ନକୁ ପ୍ରଶ୍ରୟ ଦିଆଯିବ ନାହିଁ**

**ଶିକ୍ଷାନୁଷ୍ଠାନ ଓ ହଷ୍ଟେଲରେ ମାଦକ ଦ୍ରବ୍ୟ ସେବନ ମନା**

**ଭୁବନେଶ୍ୱର, ୧୦।୪(ସମିସ):** ଅନୁମତି ବିନା ଛାତ୍ରଛାତ୍ରୀମାନେ ଆନ୍ଦୋଳନ କରିପାରିବେ ନାହିଁ। ସଭାସମିତି କିମ୍ବା ହରତାଳ କରିବାକୁ ପୂର୍ବରୁ କର୍ତ୍ତୃପକ୍ଷଙ୍କଠାରୁ ଅନୁମତି ନେବା ଅନିବାର୍ଯ୍ୟ। କୌଣସି ଛାତ୍ରଛାତ୍ରୀ ହିଂସାତ୍ମକ କାର୍ଯ୍ୟରେ ନିୟୋଜିତ ଥିବା ପ୍ରମାଣିତ ହେଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କେବଳ ଏତିକି ନୁହେଁ, ଛାତ୍ରଛାତ୍ରୀଙ୍କ ଦ୍ୱାରା ଉଚ୍ଚଶିକ୍ଷାନୁଷ୍ଠାନର କୌଣସି ସମ୍ପତ୍ତି ନଷ୍ଟ ହେଲେ ତାହା ମଧ୍ୟ ସେମାନଙ୍କ ଠାରୁ ଭରଣା କରାଯିବ। ଆବଶ୍ୟକ ପଡ଼ିଲେ ସେମାନଙ୍କୁ ଶିକ୍ଷାନୁଷ୍ଠାନରୁ ବହିଷ୍କାର କରାଯିବ। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଛାତ୍ରଛାତ୍ରୀ ଏବଂ ଅଧ୍ୟାପକ/ଅଧ୍ୟାପିକାଙ୍କ ପାଇଁ ଜାରି ହୋଇଛି ଏପରି 'ଆଦର୍ଶ ଆଚରଣ ବିଧି'।

ଆଚରଣ ସଂହିତା ଓ ମାର୍ଗଦର୍ଶିକାରେ ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀଙ୍କ ଉପସ୍ଥାନକୁ ପ୍ରାଥମିକତା ଦିଆଯାଇଛି। ନିୟମିତ ଭାବେ ଜଣେ ପିଲା ଅନୁପସ୍ଥିତ ରହୁଥିଲେ, ତାକୁ ଗୁରୁତର ଶୃଙ୍ଖଳାଗତ ତ୍ରୁଟି ରୂପେ ବିବେଚନା କରାଯିବ। ଛାତ୍ରଛାତ୍ରୀ କୌଣସି ଅନୁଚିତ କାର୍ଯ୍ୟରେ ସଂଶ୍ଳିଷ୍ଟ ଥିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଚରଣ ବିଧିରେ ଉଲ୍ଲେଖ ରହିଛି । ଅନୁରୂପ ଭାବେ ଶିକ୍ଷାନୁଷ୍ଠାନରେ କୌଣସି ଅଶ୍ଳୀଳ ଇଙ୍ଗିତ ବା ଯୌନ ଉତ୍ପୀଡ଼ନ ଘଟଣାକୁ ଆଦୌ ପ୍ରଶ୍ରୟ ଦିଆଯିବ ନାହିଁ। ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ଘଟଣାର ତଦନ୍ତ କରି କଠୋର କାର୍ଯ୍ୟାନୁଷ୍ଠାନ ନେବ। ଶିକ୍ଷାବର୍ଷ ପ୍ରାରମ୍ଭରେ ଛାତ୍ରଛାତ୍ରୀଙ୍କ ପରିଚୟ କାର୍ଯ୍ୟକ୍ରମ କରାଯିବ ଓ ତହିଁରେ ଆଚରଣ, ଶିଷ୍ଟାଚାର, କରଣୀୟ ଓ ବର୍ଜନୀୟ କାର୍ଯ୍ୟ ସମ୍ପର୍କରେ ସଚେତନ କରାଯିବ। ଅଭିଭାବକମାନେ ମଧ୍ୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ଶିକ୍ଷାନୁଷ୍ଠାନ ଓ ହଷ୍ଟେଲ ପରିସରରେ ମାଦକ ଦ୍ରବ୍ୟକୁ ବରଦାସ୍ତ କରାଯିବ ନାହିଁ। ପ୍ରଥମ ଥର ଧରାହେଲେ ଚେତାବନୀ ଓ ପରବର୍ତ୍ତୀ ସମୟରେ ଅଭିଭାବକଙ୍କୁ ଅବଗତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଛାତ୍ରାବାସ ଅଧୀକ୍ଷକ ବା କର୍ତ୍ତୃପକ୍ଷଙ୍କ ବିନାନୁମତିରେ କୌଣସି ଅଣଛାତ୍ର (ଆତ୍ମୀୟଙ୍କ ବ୍ୟତୀତ) କ୍ୟାମ୍ପସ୍‌କୁ ପ୍ରବେଶ କରିପାରିବେ ନାହିଁ।

ଅପରପକ୍ଷରେ ଅଧ୍ୟାପକ ଅଧ୍ୟାପିକାଙ୍କ ପାଇଁ ମଧ୍ୟ ଆଚରଣ ସଂହିତା ଜାରି କରାଯାଇଛି। ନିଜ ପଦର ଦୁରୁପଯୋଗ କରି ଛାତ୍ରଛାତ୍ରୀଙ୍କୁ ଦୁର୍ବ୍ୟବହାର, ଧମକେଇବା ବା ଯୌନ ଉତ୍ପୀଡ଼ନ ପରି କାର୍ଯ୍ୟକଳାପକୁ ବାରଣ କରାଯାଇଛି। ଏପରିକି ଛାତ୍ରଛାତ୍ରୀଙ୍କ ଠାରୁ କୌଣସି ଅନୁଚିତ ସୁବିଧା ଆଶା କରିବା ଏକ ଗମ୍ଭୀର ଅପରାଧ ବୋଲି କୁହାଯାଇଛି। ଇଣ୍ଟରନାଲ୍ ପରୀକ୍ଷା ମାର୍କକୁ ଶିକ୍ଷକମାନେ ଢାଲ କରିବେ ନାହିଁ। ଯୋଗ୍ୟତା ଆଧାରରେ ମାର୍କ ପ୍ରଦାନ କରିବେ। ଛାତ୍ରଛାତ୍ରୀମାନେ ଶିକ୍ଷକଙ୍କ ବିରୋଧରେ ଉଦ୍ଦେଶ୍ୟମୂଳକ ଭାବେ ଅଭିଯୋଗ ଆଣିଲେ ତାହା ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷଙ୍କ ନଜରକୁ ଆଣିବେ। ପାଠପଢ଼ା ଆରମ୍ଭ ପୂର୍ବରୁ ସିଲାବସ୍ ଓ ଲେସନ୍ ପ୍ଲାନ୍ ପ୍ରସ୍ତୁତ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।

ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏପରି ମାର୍ଗଦର୍ଶିକା ଜାରି ହେବା ପରେ ଛାତ୍ରଛାତ୍ରୀମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଶିକ୍ଷାନୁଷ୍ଠାନର ମୁକ୍ତ ସ୍ୱରକୁ ଚାପିଦେବା ପାଇଁ ସରକାର ଆନ୍ଦୋଳନ ଉପରେ ଅଙ୍କୁଶ ଲଗାଇଛନ୍ତି। ଯଦି ସେମାନେ କୌଣସି ସମସ୍ୟାକୁ ନେଇ କର୍ତ୍ତୃପକ୍ଷଙ୍କ ବିରୋଧରେ ଆନ୍ଦୋଳନ କରିବାକୁ ଅନୁମତି ମାଗନ୍ତି, ତାହେଲେ ସେହି କର୍ତ୍ତୃପକ୍ଷ ଏହାକୁ କିପରି ଅନୁମତି ଦେବେ ବୋଲି ପ୍ରଶ୍ନ କରିଛନ୍ତି। ପୁନଶ୍ଚ ଅନୁଚିତ ଓ ଉଚିତ କାର୍ଯ୍ୟକୁ କେଉଁ ମାନଦଣ୍ଡରେ ମପାଯିବ ସେ ସଂକ୍ରାନ୍ତରେ କୌଣସି ସ୍ପଷ୍ଟ ଉଲ୍ଲେଖ କରା ନଯିବା ସ୍ୱାଭାବିକ ଦ୍ୱନ୍ଦ୍ୱ ସୃଷ୍ଟି କରିଛି ଏବଂ ଶୃଙ୍ଖଳା ଆଳରେ ସରକାର ଛାତ୍ରଛାତ୍ରୀଙ୍କ କଣ୍ଠରୋଧ କରିବାକୁ ବ୍ୟାପକ ଉଦ୍ୟମ ଆରମ୍ଭ କରିଥିବା ଅଭିଯୋଗ କରିଛନ୍ତି।

## ପିଏଚ୍‌ଡି ପଞ୍ଜୀକରଣ ରଦ୍ଦ ନିଷ୍ପତ୍ତିକୁ ଖାରଜ କଲେ ହାଇକୋର୍ଟ

### ୧୫ଦିନ ମଧ୍ୟରେ ପୁନଃ ପଞ୍ଜୀକରଣ ପାଇଁ ନିର୍ଦ୍ଦେଶ

**କଟକ, ୧୦।୪ (ସମିସ):** ଜଣେ ଗବେଷିକାଙ୍କ ପିଏଚ୍‌ଡି ପଞ୍ଜୀକରଣ ରଦ୍ଦ କରିବା ନିଷ୍ପତ୍ତିକୁ ଓଡ଼ିଶା ହାଇକୋର୍ଟ ଖାରଜ କରିଦେଇଛନ୍ତି। ଫକୀର ମୋହନ ବିଶ୍ୱବିଦ୍ୟାଳୟ ପକ୍ଷରୁ କରାଯାଇଥିବା ଏହି ପଞ୍ଜୀକରଣ ରଦ୍ଦ ଆଦେଶକୁ ଅଦାଲତ ଖାରଜ କରିବା ସହ ସମ୍ପୃକ୍ତ ଛାତ୍ରୀ ତଥା ଆବେଦନକାରୀଙ୍କୁ ପୁଣିଥରେ ଗବେଷଣା ଜାରି ରଖିବାକୁ ସୁଯୋଗ ଦେଇଛନ୍ତି। ସୁଜାତା ପୋଥାଲଙ୍କ ତରଫରୁ ରୁଜୁ ମାମଲାର ଶୁଣାଣି କରି ଜଷ୍ଟିସ୍ ଆନନ୍ଦ ଚନ୍ଦ୍ର ବେହେରା ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ୟୁଜିସି ନିୟମାବଳୀ ଅନୁଯାୟୀ, ଆବେଦନକାରୀଙ୍କ ପିଏଚ୍‌ଡି ପଞ୍ଜୀକରଣ ନମ୍ବରକୁ ପୁନଃ ନବୀକରଣ କରିବା ତଥା ଏହି ପ୍ରକ୍ରିୟା ୧୫ ଦିନ ମଧ୍ୟରେ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିଭଳି ଆବେଦନକାରୀଙ୍କୁ ଜଣେ ଗାଇଡ୍‌ଙ୍କ ଅଧୀନରେ ରହି ନିଜର ଗବେଷଣା କାର୍ଯ୍ୟ ଜାରି ରଖିବାକୁ ଅନୁମତି ଦେବାକୁ କୋର୍ଟ କହିଛନ୍ତି।

ମାମଲାରୁ ପ୍ରକାଶ ଯେ ଆବେଦନକାରୀ ପିଏଚ୍‌ଡି ଛାତ୍ରୀଙ୍କ ପଞ୍ଜୀକରଣକୁ ବାଲେଶ୍ୱର ଫକୀର ମୋହନ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଗତ ୨୦୨୫ ମେ' ୨୮ରେ ରଦ୍ଦ କରିଦେଇଥିଲେ। ବାରମ୍ବାର ବିଫଳତା ଏବଂ ନିର୍ଦ୍ଧାରିତ ଫି' ପୈଠ ନ କରିବା ଦର୍ଶାଇ ବିଶ୍ୱବିଦ୍ୟାଳୟ ଏହି ପଦକ୍ଷେପ ନେଇଥିଲା। ଏହା ବିରୋଧରେ ସୁଜାତା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀ ପୂର୍ବରୁ ଅନେକଥର ବିଫଳ ହୋଇଥିଲେ ମଧ୍ୟ ନିଜର ପିଏଚ୍‌ଡି ସମ୍ପୂର୍ଣ୍ଣ କରିବା ପାଇଁ ଅତ୍ୟନ୍ତ ଆଗ୍ରହୀ ଅଛନ୍ତି। ଏହା ତାଙ୍କ ଜୀବନର ଅନ୍ତିମ ଲକ୍ଷ୍ୟ ବୋଲି ହାଇକୋର୍ଟଙ୍କୁ ଅବଗତ କରାଯାଇଥିଲା। ପଞ୍ଜୀକରଣକୁ ପୁନଃ ନବୀକରଣ କଲେ, କୌଣସି ପକ୍ଷର କ୍ଷତି ହେବ ନାହିଁ, ବରଂ ଏହା ସମାଜର ମଙ୍ଗଳ ପାଇଁ ସହାୟକ ହେବ। ସମାଜର ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଛାତ୍ରୀଙ୍କୁ ଗବେଷଣା ପାଇଁ ସୁଯୋଗ ମିଳିବା ଆବଶ୍ୟକ ବୋଲି ଅଦାଲତ କହିବା ସହ ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି।

## ଶିଶୁକନ୍ୟାକୁ ଦୁଷ୍କର୍ମ, ହତ୍ୟା | ଆସାମୀକୁ ମୃତ୍ୟୁଦଣ୍ଡ

**ଅନୁଗୋଳ, ୧୦।୪ (ସମିସ):** ୨୦୨୫ ମାର୍ଚ୍ଚ ୧୩ ତାରିଖ ଅନୁଗୋଳ ଜିଲ୍ଲା ନିଶା ଶିଳ୍ପାଞ୍ଚଳ ଥାନା ଅଞ୍ଚଳରେ ୫ବର୍ଷର ଜଣେ ଶିଶୁକନ୍ୟାକୁ ଦୁଷ୍କର୍ମ ଓ ହତ୍ୟା ମାମଲାର ରାୟ ଶୁକ୍ରବାର ପ୍ରକାଶ ପାଇଛି। ଅନୁଗୋଳ ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ମାମଲାର ବିଚାର କରି ଦୋଷୀକୁ ମୃତ୍ୟୁ ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଦୋଷୀ ସାବ୍ୟସ୍ତ ଯୁବକ ହେଲେ, ଜରପଡ଼ା ଥାନା ଜେରେଙ୍ଗ ଦେହୁରୀସାହିର ବାବୁଲା ଜେନା। ଭାରତୀୟ ନ୍ୟାୟ ସଂହିତା ନୂତନ ଆଇନ ପ୍ରଣୟନ ପରେ ତ୍ୱରିତ ନ୍ୟାୟ ପ୍ରଦାନରେ ସ୍ୱତନ୍ତ୍ର ପୋକ୍ସୋ କୋର୍ଟର ଏହା ପ୍ରଥମ ମୃତ୍ୟୁ ଦଣ୍ଡାଦେଶ। ୩୨ଜଣ ସାକ୍ଷୀଙ୍କ ବୟାନ, ସମସ୍ତ ପ୍ରମାଣ ଏବଂ ସାଇଣ୍ଟିଫିକ୍ ରିପୋର୍ଟ ଆଧାରରେ ବିଚାରପତି ସୌମ୍ୟା ପ୍ରିୟଦର୍ଶିନୀ ଏହି ରାୟ ପ୍ରଦାନ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ବାବୁଲା ଜେନା ନିଶା ଶିଳ୍ପାଞ୍ଚଳ ଥାନା ଅଞ୍ଚଳରେ ରହି ଶ୍ରମିକ ଭାବେ କାମ କରେ। ୨୦୨୫ ମାର୍ଚ୍ଚ ୧୩ ତାରିଖ ଅପରାହ୍ଣ ପ୍ରାୟ ୨ଟାରେ ଶିଶୁକନ୍ୟାଜଣକ ନିଜ ଘର ସାମ୍ନାରେ ଖେଳୁଥିଲା। ବାବୁଲା ଶିଶୁଟିକୁ ପ୍ରଲୋଭିତ କରି ରହୁଥିବା ଘର ଭିତରକୁ ନେଇ ଦୁଷ୍କର୍ମ କରିବା ପରେ ହତ୍ୟା କରିଥିଲା। ପରେ ମୃତ ଶରୀରକୁ ନିକଟସ୍ଥ ଜଙ୍ଗଲିଆ ଗଛ ମୂଳରେ ଫିଙ୍ଗି ଦେଇଥିଲା। ପରିବାରଲୋକ ଝିଅକୁ ନ ପାଇ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ସନ୍ଧାନ ପାଇନଥିଲେ। ପରଦିନ ଏ ସମ୍ପର୍କରେ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ସରକାରଙ୍କ ପକ୍ଷରୁ ପ୍ରାରମ୍ଭରେ ମାମଲା ପରିଚାଳନା କରିଥିଲେ ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ପିପି ଆଇନଜୀବୀ ସରୋଜ ପଟ୍ଟନାୟକ। ତେବେ ତାଙ୍କ କାର୍ଯ୍ୟ ଅବଧି ସରିବା ପରେ ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ଆଇନଜୀବୀ ଦିଲୀପ କୁମାର ଦାସ ମାମଲା ପରିଚାଳନା କରୁଥିଲେ।

## ଆତ୍ମସମର୍ପଣ କଲେ ୪୨ ମାଓବାଦୀ






**ମାଲକାନଗିରି, ୧୦।୪(ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ତେଲେଙ୍ଗାନା ପୁଲିସ୍ ନିକଟରେ ୪୨ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ହାଇଦ୍ରାବାଦରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀଙ୍କ ସମ୍ମୁଖରେ ଏହି ମାଓବାଦୀମାନେ ୩୬ଟି ଅତ୍ୟାଧୁନିକ ବନ୍ଧୁକ ସହ ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ମଧ୍ୟରେ ଜଣେ କେନ୍ଦ୍ରୀୟ କମିଟି ମେମ୍ବର୍ ରହିଥିବା ବେଳେ ଜଣେ ତେଲେଙ୍ଗାନା ଷ୍ଟେଟ୍ କମିଟି ମେମ୍ବର, ୫ଜଣ ଡିଭିସିଏମ୍, ୧୮ଜଣ ଏସିଏମ୍ ଏବଂ ୧୭ ଜଣ ପାର୍ଟି ମେମ୍ବର ଅଛନ୍ତି। ସମସ୍ତଙ୍କ ମୁଣ୍ଡ ଉପରେ ମୋଟ ୧କୋଟି ୯୩ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିଲା। ଏମାନେ ପୁଲିସ ନିକଟରେ ୫ଟି ଏକେ-୪୭, ୪ଟି ଏସ୍‌ଏଲ୍‌ଆର ରାଇଫଲ, ୩ଟି ଇନସାସ୍, ୬ଟି ୩୦୩ ରାଇଫଲ, ଗୋଟିଏ ୯ ଏମ୍‌ଏମ୍ ପିସ୍ତଲ, ୨ଟି ରିଭଲଭର୍, ଗୋଟିଏ ବିଜିଏଲ ବନ୍ଧୁକ, ଗୋଟିଏ ଏୟାର-ଗନ୍ ସମେତ ୧୦୦୭ଟି ଗୁଳି ଏବଂ ୮୦୦ ଗ୍ରାମ୍ ସୁନା ମଧ୍ୟ ହସ୍ତାନ୍ତର କରିଛନ୍ତି। ସମସ୍ତଙ୍କୁ ସରକାରୀ ନୀତି ଅନୁଯାୟୀ ସହାୟତା ରାଶି ଓ ଥଇଥାନ କରାଯିବ ବୋଲି ପୁଲିସ କହିଛି।

### ବିଦା ହେବେ ଗାଦିମଡ଼ା ପୁଲିସ ବାବୁ

# ୩ ବର୍ଷରେ ଥାନା ଛାଡ଼ିବେ, ୬ବର୍ଷରେ ଜିଲ୍ଲା ପାର୍

**ଭୁବନେଶ୍ୱର,୧୦।୪(ସମିସ):** ଗାଦିମଡ଼ା ପୁଲିସ ବାବୁଙ୍କ ପାଇଁ ସରକାର ଆଣିଛନ୍ତି ନୂଆ ନିୟମ । ଏଣିକି କୌଣସି ପୁଲିସ ଅଫିସର ଗୋଟିଏ ଥାନା କିମ୍ବା ସ୍ଥାନରେ ୩ ବର୍ଷରୁ ଅଧିକ ସମୟ ଧରି ରହିପାରିବେ ନାହିଁ। ସେହିପରି ଗୋଟିଏ ଜିଲ୍ଲାରେ ସେମାନେ ୬ବର୍ଷରୁ ଅଧିକ ସମୟ କାର୍ଯ୍ୟ କରିପାରିବେ ନାହିଁ। ବର୍ଷ ବର୍ଷ ଧରି ଗୋଟିଏ ସ୍ଥାନରେ ଜାବୁଡ଼ି ଧରି ବସିଥିବା ଅଧିକାରୀମାନଙ୍କୁ ଚିହ୍ନଟ କରି ତୁରନ୍ତ ବଦଳି କରିବା ପାଇଁ ରାଜ୍ୟ ପୁଲିସ ମୁଖ୍ୟାଳୟ ପକ୍ଷରୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି।

ନୂତନ ବିଜ୍ଞପ୍ତି ଅନୁସାରେ କନେଷ୍ଟବଳ ଏବଂ ହାବିଲଦାରମାନେ ଗୋଟିଏ ପୁଲିସ ଷ୍ଟେସନରେ ୩ବର୍ଷରୁ ଅଧିକ ସମୟ ରହିପାରିବେ ନାହିଁ। ସେହିପରି ସବ୍-ଇନ୍ସପେକ୍ଟର ଏବଂ ଆସିଷ୍ଟାଣ୍ଟ ସବ୍-ଇନ୍ସପେକ୍ଟର ମାନଙ୍କ ପାଇଁ ମଧ୍ୟ ଏହି ୩ ବର୍ଷର କାର୍ଯ୍ୟକାଳ ସୀମା ଲାଗୁ ହେବ। ତେବେ ସାମୁଦ୍ରିକ ଥାନା ଗୁଡ଼ିକରେ କାର୍ଯ୍ୟରତ କନେଷ୍ଟବଳ ଏବଂ ହାବିଲଦାରମାନେ ସର୍ବାଧିକ ୭ ବର୍ଷ ପର୍ଯ୍ୟନ୍ତ ଗୋଟିଏ ସ୍ଥାନରେ ରହିପାରିବେ ବୋଲି ଏଥିରେ ଉଲ୍ଲେଖ କରାଯାଇଛି।

ରାଜ୍ୟରେ ପୁଲିସ ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରିବା ଏବଂ ସ୍ଥାନୀୟ ପ୍ରଭାବକୁ ହ୍ରାସ କରିବା ଲକ୍ଷ୍ୟରେ ଆଇଜିପି (ପର୍ସୋନାଲ୍) ଏସ୍. ପ୍ରବୀଣ କୁମାର ଏକ ବିଜ୍ଞପ୍ତି ଜାରି କରିଛନ୍ତି। ଯେଉଁ ଅଧିକାରୀମାନେ ଗୋଟିଏ ସ୍ଥାନରେ ୩ ବର୍ଷ ଓ ଗୋଟିଏ ଜିଲ୍ଲାରେ ୬ ବର୍ଷ ପୂର୍ଣ୍ଣ କରିଛନ୍ତି; ସେମାନଙ୍କୁ ତୁରନ୍ତ ଚିହ୍ନଟ କରି ବଦଳି କରାଯିବା ନିମନ୍ତେ ସମସ୍ତ ଜିଲ୍ଲାର ଏସପି ଏବଂ ଭୁବନେଶ୍ୱର-କଟକର ଡିସିପିମାନଙ୍କୁ ପରାମର୍ଶ ଦିଆଯାଇଛି । ବିନା କୌଣସି ବ୍ୟତିକ୍ରମରେ କଡ଼ାକଡ଼ି ପାଳନ କରିବା ନିମନ୍ତେ ଏହି ଚିଠିରେ ନିର୍ଦ୍ଦେଶ ଦିଆଯାଇଛି।

ଏହା ସହ ୨୦୨୬ ବଦଳି ପ୍ରକ୍ରିୟାର ସମୟସୀମା ଚଳିତ ୨୦୨୬ ମସିହା ପାଇଁ ବାର୍ଷିକ ବଦଳି ପ୍ରକ୍ରିୟାର ଏକ ସ୍ପଷ୍ଟ ରୂପରେଖ ଜାରି କରାଯାଇଛି। ସାଧାରଣତଃ ଏପ୍ରିଲ ୧୫ ରୁ ଜୁନ ୧୫ ମଧ୍ୟରେ ସମସ୍ତ ବଦଳି ପ୍ରକ୍ରିୟା ଶେଷ କରାଯିବ। ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ କିଛି ସମୟସୀମା ନିର୍ଦ୍ଧାରଣ କରାଯାଇଛି। ଏପ୍ରିଲ ୨୦ ତାରିଖରେ ଜିଲ୍ଲା ସ୍ତରୀୟ ଟ୍ରାନ୍ସଫର ବୋର୍ଡ ବୈଠକ ଅନୁଷ୍ଠିତ ହେବ। ଏପ୍ରିଲ ୨୫ ତାରିଖରେ ଆନ୍ତଃ-ଜିଲ୍ଲା ବଦଳି ପ୍ରସ୍ତାବ ରେଞ୍ଜ ଅଫିସକୁ ପଠାଯିବ। ସେହିପରି ଏପ୍ରିଲ ୩୦ରେ ରେଞ୍ଜ ସ୍ତରୀୟ ଟ୍ରାନ୍ସଫର ବୋର୍ଡର ବୈଠକ ଶେଷ ହେବ ଏବଂ ମେ ୧୦ରେ ରାଜ୍ୟ ମୁଖ୍ୟାଳୟର ଅନୁମୋଦନ ଆବଶ୍ୟକ କରୁଥିବା ପ୍ରସ୍ତାବଗୁଡ଼ିକ ରାଜ୍ୟ ପୁଲିସ ମୁଖ୍ୟାଳୟରେ ପହଞ୍ଚିବା ବାଧ୍ୟତାମୂଳକ କରାଯାଇଛି ।

## ସିବିଏସଇ ପକ୍ଷରୁ ପରୀକ୍ଷା ଫଳ ବାତିଲ ନିର୍ଦ୍ଦେଶ ହାଇକୋର୍ଟରେ ଖାରଜ

**କଟକ, ୧୦।୪ (ସମିସ):** ପରୀକ୍ଷାରେ ଅସାଧୁ ଉପାୟ ଅବଲମ୍ବନ କରିଥିବା ଅଭିଯୋଗରେ ସିବିଏସ୍‌ଇ ଦ୍ୱାରା ବାତିଲ କରାଯାଇଥିବା କେତେକ ଦ୍ୱାଦଶ ଶ୍ରେଣୀ ପରୀକ୍ଷାର୍ଥୀଙ୍କ ଫଳ ବାତିଲ ନିର୍ଦ୍ଦେଶକୁ ହାଇକୋର୍ଟ ରଦ୍ଦ କରିଦେଇଛନ୍ତି। ଜଷ୍ଟିସ୍ ଆନନ୍ଦ ଚନ୍ଦ୍ର ବେହେରା ଏହି ରାୟ ଶୁଣାଇଛନ୍ତି। କୌଣସି ପ୍ରତ୍ୟକ୍ଷ ପ୍ରମାଣ ନଥାଇ କେବଳ ଅନୁମାନ ଏବଂ ସନ୍ଦେହ ଆଧାରରେ ପରୀକ୍ଷା ଫଳ ବାତିଲ କରିବା ଆଇନଗତ ଭାବେ ଗ୍ରହଣୀୟ ନୁହେଁ ବୋଲି କହିଛନ୍ତି ହାଇକୋର୍ଟ। ଆବେଦନକାରୀଙ୍କ ଗତ ୨୦୨୫ର ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳକୁ ଏହି ରାୟ ପ୍ରକାଶର ଏକ ସପ୍ତାହ ମଧ୍ୟରେ ପ୍ରକାଶ କରିବା ସହିତ ସମସ୍ତ ପ୍ରମାଣପତ୍ର ଏବଂ ମାର୍କସିଟ୍ ତୁରନ୍ତ ପ୍ରଦାନ କରିବାକୁ ମଧ୍ୟ ହାଇକୋର୍ଟ କହିଛନ୍ତି।

**ସପ୍ତାହେ ମଧ୍ୟରେ ଆବେଦନକାରୀଙ୍କ ଫଳ ପ୍ରକାଶନ ପାଇଁ ନିର୍ଦ୍ଦେଶ**

ମାମଲାରୁ ପ୍ରକାଶ ଯେ ବରଗଡ଼ ଜିଲ୍ଲାର ଏକ ପବ୍ଲିକ୍ ସ୍କୁଲର କେତେକ ଦ୍ୱାଦଶ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ ସୁଦ୍ଧା ପରୀକ୍ଷା ଫଳ ପ୍ରକାଶ ସମୟରେ ସେମାନଙ୍କର ଫଳାଫଳ ୱେବସାଇଟ୍‌ରେ ପ୍ରକାଶ ପାଇନଥିଲା। ପରବର୍ତ୍ତୀ ସମୟରେ ସିବିଏସ୍‌ଇ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଥିଲା ଯେ ପରୀକ୍ଷାରେ ଛାତ୍ରଛାତ୍ରୀମାନେ ଅସାଧୁ ଉପାୟ ଅବଲମ୍ବନ କରିଥିବାରୁ ସେମାନଙ୍କର ସମସ୍ତ ବିଷୟର ପରୀକ୍ଷାଫଳକୁ ବାତିଲ କରାଯାଇଛି। କିଛି ବିଷୟରେ ପରୀକ୍ଷାର୍ଥୀଙ୍କ ଉତ୍ତର ପାଖରେ ବସିଥିବା ଅନ୍ୟ ପରୀକ୍ଷାର୍ଥୀଙ୍କ ସହ ମିଳି ଯାଉଥିବାରୁ ବୋର୍ଡ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା କୁହାଯାଇଥିଲା। ଏହାକୁ ବିରୋଧ କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପରୀକ୍ଷା ସମୟରେ କୌଣସି ପରିଚାଳକ, ସେଣ୍ଟର୍ ସୁପରିଣ୍ଟେଣ୍ଡେଣ୍ଟ, ଇନଭିଜିଲେଟର୍ କିମ୍ବା ଫ୍ଲାଇଂ ସ୍କ୍ୱାଡ୍ଡ ଛାତ୍ରଛାତ୍ରୀଙ୍କ ବିରୋଧରେ କୌଣସି ଅଭିଯୋଗ ଆଣିନଥିଲେ। ଛାତ୍ରଛାତ୍ରୀଙ୍କ ପାଖରୁ ବି କୌଣସି ଆପତ୍ତିଜନକ ସାମଗ୍ରୀ ମଧ୍ୟ ମିଳିନଥିଲା ବେଳେ ଫଳ ବାତିଲ କରିବା ବେଆଇନ ବୋଲି ଦର୍ଶାଯାଇଥିଲା।

## ପୁଣି ୨ ଟନ୍ ଗଞ୍ଜେଇ ଜବତ



**ଫିରିଙ୍ଗିଆ, ୧୦।୪ (ସମିସ):** ଫିରିଙ୍ଗିଆ ବ୍ଲକ୍‌ରେ ଗଞ୍ଜେଇ ଚାଷ କିମ୍ବା ଚାଲାଣ ଥମିବାର ନାଁ ଧରୁନି। ବାରମ୍ବାର ପୁଲିସ ଏବଂ ଅବକାରୀ ବିଭାଗ ଧରପଗଡ଼ କରି ଗଞ୍ଜେଇ ଜବତ କରୁଛି। ଫିରିଙ୍ଗିଆ ବ୍ଲକ୍‌ର ଦୁଇଟି ଥାନା ଫିରିଙ୍ଗିଆ ଏବଂ ଗୋଚ୍ଛାପଡ଼ା ପୁଲିସ ଟନ୍ ଟନ୍ ଗଞ୍ଜେଇ ଜବତ କରିବାରେ ସଫଳ ହେଉଥିଲେ ମଧ୍ୟ କାରବାର ବନ୍ଦ ହେଉନାହିଁ। କିଛି ଦିନ ତଳେ ଫିରିଙ୍ଗିଆ ପୁଲିସ ଦୁଇ ଟନ୍‌ରୁ ଅଧିକ ଗଞ୍ଜେଇ ଜବତ କରିଥିବା ବେଳେ ଏବେ ପୁଣି ଗୋଚ୍ଛାପଡ଼ା ପୁଲିସ ୨ ଟନ୍ ୨ଶହ କେଜି ଗଞ୍ଜେଇ ଜବତ କରିବାରେ ସଫଳ ହୋଇଛି। ଗତକାଲି ଗୋଚ୍ଛାପଡ଼ା ପୁଲିସ ଲୁଇସିଂ ପଞ୍ଚାୟତର ସିଂହାସନୀ ଗାଁ ନିକଟ ଜଙ୍ଗଲରେ ଗଞ୍ଜେଇ ଗଚ୍ଛିତ କରି ଚାଲାଣ ପାଇଁ ପ୍ରସ୍ତୁତ ହେଉଥିବା ସୂଚନା ପାଇ ଚଢ଼ଉ କରିଥିଲା। ଘଟଣାସ୍ଥଳରେ ୮୮ ଜରି ବସ୍ତାରେ ଭର୍ତ୍ତି ହୋଇଥିବା ଗଞ୍ଜେଇ ଜବତ କରିଥିଲା। ଚାଲାଣକାରୀ ଗଞ୍ଜେଇ ଛାଡ଼ି ଫେରାର ହୋଇଯାଇଥିଲେ। ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇ ଓଜନ ପରେ ୨ ଟନ୍ ୨ଶହ କେଜି ଥିବା ଜଣାପଡ଼ିଥିଲା।

■ ଅବସରପ୍ରାପ୍ତ ଶିକ୍ଷକଙ୍କୁ ପେନସନ ପ୍ରଦାନ ପ୍ରସଙ୍ଗ

## ଅଦାଲତଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ନ ହେଲେ ୧ ଲକ୍ଷ ଡଣ୍ଡ ଗଣିବେ ଗଣଶିକ୍ଷା ସଚିବ

**କଟକ, ୧୦।୪(ସମିସ):** ଅଦାଲତଙ୍କ ନିର୍ଦ୍ଦେଶ ମୁତାବକ ଅବସରପ୍ରାପ୍ତ ଶିକ୍ଷୟିତ୍ରୀଙ୍କୁ ନିୟମିତ ପେନସନ୍ ଓ ଅବସରକାଳୀନ ପ୍ରାପ୍ୟ ପ୍ରଦାନ କରାନଗଲେ, ବିଦ୍ୟାଳୟ ଓ ଗଣଶିକ୍ଷା ସଚିବ ୧ଲକ୍ଷ ଟଙ୍କା ଡଣ୍ଡ ରାଶି ଆବେଦନକାରୀଙ୍କୁ ପଇଠ କରିବେ। ଏଥିସହ ନିର୍ଦ୍ଦେଶ କାର୍ଯ୍ୟକାରୀ ପ୍ରସଙ୍ଗରେ ପ୍ରତିଦିନର ବିଳମ୍ବ ପାଇଁ ଗଣଶିକ୍ଷା ସଚିବ ୧ ହଜାର ଟଙ୍କା ଆବେଦନକାରୀଙ୍କୁ ଦେବେ ବୋଲି ହାଇକୋର୍ଟ କହିଛନ୍ତି। ୨୦୨୩ରେ ଅବସର ଗ୍ରହଣ କରିଥିବା ଜଣେ ଶିକ୍ଷୟିତ୍ରୀଙ୍କ ତରଫରୁ ଦାୟର ଅଦାଲତ ଅବମାନନା ମାମଲାର ଶୁଣାଣି କରି ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାର ଶୁଣାଣି ସମୟରେ ସରକାରଙ୍କ ତରଫରୁ ନିର୍ଦ୍ଦେଶ ଅନୁପାଳନ ପାଇଁ ଦୁଇ ସପ୍ତାହ ମହଲତ ଲୋଡ଼ା ଯାଇଥିଲା। ହାଇକୋର୍ଟ ସରକାରଙ୍କ ଏପରି ନିବେଦନକୁ ଉପରୋକ୍ତ ସର୍ତ୍ତ ସହ ଗ୍ରହଣ କରି ଅଦାଲତ ଅବମାନନା ମାମଲାର ଶୁଣାଣିରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ପ୍ରକାଶଥାଉକି, ଆବେଦନକାରୀଙ୍କୁ ଅବସରକାଳୀନ ପେନସନ୍ ଓ ବକେୟା ନ ମିଳିବା ନେଇ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କୁ ନିୟମିତ ପେନସନ୍ ମଞ୍ଜୁର କରିବାକୁ ଗଣଶିକ୍ଷା ବିଭାଗକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ।

### ଆଜି ଟ୍ରିବ୍ୟୁନାଲରେ ମହାନଦୀ ଜଳ ବିବାଦ ଶୁଣାଣି

# ଅନ୍ତରୀଣ ରାୟ ପାଇଁ ଅଧ୍ୟକ୍ଷଙ୍କୁ ମହାନଦୀ ବଞ୍ଚାଅ ଆନ୍ଦୋଳନର ଚିଠି

**ଶୁଣାଣିରେ ଭାଗ ନେବାକୁ ଦିଲ୍ଲୀ ଗଲେ ଏଜି**

**ଭୁବନେଶ୍ୱର, ୧୦।୪ (ସମିସ):** ଶନିବାର ଟ୍ରିବ୍ୟୁନାଲରେ ମହାନଦୀ ଶୁଣାଣି ହେବ। ଏଥିପାଇଁ ଓଡ଼ିଶା ଆଡ୍‌ଭୋକେଟ୍ ଜେନେରାଲ୍ ପୀତାମ୍ବର ଆଚାର୍ଯ୍ୟ ଦିଲ୍ଲୀ ଗସ୍ତ କରିଛନ୍ତି। ଏହି ଟ୍ରିବ୍ୟୁନାଲର ସମୟସୀମା ଆସନ୍ତା ଏପ୍ରିଲ ୧୩ ତାରିଖରେ ସରିବାକୁ ଯାଉଛି। ଯଦି ଟ୍ରିବ୍ୟୁନାଲର ସମୟ ବୃଦ୍ଧି ନ ହୁଏ, ଶନିବାର ହେବାକୁ ଥିବା ଶୁଣାଣି, ଶେଷ ଶୁଣାଣି ହେବ। ତେବେ ଏହି ଶୁଣାଣି ସମୟରେ ଏକ ଅନ୍ତରୀଣ ରାୟ ପାଇଁ ମହାନଦୀ ବଞ୍ଚାଓ ଆନ୍ଦୋଳନ ପକ୍ଷରୁ ଦାବି କରାଯାଇଛି। ଏନେଇ ଟ୍ରିବ୍ୟୁନାଲର ଅଧ୍ୟକ୍ଷଙ୍କୁ ଏକ ପତ୍ର ମାଧ୍ୟମରେ ଅଣ-ମୌସୁମୀ ସମୟରେ ମହାନଦୀରେ ଓଡ଼ିଶାର ଆବଶ୍ୟକତା ଅନୁସାରେ ପାଣି ଛାଡ଼ିବାକୁ ଦାବି କରାଯାଇଛି। ସେହିପରି ଶନିବାର ହେବାକୁ ଥିବା ଶୁଣାଣି ସମୟରେ ଓଡ଼ିଶାର ଆଡ୍‌ଭୋକେଟ ଜେନେରାଲ ଏହି ଦାବିକୁ ପ୍ରଭାବୀ ଢଙ୍ଗରେ ଉପସ୍ଥାପିତ କରିବା ପାଇଁ ମଧ୍ୟ ସଂଗଠନ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଅନୁରୋଧ କରାଯାଇଛି।

ମହାନଦୀ ଜଳ ବିବାଦର ସମାଧାନ ପାଇଁ ଗଠିତ ହୋଇଥିଲା ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ। ୨୦୧୮ ମାର୍ଚ୍ଚ ୧୧ ତାରିଖରେ କାର୍ଯ୍ୟ ଆରମ୍ଭ କରିଥିବା ଏହି ଟ୍ରିବ୍ୟୁନାଲକୁ ୮ବର୍ଷ ପୂରିଛି। ଓଡ଼ିଶା ତହବିଲରୁ ଏଥିପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଛି। କିନ୍ତୁ, ଓଡ଼ିଶାକୁ କେବଳ ପ୍ରତାରଣା ବ୍ୟତୀତ ଅନ୍ୟ କିଛି ମିଳିନାହିଁ ବୋଲି ସଂଗଠନ କହିଛି।

ଖରା ଦିନେ ଛତିଶଗଡ଼ ସଂପୂର୍ଣ୍ଣ ଭାବେ ମହାନଦୀ ଜଳ ପ୍ରବାହକୁ ରୋକି ଦେଉଛି। କଲମା ବ୍ୟାରେଜ୍‌ର ସମସ୍ତ ଗେଟ୍‌କୁ ବନ୍ଦ କରିଦେଉଛି। ଫଳରେ ଓଡ଼ିଶା ପଟକୁ ପାଣି ଆଦୌ ଆସୁନାହିଁ। ଏଥିଯୋଗୁଁ ହୀରାକୁଦ ଜଳଭଣ୍ଡାରର ଜଳସ୍ତର କମିବା ସହ ତଳମୁଣ୍ଡରେ ପିଇବା ପାଣି ଓ ଜଳସେଚନରେ ସଙ୍କଟ ଦେଖାଦେଉଛି। ମହାନଦୀରୁ ମାଛ ମାରି ବଞ୍ଚୁଥିବା ଧୀବରମାନେ ଜୀବିକା ହରାଉଛନ୍ତି। ଟ୍ରିବ୍ୟୁନାଲ ଓଡ଼ିଶାର ଏହି ଗମ୍ଭୀର ସମସ୍ୟା ପ୍ରତି ଆଖି ବୁଜିଦେବା ଏବଂ ଆଠବର୍ଷ ଭିତରେ ଏକ ଅନ୍ତରୀଣ ରାୟ ମାଧ୍ୟମରେ ଓଡ଼ିଶାକୁ ଏହି ସଙ୍କଟରୁ ସୁରକ୍ଷା ନଦେବା ପାଇଁ ପଦକ୍ଷେପ ନ ନେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସଂଗଠନ କହିଛି।



ଓଡ଼ିଶା ଆଜି ଏକ ତ୍ରିଶଙ୍କୁ ଅବସ୍ଥାରେ ରହିଛି। ଗୋଟିଏପଟେ ଟ୍ରିବ୍ୟୁନାଲର କାର୍ଯ୍ୟକାଳ ସରୁଛି। ଅନ୍ୟପଟେ, ତଥାକଥିତ ଆପୋଷ ଆଲୋଚନା ପ୍ରକ୍ରିୟା ଆଗକୁ ବଢ଼ି ପାରୁନାହିଁ। ଜଳବିବାଦର ସମାଧାନ ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଢ଼ି ସରକାର ଖୁବ୍ ବାହାବା ନେଲେ। ହେଲେ କ'ଣ ଅଗ୍ରଗତି ହୋଇଛି, ସେ ଦିଗରେ, ଏପରିକି ଏହି କମିଟି କ'ଣ କରିବ, ତାହା ମଧ୍ୟ ଓଡ଼ିଶାବାସୀ ଆଜି ପର୍ଯ୍ୟନ୍ତ ଜାଣି ପାରିନାହାନ୍ତି। ଏହି ତ୍ରିଶଙ୍କୁ ଅବସ୍ଥାରୁ ମୁକୁଳିବା ପାଇଁ ଏହି ପରିପ୍ରେକ୍ଷୀରେ ଆସନ୍ତା ୧୩ ତାରିଖରେ ଏକ ବିଚାରବିମର୍ଶ ସଭା ଆୟୋଜିତ ହେବା ସହ 'ମହାନଦୀ ଟ୍ରିବ୍ୟୁନାଲର ଭବିଷ୍ୟତ ଓ ମହାନଦୀର ଭାଗ୍ୟ' ଶୀର୍ଷକ ଆଲୋଚନା ସଭା ଭୁବନେଶ୍ୱରସ୍ଥିତ ବୁଦ୍ଧ ମନ୍ଦିରରେ ଆୟୋଜନ ହେବ ବୋଲି ନିଷ୍ପତ୍ତି ହୋଇଛି। ଆଜିର ସାମ୍ବାଦିକ ସମ୍ମିଳନୀରେ ସଂଗଠନର ଆବାହକ ସୁଦର୍ଶନ ଦାସ, ପୂର୍ବତନ ମନ୍ତ୍ରୀ ବ୍ରଜ କିଶୋର ତ୍ରିପାଠୀ, ସହ ଆବାହକ ବାସୁଦେବ ଭଟ୍ଟ ପ୍ରମୁଖ ଉପସ୍ଥିତ ଥିଲେ।

### ଜାତୀୟ ପୁଲିସ ଫୁଟବଲ ଚାମ୍ପିଅନସିପ୍‌ରେ ଓଡ଼ିଶା ପୁଲିସର କୃତିତ୍ୱ

# ଦୁଇଜଣଙ୍କୁ ଗୋଲ୍‌ଡେନ୍ ବୁଟ୍



**ପୁଲିସ ମୁଖ୍ୟାଳୟରେ ସମ୍ବର୍ଦ୍ଧନା**

**କଟକ, ୧୦।୪ (ସମିସ):** ତେଲେଙ୍ଗାନାର ହାଇଦ୍ରାବାଦଠାରେ ଅନୁଷ୍ଠିତ ୭୪ତମ ବି.ଏନ୍ ମଲ୍ଲିକ ସର୍ବଭାରତୀୟ ପୁଲିସ ଫୁଟବଲ୍ ଚାମ୍ପିଅନସିପ୍ ୨୦୨୫-୨୬ରେ ଓଡ଼ିଶା ପୁଲିସର ପୁରୁଷ ଓ ମହିଳା ଫୁଟବଲ ଦଳ ଉଲ୍ଲେଖନୀୟ ସଫଳତା ହାସଲ କରି ଓଡ଼ିଶା ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏହି ଅବସରରେ ରାଜ୍ୟ ପୁଲିସ ମହିଳା ଓ ପୁରୁଷ ଫୁଟବଲ୍ ଟିମ୍‌ର କ୍ରୀଡ଼ାବିତ୍‌ମାନେ ରାଜ୍ୟ ପୁଲିସ ମୁଖ୍ୟାଳୟଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି।

ଡିଜିପି ଶ୍ରୀ ଖୁରାନିଆ ସଫଳ କ୍ରୀଡ଼ାବିତ୍‌ମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କ ଅସାଧାରଣ ପ୍ରତିଭା ଏବଂ କ୍ରୀଡ଼ା ଉତ୍କର୍ଷ ନିମନ୍ତେ ଭୂୟସୀ ପ୍ରଶଂସା କରିଛନ୍ତି। କ୍ରୀଡ଼ାବିତ୍‌ଙ୍କ ଏହି କୃତିତ୍ୱ ରାଜ୍ୟ ପୁଲିସ ବାହିନୀ ପାଇଁ ଗୌରବ ଆଣିଛି ବୋଲି ଡିଜିପି ମତବ୍ୟକ୍ତ କରିଛନ୍ତି।

ଭୁବନେଶ୍ୱର ୟୁପିଡିର ପ୍ୟାରୀ ଖାଖା ମହିଳା ବର୍ଗରେ ଚମତ୍କାର ପ୍ରଦର୍ଶନ କରି ସମୁଦାୟ ୭ଟି ଗୋଲ୍ ସହ ପ୍ରତିଯୋଗିତାର ଶ୍ରେଷ୍ଠ ସ୍କୋରର ଭାବେ 'ଗୋଲଡେନ୍ ବୁଟ୍' ହାସଲ କରିଛନ୍ତି। ପ୍ୟାରୀ ବର୍ତ୍ତମାନ ଭାରତୀୟ ଜାତୀୟ ଫୁଟବଲ୍ ଶିବିରରେ ପ୍ରତିନିଧିତ୍ୱ କରୁଛନ୍ତି। ସେହିଭଳି ୧ମ ଆଇ.ଆର. ବାଟାଲିୟନ, କୋରାପୁଟର ବିଜୟ ବେହେରା ପୁରୁଷ ବର୍ଗରେ ସମୁଦାୟ ୮ଟି ଗୋଲ୍ ସହ ଶ୍ରେଷ୍ଠ ସ୍କୋରର ଭାବେ 'ଗୋଲଡେନ୍ ବୁଟ୍' ବିଜୟୀ ହୋଇଛନ୍ତି। ମହିଳା ବର୍ଗରେ ଏକ ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚ୍‌ରେ ଆସାମ ରାଇଫଲସ ଚାମ୍ପିଅନ୍ ହୋଇଥିବା ବେଳେ ଓଡ଼ିଶା ପୁଲିସ୍ ମହିଳା ଦଳ ରନର୍ସ-ଅପ୍ ହୋଇଥିଲା। ସେହିପରି ଓଡ଼ିଶା ପୁଲିସ ପୁରୁଷ ଫୁଟବଲ୍ ଦଳ ଚତୁର୍ଥ ସ୍ଥାନ ହାସଲ କରିଛି।

ଆଜିର ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ(ଆଇନ ଶୃଙ୍ଖଳା) ସଞ୍ଜୟ କୁମାରଙ୍କ ସମେତ ବରିଷ୍ଠ ପୁଲିସ ଅଧିକାରୀ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଓଡ଼ିଶା ପୁଲିସର କ୍ରୀଡ଼ା ଅଧିକାରୀ ନୀଳମାଧବ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗତ ମାର୍ଚ୍ଚ ୨୩ରୁ ଏପ୍ରିଲ ୫ ତାରିଖ ପର୍ଯ୍ୟନ୍ତ ହାଇଦ୍ରାବାଦଠାରେ ଏହି ଚାମ୍ପିଅନ୍‌ସିପ୍ ଆୟୋଜିତ ହୋଇଥିଲା।



## ଆଜିର ରାଶିଫଳ

**ମେଷ:** ନୂଆ କାମ ପାଇଁ ଯୋଜନା ପ୍ରସ୍ତୁତ କରିବେ। କର୍ମ ଚଞ୍ଚଳ ରହିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ। ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିବ। ଦାନ ଧର୍ମ କରନ୍ତୁ।

**ବୃଷ:** ଅଚାନକ ଖୁସି ଖବର ପାଇବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ପିତାମାତାଙ୍କ ଆଶୀର୍ବାଦରୁ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ଦୂରସ୍ଥାନକୁ ଯାତ୍ରା ଯୋଗ ରହିଛି।

**ମିଥୁନ:** ଦୀର୍ଘ ଦିନର ଆଶା ପୂରଣ ହେବ। ପ୍ରଭାବଶାଳୀ ବ୍ୟକ୍ତିଙ୍କ ସାହାଯ୍ୟ ମିଳିପାରେ। ବିଦ୍ୟାର୍ଥୀ କ୍ୟାରିୟରକୁ ନେଇ ଚିନ୍ତିତ ରହିପାରନ୍ତି। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ।

**କର୍କଟ:** ସଠିକ୍ ସମୟରେ ନିଷ୍ପତ୍ତି ନେବା ଜରୁରି। ସଫଳତା ପାଇବାକୁ କଠିନ ପରିଶ୍ରମ କରିବେ। ଆତ୍ମବିଶ୍ୱାସ ହରାନ୍ତୁନି। ଅଚାନକ ଖୁସି ଖବର ପାଇବେ। ଉଧାର ଟଙ୍କା ଫେରିପାଇବେ।

**ସିଂହ:** ଅଟକି ରହିଥିବା କାମ ପୂରା ହେବ। ନିଜ ଲୋକ ଶତ୍ରୁ ସାଜି ପାରନ୍ତି। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**କନ୍ୟା:** ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ। ମହିଳାମାନେ ଘରକାର୍ଯ୍ୟରେ ବ୍ୟସ୍ତ ରହିବେ। ପିଲାମାନେ ଖେଳ ମନସ୍କ ହେବେ। ଆୟ ଓ ବ୍ୟୟ ସମାନ ରହିବ। ମାନସମ୍ମାନ ବୃଦ୍ଧି ପାଇବ।

**ତୁଳା:** ଆପଣଙ୍କ ପରିଶ୍ରମର ଫଳ ମିଳିବ। ଅତିଥି ସତ୍କାର କରିପାରନ୍ତି। ପରିବାର ସଦସ୍ୟଙ୍କ ସହିତ ଦୂରସ୍ଥାନକୁ ଯାତ୍ରା କରିବେ। ଚକ୍ଷୁପୀଡ଼ା ହୋଇପାରେ। ଦାନ ଧର୍ମ କରନ୍ତୁ।

**ବିଛା:** ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ଆଶା ପୂରଣ ହେବ। ରାଜନେତାଙ୍କ ପାଇଁ ଦିନଟି ଭଲ। ନିଜ ଲୋକ ଶତ୍ରୁ ସାଜିପାରନ୍ତି। ପଡୋଶୀଙ୍କ ସହ ମନୋମାଳିନ୍ୟ ହୋଇପାରେ।

**ଧନୁ:** ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଅଫିସ୍‌ରେ ନୂଆ ପ୍ରୋଜେକ୍ଟରେ ସାମିଲ ହେବେ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ସଙ୍ଗୀତ ପ୍ରତି ଆଗ୍ରହ ବଢ଼ିବ।

**ମକର:** ରାଜନେତାଙ୍କ ପାଇଁ ଦିନଟି ଭଲ। ମାନସମ୍ମାନ ବୃଦ୍ଧି ପାଇବ। ଆୟ ବ୍ୟୟ ସମାନ ରହିବ। ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିପାରେ। ସାମାଜିକ କାର୍ଯ୍ୟରେ ସାମିଲ ରହିବେ।

**କୁମ୍ଭ:** ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ଖୁସି ଖବର ମିଳିପାରେ। ସ୍ୱାସ୍ଥ୍ୟକୁ ନେଇ ଚିନ୍ତିତ ରହିବେ। ସାହିତ୍ୟ ପ୍ରତି ରୁଚି ବଢ଼ିବ। ମହିଳାମାନେ ଘର କାମରେ ବ୍ୟସ୍ତ ରହିବେ।

**ମୀନ:** ଦାମ୍ପତ୍ୟ ଜୀବନ ସୁଖମୟ ହେବ। ପରିବାର ଲୋକଙ୍କ ସହ ସମୟ ବିତାଇବେ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। ଅଯଥା ଖର୍ଚ୍ଚ ବଢ଼ିବ। ପିଲାମାନେ ଖେଳମନସ୍କ ହେବେ।

## ‘AA22xA6’ ଏବେ ‘ରାକା’

### ଭୟାନକ ଲୁକ୍‌ରେ ଅଲ୍ଲୁ



ପ୍ୟାନ୍ ଇଣ୍ଡିଆ ଷ୍ଟାର୍ ଅଲ୍ଲୁ ଅର୍ଜୁନ୍ ‘ପୁଷ୍ପା’ ପରେ ଏଟ୍‌ଲିଙ୍କ ଫିଲ୍ମ ‘AA22xA6’ ମାଧ୍ୟମରେ ପରଦାକୁ ଫେରୁଛନ୍ତି। ଏଥିରେ ତାଙ୍କ ବିପକ୍ଷରେ ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁ୍ୟକୋନ୍ ନଜର ଆସିବେ। ନିକଟରେ ଅଲ୍ଲୁ ତାଙ୍କ ୪୪ ତମ ଜନ୍ମଦିନ ପାଳନ ଅବସରରେ ଫିଲ୍ମର ପୋଷ୍ଟର୍ ସେୟାର୍ କରିଛନ୍ତି। ପୋଷ୍ଟର୍‌ଟିକୁ ସେୟାର୍ କରି ଅଲ୍ଲୁ ଲେଖିଛନ୍ତି- ‘AA22xA6’ ଏବେ ‘ରାକା’। ନିଜକୁ ଏକ ନୂଆ ଓ ନିଆରା ଦୁନିଆ ପାଇଁ ପ୍ରସ୍ତୁତ କରି ନିଅନ୍ତୁ।’ ଫିଲ୍ମର ଟାଇଟଲ୍ ଆସିବା ପରେ ଦର୍ଶକେ ଏହାର ଭାବାର୍ଥ ଜାଣିବାକୁ ଇଚ୍ଛା କରିଛନ୍ତି। ତେଲୁଗୁ ଭାଷାରେ ରାକାର ଅର୍ଥ ଆଗମନ ବା ଆସିବା। ଏହା ‘ରାବଡମ୍’ କ୍ରିୟାରୁ ନିଆଯାଇଛି। ଏହାର ବ୍ୟବହାର କାହାର ଆସିବା ସନ୍ଦର୍ଭରେ କରାଯାଏ। ପୋଷ୍ଟର୍‌ରେ ଅଲ୍ଲୁଙ୍କୁ ପୂରାପୂରି ଅଲଗା ଅନ୍ଦାଜରେ ଦେଖିବାକୁ ମିଳିଛି। ଏଥିରେ ସେ ବୟସ୍କଙ୍କ ଭଳି ଲାଗିବା ସହ ତାଙ୍କ ଚେହେରାର ଅଧାଅଧି ଅଂଶକୁ ପାପୁଲିରେ ଲୁଚାଇଛନ୍ତି। ତାଙ୍କ ହାତ ବିଲୁଆ ଗୋଡ଼ ଭଳି ଦେଖାଯାଉଛି। ସେ ଆଖିରେ କଜଳ ପିନ୍ଧିଥିବା ମଧ୍ୟ ଦେଖାଯାଇଛି। ବିଶେଷ କରି ଅଲ୍ଲୁଙ୍କ ଲୁକ୍ ତାଙ୍କ ଚରିତ୍ରକୁ ଆହୁରି ରହସ୍ୟମୟ କରୁଛି। ‘ପୁଷ୍ପା’ ଫିଲ୍ମ ପରେ ତାଙ୍କର ଏହି ଫିଲ୍ମ ଚହଳ ସୃଷ୍ଟି କରୁଛି। ହେଲେ ଫିଲ୍ମ ରିଲିଜ ଡେଟ୍ ଏପର୍ଯ୍ୟନ୍ତ ଜଣାପଡିନାହିଁ। ୨୦୨୭ ମସିହାରେ ଏହି ଫିଲ୍ମ ସିନେମା ହଲରେ ଆସିପାରେ ବୋଲି ଅନୁମାନ କରାଯାଉଛି। ଏହି ଫିଲ୍ମ ଦର୍ଶକଙ୍କୁ ଏକ ନୂଆ ଅନୁଭବ ଦେବ ବୋଲି ଅନୁମାନ କରାଯାଉଛି। ଏହା ଏକ ସାଇନ୍ସ ଫିକ୍ସନ୍ ଫିଲ୍ମ ହେବ। ହିନ୍ଦୀ, ଇଂରାଜୀ ସମେତ ୯ଟି ଭାଷାରେ ଏହା ରିଲିଜ୍ ହେବ। ‘ରାକା’ର ବଜେଟ୍ ରହିଛି ୮୦୦ କୋଟି। ଏଥିରୁ ୨୦୦ କୋଟି ପ୍ରଡକ୍ସନ୍ ଓ ୨୫୦ କୋଟି ଭିଏଫ୍‌ଏକ୍ସ ପାଇଁ ଖର୍ଚ୍ଚ କରାଯିବ। ଏଥିରେ ଅଲ୍ଲୁ ୪ଟି ଭିନ୍ନ ଚରିତ୍ରରେ ନଜର ଆସିବେ। ଏହି ଫିଲ୍ମ ପାଇଁ ଅଲ୍ଲୁ ୧୭୫ କୋଟି ନେଇଥିବା ଚର୍ଚ୍ଚା ହେଉଛି। ଏହାସହ ସେ ଫିଲ୍ମର ଲାଭାଂଶରୁ ମଧ୍ୟ ୧୫% ନେବେ। ସେହିଭଳି ଏଟ୍‌ଲି ଏହି ଫିଲ୍ମ ପାଇଁ ୧୦୦ କୋଟି ନେଇଛନ୍ତି।

## ବଳକା ଛେନାରୁ ଛେନାପୋଡ଼

ଛେନାପୋଡ଼। ଛେନାରେ ପ୍ରସ୍ତୁତ ହେଉଥିବା ଏକ ନିଆରା ମିଠା। ଏହା ଦେଖିବାକୁ ଯେତିକି ସୁନ୍ଦର ଦିଶେ ଖାଇବାକୁ ସେତିକି ସ୍ୱାଦିଷ୍ଟ। ରସଗୋଲା ଭଳି ଛେନାପୋଡ଼ ଓଡ଼ିଶାରେ ପ୍ରସ୍ତୁତ ହେଉଥିବା ଏକ ସ୍ୱତନ୍ତ୍ର ମିଠା। ଏହି ପରିପ୍ରେକ୍ଷୀରେ ଛେନାପୋଡ଼ର ସ୍ରଷ୍ଟା କୁହାଯାଉଥିବା ନୟାଗଡର ସୁଦର୍ଶନ ସାହୁଙ୍କ ଜନ୍ମ ଦିନ ଏପ୍ରିଲ ୧୧ ତାରିଖକୁ ଛେନାପୋଡ଼ ଦିବସ ଭାବେ ପାଳନ କରାଯାଉଛି। ଛେନାପୋଡ଼ର ଆକ୍ଷରିକ ଅର୍ଥ ହେଉଛି ପୋଡ଼ା ଯାଇଥିବା ଛେନା ବା ପୋଡ଼ିକରି ତିଆରି କରାଯାଇଥିବା ଛେନାରେ ତିଆରି ମିଠା। କ୍ଷୀରରୁ ଛେନା ପ୍ରସ୍ତୁତି ପରେ ଏଥିରେ ଅନ୍ୟାନ୍ୟ ଦ୍ରବ୍ୟ(ଚିନି, ସୁଜି, କାଜୁ ଓ କିସ୍‌ମିସ୍) ମିଶାଇ ପ୍ରସ୍ତୁତ ହୋଇଥାଏ ସୁଆଦିଆ ଛେନାପୋଡ଼। ଭାଗ ମାପରେ ବ୍ୟତିକ୍ରମ ହେଲେ ଏହାର ସ୍ୱାଦ ବଦଳିଯାଏ। ନୟାଗଡ଼ ଜିଲ୍ଲାରୁ ପ୍ରତିଦିନ କୁଇଣ୍ଟାଲ କୁଇଣ୍ଟାଲ ଛେନାପୋଡ଼ ରାଜ୍ୟ ଏବଂ ଅନ୍ୟ ରାଜ୍ୟର ବିଭିନ୍ନ ସ୍ଥାନକୁ ପଠାଯାଇଥାଏ। ଛେନାପୋଡ଼ ପଛରେ ରହିଛି ଏକ ରୋଚକ କାହାଣୀ। ନୟାଗଡ଼ ଜିଲ୍ଲା ଦଶପଲ୍ଲା ସାତପାଟଣା ଗ୍ରାମରେ ୧୯୩୧ ଏପ୍ରିଲ୍ ୧୧ ତାରିଖରେ ଜନ୍ମ ଗ୍ରହଣ କରିଥିଲେ ଛେନାପୋଡ଼ର ଜନ୍ମଦାତା ସୁଦର୍ଶନ ସାହୁ। ସୁଦର୍ଶନ ଏକ ଜଳଖିଆ ଦୋକାନ କରି ପରିବାର ଚଳାଉଥିଲେ। ଏକଦା ତାଙ୍କ ଦୋକାନରେ କିଛି ଛେନା ବଳକା ରହିଯାଇଥିଲା। ତାହା ସକାଳକୁ ଖରାପ ହୋଇଯିବ ଭାବି ସେଥିରେ ସେ କିଛି ଚିନି ଓ ଚାଉଳ ଚୁନା ମିଶାଇ ରଢ଼ନିଆଁରେ ପୋଡ଼ିଦେଇଥିଲେ। ଏହାପରେ ତାହା ଏକ ପିଠା ଆକାରର ହୋଇଥିଲା। ପ୍ରଥମେ ତାହା ଛେନାପୋଡ଼ ପିଠା ହୋଇଥିଲା। ପରେ ଏହା ପିଠାରୁ ମିଠା ପାଲଟିଥିଲା। ଖୁବ୍ କମ ଦିନରେ ରାଜ୍ୟର ବିଭିନ୍ନ ସ୍ଥାନରେ ଏହି ମିଠା ନାଁ କରିଥିଲା। ସେଥିପାଇଁ ସୁଦର୍ଶନଙ୍କୁ ଛେନାପୋଡ଼ର ସ୍ରଷ୍ଟା ବୋଲି କୁହାଯାଉଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ହେଲ୍‌ପିଂ ହ୍ୟାଣ୍ଡ ପକ୍ଷରୁ ଏପ୍ରିଲ ୧୧ କୁ ବିଶ୍ୱ ଛେନାପୋଡ଼ ଦିବସ ଭାବେ ପାଳନ ପାଇଁ ୨୦୨୨ ମସିହାରୁ ଉଦ୍ୟମ ଆରମ୍ଭ ହୋଇଥିଲା।



## ଜାତୀୟ ନିରାପଦ ମାତୃତ୍ୱ ଦିବସ



ପ୍ରତିବର୍ଷ ଏପ୍ରିଲ ୧୧ ତାରିଖକୁ ଭାରତରେ ‘ଜାତୀୟ ନିରାପଦ ମାତୃତ୍ୱ ଦିବସ’ ଭାବେ ପାଳନ କରାଯାଏ। ଗର୍ଭାବସ୍ଥା, ପ୍ରସବ ଏବଂ ପ୍ରସବ ପରବର୍ତ୍ତୀ ସମୟରେ ମାଆମାନଙ୍କୁ ଉଚିତ୍ ସ୍ୱାସ୍ଥ୍ୟସେବା ଯୋଗାଇବା ଏବଂ ମାତୃ ମୃତ୍ୟୁହାର ହ୍ରାସ କରିବା ପାଇଁ ସଚେତନତା ସୃଷ୍ଟି କରିବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ। ଭାରତ ସରକାର ଏପ୍ରିଲ୍ ୧୧ ତାରିଖକୁ (କସ୍ତୁରବା ଗାନ୍ଧୀଙ୍କ ଜନ୍ମଦିନ) ୧୮୦୦ ସଂଗଠନର ମିଳିତମଞ୍ଚ ‘ହ୍ୱାଇଟ୍ ରିବନ୍ ଆଲାଏନ୍ସ ଇଣ୍ଡିଆ’ର ଅନୁରୋଧ କ୍ରମେ ‘ଜାତୀୟ ସୁରକ୍ଷିତ ମାତୃତ୍ୱ ଦିବସ’ ଭାବେ ପାଳନ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଏହି ଦିବସ ପାଳନ କରିବାରେ ଭାରତ ବିଶ୍ୱର ପ୍ରଥମ ରାଷ୍ଟ୍ର। ଏହି ଅବସରରେ ଦେଶର ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇ ଗର୍ଭବତୀ ମହିଳାଙ୍କୁ କିପରି ସ୍ୱାସ୍ଥ୍ୟ ସେବା ସହ ଉପଯୁକ୍ତ ପୋଷଣ ମିଳିପାରିବ, ସେଦିଗରେ ସଚେତନତା ସୃଷ୍ଟି କରାଯାଏ। ଆମ ଦେଶରେ କିଛିବର୍ଷ ପୂର୍ବରୁ ମାତୃ ମୃତ୍ୟୁହାର ପ୍ରତିଶତ ବହୁତ ଅଧିକ ଥିଲା। ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ହେବା ପରେ ବିଗତ ଏକ ଦଶକ ହେଲାଣି ଭାରତରେ ମାତୃ ମୃତ୍ୟୁହାର (ଏମ୍‌ଏମ୍‌ଆର୍) ଅପେକ୍ଷାକୃତ କମିଛି। ଗର୍ଭାବସ୍ଥାରେ ସ୍ୱାସ୍ଥ୍ୟ ପରୀକ୍ଷା, ପ୍ରସବ ସମୟରେ ଡାକ୍ତରୀ ସହାୟତା ଏବଂ ପ୍ରସବ ପରେ ଯତ୍ନ ନେବାକୁ ସୁନିଶ୍ଚିତ କରିବା ଏହି ଦିବସ ପ୍ରୋତ୍ସାହିତ କରେ। ନିରାପଦ ମାତୃତ୍ୱ କହିଲେ ଉଭୟ ମା’ ଓ ଶିଶୁର ସୁରକ୍ଷାକୁ ବୁଝାଏ। ଗର୍ଭଧାରଣ ଓ ପ୍ରସବ ବାବଦରେ ଉପଯୁକ୍ତ ଜ୍ଞାନ ହାସଲ ଏବଂ ଠିକ୍ ପଦକ୍ଷେପ ଦ୍ୱାରା ନିରାପଦ ମାତୃତ୍ୱ ଲାଭ ସମ୍ଭବ। ସୁଷମ ଓ ପୁଷ୍ଟିକର ଆହାର ସହ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା, ରୋଗ ପ୍ରତିଷେଧକ ଟିକାଗ୍ରହଣ, ପ୍ରସବ ସମୟରେ ଡାକ୍ତର କିମ୍ବା ତାଲିମପ୍ରାପ୍ତ ଧାତ୍ରୀଙ୍କ ସାହାଯ୍ୟ ନେବା ଉଚିତ। ଏହି ପ୍ରୟାସ ଦ୍ୱାରା ଉଭୟ ମା’ ଓ ଶିଶୁଙ୍କ ଜୀବନ ସୁରକ୍ଷିତ ରହିବ। ଗର୍ଭବତୀ ଏବଂ ସ୍ତନ୍ୟପାନ କରାଉଥିବା ମହିଳାଙ୍କ ପାଇଁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଏବଂ ପ୍ରସୂତି ସୁବିଧା ବିଷୟରେ ସଚେତନତା ସୃଷ୍ଟି କରିବା ଲାଗି ଏହି ଦିବସ ପାଳନ ଅବସରରେ ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ।

## ଆଜିର ଐତିହ୍ୟ

- ୧୯୧୯- ଅନ୍ତରାଷ୍ଟ୍ରୀୟ ଶ୍ରମ ସଂଗଠନର(ଆଇଏଲ୍‌ଓ) ସ୍ଥାପନା।
- ୧୯୩୦- ଋଷିକେଶର ଲକ୍ଷ୍ମଣ ଝୁଲାକୁ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଖୋଲିଦିଆଗଲା।
- ୧୯୬୪- ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଦୁଇ ଭାଗ ହେଲା।
- ୨୦୦୮ -ସ୍ୱିଡେନର ବୈଜ୍ଞାନିକମାନେ ୮୦୦୦ ବର୍ଷ ପୁରୁଣା ଏକ ଗଛର ଠାବ କରିଥିଲେ।

## ପ୍ରହେଳିକା

- ବୈଶାଖ ମାସରେ ଆସେ ଏ ଯାତ
ନୂଆବର୍ଷ ବୋଲି ରାଇଜେ ଖ୍ୟାତ
ଝାମୁ ଯାତ ହୁଏ ଏହି ଦିନରେ
ପାଟୁଆ ଚାଲଇ ରଢ଼ ନିଆଁରେ
ମହାନ ପରବଟିଏ
ଦେବାଦେବୀ ପାଶେ ପଣା ଲାଗିହୁଏ
କୁହ ତା’ର ନାମ କିଏ।
ଉତ୍ତର- ପଣା ସଂକ୍ରାନ୍ତି



- ଜଳ ସଂକରାନ୍ତି ଯେବେ ଆସଇ
ବୃନ୍ଦାବତୀ ଶିରେ ଘଡ଼ି ଝୁଲଇ
ବୁନ୍ଦା ବୁନ୍ଦା ପାଣି ଘଡ଼ିରୁ ଝରେ
ପବିତ୍ର ଚଉଁରା ତୁଳସୀ ମୂଳେ
ଆମ ପରମ୍ପରା ସିଏ
ତୁଳସୀକୁ ଦିଏ ଖରାରୁ ସୁରକ୍ଷା
କୁହ ତା’ର ନାମ କିଏ।
ଉତ୍ତର-ବସନ୍ତରା ଘଡ଼ି



- ପଣା ସଂକରାନ୍ତି ଯେବେ ଆସଇ
ଦେବାଦେବୀ ପାଶେ ଭୋଗ ଲାଗଇ
ଯଅ, ଗହମ ଓ ବୁଟକୁ ଚୂରି
ରଖନ୍ତି ସରବେ ଡବାରେ ଭରି
ତା’ ସହିତ ମିଶେ ନଡ଼ିଆ ଛେନା
ଗୁଡ଼, କଦଳୀରେ ବନଇ ପଣା
ଭାରି ପୁଷ୍ଟିକର ସିଏ
ସୁଆଦ ତାହାର ମନ ଭୁଲେ ନାହିଁ
କୁହ ତା’ର ନାମ କିଏ।
ଉତ୍ତର-ଛତୁଆ



ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର

## ବିଷୁବ ବେଳାର ଗୀତ



ସୁହଂସ ଭୋଇ

ଲେଉଟି ଗଲା ବସନ୍ତ କାଳ
ବହେ ଉଷୁମ ବାତ
ଧରାକୁ ଦେଖ ଧାଇଁ ଆସୁଛି
ବିଷୁବ ଗାଇ ଗୀତ
ପଞ୍ଜିକା ଦେଖି କହୁଛି ମାଆ
ଆଜି ମଙ୍ଗଳ ବେଳ
ନାମ ବିଷୁବ ସଂକ୍ରାନ୍ତି ତିଥି
ଓଡ଼ିଆ ବର୍ଷ ମୂଳ
ସୂର୍ଯ୍ୟ ଦେବତା ମେଷ ଚକ୍ରରେ
ଯାଇ କରିବେ ବାସ
ଜାଣି ରଖିଥା ହୋଇବ ତହୁଁ
ଚଇତ୍ର ମାସ ଶେଷ
ଦିନକୁ ଦିନ ବଢ଼ିଲେ ଖରା
ଲାଗିବ ଭାରି ଶୋଷ
ବାଟ ଚାଲିକି ହାଲିଆ ହେଲେ
ମନ କହିବ ବସ
ମାଆଟି ମୋର ପଣା କରିଛି
ମିଶେଇ ଦହି, କ୍ଷୀର
ବେଲ, ଶ୍ରୀଫଳ, ସୁଫଳା ଦେଇ
ରସାଳ ଖଣ୍ଡସାର
ପାଟିକୁ ମିଠା ପେଟକୁ ଥଣ୍ଡା
ପିଇବା ମିଶି ଆସ
ଆମେ ଓଡ଼ିଆ ପାଳନ କରୁ
ପରବ ବାର ମାସ। ■

ପହଣ୍ଡି, ବିଜେପୁର, ବରଗଡ଼

## ଓଡ଼ିଆ ନୂଆ ବରଷ



ପ୍ରଶାନ୍ତ କୁମାର ସାହୁ

ଆସିଛି ଓଡ଼ିଆ ନୂଆ ବରଷ
ପାଳିବା ଆମେରେ ହୋଇ ହରଷ।
ପଣା ସଂକରାନ୍ତି ନାମରେ ଖ୍ୟାତ
ଜନମି ଥିଲେ ସେ ପବନ ସୁତ।
ପାଳିବା ପରବ ପଣାକୁ ପିଇ
ପଣା ପରି ଚିଜ ଜଗତେ ନାହିଁ।
ପଣା ପାଇଁ ଲୋଡ଼ା ବେଲ ନଡ଼ିଆ
କଦଳୀ ସାଥିରେ ଭାରି ବଢ଼ିଆ।
ଗୋଲ ମରିଚର ଗୁଣ୍ଡ ପକେଇ
ମିଠା ବୁନ୍ଦି ଦହି ଦେବା ମିଶେଇ।
ବେଲପଣା ପରା ହିତ ଦେହକୁ
ନ ଥିବ ନିଦାଘ ଭୟ ମନକୁ।
ବାଣ୍ଟି ଦେବା ପଣା ସାଇଭାଇଙ୍କୁ
ମନେ ରଖି ସଦା ଭାଇଚାରାକୁ।
ଗରବେ କହିବା ଆମେ ଓଡ଼ିଆ
ଆମ ପରମ୍ପରା କେଡ଼େ ବଢ଼ିଆ। ■

ଇନ୍ଦିପୁର, ଚନ୍ଦନମଣ୍ଡପସାହି, ଢେଙ୍କାନାଳ

## ସୁମନ

## ଯୁଦ୍ଧ ଭଲ ନୁହେଁ



ଟିମ୍ପି ମନ ଦୁଃଖରେ ଅଛି ତା’ର ପୁଅ ସୁଲୁ ଓ ଝିଅ ନିଲୁଙ୍କ ପାଇଁ। ବିଦେଶ ଯିବାକୁ ଜିଦ୍ କଲେ ସୁଲୁ ଓ ନିଲୁ। ବାଲିରେ ମୁହଁ ପୋତି ଲୁହ ବୋହାଉଛି। ତାକୁ ସମସ୍ତେ ସେଦିନ କହିଲେ, ବିଦେଶରେ ଭଲ ଖାଇବାକୁ ମିଳିବ- ଭଲ ଘର ମିଳିବ। ରାସ୍ତା ବି ଚକାଚକ। ସାନବାବୁ ତା’ ପାଖରେ ବସି ଏମିତି ଅନେକ କହୁଥିଲେ। ସାନ ବାବୁ ତାଙ୍କର ବାପା ବଡ଼ବାବୁ ଓ ମାଆ ସାଆନ୍ତାଣୀଙ୍କ ସହ ୟୁଏଇରେ ରହନ୍ତି। ସାନବାବୁ ଆସିଲେ କେତେ ପ୍ରକାର ଖାଇବା ମିଳେ। ସାନ ବାବୁ ସୁଲୁ ଓ ନିଲୁଙ୍କୁ ଅଧିକ ଭଲ ପାଆନ୍ତି। ଦେହ ଆଉଁସି ଦିଅନ୍ତି। ମ୍ୟାଉଁ ମ୍ୟାଉଁ କରି ଖେଳନ୍ତି। ଟିମ୍ପିକୁ ସାନବାବୁ କହିଲେ, “ଲୋ ପୁଷି ମାଆ, ତୋ ପୁଅଝିଅଙ୍କୁ ମୁଁ ମୋ ସହ ନେଇଯିବି ୟୁଏଇ। ତାଙ୍କର କିଛି ଅସୁବିଧା ହେବ ନାହିଁ।” “ନା ନା, ମୋତେ ଭୟ ଲାଗୁଛି ସାନବାବୁ। ସେ ଦେଶର ଲୋକଙ୍କ ଭାଷା ଅଲଗା। ଖାଦ୍ୟପେୟ ଅଲଗା। ମୋ ଛୁଆ ଚଳି ପାରିବେ ନାହିଁ।” “ଆରେ ପୁଷି ମାଆ, ମୁଁ ଅଛି ପରା। ମୋର ମଧ୍ୟ ସେଠି କେହି ସାଙ୍ଗ ନାହାନ୍ତି। ସୁଲୁ ଓ ନିଲୁ ଗଲେ ମୋତେ ସାଙ୍ଗ ମିଳିଯିବେ। ମୋ ପାଇଁ ତୁ ଏତିକି କଷ୍ଟ ସହି ରହିପାରିବୁ ନାହିଁ ପୁଷି ମାଆ?” ଏକଥା ଶୁଣି ବାଧ୍ୟରେ ସୁଲୁ ଓ ନିଲୁକୁ ଦୂର ଦେଶକୁ ପଠେଇ ଦେଲା ଟିମ୍ପି। ଏବେ ସେ ଦେଶରେ ଯୁଦ୍ଧ ହେଉଛି। ଗୁଳିଗୁଳା ବୋମା ପଡୁଛି। ଆଜି ସାରା ଗାଁରେ ଦୁଃଖ ତା’ର ପସରା ମେଲେଇ ଦେଇଛି। ଶତ୍ରୁ ପକ୍ଷର ବୋମା ମାଡ଼ରେ ବାବୁଙ୍କ ପରିବାରର ସମସ୍ତେ ପ୍ରାଣ ହରେଇଛନ୍ତି। ଘର ଧୂଳିରେ ଧୂଳି ହୋଇଯାଇଛି। ତେବେ ଟିମ୍ପି କାନରେ ତା’ ପୁଅ ସୁଲୁ ଓ ଝିଅ ନିଲୁର ସ୍ୱର ଭାସି ଆସୁଛି। ସେମାନେ କହୁଛନ୍ତି, “ମାଆ, ଆମେ ବଞ୍ଚିଛୁ, ତେବେ ଘର ନାହିଁ କି ବଡ଼ବାବୁ, ସାନବାବୁ, ମାଆ କେହି ନାହାନ୍ତି। ମାଟି ବାଲିରେ ପୋତି ହୋଇ ଯାଇଛନ୍ତି। ଆମେ ବାହାରି ପଳେଇ ଆସିଥିଲୁ। ଏବେ କ’ଣ କରିବୁ ମାଆ? ଆମକୁ କିଏ ରଖିବ- କେଉଁଠି ଆମେ ରହିବୁ- କ’ଣ ଖାଇବୁ? ଭାବିଛୁ- ଏଇ ଦରିଆ ପାଣିରେ ପହଁରି ପହଁରି ତୋ ପାଖକୁ ଚାଲିଯିବୁ।” ହଠାତ୍ ପବନରେ ଧଡ଼ କରି କବାଟ ପିଟିହେବାର ଶବ୍ଦରେ ନିଦ ଭାଙ୍ଗିଗଲା ଟିମ୍ପିର। ଦୌଡ଼ି ଦୌଡ଼ି ସେ ଗାଁ ସାରା କହିଲା- ଯୁଦ୍ଧ ଭଲ ନୁହେଁ- ଭଲ ନୁହେଁ। ମୋ ପିଲାଙ୍କୁ ମୋତେ ଆଣି ଦିଅ। ପୁଷି ବିଲେଇର ମ୍ୟାଉଁ ମ୍ୟାଉଁ ଆକୁଳ କ୍ରନ୍ଦନ କାହା ଉପରେ କିଛି ପ୍ରଭାବ ପକାଉ ନ ଥାଏ। ଶେଷରେ ସେ ବାଲିରେ ମୁହଁ ପୋତି ଶୋଇରହିଲା ଓ କହୁଥାଏ- “ମୋ ପିଲାଙ୍କୁ ଫେରାଇ ଆଣ- ଯୁଦ୍ଧ ଭଲ ନୁହେଁ।” ■



ଡ. କାଳିକିଙ୍କର

ବିଶ୍ୱଶ୍ରୀ ପ୍ରେସ୍, ଫକୀରମୋହନ କଲେଜ ରୋଡ଼, ବାଲେଶ୍ୱର





**ଶୁଭମ୍ ମିଶ୍ର**
ପଞ୍ଚମ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ନିମାପଡ଼ା





**ଶାନ୍ତନୁ ଶାନ୍ତିସ୍ୱରୂପ**
ସପ୍ତମ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ଭୀମଟାଙ୍ଗି, ଭୁବନେଶ୍ୱର





**ରିଷିକା କାନୁନ୍‌ଗୋ**
ଷଷ୍ଠ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ, ଭୁବନେଶ୍ୱର





**ସିଦ୍ଧ ମନୀଷ ସାହୁ**
ଷଷ୍ଠ ଶ୍ରେଣୀ
ଗାଇଡାନ୍ସ ଇରାଜୀ ମାଧ୍ୟମ ବିଦ୍ୟାଳୟ
ଡୁମୁଡୁମା, ଭୁବନେଶ୍ୱର





**ମାଏରା ମହାନ୍ତି**
ପଞ୍ଚମ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ୟୁନିଟ୍ ୮, ଭୁବନେଶ୍ୱର

### ୧୫ ବଲରେ ୧୫ ବର୍ଷୀୟ ସୂର୍ଯ୍ୟବଂଶୀଙ୍କ ବିସ୍ଫୋରକ ଅର୍ଦ୍ଧଶତକ

# ଆର୍‌ସିବି ପରାସ୍ତ; ରାଜସ୍ଥାନର ୪ର୍ଥ ବିଜୟ

ଗୌହାଟୀ, ୧୦।୪ (ଏଜେନ୍ସି): ଚଳିତ ଆଇପିଏଲ୍‌ରେ ପୁଣିଥରେ ରାଜସ୍ଥାନ ରୟାଲ୍ସର ଯୁବ ଓପନର୍ ବୈଭବ ସୂର୍ଯ୍ୟବଂଶୀଙ୍କ ବିସ୍ଫୋରକ ବ୍ୟାଟିଂ ଦେଖିବାକୁ ମିଳିଛି। ଶୁକ୍ରବାର ସ୍ଥାନୀୟ ବର୍ଷାପରା ଷ୍ଟାଡିୟମରେ ଅନୁଷ୍ଠିତ ବର୍ଷା ବାଧାପ୍ରାପ୍ତ ମ୍ୟାଚରେ ୧୫ ବର୍ଷୀୟ ବୈଭବ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ବୋଲରଙ୍କୁ ନିର୍ଦ୍ଦୁମ ପ୍ରହାର କରିଛନ୍ତି। ୨୦୨ ରନର ବିଶାଳ ଲକ୍ଷ୍ୟକୁ ପିଛା କରିଥିବା ଘରୋଇ ରାଜସ୍ଥାନ ବାମହାତୀ ଓପନର୍ ସୂର୍ଯ୍ୟବଂଶୀଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ୧୮ ଓଭରରେ ୪ ୱିକେଟ୍ ହରାଇ ବିଜୟୀ ହୋଇଥିଲା। ୧୫ଟି ବଲରେ ଅର୍ଦ୍ଧଶତକ ପୂରଣ କରିଥିବା ବୈଭବ ସର୍ବାଧିକ ୭୮ ରନ କରି ଆଉଟ୍ ହୋଇଥିଲେ। ୨୬ ବଲ୍‌ର ଏହି ପାଳିରେ ସେ ୮ଟି ଚୌକା ଓ ୭ଟି ଛକା ମାରିଥିଲେ। ବୈଭବଙ୍କ ଏହି ବିଧ୍ୱଂସୀ ପାଳି ଯୋଗୁ ରାଜସ୍ଥାନ ପାୱାର ପ୍ଲେ'ର ୬ ଓଭରରେ ୯୬ ରନ ସଂଗ୍ରହ କରି ମ୍ୟାଚକୁ ଏକପାଖିଆ କରିଦେଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଧ୍ରୁବ ଜୁରେଲ ୪୨ ବଲ୍‌ରେ ୮୦*, ଯଶସ୍ୱୀ ଜୟସ୍ୱାଲ ୧୩, ଅଧିନାୟକ ରିୟାନ ପରାଗ ୩, ରବୀନ୍ଦ୍ର ଜାଡେଜା ୨୪* ରନ କରିଥିଲେ। ସିମରନ ହେଟମାୟର ଖାତା ଖୋଲିବା ପୂର୍ବରୁ କ୍ରୁନାଲ ପାଣ୍ଡ୍ୟାଙ୍କ ଶିକାର ବନିଥିଲେ। ବେଙ୍ଗାଲୁରୁ ପାଇଁ ସଫଳ ବୋଲର ଭାବେ ପାଣ୍ଡ୍ୟା ଓ ଜୋଶ ହାଜଲେଉଡ୍ ଦୁଇଟି ଲେଖାଏ ୱିକେଟ୍ ପାଇଥିଲେ। ଚତୁର୍ଥ ମ୍ୟାଚରୁ ୪ର୍ଥ ବିଜୟ ସହ ରାଜସ୍ଥାନ ୮ ପଏଣ୍ଟ ପାଇ ଶୀର୍ଷ ସ୍ଥାନକୁ ଆହୁରି ମଜବୁତ କରିଛି। ଅପରପକ୍ଷରେ କ୍ରମାଗତ ଦୁଇଟି ମ୍ୟାଚ୍ ଜିତିଥିବା ଆର୍‌ସିବିର ବିଜୟଧାରାରେ ବ୍ରେକ ଲାଗିଛି।




### ସମ୍ମାନ ରଖିଲେ ପଟିଦାର

ପୂର୍ବରୁ ବର୍ଷା ଲାଗି ଘଣ୍ଟାଏ ବିଳମ୍ବରେ ଆରମ୍ଭ ହୋଇଥିବା ଏହି ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ବେଙ୍ଗାଲୁରୁ ଅଧିନାୟକ ରଜତ ପଟିଦାରଙ୍କ ଅର୍ଦ୍ଧଶତକ ଯୋଗୁ ୮ ୱିକେଟରେ ୨୦୧ ରନର ସମ୍ମାନଜନକ ସ୍କୋର କରିପାରିଥିଲା। ୪ଟି ଲେଖାଏ ଚୌକା ଓ ଛକା ସହ ପଟିଦାର ୪୦ ବଲରେ ସର୍ବାଧିକ ୬୩ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିରାଟ କୋହଲି ୩୨, ରୋମାରିଓ ସେଫର୍ଡ ୨୨, ଦେବଦତ୍ତ ପଡ଼ିକଲ ୧୪, ଇମ୍ପାକ୍ଟ ପ୍ଲେୟର ଭାବେ ଆସିଥିବା ଭେଙ୍କଟେଶ ଆୟର ଅପରାଜିତ ୨୯ ରନ କରିଥିଲେ। ଓପନର ଫିଲ୍ ସଲ୍ଟ ଇନିଂସର ପ୍ରଥମ ବଲରେ ଖାତା ଖୋଲିବା ପୂର୍ବରୁ ଜୋଫ୍ରା ଆର୍ଚରଙ୍କ ବଲରେ ଆଉଟ୍ ହୋଇଥିଲେ। ରାଜସ୍ଥାନର ଆର୍ଚର, ରବି ବିଷ୍ଣୋଇ ଓ ବ୍ରିଜେଶ ଶର୍ମାଙ୍କୁ ୨ଟି ଲେଖାଏ ୱିକେଟ୍ ମିଳିଥିଲା।

### ଦ୍ୱିତୀୟ ଥର ୧୫ ବଲ୍‌ରେ ଅର୍ଦ୍ଧଶତକ

ବୈଭବ ସୂର୍ଯ୍ୟବଂଶୀ ଆଇପିଏଲ୍‌ରେ ଦ୍ୱିତୀୟଥର ଲାଗି ୧୫ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଛନ୍ତି। ଏଥିପୂର୍ବରୁ ଚଳିତ ସଂସ୍କରଣରେ ସେ ଚେନ୍ନାଇ ସୁପର୍ କିଙ୍ଗ୍ସ ବିପକ୍ଷରେ ମଧ୍ୟ ୧୫ ବଲ୍‌ରେ ଅର୍ଦ୍ଧଶତକ ମାରିଥିଲେ। ୧୫ ବଲରେ ୫୦ ରନ କରିଥିବା ଅନ୍ୟତମ ବ୍ୟାଟର୍ ହେଉଛନ୍ତି ୟୁସୁଫ ପଠାନ। କୋଲକାତା ପକ୍ଷରୁ ଖେଳି ୟୁସୁଫ୍ ୨୦୧୪ରେ ହାଇଦରାବାଦ୍ ବିପକ୍ଷରେ ଏହି ବିସ୍ଫୋରକ ବ୍ୟାଟିଂ କରିଥିଲେ। ଆଇପିଏଲ୍‌ରେ ଦ୍ରୁତତ୍ତମ ଅର୍ଦ୍ଧଶତକ ଯଶସ୍ୱୀ ଜୟସ୍ୱାଲଙ୍କ ନାମରେ ରହିଛି। ୨୦୨୩ରେ ଜୟସ୍ୱାଲ କୋଲକାତା ବିପକ୍ଷରେ ୧୩ଟି ବଲରେ ୫୦ ରନ ପୂରଣ କରି ଏହି ତାଲିକାର ଶୀର୍ଷରେ ରହିଛନ୍ତି। ସେହିଭଳି ଲୋକେଶ ରାହୁଲ (୧୪ ବଲ୍, ପଞ୍ଜାବ ବନାମ ଦିଲ୍ଲୀ, ୨୦୧୮) ଏହି ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି।




### ଆଜିର ଆଇପିଏଲ୍ ମ୍ୟାଚ୍

| | |
|---|---|
| ପଞ୍ଜାବ ବନାମ ହାଇଦରାବାଦ | ଚେନ୍ନାଇ ବନାମ ଦିଲ୍ଲୀ |
| ଭେନ୍ୟୁ-ମୁଲାନପୁର | ଭେନ୍ୟୁ-ଚେନ୍ନାଇ |
| ଖେଳ ଆରମ୍ଭ : ଅପରାହ୍ଣ ୩.୩୦ | ଖେଳ ଆରମ୍ଭ : ରାତି ୭.୩୦ |
| ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର | |

## ହାସାରଙ୍ଗାଙ୍କ ସ୍ଥାନରେ ଲିଣ୍ଡେ ଲକ୍ଷ୍ନୌ ଦଳରେ ସାମିଲ

ଲକ୍ଷ୍ନୌ, ୧୦।୪ (ଏଜେନ୍ସି): ଆଇପିଏଲ୍ ମଝିରେ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ସ ଫ୍ରାଞ୍ଚାଇଜ ଦଳରେ ସାମାନ୍ୟ ପରିବର୍ତ୍ତନ କରିଛି। ଦକ୍ଷିଣ ଆଫ୍ରିକାର ବାମହାତୀ ସ୍ପିନ ଅଲ୍‌ରାଉଣ୍ଡର ଜର୍ଜ ଲିଣ୍ଡେଙ୍କୁ ଏକ କୋଟି ଟଙ୍କା ମୂଲ୍ୟରେ ସୁପର ଜାଏଣ୍ଟ୍ସ ଦଳରେ ସାମିଲ କରିଛି।



ଆହତ ଥିବା ସିଂହଳୀ ସ୍ପିନର ୱାନିନ୍ଦୁ ହାସାରଙ୍ଗାଙ୍କ ସ୍ଥାନରେ ଲିଣ୍ଡେ ଖେଳିବେ। ଗତ ଆଇପିଏଲ୍ ଖେଳାଳି ନିଲାମୀରେ ସୁପର୍ ଜାଏଣ୍ଟ୍ସ ଫ୍ରାଞ୍ଚାଇଜ ୨ କୋଟି ଟଙ୍କାରେ ହାସାରଙ୍ଗାଙ୍କୁ କ୍ରୟ କରିଥିଲା। କିନ୍ତୁ ହାସାରଙ୍ଗା ଟି-୨୦ ବିଶ୍ୱକପ୍ ସମୟରେ ଆଘାତ ପାଇ ବାଦ୍ ପଡ଼ିଥିଲେ। ଏହାପରେ ଆଇପିଏଲ୍ ଖେଳିବା ଲାଗି ସେ ଶ୍ରୀଲଙ୍କା ବୋର୍ଡ ପକ୍ଷରୁ କରାଯାଉଥିବା ଫିଟନେସ ପରୀକ୍ଷାରେ ସାମିଲ ହୋଇ ନ ଥିଲେ। ୩୪ ବର୍ଷୀୟ ଲିଣ୍ଡେ ଦକ୍ଷିଣ ଆଫ୍ରିକା ପାଇଁ ୩ଟି ଟେଷ୍ଟ, ୪ଟି ଦିନିକିଆ ଓ ୩୭ ଟି-୨୦ ମ୍ୟାଚ୍ ଖେଳିଛନ୍ତି। ଏହି ୩ଟି ଯାକ ଫର୍ମାଟରେ ସେ ଯଥାକ୍ରମେ ୯, ୪ ଓ ୩୫ଟି ୱିକେଟ୍ ନେଇଛନ୍ତି। ଲିଣ୍ଡେଙ୍କ ଏହା ଆଇପିଏଲ୍ ପଦାର୍ପଣ ହେବ।

■ ବ୍ୟାଡ୍‌ମିଣ୍ଟନ ଏସିଆ ଚାମ୍ପିଅନସିପ୍

## ସେମିରେ ପହଞ୍ଚି ପଦକ ପକ୍କା କଲେ ଆୟୁଷ




ନିଙ୍ଗବୋ, ୧୦।୪ (ଏଜେନ୍ସି): ଭାରତର ଯୁବ ତାରକା ଆୟୁଷ ସେଟ୍ଟୀ ଚାଇନାରେ ଚାଲିଥିବା ବ୍ୟାଡ୍‌ମିଣ୍ଟନ ଏସିଆ ଚାମ୍ପିଅନସିପ୍‌ରେ ଦମ୍‌ଦାର ଅଭିଯାନ ଜାରି ରଖି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲ ମୁକାବିଲାରେ ଆୟୁଷ ୨୩-୨୧, ୨୧-୧୭ ସିଧାସଳଖ ଗେମରେ ବିଶ୍ୱମାନ୍ୟତାର ୪ର୍ଥ ସ୍ଥାନରେ ଥିବା ଇଣ୍ଡୋନେସିଆର ଜୋନାଥନ କ୍ରିଷ୍ଟିଙ୍କୁ ହରାଇ ଆଉ ଏକ ବିପର୍ଯ୍ୟୟ ଘଟାଇଛନ୍ତି। ଆୟୁଷ ଏଥିପୂର୍ବରୁ ରାଉଣ୍ଡ-୧୬ରେ ବିଶ୍ୱର ୭ ନମ୍ବର ଖେଳାଳି ଚାଇନର ଲି ଶି ଫେଙ୍ଗଙ୍କୁ ହରାଇଥିଲେ। ସେହିଭଳି କ୍ୱାର୍ଟରରେ ଚାଇନିଜ ତାଇପେଇର ଚି ୟୁ ଜେନଙ୍କୁ ମାତ୍ ଦେଇଥିଲେ। ସେମିଫାଇନାଲରେ ସ୍ଥାନ ପକ୍କା କରିବା ସହ ୨୦ ବର୍ଷୀୟ ଆୟୁଷ ପଦକ ନିଶ୍ଚିତ କରିଛନ୍ତି। ସେମିଫାଇନାଲରେ ଆୟୁଷଙ୍କ ମୁକାବିଲା ବିଶ୍ୱର ଏକ ନମ୍ବର ଖେଳାଳି ଥାଇଲାଣ୍ଡର କୁନଲାଭଟ୍ ଭିତିଦର୍ଶନଙ୍କ ସହ ହେବ। ଉଲ୍ଲେଖଯୋଗ୍ୟ, ପୂର୍ବରୁ ପିଭି ସିନ୍ଧୁ, ଏଚ୍‌ଏସ୍ ପ୍ରଣୟ, ଉନ୍ନତି ହୁଡା ପ୍ରମୁଖ ହାରି ବିଦାୟ ନେଇସାରିଛନ୍ତି। ଫଳରେ ଭାରତୀୟ ଭାବେ ଆୟୁଷ ଏବେ ଏକମାତ୍ର ଆଶାୟୀ ରହିଛନ୍ତି।

■ ଏସିଆନ ବକ୍ସିଂ ଚାମ୍ପିଅନସିପ୍

## ସୁରେଶଙ୍କୁ ସ୍ୱର୍ଣ୍ଣ; ଭାରତକୁ ୧୬ ପଦକ

ଉଲାନବାତର, ୧୦।୪ (ଏଜେନ୍ସି): ମଙ୍ଗୋଲିଆରେ ଅନୁଷ୍ଠିତ ଏସିଆନ ବକ୍ସିଂ ଚାମ୍ପିଅନସିପ୍‌ରେ ଭାରତର ବୈଷ୍ଣବନାଥ ସୁରେଶ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ପୁରୁଷ ୫୦ କିଗ୍ରା ବର୍ଗର ଫାଇନାଲରେ ସୁରେଶ ୫-୦ ସ୍କୋରରେ ଜାପାନ ବକ୍ସର ଇୱାଇଙ୍କୁ ପରାସ୍ତ କରିଥିଲେ। ଫଳରେ ଏହି ଟୁର୍ଣ୍ଣାମେଣ୍ଟରେ ଏକମାତ୍ର ପୁରୁଷ ବକ୍ସର ଭାବେ ସୁରେଶ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ମହିଳା ବିଭାଗରେ ମିନାକ୍ଷୀ ହୁଡା (୪୮ କିଗ୍ରା), ପ୍ରୀତି ପାୱାର (୫୪କେଜି), ପ୍ରିୟା ଗଙ୍ଗହାସ (୬୦ କିଗ୍ରା) ଓ ଅରୁନ୍ଧତୀ ଚୌଧୁରୀ (୭୦କିଗ୍ରା) ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଭାରତ ଏଥିସହ ଏହି ସମ୍ମାନଜନକ ପ୍ରତିଯୋଗିତାରେ ୫ ସ୍ୱର୍ଣ୍ଣ ସହ ମୋଟ୍ ୧୬ଟି ପଦକ ଜିତି ଟେବଲର ଦ୍ୱିତୀୟ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ଛ'ଟି ସ୍ୱର୍ଣ୍ଣ ଜିତି କାଜାଖସ୍ତାନ ଟେବଲର ଶୀର୍ଷ ସ୍ଥାନ ହାସଲ କରିଛି।

# ହ୍ୱାଇଟ୍ ଭାରତୀୟ ଜୁନିଅର ମହିଳା ହକି ଦଳର ନୂଆ କୋଚ୍

ନୂଆଦିଲ୍ଲୀ, ୧୦।୪ (ଏଜେନ୍ସି): ଟିମ୍ ହ୍ୱାଇଟ୍ ଭାରତୀୟ ଜୁନିଅର ମହିଳା ହକି ଦଳର ନୂଆ କୋଚ୍ ନିଯୁକ୍ତ ହୋଇଛନ୍ତି। ହକି ଇଣ୍ଡିଆ ପକ୍ଷରୁ ଶୁକ୍ରବାର ଏହି ଅଷ୍ଟ୍ରେଲୀୟ କୋଚ୍‌ଙ୍କ ନିଯୁକ୍ତି ନେଇ ଅଫିସିଆଲ୍ ଘୋଷଣା କରାଯାଇଛି। ଗତ ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ରେ ହ୍ୱାଇଟ୍ ତାମିଲନାଡୁ ଡ୍ରାଗନ୍ସ ଦଳର ମୁଖ୍ୟକୋଚ୍ ରହିଥିଲେ। ସେହିଭଳି ହାଇପରଫର୍ମାନ୍ସ କୋଚ୍ ଭାବେ ହ୍ୱାଇଟ ବେଲ୍‌ଜିୟମ ଓ ଅଷ୍ଟ୍ରେଲିଆ ଜୁନିଅର ଦଳ ସହ କାର୍ଯ୍ୟ କରିସାରିଛନ୍ତି। ତାଙ୍କ ପ୍ରଶିକ୍ଷଣରେ ବେଲ୍‌ଜିୟମ ଦଳ ୨୦୨୫ ଜୁନିଅର ମହିଳା ହକି ବିଶ୍ୱକପ୍‌ରେ କାଂସ୍ୟ ପଦକ ଜିତିଥିଲା। ସେହିଭଳି ୨୦୨୪ ପ୍ୟାରିସ ଅଲିମ୍ପିକ୍ସରେ ସେମିଫାଇନାଲରେ ପ୍ରବେଶ କରିଥିବା ବେଲ୍‌ଜିୟମ ସିନିଅର ଦଳର ମଧ୍ୟ ପ୍ରଶିକ୍ଷକ ଭାବେ କାର୍ଯ୍ୟ କରିଥିଲେ। ଏହାବାଦ୍ ଅଷ୍ଟ୍ରେଲିଆ ଜୁନିଅର ଦଳକୁ ବିଶ୍ୱକପ କାଂସ୍ୟ ପଦକ ଜିତାଇବାରେ ମଧ୍ୟ ତାଙ୍କର ପ୍ରମୁଖ ଅବଦାନ ରହିଛି। 'କୋଚ୍ ଭାବେ ହ୍ୱାଇଟ୍‌ଙ୍କ ରେକର୍ଡ ବହୁତ ଭଲ ରହିଛି। ତାଙ୍କୁ ଆମେ ଜୁନିଅର ଦଳକୁ ସ୍ୱାଗତ କରୁଛି। ତାଙ୍କର ପ୍ରଚୁର ଅଭିଜ୍ଞତା ଭାରତୀୟ ଜୁନିଅର ଖେଳାଳିଙ୍କ ଦକ୍ଷତା ବୃଦ୍ଧି କରିବାରେ ସହାୟକ ହେବ' ବୋଲି ହକି ଇଣ୍ଡିଆର ସଭାପତି ଦିଲୀପ ତିର୍କୀ କହିଛନ୍ତି।



### ଜାତୀୟ ସବ୍‌ଜୁନିଅର ବାଳିକା ହକି

## ସେମିରେ ହାରିଲା ଓଡ଼ିଶା; ଏବେ କାଂସ୍ୟ ପାଇଁ ଲଢ଼ିବ

ଭୁବନେଶ୍ୱର, ୧୦।୪ (ସମିସ): ରାଞ୍ଚିରେ ଚାଲିଥିବା ଜାତୀୟ ସବ୍‌ଜୁନିଅର ବାଳିକା ହକି ଚାମ୍ପିଅନସିପ୍ (ଡିଭିଜନ-ଏ)ର ୧୬ତମ ସଂସ୍କରଣରେ ଓଡ଼ିଶା ଦଳକୁ ନିରାଶ ହେବାକୁ ପଡ଼ିଛି। ଓଡ଼ିଶା ବାଳିକା ଦଳ ସେମିଫାଇନାଲରେ ପରାଜୟର ସମ୍ମୁଖୀନ ହୋଇଛି। ଶୁକ୍ରବାର ଖେଳାଯାଇଥିବା ପ୍ରଥମ ସେମିଫାଇନାଲ ମ୍ୟାଚରେ ମଧ୍ୟପ୍ରଦେଶ ୨-୧ ଗୋଲରେ ଓଡ଼ିଶାକୁ ହରାଇ ଫାଇନାଲରେ ସ୍ଥାନ ପକ୍କା କରିଛି। ଅଧିନାୟିକା ରୁବିନାଙ୍କ ଗୋଲ୍ ବଳରେ ଓଡ଼ିଶା ପ୍ରଥମାର୍ଦ୍ଧରେ ୧-୦ରେ ଅଗ୍ରଣୀ ରହିଥିଲା। କିନ୍ତୁ ଦ୍ୱିତୀୟାର୍ଦ୍ଧ ତଥା ୪ର୍ଥ କ୍ୱାର୍ଟରରେ ୨ଟି ଗୋଲ୍ ଦେଇ ମଧ୍ୟପ୍ରଦେଶ ମ୍ୟାଚକୁ ହାତେଇନେଇଥିଲା। ଶନିବାର ମଧ୍ୟପ୍ରଦେଶ ଓ ଝାଡ଼ଖଣ୍ଡ ମଧ୍ୟରେ ଟାଇଟଲ୍ ପାଇଁ ଲଢ଼େଇ ହେବ। ଟାଇଟଲ୍ ଦାବିଦାର ଝାଡ଼ଖଣ୍ଡ ଦ୍ୱିତୀୟ ସେମିଫାଇନାଲରେ ୨-୦ ଗୋଲ୍‌ରେ ଉତ୍ତର ପ୍ରଦେଶକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ଅପରପକ୍ଷରେ ସେମିଫାଇନାଲର ଦୁଇ ପରାଜିତ ଦଳ ଓଡ଼ିଶା ଓ ଉତ୍ତର ପ୍ରଦେଶ ମଧ୍ୟରେ ଶନିବାର କାଂସ୍ୟ ପଦକ ପାଇଁ ଲଢ଼େଇ ହେବ। ଉଲ୍ଲେଖଯୋଗ୍ୟ, ପୂର୍ବରୁ ବିହାରରେ ଅନୁଷ୍ଠିତ ପୁରୁଷ ବିଭାଗ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା କ୍ୱାର୍ଟର ଫାଇନାଲରେ ଉତ୍ତର ପ୍ରଦେଶଠାରୁ ୬-୩ ଗୋଲରେ ହାରି ବିଦାୟ ନେଇସାରିଛି।

## ମୋଣ୍ଟେ କାର୍ଲୋ ମାଷ୍ଟର୍ସ ସେମିରେ ଜ୍ୱେରେଭ

ପ୍ୟାରିସ, ୧୦।୪ (ଏଜେନ୍ସି): ଜର୍ମାନୀର ଆଲେକ୍ସଜାଣ୍ଡର ଜ୍ୱେରେଭ ମୋଣ୍ଟେ କାର୍ଲୋ ମାଷ୍ଟର୍ସ ଟେନିସ ଟୁର୍ଣ୍ଣାମେଣ୍ଟର ୧୧୬ତମ ସଂସ୍କରଣର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲ ମୁକାବିଲାରେ ଜ୍ୱେରେଭ ୭-୫, ୬-୭ (୩/୭), ୬-୩ ସେଟରେ ବ୍ରାଜିଲର ଜୋଆଓ ଫୋନସେକାଙ୍କୁ ପରାସ୍ତ କରିଥିଲେ। ବିଶ୍ୱର ଦ୍ୱିତୀୟ ନମ୍ବର ଖେଳାଳି ଜ୍ୱେରେଭ ସେମିଫାଇନାଲରେ ଇଟାଲୀର ଜାନିକ ସିନ୍ନରଙ୍କୁ ଭେଟିବେ। ଅନ୍ୟ ଏକ କ୍ୱାର୍ଟରଫାଇନାଲରେ ଏକ ନମ୍ବର ମାନ୍ୟତାପ୍ରାପ୍ତ ଖେଳାଳି ସିନ୍ନର ୬-୩, ୬-୪ ସିଧାସଳଖ ସେଟରେ କାନାଡାର ଫେଲିକ୍ସ ଆଗର-ଆଲିସିମେଙ୍କ ସହ ହେବ। ଯଦି ଜ୍ୱେରେଭ ଏଠାରେ ଚାମ୍ପିଅନ ହୁଅନ୍ତି ତେବେ ୧୨ ମାସ ପରେ ଏହା ତାଙ୍କର ପ୍ରଥମ ଏଟିପି ଟାଇଟଲ୍ ହେବ।

# ସିଏମ୍ ଟ୍ରଫି ଭଲିବଲ୍ ଚାମ୍ପିଅନସିପ୍ ଉଦ୍‌ଘାଟିତ



ଭୁବନେଶ୍ୱର, ୧୦।୪ (ସମିସ): ମୁଖ୍ୟମନ୍ତ୍ରୀ (ସିଏମ୍) ଟ୍ରଫି ଭଲିବଲ୍ ଚାମ୍ପିଅନସିପ୍ ଶୁକ୍ରବାରଠାରୁ ରାଜ୍ୟର ବିଭିନ୍ନ ସ୍ଥାନରେ ଆରମ୍ଭ ହୋଇଛି। ଏଥିରେ ୧୪ ବର୍ଷରୁ କମ୍ ବାଳକ ଓ ବାଳିକାବର୍ଗରେ ଅନ୍ତଃଜିଲ୍ଲା କ୍ଲବ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଓଡ଼ିଶା ଭଲିବଲ୍ ସଂଘ (ଓଭା), ବିଭିନ୍ନ ଜିଲ୍ଲା ଆଥ୍‌ଲେଟିକ ସଂଘ, ଜିଲ୍ଲା କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ହେଉଥିବା ଏହି ପ୍ରତିଯୋଗିତା ଏପ୍ରିଲ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଜଗତସିଂହପୁର ଜିଲ୍ଲାର ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମରେ ମଧ୍ୟ ଏହି ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି।

ତୃଣମୂଳସ୍ତରରୁ ଯୁବ ଓ ପ୍ରତିଭାବାନ ଭଲିବଲ୍ ଖେଳାଳିଙ୍କୁ ଚିହ୍ନଟ କରି ସେମାନଙ୍କୁ ଆଗକୁ ଆଣିବା ଲକ୍ଷ୍ୟରେ ଭଲିବଲ ସମେତ ଫୁଟ୍‌ବଲ୍ ଓ ଖୋ-ଖୋ ପ୍ରତିଯୋଗିତା ଆୟୋଜିତ ହେଉଛି।

### ୧୭ ଜିଲ୍ଲାରେ ଫୁଟ୍‌ବଲ ଆରମ୍ଭ

ସେହିଭଳି ଶୁକ୍ରବାରଠାରୁ ରାଜ୍ୟର ୧୭ଟି ଜିଲ୍ଲାରେ ସିଏମ୍ ଟ୍ରଫି ଅନ୍ତଃକ୍ଲବ ଫୁଟ୍‌ବଲ ଚାମ୍ପିଅନସିପ୍ ଆରମ୍ଭ ହୋଇଛି। ଫୁଟ୍‌ବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ଓ ରାଜ୍ୟ ସରକାରଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଚାମ୍ପିଅନସିପ୍‌ର ପ୍ରଥମ ଫେଜରେ ଅନୁଗୋଳ, ବଲାଙ୍ଗିର, ବରଗଡ଼, ବୌଦ୍ଧ, କଟକ, ଦେଓଗଡ଼, ଗଞ୍ଜାବ, ଝାରସୁଗୁଡ଼ା, କଳାହାଣ୍ଡି, କନ୍ଧମାଳ, କେନ୍ଦୁଝର, କୋରାପୁଟ, ସୁନ୍ଦରଗଡ଼, ରାଉରକେଲା, ସମ୍ବଲପୁର ଓ ଭୁବନେଶ୍ୱରରେ ମ୍ୟାଚ୍ ଖେଳାଯାଉଛି। ୧୪ ବର୍ଷରୁ କମ୍ ବୟସବର୍ଗର ଖେଳାଳିଙ୍କୁ ନେଇ ଚାଲିଥିବା ଏହି ଚାମ୍ପିଅନସିପ୍ ଏହା ଦ୍ୱିତୀୟ ସଂସ୍କରଣ। ପ୍ରତ୍ୟେକ ଜିଲ୍ଲାର ଜିଲ୍ଲାପାଳ, ଏସ୍‌ପି, ଜିଲ୍ଲା କ୍ରୀଡ଼ା ଅଧିକାରୀ ପ୍ରମୁଖ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ।

## ମାଲେସିଆ ଓପନ୍‌ରେ ପ୍ରତ୍ୟାଶାଙ୍କୁ ରୌପ୍ୟ

ଭୁବନେଶ୍ୱର, ୧୦।୪ (ସମିସ): ଓଡ଼ିଶାର ପ୍ରତିଭାବାନ ସନ୍ତରଣକାରୀ ପ୍ରତ୍ୟାଶା ରାୟ ତାଙ୍କ କ୍ୟାରିୟରରେ ଆଉ ଏକ ଅନ୍ତର୍ଜାତୀୟ ପଦକ ଯୋଡ଼ିଛନ୍ତି। କ୍ୱାଲାଲୁମ୍ପୁରର ନ୍ୟାସନାଲ ଆକ୍ୱାଟିକ ସେଣ୍ଟରରେ ଚାଲିଥିବା ୬୮ତମ ମାଲେସିଆ ଓପନ୍ ସୁଇମିଂ ଚାମ୍ପିଅନସିପରେ ପ୍ରତ୍ୟାଶା ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ପ୍ରତ୍ୟାଶା ମହିଳା ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକରେ ଦ୍ୱିତୀୟ ସ୍ଥାନରେ ରହି ଏହି ସଫଳତା ପାଇଥିଲେ। ଏହି ଦୂରତାକୁ ସେ ୧ ମିନିଟ୍ ୦୫.୦୫ ସେକେଣ୍ଡରେ ଫିନିଶ କରିଥିଲେ। ଘରୋଇ ସନ୍ତରଣକାରୀ ଚୋଙ୍ଗ ଜିଆନ ଲିନ (୧:୦୪.୦୨ ସେକେଣ୍ଡ) ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣ ପଦକ ହାତେଇନେଇଥିଲେ। ପ୍ରତ୍ୟାଶା ବର୍ତ୍ତମାନ କଳିଙ୍ଗ ଷ୍ଟାଡିୟମସ୍ଥିତ ଜେଏସଡବ୍ଲ୍ୟୁ ସୁଇମିଂ ଏଚ୍‌ପିସିରେ ପ୍ରଶିକ୍ଷଣ ନେଉଛନ୍ତି। ଏହି ସଫଳତା ଲାଗି ତାଙ୍କୁ ଚାରିଆଡ଼ୁ ଶୁଭେଚ୍ଛାର ସୁଅ ଛୁଟିଛି।




## କିସ୍ ଚେସ୍ ଖେଳାଳିଙ୍କୁ ଭେଟିଲେ 'ଫିଡେ' ସଭାପତି

ଭୁବନେଶ୍ୱର, ୧୦।୪ (ସମିସ): ଅନ୍ତର୍ଜାତୀୟ ଚେସ୍ ମହାସଂଘ ଫିଡେର ସଭାପତି ଅର୍କାଡି ଭୋର୍କୋଭିଚ କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନ୍ସ (କିସ୍)ର ଚେସ୍ ଖେଳାଳିଙ୍କୁ ଭେଟିଛନ୍ତି। ଅଲମାଟୀରେ ଚାଲିଥିବା ଫିଡେ ବିଶ୍ୱ ସ୍କୁଲ ଟିମ୍ ଚେସ୍ ଚାମ୍ପିଅନସିପ୍ (୧୪ ବର୍ଷରୁ କମ୍) ଲାଗି ଭାରତୀୟ ଦଳ ସହ କିସ୍‌ର ୪ଜଣ ଖେଳାଳି ବର୍ତ୍ତମାନ କାଜାଖସ୍ତାନ ଗସ୍ତରେ ରହିଛନ୍ତି। ଏହି ୪ଜଣ ଖେଳାଳି ହେଲେ ମୋହିନୀ ନାଏକ, ମୋନାଲିସା ଭୋଇ, ଶ୍ରେୟା ନାୟକ ଓ ହୁମେଶ୍ୱରୀ ମଲ୍ଲିକ। ଏହି ଅବସରରେ ଶୁକ୍ରବାର ଫିଡେ ସଭାପତି ଅର୍କାଡି ଏହି ୪ଜଣ ଖେଳାଳିଙ୍କ ସହ ଆଲୋଚନା କରିଥିଲେ। ଯେଉଁଥିରେ କାଜାଖସ୍ତାନରେ ସେମାନଙ୍କର ଅଭିଜ୍ଞତା, ସେମାନଙ୍କୁ ପ୍ରଦାନ କରାଯାଉଥିବା ଆତିଥ୍ୟ, କିସ୍‌ରେ ସେମାନଙ୍କର ତାଲିମ ବିଷୟରେ ଅର୍କାଡି ପଚାରି ବୁଝିଥିଲେ। ଏଥିସହ ଆଦିବାସୀ ଯୁବକ ଯୁବତୀଙ୍କୁ ଆଗକୁ ବଢ଼ିବା ପାଇଁ କିଟ୍ ଓ କିସ୍ ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତଙ୍କ ପ୍ରୟାସକୁ ଫିଡେ ସଭାପତି ବେଶ୍ ପ୍ରଶଂସା କରିଥିଲେ। ସେହିଭଳି ଗତ ଜାନୁଆରୀରେ କିଟ୍ ବିଶ୍ୱବିଦ୍ୟାଳୟରେ ଫିଡେ ଗ୍ଲୋବାଲ ସମ୍ମିଳନୀ ଆୟୋଜନକୁ ମଧ୍ୟ ଅର୍କାଡି ପ୍ରଶଂସା କରିଥିଲେ। ଅପରପକ୍ଷରେ କିସ୍‌ର ଯୁବ ଚେସ୍ ଖେଳାଳିଙ୍କୁ ଭେଟି ସେମାନଙ୍କୁ ଉତ୍ସାହିତ କରିଥିବାରୁ ଅର୍କାଡିଙ୍କୁ ପ୍ରଫେସର ସାମନ୍ତ କୃତଜ୍ଞତା ଜଣାଇଛନ୍ତି।



### କଟକରେ ପ୍ରଥମ ସର୍ବଭାରତୀୟ ଇନଡୋର ରୋଇଂ ଆରମ୍ଭ

## ପ୍ରଥମ ଦିନରେ ଓଡ଼ିଶାକୁ ୮ ସ୍ୱର୍ଣ୍ଣ ସହ ୧୪ ପଦକ

ଭୁବନେଶ୍ୱର, ୧୦।୪ (ସମିସ): ସର୍ବଭାରତୀୟ ଇନଡୋର ରୋଇଂ ଚାମ୍ପିଅନସିପ୍‌ର ପ୍ରଥମ ସଂସ୍କରଣ ଶୁକ୍ରବାର କଟକର ଜବାହରଲାଲ ନେହରୁ ଇନଡୋର ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଯାଇଛି। ପ୍ରତିଯୋଗିତାର ପ୍ରଥମ ଦିବସରେ ଓଡ଼ିଶା ରୋୟରମାନେ ଦମ୍‌ଦାର ପ୍ରଦର୍ଶନ କରି ମୋଟ୍ ୧୪ଟି ପଦକ ଜିତିଛନ୍ତି। ଯେଉଁଥିରେ ୮ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୨ଟି କାଂସ୍ୟ ପଦକ ରହିଛି। ଓପନ୍ ମହିଳା ଇଣ୍ଡିଭିଜୁଆଲରେ ନେହା, ଓପନ୍ ଏଲିଟ୍ ମହିଳା ଇଣ୍ଡିଭିଜୁଆଲରେ ପବିତ୍ରା, ୨୩ ବର୍ଷରୁ କମ୍ ମହିଳା ଏଲିଟରେ ଦୀକ୍ଷା, ୨୩ ବର୍ଷରୁ କମ୍ ମହିଳା ଏଲିଟ୍ ପେୟାରରେ ମଞ୍ଜୁ କୁମାରୀ ଓ ମନୀଷା ଚୌଧୁରୀ ଯୋଡ଼ି, ଏଲିଟ୍ ମିକ୍ସ ପେୟାରରେ ପ୍ରିୟାଂଶୁ ଓ ସଞ୍ଜୁ କୁମାରୀ ଯୋଡ଼ି, ଏଲିଟ୍ ପୁରୁଷ ପେୟାରରେ ଆୟୁଷ ବଳ ଓ ଅଭିରାଜ ଯୋଡ଼ି, ୧୭ ବର୍ଷରୁ କମ୍ ମିକ୍ସ ପେୟାରରେ ତେଜବୀର ଓ ଶିବାନୀ ଯୋଡ଼ି ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ମୋଟ୍ ୩୪ଟି ଇଭେଣ୍ଟରେ ଆୟୋଜିତ ହେଉଥିବା ଏହି ପ୍ରତିଯୋଗିତା ୪ ଦିନ ଧରି ଚାଲିବ। ତେଣୁ ଓଡ଼ିଶା ଆହୁରି ପଦକ ଜିତିବ ବୋଲି ଆଶା କରାଯାଉଛି।

ଭାରତୀୟ ରୋଇଂ ମହାସଂଘ ଓ ଓଡ଼ିଶା ଆସୋସିଏସନ ଫର୍ ରୋଇଂ ଆଣ୍ଡ ସ୍କଲିଂର ମିଳିତ ସହଯୋଗରେ ଏହି ଚାମ୍ପିଅନସିପ୍‌କୁ ପୂର୍ବତନ ଡିଜିପି ପ୍ରକାଶ ମିଶ୍ର ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଓଡ଼ିଶା ଅଲିମ୍ପିକ ସଂଘର ସମ୍ପାଦକ ଅଭିଜିତ ପାଲ୍, ସିଏମସି ମେୟର ସୁବାସ ସିଂ, ରାଜ୍ୟ ରୋଇଂ ସଂଘର ସଭାପତି ବିନୋଦ ଦାସ, ସମ୍ପାଦକ ଅମରଜ୍ୟୋତି ସିଂଦେଓ ସମ୍ମାନିତ ଅତିଥିଭାବେ ଉପସ୍ଥିତ ରହିଥିଲେ। ସାରା ଦେଶରୁ ୩୫୦ ପୁରୁଷ ଓ ୨୫୦ ମହିଳା ରୋୟର ଅଂଶଗ୍ରହଣ କରିଛନ୍ତି।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS

| ମୁଦ୍ରା ବିନିମୟ ମୂଲ୍ୟ | ସୁନା, ରୁପା ଦର (ଟଙ୍କାରେ) | ଷ୍ଟକ୍ ମାର୍କେଟ୍ | ପେଟ୍ରୋଲ-ଡିଜେଲ୍ |
|---|---|---|---|
| ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ) | ୧୦ ଗ୍ରାମ ପିଛା (୨୨ କ୍ୟାରେଟ୍) | ବଜାର କାରବାର (ପଏଣ୍ଟରେ) | ଲିଟର ପିଛା (ଟଙ୍କାରେ) |
| ● ଡଲାର ୯୨.୫୮ ● ପାଉଣ୍ଡ ୧୨୪.୩୯ | ● ସୁନା: ୧,୩୯,୬୫୦ (ଭୁବନେଶ୍ୱର) | ● ସେନ୍‌ସେକ୍ସ ୭୭,୫୫୦.୦୦ | ● ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର) |
| ● ୟୁରୋ ୧୦୮.୩୬ ● ୟେନ୍ ୦.୫୮ | ● ରୁପା : ୨,୬୫,୦୦୦ (କେଜି) | ● ନିଫ୍ଟି ୨୪,୦୫୦.୦୦ | ● ଡିଜେଲ୍ - ୯୨.୮୦ |

## ବୈଶ୍ୱିକ ତୈଳ ସଙ୍କଟ

# ଭାରତୀୟ ଅର୍ଥ ବ୍ୟବସ୍ଥା ଉପରେ ବିପଦ

ନୂଆଦିଲ୍ଲୀ,୧୦।୪(ଏଜେନ୍ସି): ପ୍ରାୟ ୪୦ ଦିନର ସଂଘର୍ଷ ପରେ ଆମେରିକା ଏବଂ ଇରାନ ମଧ୍ୟରେ ଦୁଇ ସପ୍ତାହର ଅସ୍ତ୍ରବିରତି ବିଶ୍ୱ ବଜାର ପାଇଁ ନୂଆ ଆଶା ସୃଷ୍ଟି କରିଛି। ହେଲେ ଏବେ ବି ବିଶ୍ୱ ତେଲ ବଜାର ଅସ୍ଥିର। ଯୁଦ୍ଧ ସମୟରେ ହର୍ମୁଜ୍ ପ୍ରଣାଳୀ ଦେଇ ବିଶ୍ୱର ତୈଳ ଏବଂ ଗ୍ୟାସ ଯୋଗାଣ ପ୍ରାୟତଃ ବନ୍ଦ ହୋଇଯାଇଥିଲା। ଯୁଦ୍ଧବିରତି ପରେ ବି ଯୋଗାଣ ତୁରନ୍ତ ସ୍ୱାଭାବିକ ହୋଇପାରୁନାହିଁ। ଏହି ସଙ୍କଟ ଆଉ କେବଳ ଯୁଦ୍ଧ ଯୋଗୁଁ ନୁହେଁ, ବରଂ ଲଜିଷ୍ଟିକ୍ସ ଏବଂ ଉତ୍ପାଦନ ବ୍ୟବସ୍ଥାର ବିଭ୍ରାଟ ଯୋଗୁଁ ହୋଇଛି। ବର୍ତ୍ତମାନ ତୈଳ ବଜାରର ସବୁଠାରୁ ବଡ଼ ସମସ୍ୟା ହେଉଛି ଜାହାଜ ଚଳାଚଳ ନେଟୱାର୍କରେ ବିଭ୍ରାଟ। ଯୁଦ୍ଧ ସମୟରେ, ଟ୍ୟାଙ୍କରଗୁଡ଼ିକ ଫସି ରହିଥିଲେ କିମ୍ବା ବିଶ୍ୱର ବିଭିନ୍ନ ସ୍ଥାନକୁ ସ୍ଥାନାନ୍ତରିତ ହୋଇଥିଲେ। ବର୍ତ୍ତମାନ ଯେହେତୁ ମାର୍ଗ ଖୋଲା ଅଛି, ଏହି ଜାହାଜଗୁଡ଼ିକୁ ଉପସାଗରୀୟ ଅଞ୍ଚଳକୁ ଫେରିବାକୁ ସପ୍ତାହେ ସମୟ ଲାଗିବ। ଯେ ପର୍ଯ୍ୟନ୍ତ ଏହି ଜାହାଜଗୁଡ଼ିକ ପହଞ୍ଚିବେ ଲକ୍ଷ ଲକ୍ଷ ବ୍ୟାରେଲ ତେଲ ଭଣ୍ଡାରରେ ଫସିରହିବ। ଏହି କାରଣରୁ ବୃଦ୍ଧି ପାଇବା ପରିବର୍ତ୍ତେ ଯୋଗାଣ ବନ୍ଦ କରାଯାଉଛି, ଯାହା ମୂଲ୍ୟ ଉପରେ ଚାପ ପକାଇ ଚାଲିଛି। ଅପରପକ୍ଷେ ବିଶ୍ୱ ବ୍ୟାଙ୍କ ଅର୍ଥନୀତିଜ୍ଞମାନେ ଗୁରୁବାର କହିଛନ୍ତି ଯେ ଦୀର୍ଘକାଳୀନ ଉଚ୍ଚ ତୈଳ ମୂଲ୍ୟ ଭାରତର ଅର୍ଥନୀତିକୁ ଗୁରୁତ୍ୱପୂର୍ଣ୍ଣ ଭାବରେ ପ୍ରଭାବିତ କରିପାରେ। ଏହାର ପ୍ରଭାବରେ ଦର ବଢ଼ିଲେ ମୁଦ୍ରାସ୍ଫୀତି ବଢ଼ିବ ଆଉ ଭାରତୀୟ ବଜାର ମହଙ୍ଗା ହେବ। ଏହା




**ଦର ବଢ଼ିଲେ ବଜାର ହେବ ମହଙ୍ଗା।**
**ଅତ୍ୟଧିକ ସବ୍‌ସିଡି ପାଇଁ ଧିମା ପଡିବ ପୁଞ୍ଜି ବ୍ୟୟ**
**ହ୍ରାସ ପାଇବ ଘରୋଇ ପୁଞ୍ଜି ନିବେଶ**

ଭାରତୀୟ ଅର୍ଥ ବ୍ୟବସ୍ଥା ପାଇଁ ବଡ଼ ବିପଦ ବୋଲି ବିଶ୍ୱ ବ୍ୟାଙ୍କ କହିଛି। ରିପୋର୍ଟରେ କୁହାଯାଇଛି ଯେ ରନ୍ଧନ ଗ୍ୟାସ୍ ଏବଂ ସାର ଉପରେ ଅଧିକ ସବସିଡି ଯୋଗୁଁ ଭାରତ ସରକାରଙ୍କ ସରକାରୀ ଖର୍ଚ୍ଚ ଅଭିବୃଦ୍ଧି ମନ୍ଥର ହେବ। ଏହା ବ୍ୟତୀତ, କଞ୍ଚାମାଲ ମୂଲ୍ୟରେ ବୃଦ୍ଧି ଏବଂ ବିଶ୍ୱ ଅନିଶ୍ଚିତତା ଯୋଗୁଁ ଘରୋଇ ନିବେଶ ମଧ୍ୟ ହ୍ରାସ ପାଇବାର ସମ୍ଭାବନା ରହିଛି। ସମ୍ଭାବିତ ରୂପେ ଏଭଳି ସ୍ଥିତି ଏସୀୟ ଦେଶଗୁଡିକର ବିକାଶ ସମ୍ଭାବନାକୁ ମଧ୍ୟ ପ୍ରଭାବିତ କରିପାରେ। ଏହାଛଡା ବୈଶ୍ୱିକ ବିତ୍ତୀୟ ସ୍ଥିତି କଡ଼ା ହେବା ଯୋଗୁ ଋଣ କରିବା ମହଙ୍ଗା ହୋଇପାରେ। ଏଣୁ ବିକାଶ ଲାଗି ଦେଶ ଆଗରେ ବଡ଼ ଆହ୍ୱାନ ସୃଷ୍ଟି ହେବାର ସମ୍ଭାବନା ରହିଛି।

ବିଶ୍ୱ ବ୍ୟାଙ୍କରେ ଭାରତର ପ୍ରମୁଖ ଅର୍ଥନୀତିଜ୍ଞ ଅରେଲିଏନ୍ କ୍ରାଉଜ୍ ଏକ ଜାତୀୟ ପ୍ରୟୋଗାତ୍ମକ ଅର୍ଥନୀତିଜ୍ଞ ପରିଷଦ (ଏନ୍‌ସିଏଇଆର୍) କାର୍ଯ୍ୟକ୍ରମରେ କହିଛନ୍ତି ଯେ ଶକ୍ତି ବଜାରରେ ବାଧା ଏବଂ ଆର୍ଥିକ ଅସ୍ଥିରତା ଯୋଗୁଁ ସୃଷ୍ଟି ହୋଇଥିବା ଅଶାନ୍ତି ଦ୍ୱାରା ଅଭିବୃଦ୍ଧି ପୂର୍ବରୁ ପ୍ରଭାବିତ ହୋଇଛି। ଯଦିଓ ଆର୍ଥିକବର୍ଷର ପ୍ରାରମ୍ଭ ଭାରତ ପାଇଁ ଦୃଢ଼ ପ୍ରଦର୍ଶନ ସହିତ ଆରମ୍ଭହୋଇଛି,ହେଲେ ଭାରତ ଶକ୍ତିର ଏକ ନିଟ୍ ଆମଦାନୀକାରୀ। ଏହା ଭାରତର ଦୁର୍ବଳତାର ଏକ ଗୁରୁତ୍ୱପୂର୍ଣ୍ଣ ବିନ୍ଦୁ, କିନ୍ତୁ ଏହା ଦକ୍ଷିଣ କୋରିଆ କିମ୍ବା ଥାଇଲ୍ୟାଣ୍ଡ ପରି ଅନ୍ୟ ଦେଶ ତୁଳନାରେ ମଧ୍ୟମ। ସେ କହିଛନ୍ତି ଯେ ଭାରତରେ ଖୁଚୁରା ସ୍ତରରେ ବର୍ଦ୍ଧିତ ତୈଳ ମୂଲ୍ୟ ସମ୍ପୂର୍ଣ୍ଣ ଭାବରେ ଗ୍ରାହକଙ୍କ ଉପରକୁ ନ ଛାଡିବା ଦରକାର। ସରକାରଙ୍କ ପାଖରେ ଏହି ଆଘାତକୁ ହ୍ରାସ କରିବା ପାଇଁ ପର୍ଯ୍ୟାପ୍ତ ନୀତିଗତ ବ୍ୟବସ୍ଥା ରହିଛି। ତଥାପି ସେ ଚେତାବନୀ ଦେଇଛନ୍ତି ଯେ ,ଭଳି ପରିସ୍ଥିତିରେ ବିଦେଶୀ ନିବେଶକଙ୍କ ମଧ୍ୟରେ ଭାରତୀୟପୁଞ୍ଜି ବଜାରକୁ ନେଇ ରହିଥିବା ଆଶଙ୍କା ବିଦେଶୀ ପୁଞ୍ଜି ପ୍ରବାହକୁ ଆହୁରି ଦୁର୍ବଳ କରିପାରେ।

## ଅନନ୍ତ ଅମ୍ବାନୀଙ୍କ ୩୧ ତମ ଜନ୍ମଦିନ




ମୁମ୍ବଇ, ୧୦।୪(ଏଜେନ୍ସି): ଶିଳ୍ପପତି ତଥା ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ମୁଖ୍ୟ ମୁକେଶ ଅମ୍ବାନୀଙ୍କ ସାନ ପୁଅ ତଥା ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅନନ୍ତ ଅମ୍ବାନୀଙ୍କର ୩୧ ତମ ଜନ୍ମଦିନ ପାଳିତ ହୋଇଯାଇଛି। ଏଥିପାଇଁ ଗୁଜୁରାଟର ଜାମନଗରରେ ଏକ ବିରାଟ ଉତ୍ସବ ଅନୁଷ୍ଠିତ ହୋଇଛି, ଯେଉଁଥିରେ ବଲିଉଡ ଏବଂ ଶିଳ୍ପର ଅନେକ ସେଲିବ୍ରିଟି ଯୋଗଦେଇଛନ୍ତି। ଅନନ୍ତ ଗୁରୁବାର ଜାମନଗରରେ ଗୋ ସେବା କରିଥିଲେ। ସେଥିରେ ୧ ଲକ୍ଷରୁ ଅଧିକ ଗାଇଙ୍କୁ ୫୬ଭୋଗ ପ୍ରଦାନ କରିଥିଲେ। ଜାମନଗର ଆଖପାଖ ଗ୍ରାମଗୁଡ଼ିକରେ ଏକ ଭୋଜିର ଆୟୋଜନ କରାଯାଇଥିଲା। ଭୋଜିରେ ଯୋଗଦେଇଥିବା ମହିଳାଙ୍କୁ ଶାଢ଼ି ଉପହାର ଦିଆଯାଇଥିଲା। ଜାମନଗରର ଗ୍ରାମଗୁଡ଼ିକରେ ପିଲାମାନଙ୍କୁ ସ୍କୁଲ କିଟ୍ ବଣ୍ଟନ କରାଯାଇଥିଲା। ଏହାବ୍ୟତୀତ, ଅନନ୍ତ ଅମ୍ବାନୀ ଦେଶର ଅନେକ ପ୍ରମୁଖ ମନ୍ଦିରକୁ କୋଟି କୋଟି ଟଙ୍କା ଦାନ କରିଛନ୍ତି। ଅନନ୍ତ ଅମ୍ବାନୀଙ୍କ ଦ୍ୱାରା ପ୍ରତିଷ୍ଠିତ ବିଶ୍ୱ ବନ୍ୟପ୍ରାଣୀ ସଂରକ୍ଷଣ ସଂଗଠନ ବନ୍‌ତାରା ଗୁଜୁରାଟର ଜାମନଗରରେ ବାନ୍‌ତାରା ବିଶ୍ୱବିଦ୍ୟାଳୟ ଆରମ୍ଭ କରିବାର ଘୋଷଣା କରିଛି। ଏହା ବନ୍ୟପ୍ରାଣୀ ସଂରକ୍ଷଣ ଏବଂ ପଶୁଚିକିତ୍ସା ବିଜ୍ଞାନ ପାଇଁ ଉତ୍ସର୍ଗୀକୃତ ବିଶ୍ୱର ପ୍ରଥମ ସମନ୍ୱିତ ବିଶ୍ୱ ବିଶ୍ୱବିଦ୍ୟାଳୟ ହେବ।

## ମହଙ୍ଗା ପଡ଼ିଲା ଇରାନ ସହ ଯୁଦ୍ଧ

# ଦୋହଲିଗଲା ଆମେରିକା ଅର୍ଥନୀତି

ନୂଆଦିଲ୍ଲୀ,୧୦।୪(ଏଜେନ୍ସି): ପଶ୍ଚିମ ଏସିଆରେ ଜାରି ଯୁଦ୍ଧର ପ୍ରଭାବ ଏବେ ବିଶ୍ୱର ସର୍ବ ବୃହତ ଅର୍ଥ ବ୍ୟବସ୍ଥା ଉପରେ ସ୍ପଷ୍ଟ ପରିଲକ୍ଷିତ ହେଉଛି। ଇରାନ ସହ ଯୁଦ୍ଧ ଓ ପଶ୍ଚିମ ଏସିଆରେ ଲାଗି ରହିଥିବା ଉତ୍ତେଜନା ଆମେରିକା ଅର୍ଥ ବ୍ୟବସ୍ଥା ଉପରେ ଚାପକୁ ଆହୁରି ବଢାଇ ଦେଇଛି। ତଥ୍ୟ ଅନୁସାରେ ୨୦୨୫ ଚତୁର୍ଥ ତ୍ରୈମାସିକରେ ଆମେରିକା ଅର୍ଥ ବ୍ୟବସ୍ଥାର ଅଭିବୃଦ୍ଧି ହାର ୦.୫% ଥିଲା। ଏହି ତଥ୍ୟ ପିଛିଲା ତ୍ରୈମାସିକମାନଙ୍କଠାରୁ ବେଶ୍ ଦୁର୍ବଳ। ୨୦୨୫ ଆର୍ଥିକବର୍ଷରେ ଆମେରିକାର ଜିଡିପି ଅଭିବୃଦ୍ଧି ହାର ମାତ୍ର ୨.୧% ରେକର୍ଡ କରାଯାଇଛି, ଯାହା ୨୦୨୪ର (୨.୮%) ଓ ୨୦୨୩ (୨.୯%)ତଥ୍ୟ ତୁଳନାରେ ବଡ଼ ହ୍ରାସକୁ ଦର୍ଶାଉଛି। ଗୋଟିଏ ପଟେ ଆମେରିକାର ଆର୍ଥିକ ବିକାଶ ଗତି ଧିମେଇଥିବାବେଳେ ଅନ୍ୟପଟେ ଭାରତ ଲାଗି ଭଲ ଖବର ଆସିବାରେ ଲାଗିଛି। ଅନ୍ତର୍ଜାତୀୟ ରେଟିଂ ଏଜେନ୍ସିଗୁଡିକ ଭାରତର ଅଭିବୃଦ୍ଧି ପୂର୍ବାନୁମାନକୁ ଲଗାତାର ବଢାଇ ଚାଲିଛନ୍ତି। ଏଥିରୁ ସ୍ପଷ୍ଟ ସଙ୍କେତ ମିଳୁଛି ଯେ ବୈଶ୍ୱିକ ଅନିଶ୍ଚିତତା ମଧ୍ୟରେ ଭାରତ ଏକ ମଜଭୁତ ଅର୍ଥ ବ୍ୟବସ୍ଥା ରୂପେ ଉଭା ହେବାକୁ ଯାଉଛି।




**ଭାରତର ଅଭିବୃଦ୍ଧି ପୂର୍ବାନୁମାନ ବଢ଼ାଇଲେ ଏଜେନ୍ସି**

ଗୋଟିଏ ପଟେ ଆମେରିକା ଅର୍ଥନୀତି ଚାପର ସମ୍ମୁଖୀନ ହୋଇଥିବାବେଳେ ଅନ୍ୟପଟେ ଭାରତୀୟ ଅର୍ଥ ବ୍ୟବସ୍ଥା ଦୃଢ ଭାବ ଆଗକୁ ବଢିବାରେ ଲାଗିଛି। ଏସୀୟ ବିକାଶ ବ୍ୟାଙ୍କ (ଏଡିବି) ୨୦୨୬ ଆର୍ଥିକବର୍ଷ ନିମନ୍ତେ ଭାରତର ବିକାଶ ହାର ୬.୯%କୁ ପହଞ୍ଚିବାର ଅନୁମାନ କରିଛି। ଏହା ପୂର୍ବରୁ ବିଶ୍ୱ ବ୍ୟାଙ୍କ ଭାରତର ଅଭିବୃଦ୍ଧି ହାର ୭.୬% ରହିବ ବୋଲି ଅନୁମାନ କରିଥିଲା। ଭାରତର ମଜଭୁତ ଘରୋଇ ଚାହିଦା ସାଙ୍ଗକୁ ଉନ୍ନତ ଆର୍ଥିକ ସ୍ଥିତିରେ ଆମେରିକାର ଟାରିଫ ହ୍ରାସ ଭାରତର ବିକାଶ ଯାତ୍ରାକୁ ଅଧିକ ବଳ ଦେଇଛି। ଗୋଟିଏପଟେ ଏସୀୟ ବିକାଶ ବ୍ୟାଙ୍କ ଭାରତର ଆର୍ଥିକ ବିକାଶକୁ ନେଇ ସକରାତ୍ମକ ଦୃଷ୍ଟିକୋଣ ବ୍ୟକ୍ତ କରୁଥିବା ବେଳେ ଅନ୍ୟପଟେ କିଛି ଜଟିଳତା ନେଇ ଚେତାବନୀ ମଧ୍ୟ ଜାରି କରିଛନ୍ତି। ରିପୋର୍ଟ ଅନୁସାରେ ପଶ୍ଚିମ ଏସିଆରେ ଲାଗି ରହିଥିବା ସଂଘର୍ଷ ଯୋଗାଣ ଶୃଙ୍ଖଳାକୁ ପ୍ରଭାବିତ କରିପାରେ। ଏଥିରେ ତୈଳ ମୂଲ୍ୟରେ ବୃଦ୍ଧି ଦେଖାଯାଇପାରେ। ଏପରି ଘଟଣାକ୍ରମ ଦେଶରେ ମୁଦ୍ରାସ୍ଫୀତି ବୃଦ୍ଧିର କାରଣ ହୋଇପାରେ। ଏସିୟ ବିକାଶ ବ୍ୟାଙ୍କ ୨୦୨୭ ନିମନ୍ତେ ଭାରତର ଜିଡିପି ବୃଦ୍ଧି ହାର ୭.୩% ରହିପାରେ ବୋଲି ଆକଳନ କରିଛି। ଆଶା କରାଯାଉଛି ୟୁରୋପୀୟ ସଂଘ (ଇୟୁ) ସହିତ ସମ୍ଭାବିତ ବାଣିଜ୍ୟିକ ବୁଝାମଣା, ସରକାରୀ କର୍ମଚାରୀଙ୍କ ବେତନ ବୃଦ୍ଧି ଓ ଜାରି ସଂସ୍କାର କାର୍ଯ୍ୟକ୍ରମ ଯୋଗୁ ଅର୍ଥବ୍ୟବସ୍ଥା ଆହୁରି ମଜଭୁତ ହେବ। ତେବେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ୨୦୨୭ ଲାଗି ସାମାନ୍ୟ କମ୍ ବୃଦ୍ଧି ହାର ଅନୁମାନ କରିଛନ୍ତି। ଅର୍ଥାତ ଭାରତର ଜିଡିପି ଅଭିବୃଦ୍ଧି ହାର ୬.୯% ରହିବା ନେଇ ଅନୁମାନ କରିଛି। ବର୍ତ୍ତମାନର ପରିସ୍ଥିତି ଅନୁଯାୟୀ, ଆଗକୁ ବୈଶ୍ୱିକ ଆର୍ଥିକ ସନ୍ତୁଳନରେ ବଡ଼ ପରିବର୍ତ୍ତନ ଘଟିବାକୁ ଯାଉଛି। ଗୋଟିଏ ପଟେ ଆମେରିକା ଭଳି ବଡ଼ ଅର୍ଥ ବ୍ୟବସ୍ଥାଗୁଡିକ ଆହ୍ୱାନର ସମ୍ମୁଖୀନ ହୋଇଥିବାବେଳେ ଅନ୍ୟପଟେ ଭାରତ ଭଳି ବିକାଶଶୀଳ ଦେଶଗୁଡିକ ଦ୍ରୁତ ବେଗରେ ଆଗକୁ ବଢୁଛନ୍ତି।

## ମଧ୍ୟପ୍ରାଚ୍ୟ ଯୁଦ୍ଧ ସଙ୍କଟ

# ପୁଣି ସୁନା ପାଇଁ ବିଶ୍ୱ ପାଗଳ

## ୧୯ ଦେଶର କେନ୍ଦ୍ରୀୟ ବ୍ୟାଙ୍କ କିଣିଲେ ୨୫ ଟନ୍ ସୁନା

ନୂଆଦିଲ୍ଲୀ,୧୦।୪(ଏଜେନ୍ସି): ଯେତେବେଳେ ସୁନା କଥା କୁହାଯାଏ, ସେତେବେଳେ ପ୍ରଥମ ନାମ ଯାହା ମନେ ପଡ଼େ ତାହା ହେଉଛି ଭାରତ ଏବଂ ଚୀନର ଖୁଚୁରା କ୍ରେତା। କିନ୍ତୁ ବିଶ୍ୱ ସ୍ତରରେ ବର୍ତ୍ତମାନ ଏକ ଭିନ୍ନ କାହାଣୀ ଲେଖାଯାଉଛି। ବର୍ତ୍ତମାନ ବିଶ୍ୱର କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ନୀରବ ଏବଂ ଆକ୍ରମଣାତ୍ମକ ଭାବରେ ସେମାନଙ୍କର ସୁନା ଭଣ୍ଡାର ବୃଦ୍ଧି କରୁଛନ୍ତି। ଏହି ଦୌଡରେ ପୋଲାଣ୍ଡ ଏବଂ ଉଜବେକିସ୍ତାନ ଭଳି ଦେଶମାନେ ନେତୃତ୍ୱ ନେଇଛନ୍ତି। ତେଣୁ, ଏହା ବୁଝିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଯେ ବିଶ୍ୱର ସରକାରମାନେ ହଠାତ୍ ଏତେ ସୁନା କାହିଁକି ସଂଗ୍ରହ କରୁଛନ୍ତି। 'କୋବେସି ଲେଟର'ରୁ ମିଳିଥିବା ତଥ୍ୟ ଅନୁସାରେ, ବିଶ୍ୱର କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ କ୍ରମାଗତ ଭାବେ ର ୨୩ ତମ ମାସ ପାଇଁ ସେମାନଙ୍କର ସୁନା କ୍ରୟ ଧାରା ଜାରି ରଖିଛନ୍ତି। କେବଳ ଫେବୃଆରୀ ମାସରେ ବିଶ୍ୱର କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ୧୯ ଟନ୍ ସୁନା କିଣିଥିଲେ। ଜାନୁଆରୀରେ ମଧ୍ୟ ୬ ଟନ୍ ସୁନା କିଣାଯାଇଥିଲା। ଏହାର ଅର୍ଥ ହେଉଛି ଚଳିତ ବର୍ଷ ଏ ପର୍ଯ୍ୟନ୍ତ ବ୍ୟାଙ୍କଗୁଡ଼ିକର ସେମାନଙ୍କର ଭଣ୍ଡାରରେ




୨୫ ଟନ୍ ସୁନା ଯୋଡିସାରିଛନ୍ତି। ପୋଲାଣ୍ଡ ଏହି ମାସରେ ସବୁଠାରୁ ବଡ଼ ଆଶ୍ଚର୍ଯ୍ୟ ଥିଲା। ପୋଲାଣ୍ଡର କେନ୍ଦ୍ରୀୟ ବ୍ୟାଙ୍କ କେବଳ ୨୦ ଟନ୍ ସୁନା କିଣିଥିଲା। ଦେଶ ପାଖରେ ଏବେ ମୋଟ ୫୭୦ ଟନ୍ ଗଚ୍ଛିତ ରହିଛି, ଯାହା ପୋଲାଣ୍ଡର ମୋଟ ବୈଦେଶିକ ମୁଦ୍ରା ଭଣ୍ଡାରର ପ୍ରାୟ ୩୧ ପ୍ରତିଶତ।

ସେହିପରି, ଉଜବେକିସ୍ତାନର କେନ୍ଦ୍ରୀୟ ବ୍ୟାଙ୍କ ଏହାର ତହବିଲରେ ୮ ଟନ୍ ସୁନା ଯୋଡିଛି। ଉଜବେକିସ୍ତାନର ସୁନା ଭଣ୍ଡାର ଏବେ ୪୦୭ ଟନ୍‌ରେ ପହଞ୍ଚିଛି, ଯାହା ସେମାନଙ୍କର ମୋଟ ବୈଦେଶିକ ମୁଦ୍ରା ଭଣ୍ଡାରର ୮୮ ପ୍ରତିଶତ। ଅନ୍ୟପକ୍ଷରେ, ବିଶ୍ୱର ଦ୍ୱିତୀୟ ବୃହତ୍ତମ ଅର୍ଥନୀତି ଚୀନ୍ ମଧ୍ୟ ସୁନା ପ୍ରତି ନିଜର ଦୀର୍ଘକାଳୀନ ଆକର୍ଷଣ ଛାଡି ପାରୁନାହିଁ। ଚୀନ୍ ଫେବୃଆରୀରେ ୧ ଟନ୍ ସୁନା କିଣିଛି, ଯାହା କ୍ରମାଗତ ୧୬ତମ ମାସ ପାଇଁ କ୍ରୟଧାରା ଜାରି ରଖିଛି। ଚୀନ୍‌ର ମୋଟ ସୁନା ଭଣ୍ଡାର ଏବେ ୨,୩୦୮ ଟନ୍‌ରେ ପହଞ୍ଚିଛି। ଅପରପକ୍ଷେ ମଧ୍ୟ ପ୍ରାଚ୍ୟ ସଙ୍କଟରେ କିଛି ଦେଶ ଆର୍ଥିକ ଚାପ ଯୋଗୁଁ ସେମାନଙ୍କର ସୁନା ବିକ୍ରି ମଧ୍ୟ କରୁଛନ୍ତି। ଫେବୃଆରୀ ମାସରେ ତୁର୍କୀ ଏବଂ ରୁଷର ସୁନା ଭଣ୍ଡାର ସର୍ବାଧିକ ହ୍ରାସ ରେକର୍ଡ ହୋଇଛି। ତୁର୍କୀ ୮ ଟନ୍ ଏବଂ ରୁଷ ୬ ଟନ୍ ବିକ୍ରି କରିଛି। ଇରାନ ଯୁଦ୍ଧ ଯୋଗୁଁ ସୃଷ୍ଟି ହୋଇଥିବା ଗମ୍ଭୀର ଆର୍ଥିକ ଚାପ ଏବଂ ବୈଦେଶିକ ମୁଦ୍ରା ଆବଶ୍ୟକତା ପୂରଣ କରିବା ପାଇଁ ତୁର୍କୀକୁ ମାର୍ଚ୍ଚ ମାସରେ ପ୍ରାୟ ୧୨୦ ଟନ୍ ସୁନା ବିକ୍ରି କରିବାକୁ ପଡିଥିଲା।

ପ୍ରକୃତରେ, ବିଶ୍ୱ ବର୍ତ୍ତମାନ ପ୍ରବଳ ଭୂ-ରାଜନୈତିକ ଉତ୍ତେଜନା ଅନୁଭବ କରୁଛି। ଇରାନ ଯୁଦ୍ଧ ଏବଂ ମଧ୍ୟପ୍ରାଚ୍ୟରେ ଉତ୍ତେଜନା ଯୋଗୁଁ ଶାନ୍ତି ଆଲୋଚନା ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟରେ ରହିଛି। ଆମେରିକା ହ୍ୱାଇଟ୍ ହାଉସ୍ ଇରାନ ସହିତ ସିଧାସଳଖ ଆଲୋଚନା ପାଇଁ ଇଙ୍ଗିତ କରୁଛି, କିନ୍ତୁ ଲେବାନନରେ ଇସ୍ରାଏଲୀ ଆକ୍ରମଣ ପରିସ୍ଥିତିକୁ ଆହୁରି ଖରାପ କରିଛି। ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟ ମାର୍ଗ, ହରମୁଜ୍ ପ୍ରଣାଳୀ, ପ୍ରାୟ ବନ୍ଦ ହୋଇଯାଇଛି। ଏହି ଅନ୍ତର୍ଜାତୀୟ ଅନିଶ୍ଚିତତା ଯୋଗୁଁ, ବିଶ୍ୱ ବଜାରରେ ସୁନା ପ୍ରତି ଆଉନ୍ସ ପ୍ରାୟ ୪୭୧୫ ଡଲାରରେ କାରବାର ହେଉଛି। ବିଶେଷଜ୍ଞମାନେ କହିଛନ୍ତି ଯେ ଯଦିଓ ବଜାର ପୁନରୁଦ୍ଧାର କ୍ଷଣସ୍ଥାୟୀ ଭାବରେ ଦୁର୍ବଳ ଦେଖାଯାଉଛି, ତଥାପି ଭବିଷ୍ୟତରେ ଦୃଢ଼ ଭୌତିକ ଚାହିଦା ସୁନାକୁ ସମର୍ଥନ କରିବ।

# ଭାରତରେ ଆମାଜନ୍‌ର କାଉଣ୍ଟରଫିଟ୍ କ୍ରାଇମ୍‌ସ ୟୁନିଟ୍

ମୁମ୍ବଇ,୧୦।୪: ଆମାଜନ ପକ୍ଷରୁ ଆଜି ଭାରତରେ ଏହାର କାଉଣ୍ଟରଫିଟ୍ କ୍ରାଇମ୍‌ସ ୟୁନିଟ (ସିସିୟୁ) ର ସମ୍ପ୍ରସାରଣ କରାଯାଇଛି। ଯାହା ଉପଭୋକ୍ତା ଓ ବ୍ରାଣ୍ଡଗୁଡିକୁ ନକଲି ସାମଗ୍ରୀରୁ ସୁରକ୍ଷା ଦେବାରେ ସାହାଯ୍ୟ କରିବ। ଏହି ୟୁନିଟ ଆମାଜନର ସ୍ଥାନୀୟ ବିଶେଷଜ୍ଞମାନଙ୍କୁ ଏକତ୍ରିତ କରିଛି ଯିଏ ନକଲି ପରିଚାଳନାଗୁଡିକର ମୁକାବିଲା କରିବା ଏବଂ ଭାରତର ଦ୍ରୁତ ଅଭିବୃଦ୍ଧିଶୀଳ ଇକମର୍ସ କ୍ଷେତ୍ରରେ ଉପଭୋକ୍ତାଙ୍କ ବିଶ୍ୱାସକୁ ବଜାୟ ରଖିବା ପାଇଁ ଭାରତୀୟ ବ୍ରାଣ୍ଡ, ସେଲର ଓ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥାଗୁଡିକ ସହ ମିଶି କାର୍ଯ୍ୟ କରିବେ। ଏହି ୟୁନିଟ ନକଲି ସାମଗ୍ରୀଗୁଡିକୁ ସକ୍ରିୟ ଭାବେ ଚିହ୍ନଟ କରିବା ଓ ଦୂର କରିବା, ଭୌତିକ ସମ୍ପତିଗୁଡିକୁ ସୁରକ୍ଷିତ ରଖିବା ଏବଂ ଠକ ବ୍ୟକ୍ତିଙ୍କ ବିରୋଧରେ ମିଳିତ ଆଇନଗତ କାର୍ଯ୍ୟାନୁଷ୍ଠାନକୁ ସକ୍ଷମ କରିବା ଉପରେ ଗୁରୁତ୍ୱ ଦେବ। ଏହି ପ୍ରୟାସ ଭାରତ ପ୍ରତି ଆମାଜନର ବିସ୍ତୃତ ଦୀର୍ଘକାଳିନ ପ୍ରତିବଦ୍ଧତା ସହ ଜଡିତ ରହିଛି, ଯେଉଁଥିରେ ୨୦୩୦ ସୁଦ୍ଧା ଦେଶରେ ଏହାର ବ୍ୟବସାୟଗୁଡିକରେ ୩୫ ବିଲିୟନ ଡଲାରରୁ ଅଧିକ ନିବେଶ ଯୋଜନା ଅନ୍ତର୍ଭୁକ୍ତ। ଏ ସମ୍ପର୍କରେ ଆମାଜନର କାଉଣ୍ଟରଫିଟ କ୍ରାଇମ୍‌ସ ୟୁନିଟର ନିର୍ଦ୍ଦେଶକ କେଭାରୁ ସ୍ମିଥ କହିଛନ୍ତି, ଆମର ଆନ୍ତର୍ଜାତୀୟ ଆଣ୍ଟି-କାଉଣ୍ଟର ଫିଟିଂ ପ୍ରୟାସଗୁଡିକ ଲକ୍ଷ ଲକ୍ଷ ଡଲାରର ସମ୍ଭାବ୍ୟ କ୍ଷତିକୁ ରୋକିବାରେ ସାହାଯ୍ୟ କରିଛି।

# ଜୟଆଲୁକ୍କାସ୍‌ରେ ଅକ୍ଷୟ ତୃତୀୟ କ୍ୟାଶ୍‌ବ୍ୟାକ୍ ଫେଷ୍ଟ

ଭୁବନେଶ୍ୱର,୧୦।୪(ସମିସ); ଜୟଆଲୁକ୍କାସ୍ ପକ୍ଷରୁ ଅକ୍ଷୟ ତୃତୀୟା ଅବସରରେ ଏପ୍ରିଲ ୧୦ରୁ ୨୦ ପର୍ଯ୍ୟନ୍ତ ଏକ ରୋମାଞ୍ଚକ କ୍ୟାଶବ୍ୟାକ୍ ଫେଷ୍ଟ ଘୋଷଣା କରିଛି। ଜୟଆଲୁକ୍କାସ୍ ଆଣିଛି ଆକର୍ଷଣୀୟ ଗିଫ୍ଟ ଭାଉଚର୍, ଯାହା ଉତ୍ସବୀୟ ମନୋଭାବକୁ ପୂରଣ କରେ ଡାଏମଣ୍ଡ, ଅନକଟ୍ ଡାଏମଣ୍ଡ ଏବଂ ପ୍ଲାଟିନମ୍ ଅଳଙ୍କାର ୭୫,୦୦୦ ଟଙ୍କା ଓ ତାହାଠାରୁ ଅଧିକ ମୂଲ୍ୟରେ କ୍ରୟ କରୁଥିବା ଗ୍ରାହକମାନେ ୨,୦୦୦ ଟଙ୍କାର ଗିଫ୍ଟ ଭାଉଚର୍ ପାଇବେ। ସୁନା ଏବଂ ମୂଲ୍ୟବାନ ଅଳଙ୍କାର ସଂଗ୍ରହ ୭୫,୦୦୦ ଟଙ୍କା ଓ ତାହାଠାରୁ ଅଧିକ ମୂଲ୍ୟରେ ଚୟନ କରୁଥିବା ଉପରେ ୧୦୦୦ ଟଙ୍କାର ଗିଫ୍ଟ ଭାଉଚର୍ ପାଇବେ। ଯେଉଁଥିରେ ରୁପା ଅଳଙ୍କାର ପ୍ରେମୀମାନେ ୧୫,୦୦୦ ଟଙ୍କା ଓ ତାହାଠାରୁ ଅଧିକ ମୂଲ୍ୟରେ କ୍ରୟ କଲେ ୫୦୦ ଟଙ୍କାର ଗିଫ୍ଟ ଭାଉଚର୍ ପାଇପାରିବେ। ଏହି ଅଫରଗୁଡିକ ବିଶ୍ୱର ପ୍ରିୟ ଗହଣା ଜୁଏଲରଙ୍କର ଅସାଧାରଣ ମୂଲ୍ୟ ଏବଂ ଅଦ୍ଭୁତ କଳାକୃତି ପ୍ରଦାନ କରିବା ପ୍ରତିବଦ୍ଧତାକୁ ପ୍ରତିବିମ୍ବିତ କରୁଛି। ଜୟଆଲୁକ୍କାସ୍ ଗ୍ରୁପର ସିଏମ୍‌ଡି ଡା. ଜୟଆଲୁକ୍କାସ୍ କହିଛନ୍ତି ଯେ, ଅକ୍ଷୟ ତୃତୀୟା ହେଉଛି ଏକ ପବିତ୍ର ସମୟ ଯେଉଁଥିରେ ସମୃଦ୍ଧି ବୃଦ୍ଧି ପାଉଥାଏ ଏବଂ ନୂତନ ଉଦ୍ୟମ ଆରମ୍ଭ ହୁଏ । ଆମର କ୍ୟାଶବ୍ୟାକ୍ ଫେଷ୍ଟ ମାଧ୍ୟମରେ ଆମେ ପ୍ରତ୍ୟେକ ଅଳଙ୍କାର କ୍ରୟକୁ ସମୃଦ୍ଧିର ଏକ ପାଳନରେ ପରିଣତ କରିବାକୁ ଚାହୁଁଛୁ, ଯାହା ଗ୍ରାହକଙ୍କୁ କେବଳ ସୁନ୍ଦର ପିସ୍ ନୁହେଁ, ବରଂ ଅପୂର୍ବ ମୂଲ୍ୟ ଏବଂ ଗୁଣବତ୍ତା ସହିତ ଆତ୍ମବିଶ୍ୱାସ ମଧ୍ୟ ଦେଇଥାଏ। ବିଶ୍ୱର ପ୍ରିୟ ଜୁଏଲର୍ ଭାବରେ, ଆମେ ବିଶ୍ୱାସ କରୁଛୁ ଯେ, ଏହି ପବିତ୍ର ଅବସରକୁ ସମସ୍ତଙ୍କ ପାଇଁ ସୁଲଭ ଏବଂ ଲାଭଦାୟକ କରିବାରେ, ଯେଉଁମାନେ ଦୀର୍ଘସ୍ଥାୟୀ ସୌନ୍ଦର୍ଯ୍ୟ ଏବଂ ସମୃଦ୍ଧିରେ ନିବେଶ କରିବାକୁ ଚାହାଁନ୍ତି।




## ଝାରସୁଗୁଡ଼ାରେ ଆଲୁମିନିୟମ୍ ପାର୍କ

# ଦୁଇ ଶିଳ୍ପସଂସ୍ଥା ସହ ବେଦାନ୍ତର ଏମ୍‌ଓୟୁ




ଭୁବନେଶ୍ୱର, ୧୦।୪(ସମିସ): ବେଦାନ୍ତ ଆଲୁମିନିୟମ୍ ଦୁଇ ଆନୁଷଙ୍ଗିକ ଶିଳ୍ପସଂସ୍ଥା ସିଂଘଲ ଷ୍ଟିଲ୍ ଏଣ୍ଡ ପାଓ୍ୱାର ଲିଃ ( ସିଂଘଲ୍ ଗ୍ରୁପ୍ ଅଫ ଇଣ୍ଡଷ୍ଟ୍ରିଜ୍‌ର ଏକ ଅଂଶ) ଓ ସ୍କଟ୍-ଏଲ୍ ମେଟକନ ପ୍ରା. ଲିଃ (ସ୍କଟିସ୍ କେମିକାଲ ଓ ୟୁଏଲ୍ ଇଣ୍ଡଷ୍ଟ୍ରିଜ୍‌ର ଏକ ସହଯୋଗୀ କମ୍ପାନି) ସହ ବୁଝାମଣାପତ୍ର ସ୍ୱାକ୍ଷର କରିଛି। ଏହି ବୁଝାମଣା ଅନୁସାରେ ଉଭୟ କମ୍ପାନି ଝାରସୁଗୁଡ଼ାରେ ବେଦାନ୍ତର ଆଗାମୀ ଆଲୁମିନିୟମ ପାର୍କ ପରିସରରେ ଆନୁଷଙ୍ଗିକ ଆଲୁମିନିୟମ ଉତ୍ପାଦନ କାରଖାନା ସ୍ଥାପନ କରିବେ। ଭୁବନେଶ୍ୱରରେ ଅନୁଷ୍ଠିତ ଏହି ଏମଓୟୁ ସ୍ୱାକ୍ଷର ସମାରୋହ ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସଂପଦ ଚନ୍ଦ୍ର ସ୍ୱାଇଁ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଶିଳ୍ପ ସଚିବ ଶ୍ରୀ ହେମନ୍ତ ଶର୍ମାଙ୍କ ଉପସ୍ଥିତିରେ ହୋଇଥିଲା। ଡାଉନଷ୍ଟ୍ରିମ୍ ଶିଳ୍ପ ଲାଗି ଏକ ବିଶ୍ୱସ୍ତରୀୟ ଶିଳ୍ପ ଇକୋସିଷ୍ଟମଭାବେ ପରିକଳ୍ପିତ ଝାରସୁଗୁଡ଼ାର ବେଦାନ୍ତ ଆଲୁମିନିୟମ୍ ପାର୍କମୂଲ୍ୟ ସଂଯୁକ୍ତିକୁ ପ୍ରୋତ୍ସାହନ ଦେବା ସହ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ସଂସ୍ଥାଙ୍କ ଅଭିବୃଦ୍ଧିରେ ସହାୟକ ହେବ ଓ ଏକ ଆଲୁମିନିୟମ ଶିଳ୍ପକେନ୍ଦ୍ରରେ ପରିଣତ ହେବାରେ ଓଡ଼ିଶାର ସ୍ଥିତିକୁ ମଜବୁତ କରିବ। ଏହି ପଦକ୍ଷେପ ଓଡିଶାର ଔଦ୍ୟୋଗିକ ପ୍ରତିଯୋଗିତାକ୍ଷମତାକୁ ଉନ୍ନତ କରିବା ସହ ପ୍ରାୟ ୫୦୦ କୋଟି ଟଙ୍କାର ନିବେଶ ଆକୃଷ୍ଟ କରିବ ଓ ପ୍ରାୟ ୧୫୦୦ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି।

## ଆଇଏନଡବ୍ଲ୍ୟୁଇସିର ନୂତନ ନେତୃତ୍ୱ ଘୋଷଣା

# ସିଏ ସ୍ୱାତୀ କେଜ୍ରିୱାଲ ଆବାହିକା ଏବଂ ସୁମା ଦେବୀ ଦାଶ ସହ ଆବାହିକା

ଭୁବନେଶ୍ୱର,୧୦।୪(ସମିସ): ଆଇସିସି ଜାତୀୟ ମହିଳା ଉଦ୍ୟୋଗୀ ପରିଷଦ (ଆଇଏନଡବ୍ଲ୍ୟୁଇସି) ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ (ଆଇସିସି)ର ତତ୍ତ୍ୱାବଧାନରେ ପରିବର୍ତ୍ତନ ଏବଂ ସଂସ୍ଥାପନ ଉତ୍ସବ ୨୦୨୬ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଆଇସିସିର ଅଧ୍ୟକ୍ଷ ରାଜୀବ ସାହୁ, ବରିଷ୍ଠ ଉପାଧ୍ୟକ୍ଷ ଧର୍ମାଦିତ୍ୟ ପଟ୍ଟନାୟକ, ନୀଳାଞ୍ଜନା ମୁଖାର୍ଜୀ, ଆଇସିସିର ଉପାଧ୍ୟକ୍ଷ, ରାଜ୍ୟ ପରିଷଦ; ଏବଂ ଜେ ପି ପାଲ, ଯୁଗ୍ମ ନିର୍ଦ୍ଦେଶକ ଏବଂ କ୍ଷେତ୍ରୀୟ ମୁଖ୍ୟ, ଓଡିଶା ପ୍ରମୁଖ ଯୋଗଦେଇଥିଲେ। ଏହି ସମାରୋହରେ ବିଦାୟୀ ଆବାହିକା ପ୍ରୀତି ପଲ୍ଲବୀ ପଟ୍ଟନାୟକଙ୍କୁ ସମ୍ମାନିତ କରାଯାଇଥିଲା। ସୁମା ଦେବୀ ଦାଶ, ନିର୍ଦ୍ଦେଶକ, ଅଶ୍ୱିନୀ ଗ୍ରୁପ୍ ଅଫ୍ ହସ୍ପିଟାଲ୍ସ ଏବଂ ଏସ୍ପ୍ରି, ଦି ବାମ୍ବାଇ କାଫେ ଏବଂ ଜୋସେଫ୍ସ, ସହ-ଆବାହିକା ଭାବରେ କାର୍ଯ୍ୟଭାର ଗ୍ରହଣ କରିଥିଲେ। ସେମାନଙ୍କ ନେତୃତ୍ୱରେ ଆଇଏନଡବ୍ଲ୍ୟୁଇସି ଅଭିବୃଦ୍ଧି ସହଯୋଗ ଏବଂ ନେତୃତ୍ୱ ବିକାଶ ଉପରେ ଅଧିକ ଧ୍ୟାନ ଦେଇ ଏହାର ପ୍ରଭାବକୁ ଆହୁରି ମଜବୁତ କରିବାକୁ ଲକ୍ଷ୍ୟ ରଖିଛି। ନିଜ ଦୃଷ୍ଟିକୋଣକୁ ବାଣ୍ଟି ସିଏ ସ୍ୱାତୀ କେଜ୍ରିୱାଲ କହିଛନ୍ତି, ଆମର ଲକ୍ଷ୍ୟ ହେଉଛି ନେଟୱାର୍କିଂଠାରୁ ଅଧିକ ବାସ୍ତବ ବିକାଶ ଯେଉଁଠାରେ ମହିଳା ଉଦ୍ୟୋଗୀମାନେ କେବଳ ଅଂଶଗ୍ରହଣକାରୀ ନୁହଁନ୍ତି ବରଂ ନେତା, ନିଷ୍ପତ୍ତି ନିର୍ମାତା ଏବଂ ମୂଲ୍ୟ ସୃଷ୍ଟିକାରୀ।

